




- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-209 ◆BHUBANESWAR ◆TUESDAY ◆23 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୩ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ସମ୍ପନ୍ନ ହେଲା ପ୍ରାଣ ପ୍ରତିଷ୍ଠା

# ଭବ୍ୟ ମନ୍ଦିରରେ ରାମଲାଲା



■ **ଅଯୋଧ୍ୟା, ୨୨।୧ (ଏଜେନ୍ସି):** ଅଯୋଧ୍ୟାରେ ନବ ନିର୍ମିତ ଭବ୍ୟ ରାମ ମନ୍ଦିରରେ ସୋମବାର ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ, ସାଧୁସନ୍ଥ ଏବଂ ଅତିଥିମାନଙ୍କ ଉପସ୍ଥିତିରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚନୀ ଅନୁଯାୟୀ ବେଦ ମାଙ୍ଗଳିକ, ମନ୍ତ୍ର ଉଚ୍ଚାରଣ ଏବଂ ଶଙ୍ଖଧ୍ୱନି ମଧ୍ୟରେ ସକାଳ ପ୍ରାୟ ୧୨ଟା ୨୦ ମିନିଟ୍‌ରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଧି ମୁତାବକ ପ୍ରାୟ ୪୫ ମିନିଟ୍ ଧରି ଚାଲିଥିବା ଏହି ପୂଜାର୍ଚ୍ଚନା ମଧ୍ୟରେ ମାତ୍ର ୮୨ ସେକେଣ୍ଡର ମନ୍ତ୍ର ଓ ବେଦ ପାଠ ମଧ୍ୟରେ ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହି ସମୟରେ ପ୍ରତୀକ ଯଜମାନ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗର୍ଭଗୃହରେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲା ବେଳେ ଆରଏସ୍ଏସ୍ ପ୍ରମୁଖ ମୋହନ ଭାଗବତ୍, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀ ଉପସ୍ଥିତ ରହିଥିଲେ। ପ୍ରାଣ ପ୍ରତିଷ୍ଠା ପରେ ପ୍ରଧାନମନ୍ତ୍ରୀ ମୋଦୀ କୁବେର ତିଲାସ୍ଥଳକୁ ଯାଇ ସେଠାରେ ଜଟାୟୁ ପକ୍ଷୀ ମୂର୍ତ୍ତିର ଉନ୍ମୋଚନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ଉପସ୍ଥିତ ହଜାର ହଜାର ସାଧୁସନ୍ଥ ଏବଂ ଅତିଥିମାନଙ୍କୁ ସମ୍ବୋଧିତ କରିବା ସହିତ ରାମ ମନ୍ଦିର ଏବଂ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବର ଐତିହାସିକ ମୁହୂର୍ତ୍ତର ବିଶେଷତ୍ୱ ବଖାଣିଥିଲେ। ଏହି ଉତ୍ସବ କେବଳ ବିଜୟର ଉତ୍ସବ ନୁହେଁ ବରଂ ବିନୟର ଉତ୍ସବ ବୋଲି ମୋଦୀ କହିବା ସହିତ ଏବେ ରାମରାଜ୍ୟ ପ୍ରତିଷ୍ଠା ପାଇଁ ଅବସର ଆସିଛି ବୋଲି କହିଥିଲେ। ରାମଲାଲା ଶାନ୍ତି, ପ୍ରୀତି ,ମୈତ୍ରୀ ଏବଂ ପ୍ରଗତିର ସୂଚକ ହୋଇଥିବା ବେଳେ ଭାରତ ଏବେ ବିକାଶ ଏବଂ ସମୃଦ୍ଧି ପଥରେ ଆଗକୁ ଯିବାକୁ ସମୟ ଆସିଛି ବୋଲି କହିଥିଲେ। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦେଶବାସୀଙ୍କ ଧୈର୍ଯ୍ୟ ଏବଂ ▶ପୃଷ୍ଠା-୯

## ସିଧା ପ୍ରସାରଣ ଦେଖି ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ ଭାବବିହ୍ୱଳ

■ **ଭୁବନେଶ୍ୱର, ୨୨।୧ (ସମିସ):** ସୋମବାର ଅଯୋଧ୍ୟାରେ ଅନୁଷ୍ଠିତ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହର ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ଦେଖିଛନ୍ତି। ଏହି ସମାରୋହର ସିଧାପ୍ରସାରଣ ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଦେଖିଛନ୍ତି। ବିଗ୍ରହରେ ପ୍ରାଣପ୍ରତିଷ୍ଠା ଦର୍ଶନ କରି ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷ ଭାବବିହ୍ୱଳ ହୋଇଉଠିଥିଲେ। ଏହି ଦିବ୍ୟ, ଦୁର୍ଲଭ ମୂହୂର୍ତ୍ତକୁ ଦର୍ଶନ କଲା ବେଳେ ମୁଖ୍ୟମନ୍ତ୍ରୀ ହାତଯୋଡ଼ି ପ୍ରଣାମ କରିବା ସହ ରାମଲାଲାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ।



## ପୁଞ୍ଜିନିବେଶ, ନିଯୁକ୍ତି ସହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ

# ଓଡ଼ିଶା ଗଢ଼ିବ ବୈଦ୍ୟୁତିକ ଯାନ

### ୪୦ ହଜାର କୋଟିର ପୁଞ୍ଜି ବିନିଯୋଗ; ୧୧ ହଜାର ଲୋକଙ୍କୁ କର୍ମନିଯୁକ୍ତି ସୁଯୋଗ



- ରାଜ୍ୟରେ ପ୍ରଥମ ଇଭି କାରଖାନା ପ୍ରତିଷ୍ଠା କରିବ ଜେଏସ୍‌ଡବ୍ଲୁ
- ନରାଜରେ ହେବ ଇଭି ଗାଡ଼ି ଓ ବ୍ୟାଟେରୀ ଉତ୍ପାଦନ କେନ୍ଦ୍ର
- ପାରାଦ୍ୱୀପରେ ସ୍ମେଲଟର୍ ଓ ଆନୁସଙ୍ଗିକ ଯନ୍ତ୍ରାଂଶ ଉତ୍ପାଦନ କମ୍ପ୍ଲେକ୍ସ

■ **ଭୁବନେଶ୍ୱର, ୨୨।୧(ସମିସ):** ପରିବେଶ ସୁରକ୍ଷା ଅଭିମୁଖ୍ୟ ନେଇ ରାଜ୍ୟ ସରକାର ପ୍ରଣୟନ କରିଥିବା ଓଡ଼ିଶା ବିଦ୍ୟୁତ୍‌ଚାଳିତ ଯାନ ନୀତି ଏବେ ପୁଞ୍ଜିନିବେଶ ପାଇଁ ପଥ ପରିଷ୍କାର କରିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ବିଦ୍ୟୁତ୍‌ଚାଳିତ ଯାନ ବା ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହି କାରଖାନା ପ୍ରତିଷ୍ଠା ପାଇଁ ଜେଏସ୍‌ଡବ୍ଲୁ ଗ୍ରୁପ୍ ଦେଇଥିବା ପ୍ରସ୍ତାବକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ଦୁଇଟି ବର୍ଗରେ ଜେଏସ୍‌ଡବ୍ଲୁ ଇଭି ଉତ୍ପାଦନ କରିବ। ଗୋଟିଏ ୟୁନିଟ୍‌ରେ ଇଭି ଉତ୍ପାଦନ ଏବଂ ଅନ୍ୟ ୟୁନିଟ୍‌ରେ ଇଭି ସମ୍ପର୍କିତ ଉପକରଣ ଏବଂ ବ୍ୟାଟେରୀ ଉତ୍ପାଦନ ହେବ। କମ୍ପାନୀ ଏଥିପାଇଁ ୪୦ ହଜାର କୋଟିରୁ ଅଧିକ ଅର୍ଥ ବିନିଯୋଗ କରିବା ସହିତ ୧୧ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ। ଉକ୍ତ ପ୍ରକଳ୍ପ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି କରିବା ସହିତ ଇଭି କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ପାଇଁ ଅନ୍ୟ କମ୍ପାନୀମାନଙ୍କୁ ଉତ୍ସାହିତ କରିବ ବୋଲି କୁହାଯାଉଛି।

ଆଜି ୭୦ତମ ରାଜ୍ୟ କ୍ୟାବିନେଟ୍ ଉପରୋକ୍ତ ପ୍ରସ୍ତାବ ସମେତ ମୋଟ ୧୪ଟି ପ୍ରସ୍ତାବ ଉପରେ ମୋହର ମାରିଛି। ଆଜି ୧୨ଟି ବିଭାଗର ସମୁଦାୟ ୧୫ଟି ପ୍ରସ୍ତାବ ଆଗତ ହୋଇଥିଲା ବେଳେ ▶ପୃଷ୍ଠା-୯

### ୧୨ ବିଭାଗର ୧୪ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ମଞ୍ଜୁରୀ

- ରାଜ୍ୟର ୧ ଲକ୍ଷ ହେକ୍ଟର ଚାଷଜମିରେ ହେବ କଫି ଚାଷ; ଖର୍ଚ୍ଚ ହେବ ୧୧୪୪ କୋଟି ଟଙ୍କା
- ଓଡ଼ିଶା ବାୟୋଟେକ୍ନୋଲୋଜି ନୀତି-୨୦୨୪କୁ ଅନୁମୋଦନ
- ହାଉସିଂବୋର୍ଡ ଓ ବିଡିଏ ଲିଜ୍ ଜମିର କିସମ ପରିବର୍ତ୍ତନ ଦେୟ ୩ ପ୍ରତିଶତକୁ ହ୍ରାସ
- ୭୮୨ ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁଙ୍କୁ ସର୍ବନିମ୍ନ ପେନ୍‌ସନ୍ ପ୍ରଦାନ ନିଷ୍ପତ୍ତି
- ଘରୋଇ ଡିଲରଙ୍କ ଲାଇସେନ୍ସ ଅବଧି ୬ ମାସ ବୃଦ୍ଧି
- ଡେରାସରେ ୬୯୫୨ ଶଯ୍ୟା ବିଶିଷ୍ଟ ମହିଳା ଶ୍ରମିକ ହଷ୍ଟେଲ ନିର୍ମାଣ ପାଇଁ ଟେଣ୍ଡର
- ଓଡ଼ିଶା ଅଗ୍ନିଶମ ସେବା(କ ଓ ଖ ବର୍ଗ ଅଧିକାରୀଙ୍କ ନିଯୁକ୍ତି ଓ ଚାକିରି ସର୍ତ୍ତ) ନିୟମାବଳୀ, ୨୦୨୧ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ
- କଳାହାଣ୍ଡି ଜିଲ୍ଲାର କୋକସରା ନିକଟରେ ପ୍ରତିଷ୍ଠା ହେବ ନୂତନ ଅବକାରୀ ଥାନା




# ଶ୍ରୀମନ୍ଦିରରେ ପହଞ୍ଚିଲା 'ଅର୍ପଣ' ଅର୍ଥ



**ପୁରୀ, ୨୨।୧(ସମିସ):** ଅର୍ପଣ ରଥରେ ଭକ୍ତଙ୍କ ସମର୍ପିତ ଅର୍ଥକୁ ନେଇ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ତାହା ଦୂର ହୋଇଛି। ଭକ୍ତଙ୍କ ଦାନ ଅର୍ଥ ଶ୍ରୀମନ୍ଦିରରେ ପହଞ୍ଚିଛି। ସୋମବାରଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏହି ଦାନ ଅର୍ଥରାଶି ଗ୍ରହଣ ଆରମ୍ଭ ହୋଇଛି। ବିଭିନ୍ନ ଜିଲ୍ଲାରୁ ସଂଗୃହୀତ ଅର୍ଥରାଶି ସେହି ଜିଲ୍ଲାର ଜିଲ୍ଲାପାଳଙ୍କ ମାଧ୍ୟମରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚିଛି। ସମ୍ପୃକ୍ତ ଜିଲ୍ଲାର ପ୍ରତିନିଧିମାନେ ଆସି ଏହି ଟଙ୍କା ଦେଇ ରସିଦ୍ ନେଇଛନ୍ତି। ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଡୋନେସନ ସେଲ୍‌ଫ ଖୋଲାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅର୍ପଣ ରଥ ମାଧ୍ୟମରେ ସଂଗ୍ରହ ହୋଇଥିବା ଦାନ ଅର୍ଥ ସଂଗ୍ରହ କରାଯାଉଛି। ପ୍ରାୟ ୨ କୋଟିରୁ ଅଧିକ ଦାନ ଟଙ୍କା ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ଦିନରେ ୪୫ ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି। ଏଥିପାଇଁ ୪ଟି ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ନୀତି, ଉନ୍ନୟନ ସ୍ୱତନ୍ତ୍ର ଅଧିକାରୀ, ବ୍ୟାଙ୍କରଙ୍କ ଉପସ୍ଥିତିରେ ଏହି ଅର୍ଥ ରାଶି ଗ୍ରହଣ କରାଯାଇ ପ୍ରତି ବଦଳରେ ପ୍ରଭୁଙ୍କ ବାନା ପ୍ରଦାନ କରାଯାଇଛି। ପ୍ରଥମେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରୁ ୧, ୫୨, ୧୬୦ ଟଙ୍କା ଏବଂ ଅସ୍ତରଙ୍ଗ ବ୍ଲକରୁ ଆସିଥିବା ୧୫, ୨୨୦ ଟଙ୍କା ଗ୍ରହଣ କରାଯାଇଥିଲା। ସଂଗୃହିତ ଅର୍ଥ ରାଶି ଶ୍ରୀମନ୍ଦିର ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାଶ କହିଛନ୍ତି।

- ପ୍ରଥମ ଦିନରେ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଲା
- ୨ କୋଟି ଛୁଇଁପାରେ ଭକ୍ତଙ୍କ ଅର୍ପଣୀ

ସେହିପରି ଅର୍ପଣ ରଥରେ ସଂଗୃହୀତ ଗୁଆ, ଅରୁଆ ଚାଉଳ ଓ ନଡ଼ିଆ ଆଣି ପ୍ରତ୍ୟେକ ଜିଲ୍ଲାରୁ ଭକ୍ତମାନେ ପୁରୀ ଆସିବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖରୁ ଆରମ୍ଭ କରାଯିବ। ତାଲିକା ଅନୁଯାୟୀ, ନିଜ ଜିଲାରୁ ବସ୍‌ରେ ଲୋକମାନେ ୨୪ ତାରିଖରେ ବାହାରିବେ। ପୁରୀରେ ପହଞ୍ଚି ୨୫ ତାରିଖରେ ଅରୁଆ ଚାଉଳ, ଗୁଆ ଗୁଣ୍ଡିଚା ମନ୍ଦିରରେ ସେମାନଙ୍କଠାରୁ ଗ୍ରହଣ କରାଯିବ।

## ଆଜି ପୁରୀ ଆସିବେ ମୁଖ୍ୟମନ୍ତ୍ରୀ

# ପରିକ୍ରମା ପ୍ରକଳ୍ପ ବୁଲିବେ, ପ୍ରଦର୍ଶନୀ ଦେଖିବେ

**ପୁରୀ, ୨୨।୧(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୁରୀ ଗସ୍ତରେ ଆସିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲିବା ସହ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ମହାପ୍ରଭୁଙ୍କର ବିଭିନ୍ନ ବେଶ, ତିନିରଥ ଆଦିକୁ ନେଇ ଚାଲିଥିବା ପ୍ରଦର୍ଶନୀ ବୁଲି ଦେଖିବେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟା ୪୫ରେ ମାଟିତୋଟାସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ କାର୍‌ରେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲୀଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିବେ। ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ପରିକ୍ରମା ପ୍ରକଳ୍ପ ବୁଲି ଦେଖିବେ। ଏଥିସହ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ନେଇ ପ୍ରଦର୍ଶନୀ ଚାଲିଛି। ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ବିଭିନ୍ନ ବେଶ, ତିନିରଥ, ପରିକ୍ରମା ପ୍ରକଳ୍ପର ମଡେଲ ଏବଂ ଠାକୁରଙ୍କ ବସ୍ତ୍ର, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ସୂଚନାଥାଉ କି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୭ ତାରିଖରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଚାଲି ଚାଲି ପରକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ। ହେଲେ ମହାପ୍ରଭୁଙ୍କର ବିଭିନ୍ନ ବେଶ, ରଥ ଆଦି ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ନେଇ ଜଗନ୍ନାଥ ବଲ୍ଲଭ ପରିସରରେ ଚାଲିଥିବା ପ୍ରଦର୍ଶନୀ ବୁଲିପାରି ନ ଥିଲେ। ତେଣୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପୁରୀ ଆସି ପରିକ୍ରମା ପ୍ରକଳ୍ପ ପରିଦର୍ଶନ ସହ ପ୍ରଦର୍ଶନୀ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୁରୀ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିବା ଜଣାପଡ଼ିଛି।

# ଗୃହ ଋଣ ଦେବାକୁ କୁଣ୍ଠକୁଣ୍ଠ ବ୍ୟାଙ୍କ

**ଭୁବନେଶ୍ୱର,୨୨।୧(ସିମସ):** ଗୃହ ଋଣ ଦେବାକୁ ବ୍ୟାଙ୍କ କୁଣ୍ଠକୁଣ୍ଠ। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି) ରିପୋର୍ଟରୁ ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି। ଚଳିତ ଆର୍ଥିକ ବର୍ଷରେ ଗୃହ ଋଣ ପ୍ରଦାନ କ୍ଷେତ୍ରରେ ରଖାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣରେ ବ୍ୟାଙ୍କଗୁଡ଼ିକ ବିଫଳ ହୋଇଛନ୍ତି। ୨୬% ଋଣ ଅର୍ଥ ଏବେ ବି ପଡ଼ି ରହିଛି, ଯାହା ୨୦୨୩-୨୪ରେ ଏ କ୍ଷେତ୍ରରେ ସେମାନଙ୍କର ପ୍ରଦର୍ଶନ ବିଫଳତାକୁ ଦର୍ଶାଉଛି। ସବୁଠାରୁ ପରିତାପର ବିଷୟ ହେଉଛି ଯେ ୯ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ବ୍ୟାଙ୍କ ଏଯାଏ ଗୃହ ଋଣ ଆକାଉଣ୍ଟ ଖୋଲି ନାହାନ୍ତି। ହିସାବ କରାଯାଏ, ତେବେ ଘରୋଇ ବ୍ୟାଙ୍କ ଏଥିରେ ପଛରେ ପଡ଼ିଛନ୍ତି। ତିନି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗୃହ ଋଣ ଯୋଗାଣରେ ଶୀର୍ଷରେ ରହିଛନ୍ତି।

ଅପରପକ୍ଷେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଗୃହ ଋଣ ଯୋଗାଣରେ ସବୁଠାରୁ ତଳେ ରହିଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସର୍ବାଧିକ ୨୧୧୭.୫୦ କୋଟି, ୟୁକୋ ବ୍ୟାଙ୍କ ୪୪୫.୦୧ କୋଟି ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୪୩୧.୧୩ କୋଟି




- ଧାର୍ଯ୍ୟ ଲକ୍ଷ୍ୟ ପୂରଣରେ ବିଫଳ
- ୨୬% ଋଣ ଅର୍ଥ ପଡ଼ିରହିଛି
- ଏଯାଏ ଗୃହ ଋଣ ଖାତା ଖୋଲିନାହାନ୍ତି ୯ ବ୍ୟାଙ୍କ
- ମାତ୍ର ୬୪,୪୩୮ ଆକାଉଣ୍ଟକୁ ୪,୮୮୩ କୋଟି ଋଣ
- ୨୦୨୨-୨୩ ତୁଳନାରେ ଋଣ ଯୋଗାଣ ୮୫% କମିଛି

ଯଦି ୨୦୨୨-୨୩ର ତଥ୍ୟକୁ ୨୦୨୩-୨୪ ସହୁ ତୁଳନା କରାଯାଏ, ତେବେ ଗୃହ ଋଣ ଯୋଗାଣ ୮୫% କମିଥିବା ସ୍ପଷ୍ଟ ହେଉଛି।

୨୦୨୩ ଏପ୍ରିଲ ୧ରୁ ସେପ୍ଟେମ୍ବର ଶେଷ ସୁଦ୍ଧା ଦେଶର ସମସ୍ତ ବାଣିଜ୍ୟିକ ବ୍ୟାଙ୍କ ୬୪,୪୩୮ ଖାତାଧାରୀକୁ ୪,୮୮୩ କୋଟି ଟଙ୍କାର ଋଣ ଦେଇଛନ୍ତି। ଏଥିରୁ ଅଗ୍ରାଧିକାର କ୍ଷେତ୍ରକୁ ୨୫୨୦.୬୩ କୋଟି ଟଙ୍କା ଏବଂ ଅଣ-ଅଗ୍ରାଧିକାର କ୍ଷେତ୍ରକୁ ୨୩୬୨.୫୨ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଅଗ୍ରାଧିକାର କ୍ଷେତ୍ରରେ ୬,୬୧୪.୫୦ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୪,୮୮୩.୧୬ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହାର ଅର୍ଥ ହେଉଛି, ୨୦୨୩-୨୪ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟର ୭୩.୮୩ ପ୍ରତିଶତ ଗୃହ ଋଣ ପ୍ରଦାନ କରାଯାଇଛି। ଯଦି ବ୍ୟାଙ୍କ ଅନୁଯାୟୀ, ଋଣ ଯୋଗାଣ ସ୍ଥିତିକୁ ଟଙ୍କାର ଗୃହ ଋଣ ପ୍ରଦାନ କରିଛନ୍ତି। ଏହାବ୍ୟତୀତ ଘରୋଇ ବ୍ୟାଙ୍କ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କ ୪୨୧,୩୪ କୋଟି ଟଙ୍କା, ଆଇଡିବିଆଇ ବ୍ୟାଙ୍କ ୧୨୮.୮୭ କୋଟି ଏବଂ ଡିସିବି ବ୍ୟାଙ୍କ ଲିମିଟେଡ୍ ୬୦.୯୧ କୋଟି ଟଙ୍କାର ଗୃହ ଋଣ ଦେଇଛନ୍ତି। ତେବେ ସିଟି ୟୁନିଅନ୍ ବ୍ୟାଙ୍କ,ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, ଡିବିଏସ୍ ବ୍ୟାଙ୍କ ଲିମିଟେଡ୍ ,ଆର୍‌ବିଏଲ୍ ବ୍ୟାଙ୍କ, ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ୍ ଭଳି ବ୍ୟାଙ୍କ ୨୦୨୩-୨୪ର ସେପ୍ଟେମ୍ବର ଶେଷ ସୁଦ୍ଧା କୌଣସି ବ୍ୟାଙ୍କ ଋଣ ପ୍ରଦାନ କରି ନ ଥିବା ଏସ୍‌ଏଲ୍‌ବିସି ରିପୋର୍ଟରେ କୁହାଯାଇଛି। ୨୦୨୨-୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ଉଭୟ ଅଗ୍ରାଧିକାର ଏବଂ ଅଣ-ଅଗ୍ରାଧିକାର କ୍ଷେତ୍ରରେ ୫୭୨୧.୯୬ କୋଟି ଟଙ୍କାର ଗୃହ ଋଣ ପ୍ରଦାନ କରାଯାଇଥିବା ବେଳେ ୨୦୨୩-୨୪ର ଏହି ସମୟ ସୁଦ୍ଧା ମାତ୍ର ୪,୮୮୩ କୋଟି ଟଙ୍କାର ଋଣ ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି।

# ଅବସରପ୍ରାପ୍ତ ୬୮୨ ଭିଏଲଡବ୍ଲ୍ୟୁଙ୍କୁ ମିଳିବ ସର୍ବନିମ୍ନ ପେନ୍‌ସନ୍

**ଭୁବନେଶ୍ୱର, ୨୨।୧(ସମିସ):** ରାଜ୍ୟର ୬୮୨ଜଣ ଅବସରପ୍ରାପ୍ତ ଭିଏଲଡବ୍ଲ୍ୟୁଙ୍କୁ ସର୍ବନିମ୍ନ ପେନସନକୁ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟକୁ ଭିତ୍ତି କରି ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ପ୍ରସ୍ତାବ ନିମିତ୍ତ ରାଜ୍ୟ କ୍ୟାବିନେଟ ବକେୟା ସର୍ବନିମ୍ନ ମଞ୍ଜୁରୀ ପାଇଁ ବାର୍ଷିକ ୧୧କୋଟି ୩୮ ଲକ୍ଷ ୬୦ ହଜାର ୭୨୮ ଟଙ୍କାର ଅତିରିକ୍ତ ବ୍ୟୟ ଅଟକଳକୁ ଅନୁମୋଦନ କରିଛନ୍ତି। ତେବେ ଭବିଷ୍ୟତରେ ଅନ୍ୟ ବିଏଲଡବ୍ଲ୍ୟୁଙ୍କ ପାଇଁ ଏପରି ନିଷ୍ପତ୍ତି ଲାଗୁ କରାଯାଇପାରିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ,

## ୬୬୭୫ ଜଣ ବେସରକାରୀ ଡିଲରଙ୍କ ଲେଇସେନ୍ସ ଆଉ ୬ ମାସ ବୃଦ୍ଧି

ରାଜ୍ୟ ସରକାର ରାଜ୍ୟର ୬୬୭୫ଜଣ ବେସରକାରୀ ଡିଲରଙ୍କ ଲେଇସେନ୍ସ ଆଉ ୬ ମାସ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟବ୍ୟାପୀ ବର୍ତ୍ତମାନ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମୋଟ ୧୩୨୯୬ଟି ସୁଲଭ ମୂଲ୍ୟ ଦୋକାନ କାର୍ଯ୍ୟ କରୁଛି। ଉପରୋକ୍ତ ସୁଲଭ ଦୋକାନ ମଧ୍ୟରୁ ୬୬୨୧ଟି ଆନୁଷ୍ଠାନିକ ଡିଲର ଏବଂ ଅବଶିଷ୍ଟ ୬୬୭୫ଜଣ ବେସରକାରୀ ଡିଲର ରହିଛନ୍ତି। ସେମାନଙ୍କର ଲାଇସେନ୍ସ ୨୦୨୩ ମସିହା ଏପ୍ରିଲ ପହିଲାରୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ଯାଏଁ ଅନୁମୋଦିତ ହୋଇଥିଲା। ତେବେ ଏହି ସମୟସୀମା ଆସନ୍ତା ମାର୍ଚ୍ଚ ୩୧ ତାରିଖ ଯାଏଁ ସରିଯାଉଛି। ଅତଏବ ବଣ୍ଟନ ବ୍ୟବସ୍ଥାରେ ସୁପରିଚାଳନା ପାଇଁ ଯେଉଁ ଡିଲରମାନଙ୍କ ବିରୁଦ୍ଧରେ ଖାଉଟିମାନଙ୍କର ଅଭିଯୋଗ ନାହିଁ ଅବା ସେମାନଙ୍କ ବିରୁଦ୍ଧରେ ଜରୁରୀ ଦ୍ରବ୍ୟ ଆଇନ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇନାହିଁ, ସେମାନଙ୍କର ଲାଇସେନ୍ସ ୬ମାସ ବୃଦ୍ଧି କରାଯିବ। ଆସନ୍ତା ଏପ୍ରିଲ ୧ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ଯାଏଁ ଲାଇସେନ୍ସ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଶିଳ୍ପନୀତି ୨୦୨୨ରେ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ

**ଭୁବନେଶ୍ୱର, ୨୨।୧(ସମିସ):** ରାଜ୍ୟରେ ଶିଳ୍ପ ନୀତି ସଂକଳ୍ପ (ଆଇପିଆର୍) ୨୦୨୨ରେ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକୁ ଉତ୍ସାହିତ କରିବା ଉପରେ ଧ୍ୟାନ ଦିଆଯାଇଛି। ଅଧିକ ନିଯୁକ୍ତି ସହ ଯେଉଁ କ୍ଷେତ୍ରଗୁଡ଼ିକରେ ରାଜ୍ୟରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ ହୋଇନାହିଁ, ତାକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ନିବେଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ଆଇପିଆର୍ ୨୦୨୨ରେ ବିଭିନ୍ନ ଦିଗକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଆବଶ୍ୟକସ୍ଥଳେ ଏହାର ପରିବର୍ତ୍ତନ କରାଯାଉଛି। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ଆଇପିଆର୍ ୨୦୨୨ରେ କରାଯାଇଥିବା କେତେକ ପରିବର୍ତ୍ତନ ନିଷ୍ପତ୍ତିକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି।

କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ଏଣିକି ଷ୍ଟାମ୍ପ ଡ୍ୟୁଟି ଛାଡ଼ ପାଇଁ ଥିବା ବ୍ୟବସ୍ଥା ବ୍ୟତୀତ ଷ୍ଟାମ୍ପ ଡ୍ୟୁଟିର ଫେରସ୍ତ ପାଇଁ ବିକଳ୍ପ ପ୍ରଦାନ କରାଯିବ। ଏହାଦ୍ୱାରା ଶିଳ୍ପଗୁଡ଼ିକ ଜମି ଶୀଘ୍ର ପଞ୍ଜୀକରଣ ପାଇଁ ଷ୍ଟାମ୍ପ ଡ୍ୟୁଟି ଦେବାର ସୁବିଧା ପାଇବେ ଓ ପରବର୍ତ୍ତୀ ସମୟରେ ଶିଳ୍ପ ଉତ୍ପାଦନକ୍ଷମ ହେବା ପରେ ଦାବି କରି ଫେରସ୍ତ ପାଇପାରିବେ। ଯେଉଁମାନେ ଛାଡ଼ ପ୍ରମାଣପତ୍ର ପ୍ରଦାନକୁ ଅପେକ୍ଷା ନ କରି ଶୀଘ୍ର ପଞ୍ଜୀକରଣର ଠିକ୍ ସମୟରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଚାହାନ୍ତି, ଏହା ସେହି ନିବେଶକମାନଙ୍କୁ ଏକ ବିକଳ୍ପ ପ୍ରଦାନ କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଅନ୍ୟ ଏକ ନିଷ୍ପତ୍ତିକ୍ରମେ, ଜମିର କିସମ ପରିବର୍ତ୍ତନ ପାଇଁ ଦେୟ ଫେରସ୍ତ ପାଇଁ ବିକଳ୍ପ ପ୍ରଦାନ କରାଯିବ ବୋଲି ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଶିଳ୍ପଗୁଡ଼ିକ ତ୍ୱରିତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିପାରିବେ ଓ ପରବର୍ତ୍ତୀ ସମୟରେ ଶିଳ୍ପ ଉତ୍ପାଦନକ୍ଷମ ହେବା ପରେ କିସମ ପରିବର୍ତ୍ତନ ପାଇଁ ପୂର୍ବରୁ ଜମା କରିଥିବା ଦେୟ ଦାବି କରି ଫେରସ୍ତ ପାଇପାରିବେ। ଏହାବ୍ୟତୀତ ଶିଳ୍ପନୀତି ୨୦୨୨ ଅଧୀନରେ ପ୍ରୋତ୍ସାହନ ଯୋଗାଣ ଏସ୍‌ଇଜେଡ୍ ଅଞ୍ଚଳକୁ ବୃଦ୍ଧି କରାଯାଇଛି। ଏହା ଏସ୍‌ଇଜେଡ୍‌ଗୁଡ଼ିକର ଖାଲି ଅଞ୍ଚଳର ଶୀଘ୍ର ବ୍ୟବହାର ସାହାଯ୍ୟ କରିବ। ଏହାଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବାର ଏବଂ ଶିଳ୍ପ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

# କିସମ ପରିବର୍ତ୍ତନ ଦେୟ ୧୦ରୁ ୩ %କୁ ହ୍ରାସ

**ଭୁବନେଶ୍ୱର,୨୨।୧(ସମିସ):** ଏଣିକି ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଓ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ ଜମିକୁ ସ୍ଥିତିବାନ କରିବା ପାଇଁ ଲୋକଙ୍କୁ ପୂର୍ବ ନିର୍ଦ୍ଧାରିତ ଦେୟଠାରୁ କମ୍ ଦେୟ ଦେବାକୁ ପଡ଼ିବ। କିସମ ପରିବର୍ତ୍ତନ ଦେୟକୁ ରାଜ୍ୟ ସରକାର ୧୦%ରୁ ୩ %କୁ ହ୍ରାସ କରିଛନ୍ତି। କ୍ୟାବିନେଟ୍ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆଗତ କରାଯାଇଥିବା ଓଡ଼ିଶା ସରକାରୀ ଲ୍ୟାଣ୍ଡ ସେଟେଲମେଣ୍ଟ ରୁଲ୍-୧୯୮୩ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରି କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ସରକାରଙ୍କ ଏହି ସଂସ୍ଥାଠାରୁ ଜମି ନେଇଥିବା ହିତାଧିକାରୀମାନେ ଲାଭବାନ ହେବେ। ପୂର୍ବରୁ କିସମ ପରିବର୍ତ୍ତନ ବାବଦକୁ ୧୦% ଦେୟ ଦେବାକୁ ପଡୁଥିବାରୁ ଜମି କ୍ରୟ କରୁଥିବା ଲୋକଙ୍କୁ ଅଧିକ ଆର୍ଥିକ ବୋଝ ସହିବାକୁ ପଡୁଥିଲା। ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର ଏହି ଦେୟ ହ୍ରାସ କରିଛନ୍ତି।

ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା ଓ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ବାସଗୃହ ନିର୍ମାଣ ପାଇଁ ଲିଜ୍ ସୂତ୍ରରେ ଯୋଗାଇ ଦିଆଯାଇଥିବା ସରକାରୀ ଜମିକୁ ସ୍ଥିତିବାନ୍ ସ୍ୱତ୍ୱରେ ପରିବର୍ତ୍ତନ କରିବା ପାଇଁ କିସମ ପରିବର୍ତ୍ତନ ବାବଦ ଦେୟକୁ ଜମିର ବଜାର ମୂଲ୍ୟର ୧୦ ପ୍ରତିଶତ ବଦଳରେ ସେହି ଜମି ନିକଟରେ ଥିବା ସ୍ଥିତିବାନ ଜମିର ବେଞ୍ଚମାର୍କ ଭାଲ୍ୟୁ ୩ ପ୍ରତିଶତ ଦେୟକୁ ହ୍ରାସ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି।

## 'ସ୍ଥାୟୀ ଜୀବିକା ନିମନ୍ତେ କଫି ଚାଷ' ସ୍ୱତନ୍ତ୍ର ଯୋଜନାକୁ କ୍ୟାବିନେଟ ଅନୁମୋଦନ

# ୧୦ ବର୍ଷରେ ୧ ଲକ୍ଷ ହେକ୍ଟରରେ କଫି ଚାଷ ଲକ୍ଷ୍ୟ

**ଭୁବନେଶ୍ୱର, ୨୨।୧(ସମିସ):** ଓଡ଼ିଶାର କଫି ଦେଶ ବିଦେଶରେ ଆହୁରି ମହକିବ। କଫି ଚାଷ ରାଜ୍ୟର କୃଷକମାନଙ୍କ ମଧ୍ୟରେ ସବୁଠାରୁ ଅର୍ଥକାରୀ ଫସଲ ଭାବେ ଉଭା ହୋଇଥିବା ବେଳେ ଆଜି ରାଜ୍ୟ କ୍ୟାବିନେଟ୍ ଏ ସଂକ୍ରାନ୍ତରେ ଏକ ବଡ଼ ନିଷ୍ପତ୍ତି ନେଇଛି। ରାଜ୍ୟର ୬ଟି ଜିଲ୍ଲା ଯଥା କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ଗଜପତି ଜିଲ୍ଲାରେ ସରକାର 'ସ୍ଥାୟୀ ଜୀବିକା ନିମନ୍ତେ କଫି ଚାଷ' ପରି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୦ ହଜାର ଏକର ଚାଷ ଜମିରେ କଫି ଚାଷ କରାଯାଉଥିବା ବେଳେ ଏହି ଯୋଜନା ଅଧୀନରେ ଆସନ୍ତା ୧୦ ବର୍ଷ ମଧ୍ୟରେ ୧୦ ଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୨-୨୩ରୁ ୨୦୨୬-୨୭ ମଧ୍ୟରେ ଏହି ଯୋଜନାରେ ସରକାର ମୋଟ ୧୧୪୪ କୋଟି ଟଙ୍କା ବ୍ୟୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ଅନୁକୂଳ ଜଳବାୟୁ କଫି ଚାଷ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଛି। ବିଶେଷକରି ଆଦିବାସୀ ଅଞ୍ଚଳରେ ପାରମ୍ପରିକ ଫସଲ ପଦ୍ଧତିର ଏକ ଉପଯୁକ୍ତ ବିକଳ୍ପ ଭାବେ କଫି ଚାଷ ବଡ଼ ଭୂମିକା ଗ୍ରହଣ କରିପାରିବ ବୋଲି

- ଦେଶବିଦେଶରେ ମହକିବ ଓଡ଼ିଶାର କଫି
- ୬ ଜିଲ୍ଲାରେ ହେବ କାର୍ଯ୍ୟକାରୀ, ୪ ବର୍ଷରେ ଖର୍ଚ୍ଚ ୧୧୪୪ କୋଟି
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କରାଯିବ ସାମିଲ
- ଉପକୃତ ହେବେ ୫୦ହଜାରରୁ ଅଧିକ କୃଷକ ପରିବାର

ରାଜ୍ୟ ସରକାର ଆଶା ରଖିଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ଉପରୋକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରିଛନ୍ତି। ଏହି ଯୋଜନା ଅଧୀନରେ କଫି ଚାରା(ନର୍ସରୀ) ପ୍ରସ୍ତୁତ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସାମିଲ କରାଯିବ ଏବଂ ୫୦ ହଜାରରୁ ଅଧିକ କୃଷକ ପରିବାର ଏହି ଯୋଜନା ମାଧ୍ୟମରେ ଉପକୃତ ହେବେ। ଯୋଜନା ଅଧୀନରେ ଯେଉଁ ୧୧୪୪ କୋଟି ଟଙ୍କା ଖର୍ଚ୍ଚ ହେବ, ତନ୍ମଧ୍ୟରୁ ୫୬୭କୋଟି ଟଙ୍କା ରାଜ୍ୟ ଯୋଜନା ମାଧ୍ୟମରେ ଏବଂ ୫୭୭ କୋଟି ଟଙ୍କା ଅନ୍ୟ ଯୋଜନା ସହିତ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଆଗାମୀ ବର୍ଷରେ ଏହି ଯୋଜନାରେ ଉତ୍ପାଦର ମୂଲ୍ୟବୃଦ୍ଧି ଓ କିଣାବିକା ଦିଗକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ ବୋଲି ଜଣାପଡ଼ିଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନାର କାର୍ଯ୍ୟକାରିତା ସମୟରେ ଉକ୍ତ ନିର୍ଦ୍ଦେଶାଳୟ କଫିର ଉତ୍ପାଦକତା ବୃଦ୍ଧି, ଗୁଣବତ୍ତା ବୃଦ୍ଧି, ଭିତ୍ତିଭୂମି ନିର୍ମାଣ ଏବଂ ଉତ୍ପାଦକ ବ୍ରାଣ୍ଡର ବିକାଶ ପାଇଁ କଫି ବୋର୍ଡ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂଗଠନର ସହଭାଗିତାରେ କାର୍ଯ୍ୟ କରିବ।

# ଡେରାସଠାରେ ହେବ ୬୯୫୨ ଶଯ୍ୟା ବିଶିଷ୍ଟ ମହିଳା ଶ୍ରମିକ ହଷ୍ଟେଲ

**ଭୁବନେଶ୍ୱର,୨୨।୧(ସମିସ):** ରାଜ୍ୟରେ ଶିଳ୍ପ ଶ୍ରମିକମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଶିଳ୍ପାଞ୍ଚଳଗୁଡ଼ିକରେ ୱାର୍କର୍ସର ହଷ୍ଟେଲ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଇଡ୍‌କୋ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ଡେରାସଠାରେ ସ୍ଥାନ ହୋଇଥିବା ସି' ଫୁଡ୍ ପାର୍କରେ ୬୯୫୨ ଶଯ୍ୟା ବିଶିଷ୍ଟ ମହିଳା ଶ୍ରମିକ ହଷ୍ଟେଲ ନିର୍ମାଣ ହେବ। ଏଥିପାଇଁ ମୋଟ ୩୬୧.୪୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଉକ୍ତ ପ୍ରକଳ୍ପର ଟର୍ଣ୍ଣ-କି' ଟେଣ୍ଡର୍ ମୂଲ୍ୟ ୩୨୯ କୋଟି ଟଙ୍କା ହୋଇଥିବା ବେଳେ ଏହି ଟେଣ୍ଡର୍‌କୁ ରାଜ୍ୟ କ୍ୟାବିନେଟ୍‌ଅନୁମୋଦନ ପ୍ରଦାନ କରିଛି।

**ଟେଣ୍ଡରକୁ କ୍ୟାବିନେଟର ଅନୁମୋଦନ**

■ ଓୟୁଏଟି ଓ ଆଇସିଏଆର୍-ଏନ୍‌ବିପିଜିଆର୍ ମଧ୍ୟରେ ବୁଝାମଣା

# ତ୍ୱରାନ୍ୱିତ ହେବ ଔଷଧୀୟ ବୃକ୍ଷର କିସମ ନିର୍ଦ୍ଧାରଣ



**ଭୁବନେଶ୍ୱର, ୨୨।୧(ସମିସ):** ବିଭିନ୍ନ ଶସ୍ୟର ବିହନ କିସମ ବିକାଶ ପାଇଁ ଅଧିକ ଗବେଷଣା କରାଯିବ। ବିଶେଷକରି ଔଷଧୀୟ ବୃକ୍ଷର କିସମ ନିର୍ଦ୍ଧାରଣ କରିବା ପାଇଁ ଗବେଷଣାକୁ ତ୍ୱାରନ୍ୱିତ କରାଯିବ। ଏଥିପାଇଁ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଏବଂ ନୂଆଦିଲ୍ଲୀସ୍ଥିତ ଜାତୀୟ ଉଦ୍ଭିଦ ଆନୁବଂଶିକି ସମ୍ବଳ ବ୍ୟୁରୋ (ଆଇସିଏଆର-ଏନ୍‌ବିପିଜିଆର୍) ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଓୟୁଏଟି ପକ୍ଷରୁ ଯୋଜନା ଓ ତଦାରଖ ନିର୍ଦ୍ଦେଶକ ଡ. ଦୟାନିଧି ମିଶ୍ର ଓ ଆଇସିଏଆର୍-ଏନ୍‌ବିପିଜିଆର୍ ପକ୍ଷରୁ ନିର୍ଦ୍ଦେଶକ ଡ. ଜିପି ସିଂ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ଦ୍ୱାରା ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ନୂତନ ଦିଗ୍‌ଦର୍ଶନ ମିଳିପାରିବ ବୋଲି ଓୟୁଏଟି କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ କହିଛନ୍ତି। ସେହିପରି ଓୟୁଏଟି ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟ କରାଯାଉଛି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବହୁ ନୂତନ ଯୋଜନା ଗ୍ରହଣ କରାଯାଇଛି। ଫଳରେ ଗବେଷଣା ଦ୍ୱାରା କିସମ ନିରୂପଣ ହୋଇପାରିବ ବୋଲି କୁଳପତି ପ୍ରକାଶ କରିଛନ୍ତି। ଏହି ଅବସରରେ ଉଭୟ ପକ୍ଷର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହାତୀ-ମଣିଷ ଲଢ଼େଇ ହ୍ରାସ ପାଇଁ ପ୍ରୟାସ

# ତାମିଲନାଡୁରୁ ଅଣାଯିବ ୪ 'କୁମ୍‌କୀ' ହାତୀ

**ଭୁବନେଶ୍ୱର, ୨୨।୧(ସମିସ):** ରାଜ୍ୟରେ ହାତୀ-ମଣିଷ ଲଢ଼େଇ ଯୋଗୁଁ ଅନେକ ଧନଜୀବନ ହାନୀ ହେଉଛି। ଏହାକୁ ରୋକିବା ପାଇଁ କୁମ୍‌କୀ ହାତୀଙ୍କ ସହଯୋଗ ଲୋଡ଼ାଯାଇଛି। କୁମ୍‌କୀ ହାତୀଙ୍କୁ ନିୟୋଜିତ କରି ରାଜ୍ୟ ସରକାର ହାତୀ-ମଣିଷ ସଂଘର୍ଷ ରୋକିବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ତାମିଲନାଡୁର ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁପ୍ରିୟା ସାହୁଙ୍କୁ ଚିଠି ଲେଖି ଓଡ଼ିଶାକୁ ୪ଟି କୁମ୍‌କୀ ହାତି ଯୋଗାଇ ଦେବାକୁ ନିବେଦନ କରିଛନ୍ତି। କୁମ୍‌କୀ ହାତୀ ସଂଖ୍ୟା ଦୃଷ୍ଟିରୁ ତାମିଲ୍‌ନାଡୁ ବେଶ୍ ସ୍ୱଚ୍ଛଳ। ତେଣୁ ତାମିଲ୍‌ନାଡୁର ସହଯୋଗରେ ରାଜ୍ୟରେ ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ ଓ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସରକାର ଆଶା ରଖିଛନ୍ତି।

ଗତ କିଛି ବର୍ଷ ହେଲା ଓଡ଼ିଶା ପାଇଁ ହାତୀ-ମଣିଷ ଲଢ଼େଇ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ତାମିଲନାଡୁ ସରକାର ତାଲିମପ୍ରାପ୍ତ କୁମ୍‌କୀ ହାତୀ ଯୋଗାଇ ଦେଲେ ଏହି ସମସ୍ୟାକୁ ମୁକାବିଲା କରିବାରେ ଏକ ବଡ଼ ସହଯୋଗ ମିଳିପାରିବ। କୁମ୍‌କୀ ହାତୀମାନଙ୍କୁ ରଣନୀତି ଅନୁଯାୟୀ ହାତୀ-ମଣିଷ ଲଢ଼େଇ ଯୋଗୁଁ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ନିୟୋଜିତ କରାଯିବ। ଏହାଦ୍ୱାରା ଫସଲ ହାନୀ ସହ ଉଭୟ

- ହାତୀ ସହ ମାହୁନ୍ତ ଯୋଗାଇ ଦେବାକୁ ଓଡ଼ିଶାର ଚିଠି
- ରାଜ୍ୟର ୪ଟି ସ୍ଥାନରେ ନିୟୋଜିତ ହେବେ କୁମ୍‌କୀ ହାତୀ



ମଣିଷ ଏବଂ ହାତୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ଏହା ବ୍ୟତୀତ ଏହି ତାଲିମପ୍ରାପ୍ତ ହାତୀମାନଙ୍କୁ ଜଙ୍ଗଲ ପାଟ୍ରୋଲିଂ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇ ପାରିବ। ତାମିଲନାଡୁ ସରକାର ସଫଳତାର ସହ ତାଲିମପ୍ରାପ୍ତା କୁମ୍‌କୀହାତୀଙ୍କୁ ନିୟୋଜିତ କରି ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଛି। ସମାନ ଭାବେ ଓଡ଼ିଶାର ବନ୍ୟପ୍ରାଣୀ ସୁରକ୍ଷା ଓ ତତ୍‌ଜନିତ ଲଢ଼େଇ ହ୍ରାସ ପାଇଁ ଓଡ଼ିଶାକୁ ସହଯୋଗ କରିବା ପାଇଁ ତାମିଲନାଡୁ ସରକାରଙ୍କୁ ଚିଠିରେ ଅନୁରୋଧ କରିଛନ୍ତି। ଅଧିକ କୁମ୍‌କୀ ହାତୀ ଆଣିବା ପାଇଁ କର୍ଣ୍ଣାଟକ ଓ ଆସାମ ସରକାରଙ୍କ ସହ ମଧ୍ୟ କଥାବାର୍ତ୍ତା ଚାଲିଥିବା ଜଣାପଡ଼ିଛି। ସେହିପରି ହାତୀମାନଙ୍କ ସହିତ କିଛି ଦିନ ପାଇଁ ମାହୁନ୍ତଙ୍କୁ ମଧ୍ୟ ଓଡ଼ିଶାକୁ ପଠାଇବା ପାଇଁ ଚିଠିରେ ଦର୍ଶାଯାଇଛି। ପ୍ରାଥମିକ ସ୍ତରରେ କିଛି ଦିନ ପାଇଁ ଏହି ମାହୁନ୍ତମାନେ ତାମିଲ୍‌ନାଡୁରୁ ଆସିଥିବା ହାତୀଙ୍କ ଦେଖା ରଖା କରିବା ସହ ଓଡ଼ିଶା ମାହୁନ୍ତଙ୍କୁ ହାତୀ ସ୍ଥାନାନ୍ତର ଓ ଓଡ଼ିଶା ମାହୁନ୍ତଙ୍କ ସହ ଖାପ ଖୁଆଇବା ପର୍ଯ୍ୟନ୍ତ ସେମାନେ ଏଠାରେ ରହିବେ।

ଅନ୍ୟପଟେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି ଯେ ଓଡ଼ିଶାରେ ବର୍ତ୍ତମାନ କିଛି ହାତୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ତେବେ ରାଜ୍ୟରେ ତାଲିମପ୍ରାପ୍ତ ମାହୁନ୍ତ ନ ଥିବାରୁ ବାହାର ରାଜ୍ୟରୁ ମାହୁନ୍ତଙ୍କ ଜରିଆରେ ହାତୀଙ୍କୁ ପ୍ରଶିକ୍ଷଣ ଦିଆଯିବାକୁ ଯୋଜନା ହୋଇଛି। ରାଜ୍ୟର ବର୍ତ୍ତମାନ ୪ଟି ସ୍ଥାନରେ ହାତୀ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଚନ୍ଦକା, ସାତକୋଶିଆ, କପିଳାସ ଓ ଶିମିଳିପାଳ ଭଳି ରାଜ୍ୟର ୪ଟି ସ୍ଥାନରେ ଏହି ହାତୀ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଉଛି। ପରବର୍ତ୍ତୀ ସମୟରେ ଦେବ୍ରିଗଡ଼ ଅଭୟାରଣ୍ୟରେ ମଧ୍ୟ ହାତୀ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ନନ୍ଦ କହିଛନ୍ତି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-209 ◆BHUBANESWAR ◆TUESDAY ◆23 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୩ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## ୨୫ ଯାଏଁ ବର୍ଷା, କୋହଲା ପାଗ

**ଭୁବନେଶ୍ୱର, ୨୨ ।୧ (ସମିସ):** ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ପାଗ ଜାରି ରହିଛି । ଦିନ ବେଳା ପାରଦ ତଳମୁହାଁ ଯୋଗୁଁ ଦେହ କାଲୁଆ ଲାଗୁଛି । ଉଭୟ ଦିନ ଓ ରାତିର ତାପମାତ୍ରା ମଧ୍ୟରେ ବିଶେଷ ତାରତମ୍ୟ ରହୁ ନଥିବାରୁ ଦିନବେଳା ଅଧିକ ଶୀତ ଅନୁଭୂତ ହେଉଛି । ଏହି ସ୍ଥିତି ଆଗାମୀ ୨୫ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ୨୬ ବେଳକୁ ପାଗରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି । ଗୁରୁଚାପବଳୟ ଯୋଗୁଁ ବର୍ତ୍ତମାନ ବଙ୍ଗୋପସାଗରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି । ଏହାସହ ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ବାୟୁ ସହ ଏହି ଜଳୀୟବାଷ୍ପପୂର୍ଣ୍ଣ ବାୟୁ ସଂସ୍ପର୍ଶରେ ଆସିବା ହେତୁ ମେଘୁଆ ପାଗ ସୃଷ୍ଟି ହେଉଛି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ପୃଥିବୀ ଉପରେ ପଡୁନାହିଁ ଓ ତାପମାତ୍ରା କମ୍ ରହୁଛି । ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ୨୩ ଓ ୨୪ ତାରିଖରେ ଉପକୂଳ ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା ରହିଛି । ୨୫ ତାରିଖ ମଧ୍ୟାହ୍ନ ଯାଏଁ କେତେକ ଜିଲ୍ଲାରେ କୋହୋଲା ପାଗ ଲାଗି ରହିବ ବୋଲି କେନ୍ଦ୍ର କହିଛି । ଗତ ୨୪ଘଣ୍ଟା ଭିତରେ ରାଜ୍ୟରେ କେତେକ ସ୍ଥାନରେ ବର୍ଷା ଲାଗି ରହିବା ସହ ପାଗ କୋହଲା ରହିଥିଲା । ଆଉ କିଛି ସ୍ଥାନରେ କୁହୁଡ଼ି ମଧ୍ୟ ହୋଇଛି । ଆସନ୍ତା ୨ଦିନ ପର୍ଯ୍ୟନ୍ତ କିଛି ସ୍ଥାନରେ କୁହୁଡ଼ି ପରିସ୍ଥିତି ଜାରି ରହିବକୁ ଥିବାରୁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ।






■ ଓଡ଼ିଶା ବାୟୋଟେକ୍ନୋଲୋଜି ନୀତି ୨୦୨୪କୁ କ୍ୟାବିନେଟ ଅନୁମୋଦନ

# ଗଠନ ହେବ ଉତ୍ସର୍ଗୀକୃତ ନିର୍ଦ୍ଦେଶାଳୟ

**ଭୁବନେଶ୍ୱର, ୨୨ ।୧ (ସମିସ):** ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଓଡ଼ିଶାକୁ ସମୃଦ୍ଧ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବିବିଧ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ରାଜ୍ୟର ନିରନ୍ତର ସାମାଜିକ - ଅର୍ଥନୈତିକ ବିକାଶ ଦିଗରେ ବାୟୋଟେକ୍ନୋଲୋଜିର କ୍ଷମତାକୁ ଉପଯୋଗ କରିବା ଏବଂ ରାଜ୍ୟର ବାୟୋଟେକ୍ନୋଲୋଜି ପରିମଣ୍ଡଳକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ବାୟୋଟେକ୍ନୋଲୋଜି ନୀତି ୨୦୨୪କୁ ଅନୁମୋଦନ ମିଳିଛି । ବାୟୋଟେକ୍ନୋଲୋଜି ନୀତିରେ ଏହି କ୍ଷେତ୍ରର ଦୀର୍ଘ ସମୟ ଅବଧି ଏବଂ ପ୍ରଯୁକ୍ତି ଆଧାରିତ କାର୍ଯ୍ୟକଳାପକୁ ଦୃଷ୍ଟି ରଖି ସରକାର ବ୍ୟାପକ ପ୍ରୋତ୍ସାହନ ବ୍ୟବସ୍ଥା କରିଛନ୍ତି । ସେହିପରି ରାଜ୍ୟରେ ବାୟୋଟେକ୍ନୋଲୋଜିର ବିକାଶ ପାଇଁ ନୀତିରେ ପରିକଳ୍ପିତ ବିଭିନ୍ନ କାର୍ଯ୍ୟର ପ୍ରଭାବୀ କାର୍ଯ୍ୟାନ୍ୱୟନ, ତଦାରଖ ଓ ମୂଲ୍ୟାୟନ ପାଇଁ ଏକ ଉତ୍ସର୍ଗୀକୃତ ବାୟୋଟେକ୍ନୋଲୋଜି ନିର୍ଦ୍ଦେଶାଳୟ ଗଠନ କରାଯିବାକୁ ସ୍ଥିର କରାଯାଇଛି ।

ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ବାୟୋଟେକ୍ନୋଲୋଜିର ସବୁଠାରୁ ଆଶାଜନକ କ୍ଷେତ୍ରଭାବେ ଉଚ୍ଚଶିକ୍ଷା, ଗବେଷଣା ଏବଂ ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ଦେବା ପ୍ରମୁଖ ଲକ୍ଷ୍ୟ ଅଟେ । ବିଶେଷକରି ଇନୋଭେସନ, ଇନ୍‌କ୍ୟୁବେସନ, ନିବେଶ, ଆୟ ଏବଂ ଉଦ୍ୟୋଗ ନିର୍ମାଣ ପାଇଁ ବାତାବରଣକୁ ବିକଶିତ ଏବଂ ସୁଦୃଢ଼ କରିବା ଏହି ନୀତିର ଲକ୍ଷ୍ୟ ଅଟେ । ସେହିପରି ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ ଓ ଦକ୍ଷତା ବିକାଶକୁ ବାସ୍ତବ ରୂପ ଦେବାରେ ଏହି ନୀତି ପ୍ରମୁଖ ଭୂମିକା ଗ୍ରହଣ କରିବ । ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଜୈବ ପ୍ରଯୁକ୍ତି ଉଦ୍ଭାବନ ଏବଂ ଜ୍ଞାନର ଉପଯୋଗ କ୍ଷେତ୍ରରେ ଏହି ନୀତି ପ୍ରଭାବୀ ଭୂମିକା ଗ୍ରହଣ କରିବା ନେଇ ଆଶା ପ୍ରକାଶ ପାଇଛି । ଅପରପକ୍ଷେ ରାଜ୍ୟ ଶିଳ୍ପନୀତି ୨୦୨୨ରେ ବାୟୋଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି । ରାଜ୍ୟର ଶିଳ୍ପନୀତି ୨୦୨୨ ସହିତ ସାମଞ୍ଜସ୍ୟ ରଖି ଓଡ଼ିଶା ବାୟୋଟେକ୍ନୋଲୋଜି ନୀତି ୨୦୨୪ରେ ରାଜ୍ୟ ସରକାର ବ୍ୟାପକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି । ପ୍ରମୁଖ ପ୍ରୋତ୍ସାହନ ମଧ୍ୟରେ ରାଜ୍ୟ ଏଜେନ୍ସି କିମ୍ବା ଘରୋଇ କ୍ଷେତ୍ର ଦ୍ୱାରା ପ୍ରୋତ୍ସାହିତ ବାୟୋଟେକ୍ ପାର୍କର ବିକାଶ ପାଇଁ ସରକାର ସହାୟତା ପ୍ରଦାନ କରିବେ । ସେହିପରି ବାୟୋଟେକ୍ନୋଲୋଜି ୟୁନିଟଗୁଡ଼ିକୁ ପ୍ଲାଣ୍ଟ ଏବଂ ଯନ୍ତ୍ରାଂଶ କ୍ଷେତ୍ରରେ ନିବେଶ ଉପରେ ପୁଞ୍ଜି ନିବେଶ ସବ୍‌ସିଡି ପ୍ରଦାନ କରାଯିବ । ରାଜ୍ୟରେ କାର୍ଯ୍ୟରତ ବୃହତ୍ ଓ ଅତିବୃହତ୍ ବାୟୋଟେକ୍ନୋଲୋଜି ୟୁନିଟ୍‌ଗୁଡ଼ିକୁ ଉଚ୍ଚମାନର ଜ୍ଞାନକୌଶଳ ବ୍ୟବହାର କରି ବାୟୋଟେକ୍ନୋଲୋଜିର ପ୍ରମୁଖ କ୍ଷେତ୍ରରେ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ସରକାର ଏହି ନୀତିରେ ସଫ୍ଟ ଲୋନ୍ ପ୍ରଦାନ ବ୍ୟବସ୍ଥା କରିଛନ୍ତି । ଅନ୍ୟ ପ୍ରୋତ୍ସାହନ ମଧ୍ୟରେ ଯୋଗ୍ୟ ବାୟୋଟେକ୍ନୋଲୋଜିକୁ ୟୁନିଟ୍‌ଗୁଡ଼ିକୁ ନିଯୁକ୍ତି ସୃଷ୍ଟି ପ୍ରୋତ୍ସାହନର ଲାଭ ଦିଆଯିବ । ସେହିପରି ରାଜ୍ୟରେ କାର୍ଯ୍ୟ କରୁଥିବା ବାୟୋଟେକ୍ନୋଲୋଜି ୟୁନିଟଗୁଡ଼ିକର ପେଟେଣ୍ଟ, ଜିଆଇ, ଟ୍ରେଡମାର୍କ ଓ ଡିଜାଇନ୍ ପଞ୍ଜୀକରଣ ପାଇଁ ଦେୟ ପ୍ରଦାନ ବ୍ୟବସ୍ଥା କରାଯାଇଛି । ସେହିପରି ଏହି ନୀତି ଯେପରି ଅଧିକ ଆଦୃତ ହୋଇପାରିବ ସେନେଇ ରାଜ୍ୟ ସରକାର ଏଥିରେ ଆଉ କିଛି ପ୍ରୋତ୍ସାହନ ପ୍ରଦାନ କରିଛନ୍ତି । ଯୋଗ୍ୟ ବାୟୋଟେକ୍ନୋଲୋଜି ୟୁନିଟ୍, ଷ୍ଟାର୍ଟଅପ୍ ଗୁଡ଼ିକୁ ଜାତୀୟ କିମ୍ବା ଅନ୍ତର୍ଜାତୀୟ ଇଭେଣ୍ଟରେ ସେମାନଙ୍କ ଉତ୍ପାଦ କିମ୍ବା ଟେକ୍ନୋଲୋଜି ପ୍ରଦର୍ଶନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଅପରପକ୍ଷେ ସରକରା ବାୟୋଟେକ୍ନୋଲୋଜି ଭିଜନ ଗ୍ରୁପ(ଓବିଭିଜି) ଗଠନ କରିବାକୁ ଥିବାବେଳେ ଏହା ବିଭିନ୍ନ ନୀତି ସମ୍ବନ୍ଧୀୟ ପ୍ରସଙ୍ଗରେ ଏକ ପରାମର୍ଶଦାତା ଭାବେ କାମ କରିବ । ଏହି ନୀତି ଓଡ଼ିଶା ସରକାରଙ୍କ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ୫ ବର୍ଷ କିମ୍ବା ଅନ୍ୟ କୌଣସି ନୀତିରେ ବଦଳ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି କୁହାଯାଇଛି ।

- **ସାମାଜିକ-ଅର୍ଥନୈତିକ ବିକାଶରେ ଗ୍ରହଣ କରିବ ପ୍ରଭାବୀ ଭୂମିକା**
- **ନୀତିର ସଫଳ କାର୍ଯ୍ୟାନ୍ୱୟନ ପାଇଁ ମିଳିବ ଏକାଧିକ ପ୍ରୋତ୍ସାହନ**
- **ଇନୋଭେସନ, ଇନ୍‌କ୍ୟୁବେସନ, ନିବେଶ, ଆୟ ଏବଂ ଉଦ୍ୟୋଗ ନିର୍ମାଣ ବାତାବରଣର ବିକାଶ ନୀତିର ପ୍ରମୁଖ ଲକ୍ଷ୍ୟ**

ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

# ୧୭ ଜିଲ୍ଲାରେ ନୂଆ ଜିଲ୍ଲାପାଳ

**ଭୁବନେଶ୍ୱର, ୨୨ ।୧(ସମିସ):** ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ୧୭ ଜିଲ୍ଲାରେ ନୂଆ ଜିଲ୍ଲାପାଳଙ୍କୁ ନିଯୁକ୍ତି ଦିଆଯାଇଛି । ସୋମବାର ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ବଦଳି କରାଯାଇଛି । ଶ୍ରୀ ଦାସ ଦକ୍ଷିଣାଞ୍ଚଳ ଆରଡିସି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ସେହିପରି ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଶ୍ରୀକାନ୍ତ ପୃଷ୍ଟିଙ୍କୁ ଉତ୍ତରାଞ୍ଚଳ ଆରଡିସି ଭାବେ ବଦଳି କରାଯାଇଛି । ଦକ୍ଷିଣାଞ୍ଚଳ ଆରଡିସି ତେମଜେନୱାପଙ୍ଗ ପବ୍ଲିକ୍ ଏଣ୍ଟରପ୍ରାଇଜ୍ ବିଭାଗର ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି । ପୁରୀ ଜିଲ୍ଲାପାଳ ଥିବା ସମର୍ଥ ବର୍ମାଙ୍କୁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତ କରାଯାଇଛି । ତାଙ୍କ ସ୍ଥାନରେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟର ସଚିବ ବିଜୟ କୁମାର ଦାଶଙ୍କୁ ପୁରୀ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । କେନ୍ଦୁଝରର ଜିଲ୍ଲାପାଳ ଆଶିଷ ଠାକରେ ମୟୂରଭଞ୍ଜ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବେ । ଖୋର୍ଦ୍ଧା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲଘୁ ଖଣିଜ, ଭୁବନେଶ୍ୱର ନିର୍ଦ୍ଦେଶକ ଦାୟିତ୍ୱ ପାଇଛନ୍ତି ।

ରାଜ୍ୟ ସରକାର ମୟୂରଭଞ୍ଜ ଜିଲ୍ଲାପାଳ ଭିନିତ ଭରଦ୍ୱାଜଙ୍କୁ କଟକ ଜିଲ୍ଲାପାଳ ଭାବେ ନୂଆ ନିଯୁକ୍ତି ଦେଇଛନ୍ତି । କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଭାବେ କାର୍ଯ୍ୟରତ ନିଖିଲ ପବନ କଲ୍ୟାଣ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରିବେ । ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ ସମାଜ କଲ୍ୟାଣ ନିର୍ଦ୍ଦେଶକ ଦାୟିତ୍ୱ ପାଇଛନ୍ତି । ସେହିପରି ବଲାଙ୍ଗିର ଜିଲ୍ଲାପାଳ ଥିବା ଚଞ୍ଚଳ ରାଣା ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ବଦଳି ପାଇଥିବା ବେଳେ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସଙ୍କୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯାଇଛି ।

ଅପରପକ୍ଷେ ରାୟଗଡ଼ା ଜିଲ୍ଲାପାଳ ସ୍ୱାଧାଦେବ ସିଂହ ନୟାଗଡ଼ ଜିଲ୍ଲାପାଳ ନିଯୁକ୍ତ ହୋଇଛନ୍ତି । ଅନୁଗୁଳ ଜିଲ୍ଲାପାଳ ଥିବା ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଭାବେ ଯୋଗଦେବେ । ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ନିଯୁକ୍ତ ହୋଇଥିଲା ବେଳେ କୋରାପୁଟ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତର ଅନୁଗୁଳ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବେ । ସମାଜ କଲ୍ୟାଣ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଲିଙ୍ଗରାଜ ପଣ୍ଡା ସମବାୟ ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଶ୍ରମ ଆୟୁକ୍ତ ଭାବେ କାର୍ଯ୍ୟ କରିବେ । ମାଲକାନଗିରି ଜିଲ୍ଲାପାଳ ବିଶାଲ ସିଂହଙ୍କୁ କେନ୍ଦୁଝର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ରାଉରକେଲା ମହାନଗର ନିଗମ କମିଶନର ତଥା ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ସିଇଓ ଥିବା ଡାଃ ଶୁଭଙ୍କର ମହାପାତ୍ର ଯାଜପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବେ । ଅପରପକ୍ଷେ ଓଏଏସ୍ ଅଧିକାରୀ ବିମଳେନ୍ଦୁ ରାୟ ଏବେ ସୋନପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ଇପିଏମ୍ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରିବେ । କଟକ ଜିଲ୍ଲାପାଳ ଭାବେ ▶ପୃଷ୍ଠା-୯

- **ରଞ୍ଜନ ଦାସଙ୍କୁ କେନ୍ଦ୍ରାଞ୍ଚଳ ଓ ଶ୍ରୀକାନ୍ତ ପୃଷ୍ଟିଙ୍କୁ ଉତ୍ତରାଞ୍ଚଳ ଆରଡିସି ଦାୟିତ୍ୱ**
- **ସମର୍ଥ ବର୍ମା ହେଲେ ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ**
- **ବିଜୟ କୁମାର ଦାସ ପୁରୀ, ଚଞ୍ଚଳ ରାଣା ଖୋର୍ଦ୍ଧା, ସ୍ୱଧାଦେବ ସିଂହ ନୟାଗଡ଼ ଓ ଭିନିତ୍ ଭରଦ୍ୱାଜ କଟକ ଜିଲ୍ଲାପାଳ**

## ଲୋକକଥା



ରାମଲାଲାଙ୍କର ପ୍ରାଣ ପ୍ରତିଷ୍ଠାରେ
ରାମଭକ୍ତ କେତେ ବିଭୋର,
ରାମରାଜ୍ୟ ଯଦି ଫେରି ଆସନ୍ତାହେ
ଏ ଦେଶ ହୁଅନ୍ତା ସୁନ୍ଦର ।
ନହେଉ ଖାଲି ଏ ପ୍ରଚାର,
ଭାବ ବିନୋଦିଆ ସ୍ୱଚ୍ଛ କରନ୍ତୁ ହେ
ନେତା, ଶାସକଙ୍କ ଅନ୍ତର ।।

# ଲୁଟ୍ ପରେ ବୃଦ୍ଧାଙ୍କୁ ହତ୍ୟା

**ପାରଳାଖେମୁଣ୍ଡି, ୨୨ ।୧(ସମିସ):** ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରରେ । ଘରେ ଏକୁଟିଆ ରହୁଥିବା ଜଣେ ବୃଦ୍ଧାଙ୍କୁ ଟାର୍ଗେଟ କରିଛନ୍ତି ଦୁର୍ବୃତ୍ତ । ଲୁଟ୍ କରିବାକୁ ଆସି ଗୃହ ମାଲିକଙ୍କ ନଜରରେ ପଡ଼ିଯିବା ପରେ ଧରପଡ଼ିବା ଭୟରେ ଦୁର୍ବୃତ୍ତମାନେ ବୃଦ୍ଧାଙ୍କୁ ହତ୍ୟା କରିଛନ୍ତି । ପାରଳାଖେମୁଣ୍ଡି ସହରର କରଣସାହି ନିବାସୀ ସ୍ୱର୍ଗତ ପଦ୍ମଲୋଚନ ପଟ୍ଟନାୟକଙ୍କ ପତ୍ନୀ ସରୋଜିନୀ (୭୦) ଘରେ ଏକୁଟିଆ ରୁହନ୍ତି । ବଡ଼ ପୁଅ ଓ ଝିଅ ହାଇଦ୍ରାବାଦରେ ରହୁଥିବା ବେଳେ ସାନ ପୁଅ ଆମେରିକାରେ ଓ ସାନଝିଅ ସସ୍ମିତା ନବରଙ୍ଗପୁରରେ ରହୁଛନ୍ତି । ରବିବାର ରାତି ୧୦ଟା ସମୟରେ ସସ୍ମିତା ଟେଲିଫୋନ ଯୋଗେ ମା' ସରୋଜିନୀଙ୍କ ସହ କଥା ହୋଇଥିଲେ । ପ୍ରତିଦିନ ଭଳି ସୋମବାର ଭୋର ସମୟରେ ସରୋଜିନୀଙ୍କ ବାନ୍ଧବୀ ଓ ସାହିର କିଛି ମହିଳା ମନ୍ଦିରକୁ ଯିବା ପାଇଁ କବାଟ ବାଡ଼େଇଥିଲେ । କିନ୍ତୁ ଭିତର ପଟୁ କୌଣସି ଉତ୍ତର ମିଳିନଥିଲା । ଦୀର୍ଘ ସମୟ ଧରି କବାଟ ନ ଖୋଲିବାରୁ ସାହି ବାସିନ୍ଦାଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ସେମାନେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘରର କବାଟ ଭାଙ୍ଗି ଭିତରକୁ ଯାଇ ଦେଖିବା ବେଳେ ସରୋଜନୀଙ୍କ ମୃତଦେହ ଖଟରେ ପଡ଼ିଥିଲା । ଖବର ପାଇ ସାନ ଝିଅ ସସ୍ମିତା ନବରଙ୍ଗପୁରରୁ ସନ୍ଧ୍ୟାରେ ପହଞ୍ଚିବା ପରେ ପୁଲିସ ଉପସ୍ଥିତିରେ ତଦନ୍ତ ଆରମ୍ଭ ହୋଇଥିଲା । ଘର ଭିତରେ ସବୁ ଆଲମାରୀ ଖୋଲାଯାଇ ଘରର ସମସ୍ତ ଆସବାବପତ୍ର ଏଣେତେଣେ ଫୋପାଡ଼ି ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଦୁର୍ବୃତ୍ତମାନଙ୍କୁ ଅଟକାଇବାକୁ ଯାଇ ସରୋଜିନୀ ସେମାନଙ୍କ ଆକ୍ରମଣର ଶିକାର ହୋଇଥିବା ପୁଲିସ ଅନୁମାନ କରୁଛି ।

- **ଏକୁଟିଆ ଥିବା ଜାଣି ବୃଦ୍ଧାଙ୍କୁ ଟାର୍ଗେଟ କଲେ ଦୁର୍ବୃତ୍ତ**
- **ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସର ତଦନ୍ତ ଜାରି**








# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ କାଳ ସାଜିଛି ଭିତ୍ତିଭୂମିର ଅଭାବ

**ବ୍ରହ୍ମପୁର, ୨୨ ।୧(ସମିସ):** ଉପାନ୍ତ ଅଞ୍ଚଳର ଗରୀବ ଛାତ୍ରଛାତ୍ରୀଙ୍କୁ ତଥା ଚାକିରିଆମାନଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେବା ପାଇଁ ଦୂରଶିକ୍ଷା କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି । ଏଭଳି ବ୍ୟବସ୍ଥା ଯୋଗୁଁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବହୁ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି । ଦୂରଶିକ୍ଷା କାର୍ଯ୍ୟକ୍ରମରେ ବୟସ ଏକ ମାପଦଣ୍ଡ ନଥିବାରୁ ବହୁ ଉତ୍ସାହୀ ତଥା ଅବସରପ୍ରାପ୍ତ ବ୍ୟକ୍ତିମାନେ ମଧ୍ୟ ଉଚ୍ଚଶିକ୍ଷା ଲାଭ କରିପାରୁଛନ୍ତି । ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉପଲବ୍ଧ ଦୂରଶିକ୍ଷା କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ନାମଲେଖାଇ ଉଚ୍ଚଶିକ୍ଷା ଲାଭ କରୁଥିବା ଦେଖିବାକୁ ମିଳିଛି । ଏହାକୁ ଦୃଷ୍ଟିରେ ରଖି ୨୦୧୫ମସିହାରେ ରାଜ୍ୟରେ ସମ୍ବଲପୁର ଠାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଖୋଲାଯାଇଥିଲା । ଯେଉଁଥିରେ ସ୍ନାତକୋତ୍ତର ଶ୍ରେଣୀରେ ୧୪ଟି ବିଷୟରେ, ଡିଗ୍ରୀ ଶ୍ରେଣୀରେ ୧୧ଟି ଓ ପିଜି ଡିପ୍ଲୋମା ଶ୍ରେଣୀରେ ୮ଟି ଓ ଡିପ୍ଲୋମା ସହ ସାର୍ଟିଫିକେଟ କୋର୍ସରେ ବହୁ ବିଷୟରେ ଶିକ୍ଷାଲାଭ କରିବାର ସୁଯୋଗ ସୃଷ୍ଟି ହୋଇଛି । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରଠାରୁ ଅର୍ଥାତ୍ ଗତ ୭ବର୍ଷ ମଧ୍ୟରେ ବିଭିନ୍ନ ଶ୍ରେଣୀରେ ମୋଟ ୭୪ହଜାର ୨୦୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ତେବେ ଏହି ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ କାରଣରୁ ୟୁଜିସି ପକ୍ଷରୁ ମିଳୁଥିବା ଅନୁମୋଦନର ନବୀକରଣ ସମ୍ଭବପର ହୋଇପାରିଲା ନାହିଁ । ଯାହାଫଳରେ ଗତ ୨୦୨୩-୨୪ଶିକ୍ଷାବର୍ଷରେ ଶିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିଛି । ପ୍ରତିବର୍ଷ ବିଶ୍ୱବିଦ୍ୟାଳୟରେ ଜୁନ ଓ ଜୁଲାଇ ମାସରେ ଛାତ୍ରଛାତ୍ରୀଙ୍କ ନାମଲେଖା ହେଉଥିବା ବେଳେ ଚଳିତ ବର୍ଷ ଅର୍ଥାତ୍ ୨-୨୪-୨୫ଶିକ୍ଷାବର୍ଷରେ ମଧ୍ୟ ଛାତ୍ରଛାତ୍ରୀଙ୍କ ନାମ ଲେଖା ହୋଇପାରିବ କି ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ । ଏଭଳି ପରିସ୍ଥିତିରେ ଚଳିତ ମାସ ୨୫ତାରିଖରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଅର୍କକୁମାର ଦାଶମହାପାତ୍ରଙ୍କର କାର୍ଯ୍ୟକାଳ ଶେଷ ହେଉଥିବା ଜଣାପଡ଼ିଛି । ବିଶ୍ୱବିଦ୍ୟାଳୟର ନିଜସ୍ୱ କୋଠା ନିକଟରେ ନିର୍ମାଣ ହୋଇସାରିଥିଲେ ହେଁ ନାକ ଟିମ ପରିଦର୍ଶନ କରିନଥିବା ବିଶ୍ୱବିଦ୍ୟାଳୟ ପାଇଁ ସମସ୍ୟା ସୃଷ୍ଟି କରିଥିବା ଜଣାପଡ଼ିଛି । ବିଶ୍ୱବିଦ୍ୟାଳୟଅଧିନରେ ସମ୍ବଲପୁର, ବ୍ରହ୍ମପୁର, ଭୁବନେଶ୍ୱର, ବାଲେଶ୍ୱର ଓ ▶ପୃଷ୍ଠା-୯



- **ୟୁଜିସି ଅନୁମୋଦନ ନଥିବାରୁ ୨୦୨୩-୨୪ରେ ବନ୍ଦ ହେଲା ନାମଲେଖା**
- **୨୦୨୪-୨୫ରେ ମଧ୍ୟ ନାମଲେଖା ପ୍ରଭାବିତ ହେବା ଆଶଙ୍କା**
- **ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଠାରୁ ଛାତ୍ରଛାତ୍ରୀଙ୍କୁ ମିଳିନି ଓଡ଼ିଆ ମାଧ୍ୟମ ପାଠ୍ୟପୁସ୍ତକ**
- **ଚଳିତ ମାସ ୨୫ତାରିଖରେ ଶେଷ ହେଉଛି କୁଳପତିଙ୍କ କାର୍ଯ୍ୟକାଳ**

# ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ପରଲୋକ

**କଟକ, ୨୨।୧ (ସମିସ):** ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ୭୬ ବର୍ଷ ବୟସରେ ସିଡିଏ ସେକ୍ଟର୍-୬ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ କର୍କଟ ରୋଗରେ ପୀଡ଼ିତ ହୋଇ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନରେ ଚିକିତ୍ସିତ ହେଉଥିଲେ। ସତୀଚଉରାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।



**ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ଶୋକ**

୧୯୪୮ ଅକ୍ଟୋବର ୫ରେ କେନ୍ଦୁଝରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ସ୍ୱର୍ଗତ ଭିକାରୀ ଚନ୍ଦ୍ର ପଣ୍ଡା ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ଥିଲେ। ସେ କେନ୍ଦୁଝର କଲେଜରେ ଉଚ୍ଚଶିକ୍ଷା ଶେଷ କରି ସମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ। ୧୯୮୪ରେ ଦୈନିକ 'ସମାଜ'ରେ ଭ୍ରାମ୍ୟମାଣ ପ୍ରତିନିଧି ଭାବରେ ସେ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ। ରାଜ୍ୟରେ ସେ ଜଣେ ନିର୍ଭୀକ ସାମ୍ବାଦିକ ଭାବରେ ପରିଚିତ ଥିଲେ। ସେ ଗୋପବନ୍ଧୁ ଐତିହ୍ୟର ବାହକ, ସତ୍ୟମ ବୃୟାତ, କୌଟିଲ୍ୟ ଅର୍ଥ ଶାସ୍ତ୍ର, ରାଷ୍ଟ୍ର ଭକ୍ତ ଚାଣକ୍ୟ, ଚିନ୍ତା ଚିରନ୍ତନ, ବିପ୍ଳବୀ ଧରଣୀଧର, ଅରଣ୍ୟକ ମଣିଷ, ମସି ମନ୍ଥନ, ସେକାଳ ସକାଳ, ଭାରତୀୟ ସଂସ୍କୃତିରେ ବିଶ୍ୱ ପରିକ୍ରମା ଆଦି ଅନେକ ପୁସ୍ତକର ସେ ରଚୟିତା ଥିଲେ। ସେ ୧୯୪୬ ରେ ଛାତ୍ର ଆନ୍ଦୋଳନରେ ଭାଗ ନେଇ ୧୮ ମାସ କାରବାରଣ କରିଥିଲେ। ଅନ୍ୟପଟେ ଏକାଧିକ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ରହି ଶ୍ରୀ ପଣ୍ଡା ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୨୦୧୩ରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ, ଭାନୁପ୍ରତାପ ରଥ ଶୁକ୍ଳ ମେମୋରିଆଲ୍ ଆୱାର୍ଡ, ଡଃ ରାଧାନାଥ ରଥ ଗୋଲ୍ଡ୍ ମେଡାଲ୍, ବନବାସୀ ଆୱାର୍ଡ, ରୋଟାରୀ ଇଣ୍ଟରନ୍ୟାସନାଲ୍ ଆୱାର୍ଡ, ଉତ୍କଳ ସାହିତ୍ୟ ସମାଜ ସମ୍ମାନ ଭଳି ବହୁ ସମ୍ମାନରେ ସମ୍ମାନିତ ହୋଇଥିଲେ।

ଅରୁଣଙ୍କ ବିୟୋଗରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଶୋକ ପ୍ରକାଶ କରି କହିଛନ୍ତି ଯେ ଓଡ଼ିଶା ସାମ୍ବାଦିକତା ଜଗତରେ ଏକ ଯୁଗର ଅବସାନ ଘଟିଛି। ଜଣେ ଉଚ୍ଚକୋଟୀର ସ୍ତମ୍ଭକାର, ସମୀକ୍ଷକ ତଥା ସାମ୍ବାଦିକ ସଦାସର୍ବଦା ମନେ ରହିବେ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ବିଧାୟକ ଇଂ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତରଞ୍ଜନ ବିଶ୍ୱାଳ, ମେୟର ସୁବାସ ସିଂହ, ବରିଷ୍ଠ ସାମ୍ବାଦିକ ସତ୍ୟ ରାୟ, କାନନ ଦାସ, ପ୍ରମୋଦ ମହାପାତ୍ର, ଜିଲ୍ଲାପାଳ ନରହରି ସେଠିଙ୍କ ସହ ବହୁ ବିଶିଷ୍ଟବ୍ୟକ୍ତି ଅରୁଣଙ୍କ ବିୟୋଗରେ ଶୋକ ଜଣାଇଛନ୍ତି।

# କର୍କଟ ରୋଗୀଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

**ଭୁବନେଶ୍ୱର, ୨୨।୧(ସମିସ):**

କିଛି ବର୍ଷ ପୂର୍ବେ ମୁମ୍ବାଇର ଦକ୍ଷ ଆଇପିଏସ୍ ଅଧିକାରୀ ହିମାଂଶୁ ରୟ କର୍କଟ ରୋଗରେ ଆକ୍ରାନ୍ତ ହେବାରୁ ଆତ୍ମହତ୍ୟା କଲେ। ତାଙ୍କର କର୍କଟ ରୋଗ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ଆଇପିଏଲ୍ ବେଟିଂ ସ୍କାମ୍, ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଭଳି ହାଇପ୍ରୋଫାଇଲ୍ ମାମଲାର ପର୍ଦ୍ଦାଫାସ୍ କରିଥିବା ଏହି ଦକ୍ଷ ପୁଲିସ ଅଧିକାରୀ ମାନସିକ ଚାପରୁ ମୁକୁଳି ପାରିନଥିଲେ ଏବଂ ଶେଷରେ ଆତ୍ମହତ୍ୟାର ବାଟ ବାଛିନେଲେ। ସେହିପରି ଅନେକ ଖ୍ୟାତନାମା ବ୍ୟକ୍ତି କର୍କଟରେ ଆକ୍ରାନ୍ତ ହେବା ପରେ ଆତ୍ମହତ୍ୟା କରିଥିବା ନଜିର ରହିଥିବା ବେଳେ ଅନେକ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରୁଛନ୍ତି। କେବଳ ସେଲିବ୍ରିଟି ନୁହଁନ୍ତି, ସାଧାରଣ ଲୋକ କର୍କଟରେ ଆକ୍ରାନ୍ତ ଥିବା ଜାଣିଲେ ଜୀବନ ଉପରୁ ଆସ୍ଥା ହରାଇ ବସୁଛନ୍ତି। ସଠିକ୍ ସମୟରେ ଚିକିତ୍ସା ହେଲେ କର୍କଟ ରୋଗରୁ ମୁକ୍ତି ମିଳିପାରିବ। ପୁଣି ଥରେ ସାଧାରଣ ଜୀବନ ବିତାଇବା ପାଇଁ ରୋଗୀ ସକ୍ଷମ ହେବେ। କିନ୍ତୁ ସମସ୍ତଙ୍କ ଭାଗ୍ୟରେ ସେତକ ଜୁଟୁନାହିଁ। କର୍କଟ ରୋଗ ସହ ମୃତ୍ୟୁହାର ବଢୁଛି। ତା' ସହ କର୍କଟ ରୋଗୀଙ୍କ ଆତ୍ମହତ୍ୟା ହାର ମଧ୍ୟ ବଢ଼ି ବଢ଼ି ଚାଲିଛି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶଦାତା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିବା ପରେ ତାହା ଉପରେ କ'ଣ ପଦକ୍ଷେପ ନିଆଯାଇ ପାରିବ, ତାହା ତର୍ଜମା କରି ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟୋଜିତ ପରାମର୍ଶଦାତା ସଞ୍ଜୟ କୁମାର ସେଠୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଛନ୍ତି ଯେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ବେଳେ କର୍କଟ ରୋଗୀଙ୍କ କ୍ଷେତ୍ରରେ ସ୍ଥିତି ସମ୍ବେଦନଶୀଳ ରହିଛି। ଅଧିକାଂଶ ରୋଗୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ବଞ୍ଚିବା ଅପେକ୍ଷା ଜୀବନ ହାରିବାକୁ ଉଚିତ ମଣୁଛନ୍ତି। ଅନେକ ସମୟରେ ଡାକ୍ତରଙ୍କ ପାଖକୁ ଆସିବା ବେଳକୁ ରୋଗ ବହୁତ ବଢ଼ିଯାଇଥାଏ। ବ୍ୟୟବହୁଳ ତଥା କଷ୍ଟସାଧ୍ୟ ଚିକିତ୍ସା ପାଇଁ ସେମାନେ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିପାରୁ ନଥିବା ବେଳେ ଆତ୍ମହତ୍ୟା କରି କର୍କଟ ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ଶ୍ରେୟସ୍କର ମଣୁଛନ୍ତି। ତେଣୁ ଏ ଦିଗରେ ବିଚାର କରି ଉପଯୁକ୍ତ ନିରାକରଣ ପନ୍ଥା ନିର୍ଦ୍ଧାରଣ କରିବା ଜରୁରୀ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।



**ରୋଗୀଙ୍କ ମନୋବଳ ବୃଦ୍ଧି ପାଇଁ ପଦକ୍ଷେପ ଜରୁରୀ**

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରସ୍ତାବ ଦେଲେ ସ୍ୱାସ୍ଥ୍ୟ ପରାମର୍ଶଦାତା**

କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ଉପଯୁକ୍ତ ବ୍ୟବସ୍ଥା ହୋଇଛି ଏବଂ ଜିଲ୍ଲା ସ୍ତରରେ କେମୋଥେରାପି ସୁବିଧା ଉପଲବ୍ଧ କରାଯାଇଛି। ଏହା ସତ୍ତ୍ୱେ କର୍କଟ ରୋଗୀଙ୍କ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ଓଡ଼ିଶାରେ ଅନେକ କର୍କଟ ଆକ୍ରାନ୍ତ ଇଚ୍ଛାମୃତ୍ୟୁ ଲୋଡୁଛନ୍ତି। ବିଶିଷ୍ଟ ଅଙ୍କୋଲୋଜିଷ୍ଟ ଡାକ୍ତର ବିଶ୍ୱନାଥ ରାୟ କହିଛନ୍ତି, ଆମ ପାଖକୁ ଆସୁଥିବା ରୋଗୀ କର୍କଟ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡୁଛନ୍ତି। ଯଦିଓ ପୂର୍ବପରି ଆଉ ଏହାର ଚିକିତ୍ସା ବ୍ୟୟବହୁଳ ନୁହେଁ, ତଥାପି କଷ୍ଟଦାୟକ ଜୀବନ ବିତାଇବା ଏବଂ ସୁସ୍ଥ ହେବାର ସମ୍ଭାବନା କ୍ଷିଣ ଥିବାରୁ ଜୀବନ ହାରିବା ପାଇଁ ମଧ୍ୟ ସେମାନେ ଚାହୁଁଛନ୍ତି। ତେଣୁ ସେମାନଙ୍କ ପାଇଁ ଔଷଧ ଯେତିକି ଆବଶ୍ୟକ, ସେମାନଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ଉଦ୍ୟମ ମଧ୍ୟ ସେତିକି ଜରୁରୀ। କାରଣ ମନୋବଳ ଦୃଢ଼ ରହିଲେ ଯେ କୌଣସି ରୋଗ ଉପରେ ବିଜୟ ଲାଭ କରିବା ସହଜ ହୋଇଥାଏ।

ରାଜ୍ୟରେ କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ କର୍କଟ ରୋଗୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଉପଲବ୍ଧ ଥିବା ବେଳେ ଝାରସୁଗୁଡ଼ା, ବରଗଡ଼ରେ ସରକାର କର୍କଟ ଡାକ୍ତରଖାନା ଖୋଲିବା ପାଇଁ ପଦକ୍ଷେପ ନେଉଛନ୍ତି। ଜିଲ୍ଲା ଡାକ୍ତରଖାନାରେ ମାଗଣାରେ କେମୋଥେରାପି ଦିଆଯାଉଥିବା ବେଳେ ନୂଆ ମେଡିକାଲ କଲେଜ ପରିସରରେ କର୍କଟ ଡାକ୍ତରଖାନା ନିର୍ମାଣ କରାଯାଉଛି। ବିଏସ୍‌କେୱାଇରେ କର୍କଟ ରୋଗୀଙ୍କୁ ସର୍ବୋତ୍ତମ ଚିକିତ୍ସା ଉପଲବ୍ଧ କରାଯାଇଥିବାରୁ ଇଣ୍ଡିଆନ୍ କ୍ୟାନସର କଂଗ୍ରେସ୍ ରାଜ୍ୟ ସରକାରଙ୍କୁ ପ୍ରଶଂସା ମଧ୍ୟ କରିଛି। ସେହିପରି ଏମ୍ସ, ଭୁବନେଶ୍ୱରରେ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା ହୋଇଛି। ନାଇଜର୍ ପରିସରରେ କ୍ୟାସନର୍ ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯାଉଛି। ଆଇଏଲ୍ଏସ୍, ଆଇଆଇଟି, ଆରଏମ୍ଆରସିରେ କର୍କଟ ଉପରେ ବହୁବିଧ ଗବେଷଣା କରାଯାଉଛି। କହିବାକୁ ଗଲେ, ପୂର୍ବ ଭାରତରେ ଓଡ଼ିଶା କ୍ୟାନସର୍ ଚିକିତ୍ସାର ପେଣ୍ଠସ୍ଥଳୀ ହେବାକୁ ଯାଉଛି। କିନ୍ତୁ ରୋଗୀଙ୍କ କାଉନସେଲିଂ ପାଇଁ ବିଧିବଦ୍ଧ ବ୍ୟବସ୍ଥାର ଅଭାବ ରହିଥିବା ଅଭିଯୋଗ ହେଉଛି। ଚିକିତ୍ସା ପାଇଁ ଡାକ୍ତର ଅଛନ୍ତି, କିନ୍ତୁ ରୋଗୀଙ୍କୁ ବୁଝାସୁଝା କରି ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ଭିତ୍ତିଭୂମି ନିର୍ମାଣ କରିବାର ଜରୁରୀ ବୋଲି ମତ ପ୍ରକାଶ ପାଇଛି। ପରିବର୍ତ୍ତିତ ଜୀବନଶୈଳୀ, ବାୟୁ ପ୍ରଦୂଷଣ ଯୋଗୁଁ କର୍କଟ ରୋଗ ହାର ବୃଦ୍ଧି ପାଉଥିବା ବେଳେ ସବୁ ସୁବିଧା ସତ୍ତ୍ୱେ ରୋଗୀଙ୍କ ଆତ୍ମହତ୍ୟା ପ୍ରବଣତା କର୍କଟ ବିରୋଧୀ ଲଢ଼େଇ ଅଭିଯାନକୁ ଦୁର୍ବଳ କରୁଛି। ଏପରିସ୍ଥଳେ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କାଉନସେଲିଂ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।

**ପାରିବାରିକ କଳହର କରୁଣ ପରିଣତି**

## ଭୁଜାଲିରେ ହାଣି ସ୍ତ୍ରୀକୁ ହତ୍ୟା

**ଭଦ୍ରକ, ୨୨।୧ (ସମିସ):** ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀକୁ ଭୁଜାଲିରେ ହାଣି ହତ୍ୟା। ଏଭଳି ଏକ ଆପରାଧିକ ଘଟଣା ଘଟିଛି, ଭଦ୍ରକ ଗ୍ରାମାଞ୍ଚଳ ଥାନା ଗୁଜିଦରଡ଼ା ଫାଣ୍ଡି ଅନ୍ତର୍ଗତ କୋଟାଲମହଲା ଗାଁରେ। ମୃତ ମହିଳା ହେଲେ, ରୁନୁ ବିବି(୩୭)। ଆଜି ମଧ୍ୟାହ୍ନରେ ଦୁହିଁଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ୱାମୀ ସେକ୍ ମୋଜାଲ ହୋସେନ୍ ତାଙ୍କ ପେଟରେ ଭୁଜାଲି ପୂରାଇ ଦେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦିନତମାମ ଉତ୍ତେଜନା ଲାଗି ରହିଛି। ବହୁଦରଡ଼ା ଫାଣ୍ଡି ପୁଲିସର ଅବହେଳା ପାଇଁ ଏଭଳି ଏକ ହତ୍ୟାକାଣ୍ଡ ଘଟିଲା ବୋଲି ମୃତ ରୁନୁଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ହତ୍ୟା ପରେ ଅଭିଯୁକ୍ତ ସେକ୍ ମୋଜାଲ ଫେରାର୍ ହୋଇଯାଇଛି। ତାକୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢାଉ ଚଳାଇଛି। ରୁନୁଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ ନମ୍ବର ୫୭/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ସେକ୍ ମୋଜାଲ ଇଲେକ୍ଟ୍ରିସିଆନ୍ କାମ କରନ୍ତି। ଦୀର୍ଘ ୭ ବର୍ଷ ହେଲା ସ୍ତ୍ରୀ ରୁନୁ ବିବି(୩୭)ଙ୍କ ସହ ତାଙ୍କର କଳହ ଲାଗି ରହିଥିଲା। ପ୍ରାୟ ପ୍ରତିଦିନ ମୋଜାଲ ରୁନୁଙ୍କୁ ମାଡ଼ ମାରୁଥିଲେ। ଏପରିକି, ଥରେ ସେ ରୁନୁଙ୍କୁ ଏକ ଟାଙ୍ଗିଆରେ ହାଣିଦେଇଥିଲେ। ତେବେ ଆଜି ମଧ୍ୟାହ୍ନରେ ମଧ୍ୟ ଦୁହିଁଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୋଜାଲ ଏକ ଧାରୁଆ ଭୁଜାଲିରେ ରୁନୁଙ୍କ ପେଟ ଓ ଛାତିକୁ ଭୁସି ଦେଇଥିଲା। ଏଥିରେ ରୁନୁ ସେହିଠାରେ ହିଁ ଟଳି ପଡ଼ିଥିଲେ। ଖବର ପାଇ ସମ୍ପର୍କୀୟମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

**ଭଦ୍ରକରେ ଚାଞ୍ଚଲ୍ୟ**

ଏହି ହତ୍ୟାକାଣ୍ଡ ନେଇ ମୃତକଙ୍କ ଭାଇ ଓ ସମ୍ପର୍କୀୟମାନେ ଗୁଜିଦରଡା ପୁଲିସର ଅବହେଳାକୁ ଦାୟୀ କରିଛନ୍ତି। ମୃତକଙ୍କ ଭାଇ ସେକ୍ ସରାଫତ ଅଭିଯୋଗ କରିଛନ୍ତି, ତାଙ୍କ ଭଉଣୀ ରୁନୁଙ୍କୁ ତାଙ୍କ ସ୍ୱାମୀ ବାରମ୍ବାର ମାରଧର କରିବା ସହ ଘର ଚଳିବା ପାଇଁ ପଇସାପତ୍ର ଦିଅନ୍ତି ନାହିଁ। ସର୍ବଦା ମାରଧର କରେ। ଥାନାକୁ ଗଲେ ପୁଲିସ ଆମ ଅଭିଯୋଗ ଶୁଣିବା ପରିବର୍ତ୍ତେ ଆମକୁ ଥାନାରେ ଅଟକ ରଖେ। ଏଥିପାଇଁ ମୋଜାଲର ଔଦ୍ଧତ୍ୟ ବଢ଼ି ଯାଇଥିଲା ଏବଂ ଆଜି ଏପରି ଏକ ଘଟଣା ଘଟାଇଲା।



ନବୀନ ନିବାସରେ ଗଣ୍ଡ ସମାଜର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ କରୁଛନ୍ତି

## କଣ୍ଟେନର ଓଲଟି ୧୪ ଗୋରୁ ମୃତ

**ସୋନପୁର, ୨୨।୧ (ସମିସ):** ସୋନପୁର-ବୁଡ଼କ ରାସ୍ତାର ବିଶିମୁଣ୍ଡା ଛକରେ ସୋମବାର ଏକ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଲାଣ ହେଉଥିବା ଶତାଧିକ ଗୋରୁଙ୍କ ଭିତରୁ ୧୪ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଅନେକ ଗୋରୁ ଆହତ ହୋଇଛନ୍ତି। ଡବ୍ଲ୍ୟୁବି -୩୩ ଏଫ୍- ୧୯୫୨ ନମ୍ବର ବିଶିଷ୍ଟ ଏହି କଣ୍ଟେନରରେ ବେଆଇନ ଭାବେ ଶତାଧିକ ଗୋରୁଙ୍କୁ ଚଲାଣ ସମୟରେ ଭରସାମ୍ୟ ହରାଇ ଏହା ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ କଣ୍ଟେନର ତଳେ ଚାପି ହୋଇ ଘଟଣାସ୍ଥଳରେ ୧୪ଟି ଗୋରୁ ଆଖି ବୁଜିଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚି ଆହତ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏହା ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସୋନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ ଆରମ୍ଭ କରିଛି।

## ରାଜେଶ ପଣ୍ଡା ହତ୍ୟା ମାମଲାରେ ମାଧବ ପାଢ଼ୀକୁ ଆଜୀବନ ଜେଲ୍

**ବାଲେଶ୍ୱର, ୨୨।୧(ସମିସ):** ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ୨୦୨୨ ମସିହାରେ ହୋଇଥିବା ଏକ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍(୩) ବିବସ୍ୱତ ଗୌତମ ୧୮ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତ ମାଧବ ପାଢ଼ୀକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପଟେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ମଧ୍ୟ କୋର୍ଟ ଆଦେଶ ଦେଇଛନ୍ତି। ମୃତକ ହେଲେ, କୁଡ଼ିଆ ଅଞ୍ଚଳର ରାଜେଶ ପଣ୍ଡା। ମାମଲାର ବିବରଣୀରୁ ପ୍ରକାଶ, ରାଜେଶ ବାଲେଶ୍ୱର ପୌରପରିଷଦର ପିଡବ୍ଲ୍ୟୁଡି ଠିକାଦାର ଶାନ୍ତନୁ ପଣ୍ଡାଙ୍କ ନିକଟରେ ସୁପରଭାଇଜର ଭାବେ କାମ କରୁଥିଲେ। ୨୦୨୨ ମାର୍ଚ୍ଚ ୩୦ ତାରିଖ ମଧ୍ୟରାତିରେ ଟାଉନ୍ ଥାନା ନିକଟରେ ଏକ ଡ୍ରେନ୍ କାମ ହେଉଥିବା ବେଳେ ରାଜେଶ ନିକଟସ୍ଥ ଏକ ଦୋକାନରେ ବସି କାମର ତଦାରଖ କରୁଥିଲେ। ନୁରୁପୁର ରୋଡ୍‌ସ୍ଥିତ ମାଧବ ପାଢ଼ୀ ହଠାତ୍ ସେଠାରେ ପହଞ୍ଚି ରାଜେଶଙ୍କୁ ହତ୍ୟା କରିଥିଲା।

**ହାଇକୋର୍ଟରେ ବଲାଙ୍ଗିର ଜାତିଆଣ ହିଂସା ମାମଲା**

## ଥଇଥାନ ସମ୍ପର୍କିତ ସତ୍ୟପାଠ ଦେବାକୁ ନିର୍ଦ୍ଦେଶ

**କଟକ, ୨୨।୧(ସମିସ):** ଜାତିଆଣ ବିବାଦରୁ ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ୪୫ ଦଳିତ ପରିବାରଙ୍କ ଘରପୋଡ଼ି ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ସମ୍ପୃକ୍ତ ପୀଡ଼ିତ ଆବେଦନକାରୀମାନଙ୍କୁ ଥଇଥାନ କରାଯାଇଛି କି ନାହିଁ, ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କିତ ସତ୍ୟପାଠ ଦେବାକୁ ସରକାରଙ୍କୁ ହାଇକୋର୍ଟ କହିଛନ୍ତି। କରୁଣାକର ସୁନା ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଏହି ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତ ଆଇଆଇସି ଓ ନିମ୍ନ ଅଦାଲତଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ପାଟଣାଗଡ଼ ଏଡିଜେ ଓ ଏସଡିଜେଏମଙ୍କ ଅଦାଲତରେ ରୁଜୁ ପୃଥକ ପୃଥକ ମାମଲାରେ ୧୦୯ ଜଣ ଅଭିଯୁକ୍ତ ରହିଥିଲେ। ୪ ଗୋଟି ପୃଥକ୍ ପୃଥକ୍ ମାମଲାରେ ବିଶେଷ ଅଗ୍ରଗତି ହୋଇପାରିନଥିବା ନେଇ ଅଦାଲତ ପୂର୍ବରୁ ଅସନ୍ତୋଷ ଜାହିର କରିଥିଲେ। ମାମଲାରୁ ପ୍ରକାଶ ଯେ ଗତ ୨୦୧୨ ଜାନୁଆରୀ ୨୨ରେ ଜଣେ ଉଚ୍ଚ ବର୍ଗର ବ୍ୟବସାୟୀଙ୍କଠାରୁ ଜନୈକ ଦଳିତ ନାବାଳକ ସାର୍ଟ କିଣିବାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ନାବାଳକ ସାର୍ଟ ଚୋରି କରିବା ଅଭିଯୋଗରେ ବ୍ୟବସାୟୀଜଣକ ତାକୁ ନିସ୍ତୁକ ପିଟିଥିଲେ। ଏହାକୁ ନେଇ ଜାତିଆଣ ବିବାଦର ସୂତ୍ରପାତ ଘଟିଥିଲା ଓ ଦଳିତ ପରିବାରର ଘରକୁ ନିଆଁ ଲଗାଇ କେତେକ ଲୋକ ଜାଳି ଦେଇଥିଲେ। ପୁଲିସରେ ଅଭିଯୋଗ ପରେ ତଦନ୍ତରେ ନିଷ୍କ୍ରିୟତା ତଥା କ୍ଷତିପୂରଣ ପ୍ରଦାନରେ ଅବହେଳା ଅଭିଯୋଗରେ ଆବେଦନକାରୀ ୭ ଦଳିତ ବ୍ୟକ୍ତି ଗତ ୨୦୧୨ ଅକ୍ଟୋବରରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବଲାଙ୍ଗୀର ଜିଲ୍ଲାପାଳ ଓ ଏସପିଙ୍କୁ ଉପରୋକ୍ତ ଗ୍ରାମ ପରିଦର୍ଶନ କରି ପୀଡ଼ିତଙ୍କୁ କ୍ଷତିପୂରଣ କିମ୍ବା ଥଇଥାନ ସମ୍ପର୍କରେ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଦୁଇ ସପ୍ତାହ ପରେ ଧାର୍ଯ୍ୟ ହୋଇଛି।

ANIMESH INDIAN SNACKS The ultimate name of Quality
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com

Contact: 8895052838 / 8596070800

**Computer Application ରେ Ph.D. ଲାଭ**



ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡା ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ତଥା ଅଧ୍ୟାପକ ସଂଗ୍ରାମ କେଶରୀ ନାୟକ Sri Satya Sai University of Technology and Medical Sciences, Sehore (MP)ରୁ Computer Application ରେ ସମ୍ମାନଜନକ ଭାବେ ଡ଼କ୍ଟରେଟ ଉପାଧି ଲାଭ କରିଛନ୍ତି | ସେ ଏହି ବିଶ୍ୱବିଦ୍ୟାଳୟର Computer Application ବିଭାଗର Associate Professor ଡ଼କ୍ଟର ନରେନ୍ଦ୍ର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଗବେଷଣାତ୍ମକ ସନ୍ଦର୍ଭ "Develop a Model for Energy Balancing and Reliable Communication for Green IoT" ଶୀର୍ଷକରେ Ph.D. ଉପାଧି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି | ଉକ୍ତ ସନ୍ଦର୍ଭଟି Siksha 'O' Anusandhan University, Bhubaneswar ର Associate Professor ଡ଼କ୍ଟର ଭୁପେନ୍ଦ୍ର କୁମାର ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଅଛି | ଡ଼କ୍ଟର ନାୟକ ପୁରୀ ଜିଲ୍ଲା ଗୋମୁଣ୍ଡିଆ ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଓ ମଞ୍ଜୁଲତା ନାୟକଙ୍କ କନିଷ୍ଠ ପୁତ୍ର ତଥା ବାଘମୁଣ୍ଡା ନିବାସୀ ✔ ସୁରେନ୍ଦ୍ର କୁମାର ପ୍ରଧାନ ଓ ଶ୍ରୀମତୀ ପ୍ରଧାନଙ୍କ ଜ୍ୟେଷ୍ଠ ଜାମାତା ଅଟନ୍ତି | ତାଙ୍କର ଏହି ସଫଳତା ପାଇଁ ପିତା, ମାତା, ଭାଇ, ଭାଉଜ, ମାମୁଁ ସନାତନ ପ୍ରଧାନ, ମାଇଁ, ଶାଶୁ, ଶଶୁର, ଦଦା ଶଶୁର ସୁବାସ ଚନ୍ଦ୍ର ପ୍ରଧାନ, ଧର୍ମପତ୍ନୀ ସ୍ୱର୍ଣ୍ଣ ପ୍ରଭା ପ୍ରଧାନ, ପୁଅ ନିଲ୍ ନିହାନ୍ତ, ଝିଅ ମୁସ୍କାନ, ଝିଆରୀ ରିୟାନସି, ଐଶ୍ୱର୍ଯ୍ୟା, ପୁତୁରା ଅବିନାଶ, ସାଙ୍ଗସାଥି, ଗୁରୁଜନଙ୍କୁ ଶ୍ରେୟ ଦେବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବିଶ୍ୱରଂଜନ ଧଳଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି |ସର୍ବୋପରି ଜଗତର ନାଥ ଜଗନ୍ନାଥ, ଇଷ୍ଟଦେବ ବଟେଶ୍ୱର, ଜଗତ ଜନନୀ ମା ତାରାଣୀଙ୍କ ନିକଟରେ ନିଜ କୃତିତ୍ୱକୁ ଉତ୍ସର୍ଗୀକୃତ କରିଛନ୍ତି |

**ନେତାଜୀ ସଂଗ୍ରହାଳୟ ପ୍ରତି ଅଣଦେଖା**

## ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦିଆଯାଉନି

**ପୁରୀ, ୨୨।୧(ସମିସ):**

ମଙ୍ଗଳବାର ନେତାଜୀ ଜୟନ୍ତୀ। ପୁରୀ ଗୋପାଳ ବଲ୍ଲଭ ରୋଡସ୍ଥିତ ନେତାଜୀ ସଂଗ୍ରହାଳୟରେ ନେତା, ଅଧିକାରୀଙ୍କ ପାଦ ପଡ଼ିବ। ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ବି ଯିବେ। ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ବଡ଼ ବଡ଼ ଭାଷଣ ଦେବେ। ନେତାଜୀଙ୍କ ଦେଶପ୍ରେମ ଏବଂ ତ୍ୟାଗପୂତ ଜୀବନୀର ସ୍ମୃତିଚାରଣ କରିବେ। ପୁଣି ସୁଭାଷ ବୋଷ କି ଜୟ... ଧ୍ୱନିରେ ପ୍ରକମ୍ପିତ ହେବ ସଂଗ୍ରହାଳୟ ପରିସର। ହେଲେ ଏହାର କିଛି ସମୟ ପରେ ପୁଣି ନୀରବି ଯିବ ସଂଗ୍ରହାଳୟ। ଆଉ କାହାର ନେତାଜୀଙ୍କ ସ୍ମୃତି ବହନ କରୁଥିବା ଏହି ଅନୁଷ୍ଠାନ କଥା ମନେପଡ଼ିବନି। ପୁଣି ଆରବର୍ଷକୁ ନେତାଜୀ ଜୟନ୍ତୀରେ ଦେଖିବାକୁ ମିଳିବ ସମାନ ଦୃଶ୍ୟ। ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳନରେ ଏକାଠି ହେବା କିଛି ଭୁଲ୍ ନୁହେଁ। ତାଙ୍କୁ ସ୍ମରଣ କରିବା ପ୍ରତ୍ୟେକଙ୍କ ପାଇଁ ସୌଭାଗ୍ୟର ବିଷୟ। ହେଲେ ନେତାଜୀଙ୍କ ଏହି ସଂଗ୍ରହାଳୟକୁ ଦେଖିଲେ ଅନେକ କ୍ଷୋଭ ପ୍ରକାଶ କରିବେ। ଅଣଦେଖା ଏବଂ ଅବହେଳାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ ସଂଗ୍ରହାଳୟ। ଇଚ୍ଛାଶକ୍ତିର ଅଭାବ ଯୋଗୁ କୋଣଠେସା ହୋଇପଡ଼ିଛି ନେତାଜୀ ସଂଗ୍ରହାଳୟ। ଏହାର ବିକାଶ କରାଯାଉଛି ନା ପ୍ରଚାର ପ୍ରସାର ହେଉଛି, ଫଳରେ ସଂଗ୍ରହାଳୟ ସମ୍ପର୍କରେ ଅନେକ ଜାଣିପାରୁ ନାହାନ୍ତି। ସଂଗ୍ରହାଳୟ ଖୋଲିବାକୁ ୫ ବର୍ଷ ବିତିଯାଇଥିଲେ ହେଁ ମାତ୍ର ୮ ହଜାର ଦେଖଣାହାରୀ ଏଠାକୁ ଆସିବା ଏହାକୁ ସ୍ପଷ୍ଟ କରୁଛି।



**ଫାଟିଲାଣି ଛାତ, ନଷ୍ଟ ହେଲାଣି ବିରଳ ଫଟୋ**

ଗୋପାଳ ବଲ୍ଲଭ ରୋଡରେ ରହିଛି ନେତାଜୀଙ୍କ ପୈତୃକ ଘର। ପିତା ଜାନକୀ ନାଥ ବୋଷଙ୍କ ନାମରେ ଥିବା ଏହି ପୁରୁଣା କୋଠା ପରବର୍ତ୍ତୀ ସମୟରେ ସଂଗ୍ରହାଳୟର ରୂପ ନେଇଥିଲା। ହେଲେ ଆଇନଗତ ବିବାଦରେ ଛନ୍ଦି ହୋଇ ଶେଷରେ ୨୦୧୯ ଜାନୁୟାରୀ ୧୫ରେ ଏହା ଲୋକାର୍ପିତ କରାଯାଇଥିଲା। କିନ୍ତୁ କୋଠାର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନାହିଁ। କୋଠାର ଛାତ ଫାଟିଯାଇଥିôଲା ବେଳେ ବର୍ଷା ହେଲେ ପାଣି ଗଳୁଛି। ତେଣୁ ସଂଗ୍ରହାଳୟରେ ଥିବା କିଛି ସାମଗ୍ରୀ ନଷ୍ଟ ହୋଇଗଲାଣି। ସେହିପରି ସଂଗ୍ରହାଳୟ ପରିସରକୁ ଆକର୍ଷଣୀୟ କରିବା ଲାଗି ଜଳ ଫୁଆରା ଅଚଳ ହୋଇପଡ଼ିଛି। ଉତ୍ସବ ଆୟୋଜନ ପାଇଁ ଥିବା ମଞ୍ଚରେ ଦିନଟିଏ ବି କୌଣସି କାର୍ଯ୍ୟକ୍ରମ ହୋଇନାହିଁ। ପ୍ରବେଶ ପଥରେ ଥିବା ଗେଟ୍ ଫାଟିଗଲାଣି। ସଂଗ୍ରହାଳୟ କୋଠା ଉପରେ ଲାଗିଥିବା ଫ୍ଲେକ୍ସ ଫ୍ରେମ ଭାଙ୍ଗିରୁଜି ଉଡିଗଲାଣି। ବିଦ୍ୟୁତ୍ କେବଳ ନାକୁ ରହିଛି। ଅଧା ଅଞ୍ଚଳ ଜଳୁଥିଲେ ହେଁ ଅଧା ଅନ୍ଧାର ରହୁଛି।

ଏମିତି ଅବ୍ୟବସ୍ଥାରେ ଥିବା ସଂଗ୍ରହାଳୟ ସମ୍ପର୍କରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଜାଣିପାରୁ ନାହାନ୍ତି। ତେଣୁ ପରିଦର୍ଶକଙ୍କ ସଂଖ୍ୟା ନ କହିବା ଭଲ। ବାଦବିବାଦ ପରେ ୨୦୧୯ ଜାନୁୟାରୀ ୧୫ରେ ସଂଗ୍ରହାଳୟ ଖୋଲିଥିଲା। ଇତିମଧ୍ୟରେ ୫ ବର୍ଷ ବିତିଗଲାଣି। ହେଲେ ସଂଗ୍ରହାଳୟକୁ ପରିଦର୍ଶକ ଆସୁନାହାନ୍ତି କହିଲେ ଚଳେ। ଦିନକୁ ୩/୪ ଜଣ ଆସିବା ବଡ଼ କଥା। ଏମିତି କିଛି ସପ୍ତାହ ରହିଛି ଜଣେ ହେଲେ ବି ପର୍ଯ୍ୟଟକ ଆସି ନାହାନ୍ତି। ସଂଗ୍ରହାଳୟକୁ ବୁଲିବା ପାଇଁ ହେଲେ ଜଣଙ୍କ ପିଛା ୧୦ ଟଙ୍କା ଟିକେଟ ମୂଲ୍ୟ ରହିଛି। ୫ ବର୍ଷରେ ମାତ୍ର ୮, ୦୧୫ ଟିକେଟ ବିକ୍ରି ହୋଇଛି। ଅର୍ଥାତ୍ ଏତିକି ଜଣ ପରିଦର୍ଶକ ଏଠାକୁ ଆସିଛନ୍ତି। ୧୦ ଟଙ୍କା ହିସାବରେ ପ୍ରାୟ ୮୦ ହଜାର ୧୫୦୦ ଟଙ୍କା ଆୟ ହୋଇଛି। ଯାହା ଘୋଡା ୬ ଟଙ୍କାକୁ ଦାନା ୯ ଟଙ୍କା ସଦୃଶ। କାରଣ ଏଠାରେ ୪ ଜଣ କର୍ମଚାରୀ ରହୁଛନ୍ତି। ସେମାନଙ୍କ ଦରମା ସାଙ୍ଗକୁ ମାସିକ ଇଲେକ୍ଟ୍ରି ବିଲ୍ ବି ରହିଛି। ତେଣୁ ଏଠାକୁ କିପରି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ସେ ଦିଗରେ ପ୍ରୟାସ ହେବା ଦରକାର। କିନ୍ତୁ ସେଥିପ୍ରତି ନିଘା ନାହିଁ। ସଂଗ୍ରହାଳୟରେ ସମ୍ମୁଖରେ ଫଳକଟିଏ ବି ନାହିଁ।

**ଆଗ୍ନିକ ନିଯୁକ୍ତି ମାମଲା**

# ଆବେଦନକାରୀଙ୍କ ଫଳ ପ୍ରକାଶ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୨।୧(ସମିସ):** ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶକ୍ରମେ ଫାୟାରମ୍ୟାନ୍(ଆଗ୍ନିକ) ପଦ ପାଇଁ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଆବେଦନକାରୀଙ୍କ ପରୀକ୍ଷାଫଳ ପ୍ରକାଶ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଆବେଦନକାରୀମାନଙ୍କ ଫଳ ମୁଦା ଲଫାପାରେ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା ବେଳେ ଆଜି ହାଇକୋର୍ଟ ମାମଲାର ଶୁଣାଣି କରି ତାଙ୍କର ଫଳ ପ୍ରକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହିରଣ୍ୟ କୁମାର ସାମଲ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଦାଲତଙ୍କ ବିନା ଅନୁମତିରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ରାୟରେ ଉଲ୍ଲେଖ ରହିଛି। ଆସନ୍ତା ଫେବୃଆରି ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ୮୨୬ ଫାୟରମ୍ୟାନ୍ ପଦ ପୂରଣ ପାଇଁ ୨୦୨୩, ଅଗଷ୍ଟ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୧, ୨୦୨୨ ଓ ୨୦୨୩ରେ ବିଭିନ୍ନ ସରକାରୀ ପଦ ପୂରଣ ପାଇଁ ସର୍ବୋଚ୍ଚ ବୟସସୀମା ୩୨ରୁ ୩୮କୁ ବୃଦ୍ଧି କରାଯାଇଥିବା ବେଳେ ଫାୟରମ୍ୟାନ ନିଯୁକ୍ତି ବିଜ୍ଞପ୍ତିରେ କିନ୍ତୁ ବୟସ କୋହଳ ବ୍ୟବସ୍ଥା କରାଯାଇନଥିଲା। ଏଣୁ କେତେକ ଆଶାୟୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ୨୦୨୩, ସେପ୍ଟେମ୍ବର ୧୮ରେ ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଅନ୍ତରୀଣ ଅନୁମତି ଦେବା ସହ ସେମାନଙ୍କ ପରୀକ୍ଷାଫଳ ବିନା ଅନୁମତିରେ ପ୍ରକାଶ କରାଯିବ ନାହିଁ ବୋଲି କହିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଛନ୍ତି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସରେ ଓଡ଼ିଆ ଭାଷା ସମ୍ମିଳନୀ

**ସାକ୍ଷୀଗୋପାଳ, ୨୨।୧(ସମିସ)**

ରାଜ୍ୟ ସରକାରଙ୍କ 'ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶା ପକ୍ଷରୁ ସତ୍ୟବାଦୀ ଓଡିଆ ବିଶ୍ୱବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସରେ ଦ୍ୱିଦିବସୀୟ ଓଡିଆ ଭାଷା ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଓଡିଆ ଭାଷାର ବିକାଶ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆମ ପରମ୍ପରାର ଉନ୍ନତି, ବିକାଶ ପାଇଁ ରାଜ୍ୟସରକାରଙ୍କ ବଡ ପ୍ରୟାସ ବୋଲି ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ଡ ସବିତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ଆନୁଷ୍ଠାନିକ ଭାବେ ସଭା ଆରମ୍ଭ ହୋଇଥିଲା।

ଏଥିରେ ଶାରଳା ପୁରସ୍କାର, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା କବି ପ୍ରଫେସର ଶତ୍ରୁଘ୍ନ ପାଣ୍ଡବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୃଥିବୀରେ ରହିଥିବା ୭୦୦୨ଟି ଭାଷା ମଧ୍ୟରୁ ଓଡ଼ିଆ ଭାଷାର ସ୍ଥାନ ୩୮ ରହିଛି ବୋଲି ମତ ପ୍ରକାଶ କରିଥିଲେ। ରାଜ୍ୟ ବାହାରେ ରହିଥିବା ପ୍ରବାସୀ ଓଡିଆମାନେ ଓଡିଆ ଭାଷାକୁ ଭୁଲିନଯାଆନ୍ତୁ, ଜଗନ୍ନାଥ ସଂସ୍କୃତି, ଆମ ପରମ୍ପରା ତଥା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ କହିଥିଲେ। ପ୍ରଫେସର ଅନନ୍ତ କିଶୋର ଜେନା ଅତିଥି ପରିଚୟ ଦେବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଦୈନନ୍ଦିନ ଜୀବନରେ ପ୍ରତି ଓଡିଆ ନିଜ ମାତୃଭାଷାର ଉନ୍ନତି ଉଦ୍‌ୟମ କଲେ ସୁଦୂରପ୍ରସାରୀ ହୋଇପାରିବ ବେଲି ସଭାପତି ଡ ପ୍ରଧାନ କହିଥିଲେ।




ମୁଖ୍ୟଅତିଥି ଦୁଇଟି ପୁସ୍ତକ ମହାବିଦ୍ୟାଳୟକୁ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ନେଇ ନାଟକ ଉତ୍ତରଣ ମଞ୍ଚସ୍ଥ ହୋଇଥିଲା।

**● ଜାତୀୟ ଆନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତା**

# ବାଳିକା ପାଇପ ବ୍ୟାଣ୍ଡରେ ଓଡ଼ିଶା ପ୍ରଥମ



**ଭୁବନେଶ୍ୱର, ୨୨।୧(ସମିସ):** ଜାତୀୟସ୍ତରରେ ଚମକିଛନ୍ତି ଓଡ଼ିଆ ଝିଅ। ପରାକାଷ୍ଠା ଓ ପରିଶ୍ରମ ବଳରେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ଆନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତାର ବାଳିକା ପାଇପ୍ ବ୍ୟାଣ୍ଡ ବିଭାଗରେ ଓଡ଼ିଶା ପ୍ରଥମ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଜୟୀ ଦଳକୁ ଟ୍ରଫି, ମାନପତ୍ର ଓ ଅର୍ଥରାଶିରେ ପୁରସ୍କୃତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କଠିନ ପରିଶ୍ରମ ଓ ନିଷ୍ଠାପର ଭାବେ ନିରନ୍ତର ସାଧନା ସଫଳତାର ମୂଳମନ୍ତ୍ର ବୋଲି କହିଛନ୍ତି। ଛାତ୍ରୀମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥି. ଏସ୍ ଓ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ବିଜୟୀ ଦଳକୁ ଅଭିନନ୍ଦନ ଜଣାଇବା ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ଏହି ସଫଳତା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

# ଆଣ୍ଟିବାୟୋଟିକ୍ ଔଷଧ ଲେଖିବାର କାରଣ ଦର୍ଶାଇବା ନିଷ୍ପତ୍ତି ପରିବର୍ତ୍ତନ ହେଉ

**ଭୁବନେଶ୍ୱର, ୨୨।୧(ସମିସ):** ଔଷଧ ପ୍ରେସ୍‌କ୍ରିପସନ୍‌ରେ ଆଣ୍ଟିବାୟୋଟିକ୍ ସେବନ କରିବା ପଛରେ କାରଣ ଦର୍ଶାଇବା ନିଷ୍ପତ୍ତିକୁ ବିରୋଧ କରିଛି ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ (ଆଇଏମ୍‌ଏ)। ଏହାର ଜାତୀୟ ସଭାପତି ଡାଃ ଆରଭି ଅଶୋକାନ୍ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି କହିଛନ୍ତି ଯେ ସମଗ୍ର ଡାକ୍ତର ସମାଜ ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ସବୁପ୍ରକାର ସହଯୋଗ କରି ଆସୁଛି ଏବଂ ଆଗକୁ ମଧ୍ୟ କରିବ। ତେବେ ରୋଗୀଙ୍କ ପ୍ରେସ୍‌କ୍ରିପସନ୍‌ରେ ଆଣ୍ଟିବାୟୋଟିକ୍ ପରାମର୍ଶ ଦେବା ପଛରେ କାରଣ ଲେଖିବା ସବୁ ଡାକ୍ତରଙ୍କ ପକ୍ଷରେ ସମ୍ଭବ ହୋଇନପାରେ। ଡାକ୍ତରଖାନାରେ ରୋଗୀଙ୍କ ପ୍ରବଳ ଭିଡ଼ ଓ କାର୍ଯ୍ୟଭାର ହେତୁ ଏପରି ନିୟମର ଅନୁପାଳନ ଡାକ୍ତରଙ୍କ ପକ୍ଷରେ କଷ୍ଟକର। ତେବେ ଅନ୍ୟ ଔଷଧ ସେବନ ପାଇଁ ପରାମର୍ଶ ଦେବା ପଛରେ କାରଣ ଲେଖିବାରେ ସମସ୍ୟା ନାହିଁ। ଅଭିଜ୍ଞ ଡାକ୍ତରମାନେ ଯେଉଁ ଔଷଧ ସେବନ ପାଇଁ ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି, ତାହା ଦ୍ୱାରା କିଛି ବଡ଼ ସମସ୍ୟା ହେବାର ସମ୍ଭାବନା କ୍ଷିଣ। ତେବେ ଗୁଣିଆ ତଥା ଅନଭିଜ୍ଞ ଡାକ୍ତରଙ୍କ କ୍ଷେତ୍ରରେ ଏପରି ସମସ୍ୟା ଦେଖାଦେଇପାରେ। ସେହିପରି ବିନା ପ୍ରେସ୍‌କ୍ରିପସନ୍‌ରେ ଔଷଧ ବିକ୍ରି ଦ୍ୱାରା ମଧ୍ୟ ଆଣ୍ଟିବାୟୋଟିକ୍ ସେବନ ବଡ଼ ସମସ୍ୟା ସୃଷ୍ଟି କରିବା ସମ୍ଭାବନା ରହିଛି। ତେଣୁ ଏହି ନିଷ୍ପତ୍ତିର ପୁନର୍ବିଚାର ଜରୁରୀ ବୋଲି ଆଇଏମ୍‌ଏ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

**● ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ**

# ରାମମୟ ଫତେଗଡ଼; ସାମିଲ ହେଲେ ୩ ଲକ୍ଷ ଶ୍ରଦ୍ଧାଳୁ

**ଭାପୁର, ୨୨।୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ପାହାଡ଼ ଉପରେ ପ୍ରତିଷ୍ଠିତ ଭବ୍ୟ ଶ୍ରୀରାମ ମନ୍ଦିରର ବିଜେ ପ୍ରତିମାଗୁଡ଼ିକର ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଓଡ଼ିଶାର ଏହି ଅଦ୍ୱିତୀୟ ଶ୍ରୀରାମ ମନ୍ଦିର ସର୍ବବୃହତ ଶ୍ରୀରାମ ମନ୍ଦିରର ମାନ୍ୟତା ପାଇବା ଫତେଗଡ଼ ଓ ଭାପୁର ଅଞ୍ଚଳର ସୁନାମକୁ ବହୁଗୁଣିତ କରିଦେଇଛି। ପ୍ରଭୁ ଶ୍ରୀରାମ ଚନ୍ଦ୍ର, ପତ୍ନୀ



ଜାନକୀ, ଅନୁଜ ଲକ୍ଷ୍ମଣ ଓ ଭକ୍ତ ବୀର ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାସହ ଚତୁର୍ପାଶ୍ୱର୍ ମନ୍ଦିରରେ ସୂର୍ଯ୍ୟ ନାରାୟଣ, ମହାବୀର, ଶିବ ଓ ଗଣେଶଙ୍କ ମୂର୍ତ୍ତିଗୁଡ଼ିକ ମଧ୍ୟ ଜୀବନ୍ୟାସ ପାଇଛନ୍ତି। ବିଭିନ୍ନ ଅଞ୍ଚଳରୁ ଶହ ଶହ ସଂକୀର୍ତ୍ତନ ମଣ୍ଡଳୀର ଜୟ ଶ୍ରୀରାମ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ବୈଦିକ ବ୍ରାହ୍ମଣମାନଙ୍କ ବେଦମନ୍ତ୍ର ଉଚ୍ଚାରଣ ସହ ସାଧୁସନ୍ଥମାନେ ରାମନାମ ଜପ କରି ଶଙ୍ଖ, ଖୋଳ, କୀର୍ତ୍ତନ ଓ ମୃଦଙ୍ଗ ବାଦନ ଜନସାଧାରଣଙ୍କୁ ଅଭିଭୂତ କରିଥିଲା। ଏହି ଧାର୍ମିକ ତଥା ମନୋଜ୍ଞ ପରିବେଶରେ ନୟାଗଡ଼, ବୌଦ୍ଧ, ଫୁଲବାଣୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ଅନୁଗୁଳ, ଗଞ୍ଜାମ, ବ୍ରହ୍ମପୁର ସହ ଅନ୍ୟ ଜିଲ୍ଲା ମାନଙ୍କର ଭକ୍ତମାନଙ୍କ ସମାଗମ ହୋଇଥିଲା।

**■ ପାରାଦୀପ ପୋର୍ଟ ଜନସ୍ୱାସ୍ଥ୍ୟ ଅଧିକାରୀ ଗିରଫ ମାମଲା**

# ମାମଲା ରୁଜୁ କଲା ଇଡି

**ଭୁବନେଶ୍ୱର, ୨୨।୧(ସମିସ):** କୋଭିଡ୍ କ୍ଲିୟରାନ୍ସ ସାର୍ଟିଫିକେଟ୍ ପାଇଁ ଶିପିଂ ଏଜେଣ୍ଟଙ୍କଠାରୁ ଲାଞ୍ଚ ନେବା ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ପାରାଦୀପ ପୋର୍ଟ ଜନସ୍ୱାସ୍ଥ୍ୟ ଅଧିକାରୀ(ପୋର୍ଟ ହେଲଥ୍ ଅଫିସ୍‌ର) ଡା.ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ଅଡୁଆ ବଢ଼ିଛି। ମନି ଲଣ୍ଡରିଂ ଆକ୍ଟ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ନାମରେ ମାମଲା ରୁଜୁ କରିଛି। ସିବିଆଇର ଏତଲା ଆଧାରରେ ଇଡି ଏହି ମାମଲା କରିଥିବା ସୂଚନା ମିଳିଛି। ଦୁଇ ଦିନ ତଳେ ସିବିଆଇ ଡା. ରାଜେନ୍ଦ୍ରଙ୍କର ୧କୋଟି ୧୧ଲକ୍ଷ ୯୫ହଜାର ୭୧୬ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଠାବ ପରେ ସିବିଆଇ ଦୁର୍ନୀତି ମାମଲା ରୁଜୁ କରି ତଦନ୍ତ କରୁଛି। ଏଥିରେ ମନି ଲଣ୍ଡରିଂ ଲିଙ୍କ୍ ଆସିବା ପରେ ଇଡି ମାମଲା ରୁଜୁ କରି ତଦନ୍ତ କରୁଛି।

**■ କୋଇଲା ବ୍ୟବସାୟୀଙ୍କ ଘରେ ଆୟକର ଚଢ଼ଉ**

# ୪୦୦ କୋଟି ଟିକସ ଫାଙ୍କିଛନ୍ତି ଘନଶ୍ୟାମ

**ଭୁବନେଶ୍ୱର, ୨୨।୧(ସମିସ):** କୋଇଲା ବ୍ୟବସାୟୀ ଘନଶ୍ୟାମ ଡାଲମିଆଙ୍କ ଘରେ ଆଜି ପଞ୍ଚମ ଦିନରେ ବି ଆୟକର ଚଢ଼ଉ କରାଯାଇଥିଲା। ଗତକାଲି ରାତିତମାମ ଆୟକର ବିଭାଗ ଏହି ବ୍ୟବସାୟୀଙ୍କ ଘରେ ଛାନଭିନ୍ କରିଥିଲା। ୪ଶହ କୋଟିର ଟିକସ ଫାଙ୍କିବା ନେଇ ତାଙ୍କ ଘରୁ ଦସ୍ତାବିଜ୍ ଆୟକର ଟିମ୍‌କୁ ମିଳିଛି। ଏହି ଦସ୍ତାବିଜ୍ ଆଧାରରେ ବ୍ୟବସାୟୀ ଘନଶ୍ୟାମ ଏବଂ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରାଯାଉଛି। ତାଙ୍କ ମାସିକ ଆୟ କେତେ ଏବଂ କେତେ ଜିଏସ୍‌ଟି ଭରିଛନ୍ତି, ସେ ସଂପର୍କରେ ପଚରାଉଚରା କରାଯାଇଥିବା ନେଇ ସୂଚନା ମିଳିଛି।

**ଆୟକର ବିଭାଗ ହାତରେ ଦସ୍ତାବିଜ୍**





# ଭୁବନେଶ୍ୱର ସିଟି

## ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି

# ଏଥର ପରେଡ୍‌ରେ ୫୩ କଣ୍ଟିଜେନ୍ସ



- ସିସିଟିଭି ଛାଉଣିରେ ଗାନ୍ଧୀମାର୍ଗ, ଜଗିବେ ବନ୍ଧୁକଧାରୀ
- ଏଥର କମାଣ୍ଡର୍ ଆଇପିଏସ୍ ଏ.ବି ଶିଲ୍ପା
- ସୁରକ୍ଷାରେ ୩୦ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର, ୨୨।୧(ସମିସ):** ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାରଠାରୁ ମହାତ୍ମା ଗାନ୍ଧୀମାର୍ଗରେ ପରେଡ୍ ଅଭ୍ୟାସ ଆରମ୍ଭ ହୋଇଛି। ଏଥର ୫୩ଟି କଣ୍ଟିଜେନ ଅଂଶଗ୍ରହଣ କରିବେ। ଆଇଟିବିପି, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଏସ୍‌ଏସ୍‌ବି, ଅଗ୍ନିଶମ, ଓଡ୍ରାଫ୍, ଆର୍‌ପିଏଫ୍, ଓଏସ୍‌ଏପି, ଓଆଇଏସ୍‌ଏଫ୍, ଟ୍ରାଫିକ, ସିଭିଲ୍ ଡିଫେନ୍ସ, ସପ୍ତମ ବାଟାଲିୟନ, ଷଷ୍ଠ ବାଟାଲିୟନ, ସଶସ୍ତ୍ର ବାହିନୀ ଏଥିରେ ଭାଗନେବେ। ଏଥିସହ ସୈନିକ ସ୍କୁଲର ବ୍ୟାଣ୍ଡ ସମେତ ପ୍ରାୟ ୨୦ରୁ ଅଧିକ ସ୍କୁଲର ଛାତ୍ରଛାତ୍ରୀ ଭାଗନେବେ। ଏତଦ୍ ବ୍ୟତୀତ ବାଇକରେ ମହର୍ଷି ଡେୟାରଡେଭିଲ ଦୁଃସାହସିକ କଳା ପ୍ରଦର୍ଶନ, ଓଡ଼ିଶା ସ୍କେଟିଂ ଏକାଡେମୀ ପକ୍ଷରୁ ପିଲାମାନେ ସ୍କେଟିଂର ବହୁ କୌଶଳ ଦେଖାଇବେ। ସେପରି ଆଦିବାସୀ ନୃତ୍ୟ ଓ ପ୍ରଜ୍ଞାପନ ମେଢ଼କୁ ମିଶାଇ ୪ଟି ସାଂସ୍କୃତିକ ଦଳ ଏଥିରେ ସାମିଲ ହେବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଚଳିତବର୍ଷ ପ୍ୟାରେଡ୍ କମାଣ୍ଡିଂ କରିବେ ବ୍ରହ୍ମପୁର ଏସ୍‌ପି (ପ୍ରଶିକ୍ଷାର୍ଥୀ) ଏ.ବି ଶିଳ୍ପା। ସେଭଳି ପରେଡ୍ ଅଭିବାଦନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ରଘୁବର ଦାଶ ଓ ସମ୍ମାନିତ ଅତିଥିଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସେହିପରି ଗାନ୍ଧୀମାର୍ଗ ୩ ସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ଗାନ୍ଧୀମାର୍ଗ ରହିବ। ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ ପୁଲିସ ଫୋର୍ସ, ୨୦୦ ବଛାବଛା ଅଧିକାରୀ ଓ ବନ୍ଧୁକଧାରୀ ପୁଲିସଙ୍କୁ ନିୟୋଜିତ କରାଯିବ। ସେଭଳି ପରେଡ୍ ସ୍ଥଳରେ ବନ୍ଧୁକଧାରୀ ପୁଲିସ ସହ ସିସିଟିଭି ସର୍ଭିଲାନସରେ ନଜରରେ ରହିବ। ଆଉ ଡଗ ସ୍କ୍ୱାଡ, ବମ ସ୍କ୍ୱାଡ ଓ ଆମ୍ବୁଲାନ୍ସ ସହ ଫାୟାର ସର୍ଭିସ ସୁରକ୍ଷା ଦୃଷ୍ଟିରୁ ଆଲର୍ଟ ରହିବେ। ଏଥିସହିତ ଟ୍ରାଫିକ୍ କଟକଣା ଲାଗି ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

### ଝାଡ଼ଖଣ୍ଡ ପୁଲିସର ଗୋଟିଏ ଟ୍ରୁପ ସାମିଲ୍

ପଡ଼ୋଶୀ ରାଜ୍ୟ ମଧ୍ୟରେ ସୁଦୃଢ଼ ହେବ ସମ୍ପର୍କ। ଯୋଗାଯୋଗ ଓ ଉତ୍ତମ ସମନ୍ୱୟ ଜାରି ରହିବ। ଝାଡ଼ଖଣ୍ଡ ପୁଲିସର ଗୋଟିଏ ଟ୍ରୁପ୍ ଏଥର ରାଜ୍ୟସ୍ତରୀୟ ପରେଡ୍‌ରେ ଅଂଶଗ୍ରହଣ କରିବ। ତେଣୁ ପରେଡ୍ ରିହର୍ସାଲକୁ ଜୋର୍‌ଦାର କରିଛି। ଝାଡ଼ଖଣ୍ଡ ପୁଲିସରୁ ଆସିଥିବା ଟ୍ରୁପ୍ ଉପରେ ସମସ୍ତଙ୍କ ନଜର ରହିଛି। ଅନୁରୂପଭାବେ ଓଡ଼ିଶା ପୁଲିସର ଗୋଟିଏ କଣ୍ଟିଜେଣ୍ଟ ଅନ୍ୟ ରାଜ୍ୟର ରାଜ୍ୟସ୍ତରୀୟ ପରେଡ୍‌ରେ ଭାଗ ନେଉଛି। ଫଳରେ ରାଜ୍ୟ ରାଜ୍ୟ ମଧ୍ୟରେ ଭାବର ଆଦାନପ୍ରଦାନ ଓ ସୁସମ୍ପର୍କ ରକ୍ଷା ହେବାରେ ବିରାଟ ପଦକ୍ଷେପ ହେବ ବୋଲି କୁହାଯାଉଛି।



- ଥାନାରେ ଓଲିଉଡ୍ କଣ୍ଠଶିଳ୍ପୀଙ୍କ ପାରିବାରିକ କଳି

# ବିଭୁଙ୍କ ବଡ଼ଭାଇ ନାଁରେ ଥାନାର ଦ୍ୱାରସ୍ଥ ହେଲେ ଅଭିନେତ୍ରୀ ରାକ୍ଷୀ

**ଭୁବନେଶ୍ୱର, ୨୨।୧(ସମିସ):** ଥାନାରେ ପହଞ୍ଚିଲା ଓଲିଉଡ୍ କଣ୍ଠଶିଳ୍ପୀ ବିଭୁକିଶୋରଙ୍କ ପାରିବାରିକ କଳି। ବିଭୁକିଶୋର ଓ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ରାକ୍ଷୀ ଦାସ ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି। ରାକ୍ଷୀଙ୍କୁ ବିଭୁଙ୍କ ବଡ଼ ଭାଇ ପୀୟୂଷ ଦାସ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ରାକ୍ଷୀ ଅଭିଯୋଗ କରିଛନ୍ତି। କେବଳ ରାକ୍ଷୀ ନୁହେଁ ତାଙ୍କ ଘରେ ଭଡ଼ାରେ ରହୁଥିବା ପରିଚିତ କଣ୍ଠଶିଳ୍ପୀ ପମିଙ୍କୁ ବିଭୁଙ୍କ ବଡ଼ଭାଇ ଆକ୍ରମଣ କରିଥିବା ସେ ମଧ୍ୟ ଅଭିଯୋଗ କରିଛନ୍ତି। ବିଭୁକିଶୋର ଓ ତାଙ୍କ ପତ୍ନୀ ବଡ଼ ଭାଇ ପୀୟୂଷ ଦାସଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ପୀୟୂଷ ଆକ୍ରମଣ କରିଛନ୍ତି ବିଭୁଙ୍କ ପତ୍ନୀ ତଥା ଅଭିନେତ୍ରୀ ରାଖୀ ଦାସଙ୍କୁ। ବିଭୁକିଶୋରଙ୍କ ଘରେ ଭଡ଼ା ରହୁଥିବା କଣ୍ଠଶିଳ୍ପୀ ପମି ମଧ୍ୟ ପୀୟୂଷଙ୍କ ନାଁରେ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ସୋମବାର ପମି ସିସିଟିଭି ଲଗାଉଥିବା ସମୟରେ ପୀୟୂଷ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କ ଘର ଭିତରେ ପଶି ଭଙ୍ଗାରୁଜା କରିଥିବା ପପି ଅଭିଯୋଗ କରିଛନ୍ତି ପମି। ଜମି ଓ ଘର ବିବାଦକୁ ନେଇ ଏଭଳି କରିଥିବା ନେଇ କହିଛନ୍ତି ବିଭୁକିଶୋରଙ୍କ ପତ୍ନୀ ରାକ୍ଷୀ। ସେପଟେ ନିଜ ମାଆଙ୍କୁ ମଧ୍ୟ ଛାଡ଼ି ନାହାନ୍ତି ବିଭୁ କିଶୋରଙ୍କ ଭାଇ ପୀୟୂଷ। ମାଆଙ୍କୁ ଆକ୍ରମଣ ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଘରୁ ବାହାର କରି ଦେଇଥିବା କହିଛନ୍ତି ବିଭୂକିଶୋରଙ୍କ ମାଆ। ପୁଲିସ ଏହି ସବୁ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି।

# ପୁଲିସକୁ ମଦ ମାଫିଆଙ୍କ ଆକ୍ରମଣ; ୧ ଗିରଫ

**ଯାଁଳା,୨୨।୧(ସମିସ):** ଇନ୍‌ଫୋଭ୍ୟାଲି ଥାନା କର୍ମଚାରୀ ଓ ସାକ୍ଷୀମାନଙ୍କୁ ଆକ୍ରମଣ କରିବା ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ସଂଗ୍ରାମ ସିଂହ। ଅଭିଯୁକ୍ତର ଘର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଛତାବର ପଞ୍ଚାୟତ ହରପୁର ଗ୍ରାମରେ। ଅନ୍ୟ ୮ ଜଣ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ପୁଲିସ ଗିରଫ କରିପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଗତ ୧୬ ତାରିଖ ସନ୍ଧ୍ୟାରେ ଇନ୍‌ଫୋଭ୍ୟାଲି ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ଡ୍ୟୁଟି କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ହରପୁର ଗାଁ ଛକ ନିକଟରେ ଚଢ଼ଉ କରିଥିଲା। ଗୁଣ୍ଡୁ ଓରଫ ବିଶ୍ୱନାଥ ସିଂହ ନାମକ ଜଣେ ଅଭିଯୁକ୍ତଙ୍କୁ ବେଆଇନ ଦେଶୀ ମଦ ବିକ୍ରୟ ଅଭିଯୋଗରେ କାବୁ କରିଥିଲେ। ଛାନ୍ଭିନ ସମୟରେ ବିଶ୍ୱନାଥଙ୍କ ନିକଟରୁ ମୋଟ ୧୦ ଲିଟର ଦେଶୀ ମଦ ଜବତ କରିବା ସମୟରେ ସଂଗ୍ରାମ ଏବଂ ତାଙ୍କର ୮ ଜଣ ସହଯୋଗୀ ହଠାତ ସେଠାରେ ପହଞ୍ଚି ସଂଘବଦ୍ଧ ଭାବେ ପାଟ୍ରୋଲିଂ ଟିମର ଦୁଇ ଅଧିକାରୀ, କର୍ମଚାରୀ ତଥା ଦୁଇଜଣ ସାକ୍ଷୀଙ୍କୁ ଆକ୍ରମଣ କରିଥିଲେ। ଏହା ସହ ଅନ୍ୟ ଦୁଇ କର୍ମଚାରୀଙ୍କ ମୋବାଇଲ୍ ଫୋନ ଛଡ଼ାଇ ନେଇଯାଇଥିଲେ। ଖବର ପାଇ ଥାନାର ଅନ୍ୟ ଜଣେ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆଇନକୁ ହାତକୁ ନନେବାଲାଗି ଅଭିଯୁକ୍ତ ମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଅଭିଯୁକ୍ତମାନେ ତାଙ୍କ କଥାକୁ ନ ଶୁଣି ଓଲଟା ନିସ୍ତୁକ ପିଟିଥିଲେ। ଏହି ମାମଲାର ଅଧିକ ତଦନ୍ତ ଚଲାଇଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଭଯୁକ୍ତ ସଂଗ୍ରାମକୁ ଗିରଫ କରିବାରେ ସକ୍ଷମ ହୋଇଥିଲା ପୁଲିସ। ଅପରପକ୍ଷେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

- ଲୋକଙ୍କ ଭାବାବେଗ ସହ ସାଇବର୍ ଠକଙ୍କ ଖେଳ

# ପ୍ରସାଦ ପଠାଇବା ଆଳରେ ଠକେଇ

**ଭୁବନେଶ୍ୱର, ୨୨।୧(ସମିସ):** ସମୟ ଅନୁସାରେ ସାଇବର୍ ଠକ ଠକେଇର ନୂଆ ତରିକା ଆପଣାଉଛନ୍ତି। ସୋମବାର ରାମ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେଲା। ଏହାକୁ ଏବେ ସାଇବର୍ ଠକ ଠକେଇ ପାଇଁ ଅସ୍ତ୍ର ରୂପେ ବାଛି ନେଇଛନ୍ତି। ସେମାନେ ଅଯୋଧ୍ୟାରୁ ରାମଙ୍କ ପ୍ରସାଦ ଘରେ ପହଞ୍ଚାଇବାକୁ କହି ଲିଙ୍କ୍ ପଠାଉଛନ୍ତି। ଲିଙ୍କ୍ କ୍ଲିକ୍ କଲେ ଆକାଉଣ୍ଟରୁ ଟଙ୍କା ଖାଲି ହୋଇଯାଉଛି। ଯେଉଁମାନେ ଲିଙ୍କ୍‌ରେ ଟଙ୍କା ଦେବାକୁ ରାଜି ହେଉନାହାନ୍ତି ସେମାନଙ୍କୁ ଫୋନ୍ ପେ'ମାଧ୍ୟମରେ ଟଙ୍କା ପଠାଇବାକୁ କହୁଛନ୍ତି। ଟଙ୍କା ପଠାଇବା ପରେ ସାଇବର୍ ଠକ ଫୋନ୍ ବନ୍ଦକରି ଦେଉଛନ୍ତି। ଏହିଭଳି ସୋମବାର ଠକ ଭୁବନେଶ୍ୱରର ୭୦ରୁ ଅଧିକ ଲୋକଙ୍କ ପାଖକୁ ଏଭଳି ଫୋନ୍ କଲ୍ ଆସିଥିବା ଅନେକ କହିଛନ୍ତି। ଅନେକ ବ୍ୟକ୍ତି ଠକେଇ ସମ୍ପର୍କରେ ଜାଣି ସାଇବର୍ ଥାନା ଏବଂ ବିଶେଷଜ୍ଞଙ୍କୁ ଅବଗତ କରିଛନ୍ତି।

ଏହିଭଳି ଆଜି ମଧ୍ୟ ଜଣେ ପୁଲିସ କନ୍‌ଷ୍ଟେବଲଙ୍କୁ ଠକ ଏଭଳି ଫୋନ୍ କରିଥିଲେ। ଠକ ନିଜକୁ ରାମ ମନ୍ଦିର ଟ୍ରଷ୍ଟର ଜଣେ ସଦସ୍ୟ ବୋଲି ପରିଚୟ ଦେଇଥିଲେ। ତାଙ୍କ ଟ୍ରଷ୍ଟ ପକ୍ଷରୁ ଶ୍ରୀରାମଙ୍କ ପ୍ରସାଦ ଘରେ ଘରେ ପହଞ୍ଚାଯାଉଛି ବୋଲି କହୁଛନ୍ତି। ତେଣୁ ଟଙ୍କା ଦେଲେ ଘରେ ପ୍ରସାଦ ପହଞ୍ଚିବ ବୋଲି କହିଥିଲେ।



କନ୍‌ଷ୍ଟେବଲ ଜଣଙ୍କ ପ୍ରସାଦ ପାଇଁ ରାଜି ହୋଇଯାଇଥିଲେ। ସାଇବର୍ ଠକ କରିଥିବା ଫୋନ୍ ନମ୍ବରରେ ଟଙ୍କା ପଠାଇଥିଲେ। କିନ୍ତୁ ଠକ ଟଙ୍କା ନେବା ପରେ ଫୋନ୍ ବନ୍ଦ କରି ଦେଇଥିଲେ ଠକ। ଶେଷରେ କନ୍‌ଷ୍ଟେବଲ ଜଣଙ୍କ ଠକାମିର ଶିକାର ହୋଇଥିବା ଜାଣି ସାଇବର୍ ଥାନାରେ ଅଭିଯୋଗ କରିଥିଲେ। ତେଣୁ ଏଭଳି ନୂଆ ତରିକା ଠକେଇରୁ ବର୍ତ୍ତିବା ପାଇଁ ସଚେତନ ରହୁବାକୁ ପୁଲିସ ଏବଂ ସାଇବର ବିଶେଷଜ୍ଞମାନେ ଲୋକଙ୍କୁ ସଚେତନ କରିଛନ୍ତି।

## ସେଲ୍‌ଫ ଡ୍ରାଇଭିଂ ଆଳରେ ନେଉଥିଲେ କାର୍

# ୯ ଦାମୀ କାର୍ ଜବତ; ୨ ଗିରଫ

**ଭୁବନେଶ୍ୱର, ୨୨।୧(ସମିସ):** ଟ୍ରାଭେଲ୍ସ ସଂସ୍ଥାରୁ କାର୍‌କୁ ଭଡ଼ା ସୂତ୍ରରେ ନେଉଥିଲେ। ଭଡ଼ା ଟଙ୍କା ନ ଦେବା ସହ ନେଇଥିବା କାର୍‌ଗୁଡ଼ିକୁ ବି ଫେରସ୍ତ କରୁ ନ ଥିଲେ। ସେଲ୍‌ଫ ଡ୍ରାଇଭିଂ ଆଳରେ କାର୍ ନେଇ ଟଙ୍କା ରୋଜଗାର କରୁଥିଲେ। କିନ୍ତୁ କାର୍ ନେଇଥିବା ଟ୍ରାଭେଲ୍ସ ଏଜେନ୍ସି ଟଙ୍କା ଫେରସ୍ତ ନ କରି ଆତ୍ମସାତ୍ କରୁଥିଲେ। ଭୁବନେଶ୍ୱରରେ ସେଲ୍‌ଫ ଡ୍ରାଇଭିଂ ଆଳରେ କାର୍ ନେଇ ଫେରାଉ ନ ଥିବା ଗ୍ୟାଙ୍ଗ୍‌ର ୨ଜଣ ସଦସ୍ୟଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁରର ସୁଶାନ୍ତ କୁମାର ସାହୁ ଓ ୟୁନିଟ୍-୯ର ଆର୍. ଟାଟା ରାଓ। ସେମାନଙ୍କ ଠାରୁ ୯ଟି ଦାମୀ କାର୍ ଜବତ ହୋଇଛି। ପୁଲିସର କହିବା ଅନୁଯାୟୀ, ରଜତ କୁମାର ସାହୁ ଓ ସୁରଜ କୁମାର ବିଶୋଇଙ୍କ ଦୁଇଟି ଟ୍ରାଭେଲ୍ସ ଏଜେନ୍ସି ରହିଛି। ସେମାନଙ୍କ ଠାରୁ ଅଭିଯୁକ୍ତ ସୁଶାନ୍ତ ଓ ଟାଟା ରାଓ ଗାଡ଼ି ନେଇ ସେଲ୍‌ଫ ଡ୍ରାଇଭ୍‌ରେ ଚଳାଇବାକୁ ଯୋଗାଯୋଗ କରିଥିଲେ। ଗତବର୍ଷ ଡିସେମ୍ବର ମାସରେ ସୁଶାନ୍ତ ଓ ଟାଟା ପର୍ଯ୍ୟାୟକ୍ରମେ ୯ଟି କାର୍ ନେଇଥିଲେ। କାର୍ ବାବଦରେ ୧ ଲକ୍ଷ ୩୬ ହଜାର ଟଙ୍କା ଭଡ଼ା ହୋଇଯାଇଥିଲା। ମାତ୍ର କାର୍‌ର ଭଡ଼ା ଟ୍ରାଭେଲ୍ସ ଏଜେନ୍ସିକୁ ଦେଉ ନ ଥିଲେ ଦୁଇ ଅଭିଯୁକ୍ତ। କାର୍ ଫେରସ୍ତ କରିବାକୁ କହିଲେ ଦୁଇ ଅଭିଯୁକ୍ତ ବିଭିନ୍ନ ଆଳ ଦେଖାଉଥିଲେ। ଏପରିକି କାର୍‌ଗୁଡିକୁ ବନ୍ଧକ ରଖି ଟ୍ରାଭେଲ୍ସ ଏଜେନ୍ସିକୁ ନ ଫେରାଇବାକୁ ସେମାନେ ଏକ ପ୍ରକାରର ଯୋଜନା କରିଥିଲେ। ରଜତ ଏନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗଞ୍ଜାମରୁ କାବୁ କରିବା ସହ ୯ଟି କାର୍ ଜବତ କରିଛି।






# ବକ୍ସ ଡ୍ରେନ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୨୨।୧(ସମିସ):** ସୋମବାର ୩୦ନମ୍ବର ୱାର୍ଡ ଅନ୍ତର୍ଗତ ପ୍ଲଟ ନଂ-୧ରୁ ପ୍ଲଟ ନଂ-୨୩୮/ଏ, ପର୍ଯ୍ୟନ୍ତ ବକ୍ସ ଡ୍ରେନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ୩୦ ନମ୍ବର ୱାର୍ଡର କର୍ପୋରେଟର ରାଜ କିଶୋର ଦାସ ଯୋଗ ଦେଇଥିଲେ। ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ କାମ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ କୁହାଯାଇଛି। ଆଗାମୀ ଦିନରେ ଏ ଅଞ୍ଚଳର ବିକାଶ ପାଇଁ ଅନେକ ଯୋଜନା ରହିଛି ବୋଲି ବିଧାୟକ ଶ୍ରୀ ଜେନା କହିଛନ୍ତି। ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବାକୁ ବିଏମ୍‌ସି ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଦେଶର ଏକ ନମ୍ବର ସହରରେ ପରିଣତ କରିବା ପାଇଁ କେବଳ ବିଏମ୍‌ସି ନୁହେଁ, ନାଗରିକମାନଙ୍କର ସହଯୋଗ ଓ ସହଭାଗିତା ନିହାତି ଆବଶ୍ୟକ। ମୁଖ୍ୟମନ୍ତ୍ରୀ ମୁକ୍ତ ହସ୍ତରେ ରାଜଧାନୀର ଉନ୍ନତି ପାଇଁ ସମ୍ବଳ ଯୋଗାଇ ଦେଉଛନ୍ତି ବୋଲି ମେୟର କହିଛନ୍ତି।

# ପୂର୍ବଶତ୍ରୁତାରୁ ସାଙ୍ଗକୁ ଆକ୍ରମଣ

**ଭୁବନେଶ୍ୱର, ୨୨।୧ (ସମିସ):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସାଙ୍ଗକୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀସାଗର ଅଞ୍ଚଳର ସାହିଲ ଖାନ୍ (୨୨)। ପୁଲିସ ସୂଚନା ଅନୁସାରେ, ବମିଖାଲ ଅଞ୍ଚଳର ସରୋଜ ଓ ସାହିଲ ବନ୍ଧୁ ହୋଇଥିବା ବେଳେ ମଧ୍ୟରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ କିଛିଦିନ ପୂର୍ବେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଥିଲା। ସାହିଲ ରବିବାର ସନ୍ଧ୍ୟାରେ ସରୋଜକୁ ଫୋନ କରି ଜୟଦୁର୍ଗା ନଗର ପାର୍କକୁ ଆସିବା ଲାଗି କହିଥିଲା। ସାହିଲ କଥା ରଖି ସରୋଜ ପାର୍କରେ ଆସି ପହଞ୍ଚିଥିଲେ। ସେ ପହଞ୍ଚିବା କ୍ଷଣି ସାହିଲ ଓ ତା'ର ସହଯୋଗୀମାନେ ମିଶି ହଠାତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଓ ଜୀବନରୁ ମାରିଦେବା ଲାଗି ଧମକ ମଧ୍ୟ ଦେଇଥିଲେ। ଆକ୍ରମଣରେ ସରୋଜଙ୍କ ମୁଣ୍ଡ , ଗୋଡ଼ ଫାଟି ଯାଇଥିବା ବେଳେ ଶରୀରରେ ଗୁରୁତର ଆଘାତ ଲାଗିଥିଲା ଓ ସେ ଘଟଣାସ୍ଥଳରେ ଚେତା ହରାଇ ପଡ଼ିଥିଲେ। ସରୋଜଙ୍କ ବାପା ସଞ୍ଜୟଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

# ୩୦ ମିଟର ଖସିଲା ଟିଟିଏସ୍‌ରେ ବର୍ଜ୍ୟ ପାହାଡ଼

**ଭୁବନେଶ୍ୱର, ୨୨।୧(ସମିସ):** ସୈନିକ ସ୍କୁଲ୍ ନିକଟରେ ଥିବା ଟେମ୍ପରାରୀ ଟ୍ରାଞ୍ଜିଟ୍ ସେଲ୍ଟର (ଟିଟିଏସ୍) ର ଉଚ୍ଚତା ଅଧାରୁ ଅଧିକ କମିଯାଇଛି। ଦିନେ ଟିଟିଏସ୍‌ରେ ଛିଡ଼ା ହୋଇଥିବା ୪୦ମିଟରର ବର୍ଜ୍ୟ ପାହାଡ଼ ଏବେ ଖସି ୧୦ମିଟରରେ ପହଞ୍ଚିଛି। ଦୈନିକ ୩ସିଫ୍ଟରେ ୫୦୦ରୁ ଅଧିକ ସ୍ୱଚ୍ଛତା କର୍ମୀ ଟିଟିଏସ୍‌ରେ ବର୍ଜ୍ୟ ପ୍ରକ୍ରିୟାକରଣ କାର୍ଯ୍ୟରେ ଲାଗିଥିବା ବେଳେ ୩ ହଜାର ମେଟ୍ରିକ୍ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଉଛି। ଡିସେମ୍ବର ୩ ତାରିଖରୁ ଏଠାରେ ୩ ସିଫ୍ଟରେ କାମ ଚାଲିଛି। ୫୦ଦିନ ମଧ୍ୟରେ ଏକ ଲକ୍ଷ ମେଟ୍ରିକ୍ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ ହୋଇଥିବା ବିଏମ୍‌ସି ସୂତ୍ରରୁ ଜଣାପଡ଼ିଛି। ଜାନୁଆରୀ ମାସ ଶେଷ ସୁଦ୍ଧା ଏହି ବର୍ଜ୍ୟ ପାହାଡ଼ର ଉଚ୍ଚତା ଆହୁରି ୪ରୁ ୫ ମିଟର ଯାଏଁ ହ୍ରାସ କରିବା ନେଇ ବିଏମ୍‌ସି ଲକ୍ଷ୍ୟ ରଖିଛି। ୩ ଟେରେକ୍ସ ମେସିନ୍ ଓ ୨ ଲେନ୍ ଟ୍ରମେଲ୍ ଦ୍ୱାରା ପ୍ରକ୍ରିୟାକରଣ କରାଯାଉଥିବାରୁ ଏହି ଟାର୍ଗେଟ୍ ସମୟ ପୂର୍ବରୁ ପୂରଣ ହେବ ବୋଲି ବିଏମ୍‌ସି ଅଧିକାରୀ ଆଶାବାଦୀ ଅଛନ୍ତି। ଦୈନିକ ୩ ହଜାର ମେଟ୍ରିକ୍ ଟନ୍ ଭଳି ମିଶ୍ରିତ ବର୍ଜ୍ୟ ପ୍ରକ୍ରିୟାକରଣ ହେଉଛି। ଏଥିରୁ ପ୍ରାୟ ୬୦୦ମେଟ୍ରିକ୍ ଟନ୍ ଆର୍‌ଡିଏଫ୍ (ପ୍ଲାଷ୍ଟିକ୍ ବର୍ଜ୍ୟ), ୨୪୦୦ ମେଟ୍ରିକ୍ ଟନ୍ ଗୁଡ୍ ଆର୍ଥ (ମାଟି) ବାହାରୁଛି। ମୋଟ ଉପରେ ୩୨ରୁ ୩୪ ହଜାର ମେଟ୍ରିକ୍ ଟନ୍ ଆର୍‌ଡିଏଫ୍ ପ୍ରକ୍ରିୟାକରଣ ହେଉଛି। ୬୫ରୁ ୭୦ ହଜାର ମେଟ୍ରିକ୍ ଟନ୍ ଗୁଡ୍ ଆର୍ଥ ମିଳିଛି। ମୁଖ୍ୟକଥା ହେଲା ଜାନୁଆରୀ ୨୧ ତାରିଖ ସୁଦ୍ଧା ବିଏମ୍‌ସି ରାଜଗାଙ୍ଗପୁର ସିମେଣ୍ଟ କାରଖାନାକୁ ୨୦ହଜାର ମେଟ୍ରିକ୍ ଟନରୁ ଅଧିକ ଆରଡିଏଫ୍ ପଠାଇସାରିଛି। ଦୈନିକ ୧୫ରୁ ୨୦ ଟ୍ରକ୍ ଆରଡିଏଫ୍ ଟିଟିଏସରୁ ରାଜଗାଙ୍ଗପୁର ଯାଉଛି। ସେହିପରି ବାହାରି ଥିବା ପ୍ରାୟ ୭୦ହଜାର ମେଟ୍ରିକ୍ ଟନ୍ ଗୁଡ୍ ଆର୍ଥ (ମାଟି)କୁ ବିଏମ୍‌ସି ସରକାରୀ ତଥା ଘରୋଇ ଜମି ଭର୍ତ୍ତି କରିବାରେ ବ୍ୟବହାର କରୁଛି। ରୋଚକର କଥା ହେଲା ଘରୋଇ ଜମି ମାଲିକ, ଯାହାର ଜମି ଖାଲ ସ୍ଥାନରେ ରହିଛି ସେମାନଙ୍କୁ ବିଏମ୍‌ସି ମାଗଣାରେ ଗୁଡ୍ ଆର୍ଥ ପ୍ରଦାନ କରୁଛି। ନିଜେ ଗାଡ଼ି ଭଡା ଦେଇ ଟିଟିଏସ୍‌ରେ ଥିବା ଗୁଡ୍ ଆର୍ଥ ନେବା ଲାଗି ବିଏମ୍‌ସି ସୁବିଧା କରାଉଛି। ଏହାଛଡ଼ା ବିଏମସି ସରକାରୀ ଖାଲ ସ୍ଥାନ ଓ ଖାଲୁଆ ଜମିକୁ ଗୁଡ ଆର୍ଥ ପକାଇ ସମାନ କରୁଛି। ଏହି ଜମିକୁ ଏବେ କିଛି ଦିନ ସେହିପରି ଛଡ଼ାଯିବ। ଖରା ବର୍ଷା ଖାଇବା ପରେ ଏହାର ମାନ ଯାଞ୍ଚ କରାଯାଇ, ସରକାରୀ ଜମିର ବିକାଶ କରାଯିବ ବୋଲି ବିଏମ୍‌ସି ଲକ୍ଷ୍ୟ ରଖିଥିବା ପରିମଳ ବିଭାଗ ପକ୍ଷରୁ କୁହାଯାଇଛି। ଫେବ୍ରୁଆରୀ ମାସଠାରୁ ବିଏମସି ଶତ ପ୍ରତିଶତ ବର୍ଜ୍ୟ ପ୍ରକ୍ରିୟାକରଣ କରିବାକୁ ଲକ୍ଷ୍ୟ ରଖିଛି। ଓଦା ଶୁଖଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟ ମିଶିକି ରହୁଥିବାରୁ ଏହାକୁ ଅଲଗା ଅଲଗା କରି ପ୍ରକ୍ରିୟାକରଣ କରିବାରେ ସମସ୍ୟା ଉପୁଜୁଛି। ଦୈନିକ ଶତ ପ୍ରତିଶତ ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ନାଗରିକଙ୍କ ସହଭାଗିତା ଲାଗି ବିଏମସି ଅପିଲ୍ କରିଛି। ସୂଚନାଯୋଗ୍ୟ, ଦାରୁଠେଙ୍ଗରେ ବର୍ଜ୍ୟ ଫିଙ୍ଗା ବନ୍ଦ ହେବା ପରେ ସୈନିକ ସ୍କୁଲ୍ ନିକଟରେ ଥିବା ଟିଟିଏସ୍‌ରେ ଏବେ ସହରର ବଳକା ବର୍ଜ୍ୟ ପଡୁଛି।

- ୫୦ ଦିନରେ ୧ ଲକ୍ଷ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ
- ଦୈନିକ ବାହାରୁଛି ୬୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ
- ଫେବ୍ରୁଆରୀରୁ ଶତପ୍ରତିଶତ ପ୍ରକ୍ରିୟାକରଣ ଲକ୍ଷ୍ୟ





## ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ

# ଜନ୍ମବେଦୀରେ ବିରାଜିଲେ ରାମଲାଲା

**ଅଯୋଧ୍ୟା,୨୨।୧(ଏଜେନ୍ସି)**

ସବୁ ପ୍ରତୀକ୍ଷାର ଅନ୍ତ ହୋଇଛି । ଶାନ୍ତି-ପ୍ରୀତି ,ସତ୍ୟ ଓ ନ୍ୟାୟର ପ୍ରତୀକ ତଥା ସନାତନ ଧର୍ମୀୟ ଭାବନାର ପ୍ରାଣ ବିଭୁ ପ୍ରଭୁ ରାମଲାଲା ନିଜ ଜନ୍ମବେଦୀରେ ବିରାଜମାନ କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସୋମବାର ଦିନ ୧୨ଟା ୨୦ ମିନିଟ୍‌ରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇ ୮୪ ସେକେଣ୍ଡ ମଧ୍ୟରେ ଶେଷ ହୋଇଛି । ପ୍ରାୟ ୪୫ ମିନିଟ୍ ଧରି ବେଦ ମାଙ୍ଗଳିକ ସହ ମନ୍ତ୍ର ଉଚ୍ଚାରଣ,ଶଙ୍ଖଧ୍ୱନୀ ଏବଂ ଜୟଶ୍ରୀରାମ ଧ୍ୱନୀରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଛି । ଗର୍ଭଗୃହରେ ପ୍ରତୀକ ଯଜମାନ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ରହିବା ସହିତ ଆରଏସଏସ ପ୍ରମୁଖ ମୋହନ ଭଗବତ୍, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଏବଂ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ଉପସ୍ଥିତ ଥିଲେ । ମୋଦୀ ଆଚାର୍ଯ୍ୟ ଏବଂ ପୁରୋହିତଙ୍କ ଦ୍ୱାରା ପୂଜା ଅନୁଷ୍ଠାନରେ ଯୋଗ ଦେଇ ପ୍ରଭୁ ଶ୍ରୀରାମଙ୍କୁ ଆବାହନ କରିଥିଲେ । ଏହାପରେ ବିଧିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଶେଷ କରାଯିବା ସହ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଶେଷ କରାଯାଇଥିଲା । ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠାର ଐତିହାସିକ ମୁହୂର୍ତ୍ତକୁ ନେଇ ଅଯୋଧ୍ୟା ସହର ସମେତ ସାରା ଦେଶ ରାମମୟ ହୋଇପଡ଼ିବା ସହିତ ରାମନାମ ସ୍ପନ୍ଦିତ ମନ୍ତ୍ରରେ ଏକ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା । ବିଭିନ୍ନ ସ୍ଥାନରେ ହନୁମାନ ଚାଳିଶା ପାଠ ସାଙ୍ଗକୁ ରାମଧୂନ, ଘଣ୍ଟ, ଶଙ୍ଖଧ୍ୱନୀ ଏବଂ ରାମ କୀର୍ତ୍ତନରେ ଭକ୍ତମଣ୍ଡଳୀ ନିଜକୁ ହଜାଇ ଦେଇଥିବା ଦେଖାଯାଇଥିଲା । ଦୀର୍ଘ ୫୦୦ ବର୍ଷର ପ୍ରତୀକ୍ଷା ପରେ ପ୍ରଭୁ ଶ୍ରୀରାମ ନବ ନିର୍ମିତ ଭବ୍ୟ ମନ୍ଦିରରେ ବିରାଜମାନ ହୋଇଥିବାରୁ ଦେଶର କୋଟି କୋଟି ରାମ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଥିଲା ।



## ଆଜିଠାରୁ ମିଳିବ ଦର୍ଶନ

ଭକ୍ତଙ୍କ ପାଇଁ ରାମଲାଲାଙ୍କ ଦର୍ଶନ ମଙ୍ଗଳବାର ଠାରୁ ଆରମ୍ଭ ହେବ । ସକାଳ ବେଳା ସାଢେ ଚାରି ଘଣ୍ଟା ଏବଂ ଅପରାହ୍ଣରେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ପ୍ରଭୁଙ୍କୁ ଦର୍ଶନ କରିପାରିବେ । ସକାଳ ୭ଟାରୁ ଦିନ ୧୧.୩୦ ଏବଂ ଅପରାହ୍ଣ ୨ଟାରୁ ସଂଧ୍ୟା ୭ଟା ଯାଏ ଦର୍ଶନ ହୋଇପାରିବ । ଶୃଙ୍ଗାର ଆଳତି ସକାଳ ୬.୩୦ ମିନିଟରେ ଓ ସଂଧ୍ୟା ଆଳତି ସାତଟା ୩୦ ମିନିଟରେ ହେବ । ଆଳତିରେ ସାମିଲ ହେବା ପାଇଁ ଶ୍ରଦ୍ଧାଳୁଙ୍କ ନିକଟରେ ପାସ୍ ରହିବା ଜରୁରୀ ।



## ଚିତାକର୍ଷକ ରତ୍ନ ଆଭୂଷଣ

ଭକ୍ତ ଜନମାନସକୁ ପ୍ରଭୁ ରାମଲାଲାଙ୍କ ରତ୍ନ ଆଭୂଷିତ ଶରୀର ବିଭୋର କରିଦେଇଛି । ପ୍ରଭୁଙ୍କ ମସ୍ତକରେ ପ୍ରାୟ ୧.୭ କିଲୋ ଓଜନର ସୁନା ମୁକୁଟ ଶୋଭା ବର୍ଦ୍ଧନ କରୁଥିବା ବେଳେ ଏଥିରେ ୭୫ କ୍ୟାରାଟ୍‌ର ହୀରା, ୧୩୫ କ୍ୟାରାଟ୍ ଜାମ୍ବିଆନ୍ ମର୍କତ ବା ପାନ୍ନା, ୨୬୨ କ୍ୟାରାଟ୍ ମାଣିକ୍ୟ ଖଚିତ ହୋଇଛି । ସେହିପରି ରାମଲାଲାଙ୍କ ତିଳକ ୧୬ ଗ୍ରାମ ସୁନାରେ ପ୍ରସ୍ତୁତ କରାଯାଇଛି । ତିଳକ ମଧ୍ୟ ଭାଗରେ ୩ କ୍ୟାରାଟ୍ ହୀରା ଖଚିତ ହେବା ସହିତ ଏହାର ଚାରିପଟେ ପ୍ରାୟ ୧୦ କ୍ୟାରାଟ୍‌ର ଛୋଟ ଛୋଟ ହୀରା ଲାଗିଛି । ପ୍ରଭୁଙ୍କ ଦୁଇ ଭ୍ରୂଲତା ମଧ୍ୟରେ ରହିଥିବା ଆଜ୍ଞାଚକ୍ରରେ ବର୍ମାର ମାଣିକ୍ୟ ଲାଗିଛି । ସେହିପରି ପ୍ରଭୁଙ୍କ ଦକ୍ଷିଣ ହସ୍ତରେ ୬୫ ଗ୍ରାମର ମର୍କତ ଖଚିତ ମୁଦ୍ରିକା ରହିଛି । ମର୍କତ ବ୍ୟତୀତ ଏଥିରେ ୪ କ୍ୟାରାଟ୍ ହୀରା, ୩୩ କ୍ୟାରାଟ୍ ଏମରାଲ୍ଡ ରହିଛି । ବାମ ହସ୍ତରେ ରହିଥିବା ମୁଦ୍ରିକାରେ ୨୬ ଗ୍ରାମ ସୁନା ସହିତ ହୀରା ଏବଂ ମାଣିକ୍ୟ ଖଚିତ ହୋଇଛି । ଏହାବ୍ୟତୀତ ରାମଲାଲାଙ୍କ ଗଳାରେ ଶୋଭାପାଉଥିବା ହାର ମଧ୍ୟ ମଧ୍ୟ ବେଶ ଚିତାକର୍ଷକ । ଏହାର ଓଜନ ପ୍ରାୟ ୫୦୦ ଗ୍ରାମ ରହିଥିବା ବେଳେ ଏଥିରେ ୫୦ କ୍ୟାରାଟ୍ ହୀରା, ୧୫୦ କ୍ୟାରାଟ୍ ମାଣିକ୍ୟ,୩୮୦ କ୍ୟାରାଟ୍ ଏମେରାଲ୍ଡ ରହିଛି । ସେହିପରି କମରବନ୍ଧ ଏବଂ ଭୁଜବନ୍ଧ ସହ ହାତ କଙ୍କଣ ଏବଂ ପାଉଜିରେ ସୁନା ସହ ବହୁ ରତ୍ନପଥର ଖଚିତ ହୋଇଛି ।

## ନୂତନ ସମୟଚକ୍ରର ଆରମ୍ଭ: ମୋଦୀ

ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ମୁହୂର୍ତ୍ତକୁ ଐତିହାସିକ ବୋଲି ବର୍ଣ୍ଣନା କରିବା ସହିତ ଏହା କେବଳ ବିଜୟ ନୁହେଁ, ବରଂ ବିନୟର ଉତ୍ସବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଶେଷ ହେବା ପରେ ଏହି ଭବ୍ୟ ଉତ୍ସବକୁ ଆମନ୍ତ୍ରିତ ହୋଇଥିବା ଅତିଥି ମଣ୍ଡଳୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ନବ ନିର୍ମିତ ଭବ୍ୟ ମନ୍ଦିରରେ ପ୍ରଭୁଙ୍କ ବିରାଜମାନ ଉତ୍ସବ କେବଳ ବିଜୟର ଉତ୍ସବ ନୁହେଁ । ଏହା ହେଉଛି ଭାରତବାସୀଙ୍କ ପାଇଁ ବିନୟର ଉତ୍ସବ ମଧ୍ୟ । ଏହି ଭବ୍ୟ ମନ୍ଦିର ଭାରତବାସୀଙ୍କ ପରିପକ୍ୱତାକୁ ମଧ୍ୟ ପ୍ରମାଣିତ କରିଛି । ରାମଲାଲାଙ୍କ ଏହି ଭବ୍ୟ ମନ୍ଦିର ଶାନ୍ତି,ପ୍ରୀତି, ଧୈର୍ଯ୍ୟ, ସହନଶୀଳତା ଏବଂ ପ୍ରଗତିର ସୂଚକ । ଆମେ କେବଳ ପ୍ରଭୁ ରାମଙ୍କୁ ପ୍ରତିଷ୍ଠା କରି ଚୁପ୍ ହୋଇ ବସିଯିବା ନାହିଁ । ବରଂ ଏହି ଅବସରରେ ଆଗାମୀ ୧୦୦୦ ବର୍ଷ ପାଇଁ ଏକ ସଶକ୍ତ ଏବଂ ବିକଶିତ ଭାରତ ପାଇଁ ସଂକଳ୍ପ ନେବା ହିଁ ଉଚିତ ହେବ ବୋଲି ମୋଦୀ କହିଛନ୍ତି । ବିରୋଧୀମାନଙ୍କୁ ନିଶାଣ କରି ସେ କହିଛନ୍ତି ଯେ, ରାମ ମନ୍ଦିର ପ୍ରତିଷ୍ଠା ହେଲେ ସାରା ଦେଶରେ ନିଆଁ ଲାଗିଯିବ ବୋଲି କିଛି ଲୋକ କହୁଥିଲେ । କିନ୍ତୁ ପ୍ରଭୁ ରାମ ନିଆଁର ପ୍ରତୀକ ନୁହେଁ ବରଂ ଶକ୍ତିର ପ୍ରତୀକ । ତେଣୁ ରାମଙ୍କ ପ୍ରତିଷ୍ଠା ଦ୍ୱାରା ଏକ ନୂଆ ଯୁଗ ଆରମ୍ଭ ହୋଇଛି ଏବଂ ଭାରତ ଆଗକୁ ଆହୁରି ବିକଶିତ ହୋଇ ବିଶ୍ୱଗୁରୁ ଭାବେ ପ୍ରତିଷ୍ଠାଲାଭ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ପ୍ରଭୁ ରାମଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୧ ଦିନ ତଳୁ ଆରମ୍ଭ କରିଥିବା ବ୍ରତ ସମାପନ କରିଛନ୍ତି । ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସହ ଆଖିରୁ ପଟି ଖୋଲାଯିବା ପରେ ମୋଦୀ ଚରଣାମୃତ ପିଇ ତାଙ୍କ ଉପବାସ ଭଙ୍ଗ କରିଛନ୍ତି ।

## ୧୮୦ରୁ ଅଧିକ ଶିଶୁ ଜନ୍ମ

ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଅବସରରେ ସାରା ଦେଶରେ ଅନେକ ଶୁଭ କାମ ହୋଇଛି । କେବଳ ମଧ୍ୟପ୍ରଦେଶ ଇନ୍ଦୋରର ଘରୋଇ ଏବଂ ସରକାରୀ ଡାକ୍ତରଖାନାରେ ୧୮୦ରୁ ଅଧିକ ଶିଶୁ ଜନ୍ମ ନେଇଛନ୍ତି । ଦେଶରେ ଏହି ସଂଖ୍ୟାଠାରୁ ଢେର ଅଧିକ ଶିଶୁ ଜନ୍ମ ହୋଇଥିବା କୁହାଯାଉଛି । ଇନ୍ଦୋରରେ କିଛି ଲୋକ ପ୍ରାଣ ପ୍ରତିଷ୍ଠାର ଶୁଭ ମୁହୂର୍ତ୍ତରେ ଅସ୍ତ୍ରୋପଚାର କରି ଶିଶୁକୁ ଜନ୍ମ ଦେବାକୁ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ଅନୁରୋଧ କରିଥିଲେ । ଏଠାକାର କନୁପ୍ରିୟା ବ୍ୟାସ ଏକ ଘରୋଇ ହସ୍ପିଟାଲରେ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି । ଏହି ମୁହୂର୍ତ୍ତରେ ସନ୍ତାନ ଜନ୍ମ ଦେଇ ସେ ଧନ୍ୟ ହୋଇଥିବା କହିଛନ୍ତି ।

## 'ମୁଁ ଦୁନିଆର ସବୁଠୁ ଭାଗ୍ୟଶାଳୀ'



ଅରୁଣ ଯୋଗୀରାଜ

ନବ ନିର୍ମିତ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ଏହାର ଅପୂର୍ବ ଦୃଶ୍ୟ ସବୁ ରାମ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରାଣ ସ୍ପନ୍ଦନ ସୃଷ୍ଟି କରିଛି । ବିଶେଷକରି ପ୍ରଭୁ ରାମଙ୍କ ସୁଶୋଭିତ ଜୀବନ୍ତ ମୂର୍ତ୍ତିକୁ ଦେଖି ସମସ୍ତେ ଭାବବିହ୍ୱଳ ହୋଇପଡ଼ିବା ସହିତ ଆନନ୍ଦ ଅଶ୍ରୁକୁ ରୋକି ପାରୁନାହାନ୍ତି । ତେବେ ଭକ୍ତ ଜନମାନସର ଏହି ଭାବକୁ ଦେଖି ଆନନ୍ଦ ଓ ତୃପ୍ତିରେ ବିଭୋର ହୋଇପଡ଼ିଛନ୍ତି କର୍ଣ୍ଣାଟକର ସ୍ଥପତି ଅରୁଣ ଯୋଗୀରାଜ । ରାମଙ୍କ ଏହି ମୂର୍ତ୍ତି ନିର୍ମାଣ କରିଥିବା ଅରୁଣ ନିଜକୁ ଧନ୍ୟ ମଣିବା ସହ ସେ ଦୁନିଆର ସବୁଠୁ ଭାଗ୍ୟଶାଳୀ ବ୍ୟକ୍ତି ବୋଲି କହିଛନ୍ତି । ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, 'ମୋତେ ଏମିତି ଲାଗୁଛି, ଯେମିତି ମୁଁ ପୃଥିବୀର ସବୁଠାରୁ ଭାଗ୍ୟବାନ ବ୍ୟକ୍ତି । ପ୍ରଭୁ ରାମଙ୍କ ସହ ମୋର ପୂର୍ବଜ ଏବଂ ସମସ୍ତ ପରିବାର ସଦସ୍ୟଙ୍କ ଆଶୀର୍ବାଦ ରହିଛି । ଯେଉଁଥିପାଇଁ ଆଜି ଏତେ ବଡ଼ ସଫଳତାର ଅଧିକାରୀ ହୋଇପାରିଛି' ।



## ମରାଠାୱାଡ଼ାରେ ୧,୦୮୮ ଚାଷୀଙ୍କ ଆତ୍ମହତ୍ୟା

**ମୁମ୍ବଇ, ୨୨।୧ (ଏଜେନ୍ସି):** ମହାରାଷ୍ଟ୍ରରେ ସରକାର ପରେ ସରକାର ବଦଳିବାରେ ଲାଗିଛି । କିନ୍ତୁ ଚାଷୀ ଆତ୍ମହତ୍ୟାରେ କୌଣସି ପରିବର୍ତ୍ତନ ହେଉନାହିଁ । ଗତ ବର୍ଷ କେବଳ ମରାଠାୱାଡ଼ା କ୍ଷେତ୍ରର ୮ ଜିଲ୍ଲାରେ ୧,୦୮୮ ଚାଷୀ ଆତ୍ମହତ୍ୟା କରିଥିଲେ । ଏମାନଙ୍କ ମଧ୍ୟରେ ବିଡ୍‌ରେ ୨୬୯, ଛତ୍ରପତି ସମ୍ଭାଜୀନଗରର ୧୮୨, ନାନ୍ଦେଦର ୧୭୫, ଧାରାଶିବର ୧୭୧, ପରଭାଣୀର ୧୦୩ଜଣ ସାମିଲ ଅଛନ୍ତି ।

● 'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗ

## ସପକ୍ଷରେ ୮୧% ଜନମତ

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** 'ଏକ ଦେଶ ଏକ ନିର୍ବାଚନ'କୁ ବିରୋଧୀ ଦଳଗୁଡ଼ିକ ବିରୋଧ କରୁଛନ୍ତି । ନିକଟରେ କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟି (ଆପ୍) ଏହା ବିରୋଧରେ ମନ୍ତବ୍ୟ ଦେଇଛନ୍ତି । ମାତ୍ର ଏକା ସଙ୍ଗେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରାଇବା ସପକ୍ଷରେ ଜନତା ମତ ଦେଇଛନ୍ତି । ୮୧ ପ୍ରତିଶତ ଲୋକ ଏହାକୁ ସମର୍ଥନ କରିଛନ୍ତି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଗଠିତ ଏକ ଦେଶ, ଏକ ନିର୍ବାଚନ କମିଟିକୁ ସାରା ଦେଶରୁ ୨୦,୯୭୨ ପ୍ରସ୍ତାବ ମିଳିଛି । ୧୭ ରାଜନୈତିକ ଦଳ ମଧ୍ୟ ଏହା ଉପରେ ରାୟ ଦେଇଛନ୍ତି । ତେବେ ଏହି କମିଟି ୪୬ ରାଜନୈତିକ ଦଳଙ୍କୁ ମତାମତ ଦେବାକୁ କହିଥିଲା । କମିଟି ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି । ଏକ ଦେଶ, ଏକ ନିର୍ବାଚନ କମିଟି ଗତ ୫ ତାରିଖରେ ଏକ ନୋଟିସ ଜାରି କରିଥିଲା । ଏହା ଉପରେ ଫେବୃଆରୀ ୧୫ ସୁଦ୍ଧା ମତାମତ ଦେବା ପାଇଁ କୁହାଯାଇଥିଲା । ରବିବାର ଶ୍ରୀକୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଦେଶ, ଏକ ନିର୍ବାଚନ କମିଟିର ତୃତୀୟ ବୈଠକ ବସିଥିଲା । ଏହି ବୈଠକରେ ଗୁଲାମ ନବୀ ଆଜାଦ, ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ୧୫ତମ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ଏନକେ ସିଂହ, ପୂର୍ବତନ ଲୋକସଭା ମହାସଚିବ ସୁଭାଷ ସି କଶ୍ୟପ ଏବଂ ପୂର୍ବତନ ମୁଖ୍ୟ ଭିଜିଲାନ୍ସ ଅଧିକାରୀ ସାମିଲ ହୋଇଥିଲେ ।

## ହେମନ୍ତ ସୋରେନଙ୍କୁ ପୁଣି ଇଡି ସମନ

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଇଡି ପୁଣି ସୋମବାର ସମନ ଜାରି କରିଛି । ମନି ଲଣ୍ଡରିଂ ମାମଲାରେ ବୟାନ ରେକର୍ଡ ପାଇଁ ୨୭ରୁ ୩୧ ତାରିଖ ଭିତରେ ହାଜର ହେବାକୁ କହିଛି । ବାରିୟତୁ ଅଞ୍ଚଳରେ ଥିବା ୮.୫ ଏକରର ଏକ ପ୍ଲଟରେ ହୋଇଥିବା ବେଆଇନ କାରବାରକୁ ନେଇ ଜେରା କରିବାକୁ ଚାହୁଁଛି ।

## ଭୂକମ୍ପରେ ଥରିଲା ଦିଲ୍ଲୀ, ଏନ୍‌ସିଆର

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ଦିଲ୍ଲୀ ଏବଂ ଏନ୍‌ସିଆରରେ ସୋମବାର ରାତିରେ ଭୂକମ୍ପର ଜୋରଦାର ଝଟ୍‌କା ଅନୁଭୂତ ହୋଇଛି । ଏଥିଯୋଗୁଁ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଛନ୍ତି । ତେବେ ଏଥିରେ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ । ଚୀନ୍‌ର ଶିନଜିୟାଙ୍ଗରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା । ଏହାର ତୀବ୍ରତା ୭.୨ ଥିଲା ।

## ଚୀନ୍‌ରେ ଭୂସ୍ଖଳନ; ୮ ମୃତ

**ବେଜିଂ, ୨୨।୧ (ଏଜେନ୍ସି):** ଚୀନ୍ ୟୁନାନ ପ୍ରଦେଶର ଝାଓତୋଙ୍ଗ ସହରରେ ସୋମବାର ବଡ଼ି ଭୋରରେ ବଡ଼ଧରଣର ଭୂସ୍ଖଳନ ହୋଇଛି । ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଛି । ୪୭ରୁ ଅଧିକ ଲୋକ ଅବଶେଷ ତଳେ ଫସି ରହିଛନ୍ତି । ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା ହେଉଛି । ଏ ପର୍ଯ୍ୟନ୍ତ ୫୦୦ ଲୋକଙ୍କୁ ସୁରକ୍ଷିତ ଭାବେ ବାହାର କରାଗଲାଣି । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଶୋଇଥିବା ସମୟରେ ଜୋରରେ ପବନ ହୋଇଥିଲା । ଅଚାନକ ବୋମା ଫାଟିବା ଭଳି ବିସ୍ଫୋରଣ ହୋଇଥିଲା । ପ୍ରଥମେ ଭୂକମ୍ପ ଆସିଥିବା ପରି ଲାଗିଥିଲା । ଏବେ ଘଟଣାସ୍ଥଳର ତାପମାତ୍ରା ବିୟୁକ୍ତ ୪ ଡିଗ୍ରୀ ସେଲ୍‌ସିୟସ ରହିଛି । ବରଫ ମଧ୍ୟ ଗଦା ହୋଇ ରହିଛି ।

## ମମତାଙ୍କ ସର୍ବଧର୍ମ ସଦ୍‌ଭାବନା ଯାତ୍ରା

**କୋଲକାତା,୨୨।୧(ଏଜେନ୍ସି) :** ସୋମବାର ଅଯୋଧ୍ୟାରେ ରାମଲାଲ୍ଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଚାଲିଥିଲା ବେଳେ ପଶ୍ଚିମବଙ୍ଗରେ ସର୍ବଧର୍ମ ସଦଭାବନା ଯାତ୍ରା କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ସେ କାଳୀଘାଟରେ ମା' କାଳୀଙ୍କ ଦର୍ଶନ କରିବା ପରେ କୋଲକାତାରେ ଏକ ସର୍ବଧର୍ମ ସଦଭାବନା ରାଲି କରିଥିଲେ । ହାଜରା ମୋଡ଼ରୁ ଆରମ୍ଭ ହୋଇଥିବା ଏହି ରାଲିରେ ସବୁ ଧର୍ମର ଲୋକ ସାମିଲ ହୋଇଥିଲେ । ଧର୍ମନିରପେକ୍ଷତା ଭିତ୍ତିରେ ଆମ ଦେଶରେ ସବୁଧର୍ମକୁ ସମ୍ମାନ ଦିଆଯାଇଥାଏ । ଯାହାକୁ ନେଇ ରାଷ୍ଟ୍ରୀୟ ଏକତା ଅତୁଟ ରହିଛି । ତେଣୁ ଏହି ମର୍ମକୁ ନେଇ ଆଜି ସର୍ବଧର୍ମ ସଦଭାବନା ଯାତ୍ରା କରାଯାଇଛି ବୋଲି ଟିଏମସି ପକ୍ଷରୁ କୁହାଯାଇଛି । ପାର୍କ ସର୍କସ ପଡ଼ିଆରେ ଏକ ବିଶାଳ ସମାବେଶ ସହ ଏହି ଶୋଭାଯାତ୍ରା ଶେଷ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ମମତାଙ୍କୁ ଆମନ୍ତ୍ରଣ କରାଯାଇଥିଲେ ହେଁ ସେ ଏଥିରେ ଯୋଗ ଦେବାକୁ ମନା କରିଦେଇଥିଲେ ।

## ଆସାମରେ ରାହୁଲଙ୍କୁ ମନ୍ଦିର ଯିବାକୁ ଦିଆଗଲାନି



● ଧାରଣା ଦେଇ ଗାଇଲେ ରଘୁପତି ରାଘବ ରାଜାରାମ
● ଆଜି କ'ଣ କେବଳ ଜଣେ ମନ୍ଦିର ଯାଇପାରିବ

**ଗୌହାଟୀ, ୨୨।୧ (ଏଜେନ୍ସି)**

କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ନବମ ଦିନରେ ପହଞ୍ଚିଛି । ଏହି ଯାତ୍ରା ସମୟରେ ରାହୁଲ ଆସାମର ନଗାଁଓ ସ୍ଥିତ ସନ୍ଥ ଶ୍ରୀ ଶଙ୍କରଦେବଙ୍କ ଜନ୍ମସ୍ଥଳୀରେ ପହଞ୍ଚି ଥିଲେ । ତେବେ ତାଙ୍କୁ ମନ୍ଦିରକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା । ରାହୁଲ ଏବଂ ଅନ୍ୟ କଂଗ୍ରେସ ନେତାଙ୍କୁ ସୁରକ୍ଷାବାହିନୀ ହୈବରଗାଁଓରେ ଅଟକାଇ ଦେଇଥିଲା । ଏଠାରେ ସୁରକ୍ଷାବାହିନୀ ସହ ରାହୁଲଙ୍କ ଯୁକ୍ତିତର୍କ ହୋଇଥିଲା । ପରେ ସେ ଏଠାରେ ଧାରଣା ଦେଇ 'ରଘୁପତି ରାଘବ ରାଜାରାମ' ଗୀତ ଗାଇଥିଲେ । ସେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନିଶାଣ କରି କହିଥିଲେ ଯେ କେଉଁ ଅପରାଧ କରିଥିବାରୁ ମନ୍ଦିରକୁ ଯିବାକୁ ଦିଆଯାଉ ନାହିଁ । ମନ୍ଦିରକୁ କିଏ ଯିବ ତାହା କ'ଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧାର୍ଯ୍ୟ କରିବେ । ଶଙ୍କରଦେବଙ୍କ ବିଚାରଧାରାରେ ବିଶ୍ୱାସ ରଖେ । ଗୁରୁଙ୍କ ଦର୍ଶନ ପାଇଁ ଗତ ୧୧ ତାରିଖରେ ନିମନ୍ତ୍ରଣ ମିଳିଥିଲା । କିନ୍ତୁ ଆଇନ ଶୃଙ୍ଖଳା ସ୍ଥିତି ବିଗିଡ଼ି ଯାଇପାରେ ବୋଲି ରବିବାର କୁହାଯାଇଥିଲା । ଏହା ପୂର୍ବରୁ ଗୌରବ ଗୋଗୋଇ ଏବଂ ଅନ୍ୟ ନେତାମାନଙ୍କୁ ଛାଡ଼ି ଦିଆଯାଇଥିଲା । କେବଳ ତାଙ୍କୁ ଅଟକା ଯାଇଥିବାରୁ ଅନେକ ସନ୍ଦେହ ସୃଷ୍ଟି ହେଉଛି ବୋଲି କହିଥିଲେ । ଏହା ପରେ ରାହୁଲ ଧାରଣା ବନ୍ଦ କରି ଯାତ୍ରା ସହ ମେଘାଳୟରେ ପ୍ରବେଶ କରିଥିଲେ । ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରାହୁଲଙ୍କୁ ମନ୍ଦିର ନ ଆସିବା ପାଇଁ ଅନୁରୋଧ କରିଥିଲେ । ଏବେ ସେ ବିକ୍ଷୋଭ ପ୍ରଦର୍ଶନକୁ ନେଇ କଂଗ୍ରେସ ସାଂସଦଙ୍କୁ ନିଶାଣ କରିଛନ୍ତି । ଆଜିର ଦିନରେ ୧୦ ମୁଣ୍ଡ ବିଶିଷ୍ଟ ରାବଣ କଥା ଆଲୋଚନା କରିବା ନାହିଁ । ୫୦୦ ବର୍ଷ ପରେ ଏଭଳି ଏକ ଦିନ ପଡ଼ିଛି । ଆଜି ରାମଙ୍କ ବିଷୟରେ ଆଲୋଚନା କରିବାର ଦିନ ବୋଲି କହିଛନ୍ତି ।

● ମହିଳା ସଂରକ୍ଷଣ ତୁରନ୍ତ କାର୍ଯ୍ୟକାରୀ ଦାବି

## କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

● ଆଇନ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେଇହେବନି
● ସିନ୍ଦେ ଗୋଷ୍ଠୀକୁ ନୋଟିସ ଜାରି

**ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି):** ମହିଳା ସଂରକ୍ଷଣକୁ ତୁରନ୍ତ କାର୍ଯ୍ୟକାରୀ କରିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଏହା ଉପରେ ୨ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତିନି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି । ସଂସଦରେ ପାରିତ ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ କଂଗ୍ରେସ ନେତ୍ରୀ ଜୟା ଠାକୁର ଏହି ଆବେଦନ ଦାଏର କରିଥିଲେ । ଅନ୍ୟ ଏକ ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ସଂସଦ ଦ୍ୱାରା ପାରିତ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇହେବ ନାହିଁ । ଏହା କୋର୍ଟଙ୍କ କ୍ଷମତା ବାହାରେ । ଆଇନ କାର୍ଯ୍ୟକାରୀ କରିବା ସରକାରଙ୍କ ଅଧିକାର ବୋଲି ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି । ଏହା ସହିତ 'ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍‌ସି' ଆଇନ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେବା ଦାବିରେ ଆଗତ ଆବେଦନକୁ ଖାରଜ କରିଦେଇଛନ୍ତି । ସେହିପରି ମହାରାଷ୍ଟ୍ର ବାଚସ୍ପତି ରାହୁଲ ନାର୍ବେକରଙ୍କ ରାୟ ବିରୋଧରେ ଉଦ୍ଧବ ଠାକରେ ଗୋଷ୍ଠୀ ଦ୍ୱାରା ଦାଏର ଆବେଦନ ଉପରେ ସୁପ୍ରିମକୋର୍ଟ ଶିବସେନାର ସିନ୍ଦେ ଗୋଷ୍ଠୀକୁ ସୋମବାର ନୋଟିସ ଜାରି କରିଛନ୍ତି । ୨ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପରିଶେଷରେ ଶତ୍ରୁର ଶବ୍ଦ ନୁହେଁ, ମିତ୍ରର ନିରବତା ହିଁ ମନେ ରହିବ
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ THE SAKALA

## ମ୍ୟାଁମାର ସୀମାରେ ତାରବାଡ଼ ପ୍ରସଙ୍ଗ

# ଭାରତ ଦୂରଦର୍ଶୀ ଓ ପ୍ରଭାବୀ ପଦକ୍ଷେପ ନେଉ

ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମୂହ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଅନଗ୍ରସର ଏବଂ ସମସ୍ୟାବହୁଳ। ସେ ଅଞ୍ଚଳର ପ୍ରତିକୂଳ ଭୂଗୋଳ ଏହାର ପ୍ରମୁଖ କାରଣ। ଆହୁରି ମଧ୍ୟ ଚୀନ୍, ମ୍ୟାଁମାର, ଭୂଟାନ, ନେପାଳ ଓ ବାଂଲାଦେଶର ସୀମାକୁ ଛୁଉଁଥିବା ଏହି ଅଞ୍ଚଳ ସାମରିକ ତଥା ରଣକୌଶଳାତ୍ମକ ଦୃଷ୍ଟିକୋଣରୁ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଅଞ୍ଚଳରେ ଥିବା ଆଠଟି ରାଜ୍ୟ ମଧ୍ୟରୁ ଆସାମକୁ ଛାଡ଼ି ଦେଲେ ଅନ୍ୟ ସାତଟି ଛୋଟ ରାଜ୍ୟ ଜନସଂଖ୍ୟା ଦୃଷ୍ଟିରୁ ମଧ୍ୟ ପଛରେ। ଏହାସତ୍ତ୍ୱେ ଭାରତ-ପୂର୍ବାଞ୍ଚଳ ଜାତିଗତ, ଭାଷାଗତ, ଧର୍ମଗତ ଓ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସ୍ପର୍ଶକାତର। ଏଠାରେ ଉଗ୍ରବାଦ, ଜାତିଗତ ଦଙ୍ଗା, ବେଆଇନ ନିଶା କାରବାର ଓ ସେବନ ତଥା ଛୋଟବଡ଼ ସଂଗଠିତ ଅପରାଧ ସଂଖ୍ୟା ଅଧିକ। ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ଏହି ଅଞ୍ଚଳ ମଧ୍ୟ ଅନଗ୍ରସର। ଏହାର ମୁଖ୍ୟ କାରଣ ହେଲା ସ୍ୱାଧୀନତାର ଦୀର୍ଘକାଳ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହି ଅଞ୍ଚଳର ସାମୂହିକ ବିକାଶ ପାଇଁ ବିଶେଷ ଦୃଷ୍ଟି ଦେଇନଥିଲେ। ଅବଶ୍ୟ ସମୟକ୍ରମେ ସେ ସ୍ଥିତି ବଦଳିଛି ଏବଂ ବିକଶିତ ଭାରତର ଅଗ୍ରଗତିରେ ଏହି ଅଞ୍ଚଳ ଏବେ ସାମିଲ ହୋଇଛି। କେନ୍ଦ୍ରରେ ଉତ୍ତର-ପୂର୍ବାଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଖୋଲାଯିବା ସହିତ ପ୍ରତ୍ୟେକ ମନ୍ତ୍ରଣାଳୟ ନିଜ ବଜେଟର ୧୦ ଶତାଂଶ ଏହି ଅଞ୍ଚଳର ବିକାଶ ପାଇଁ ବ୍ୟୟ କରୁଛନ୍ତି।

ପ୍ରାୟ ଦୁଇଦଶନ୍ଧି ତଳେ ଉତ୍ତର-ପୂର୍ବାଞ୍ଚଳ ଯାହା ଥିଲା ଏବେ ସେ ସ୍ଥିତିରେ ଆକାଶ ପାତାଳ ପରିବର୍ତ୍ତନ ଘଟିଛି। ଏହାପଛରେ ରହିଛି କେନ୍ଦ୍ର ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତି। ଯୋଗାଯୋଗ, ଗମନାଗମନ, ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, ରୋଜଗାର, ସାମାଜିକ ଓ ଆର୍ଥିକ ବିକାଶ ଭଳି ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିଛି। ନୂଆ ନୂଆ ଭିତ୍ତିଭୂମି ପ୍ରକଳ୍ପମାନ ବ୍ୟାପକ ଭାବେ କାର୍ଯ୍ୟକାରୀ ହେବା ସହିତ ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ଦେଶର ବିକାଶର ମୁଖ୍ୟଧାରାରେ ସାମିଲ କରାଯାଉଛି। ସେଠାରେ ରାଜନୈତିକ ସ୍ଥିରତା ବଢ଼ିଛି ଓ ହିଂସାକାଣ୍ଡ, ଜାତିଗତ ଦଙ୍ଗାଗୋଳ, ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। 'ଆକ୍ଟ ଇଷ୍ଟ' ନୀତିରେ ଭାରତ ସରକାର ଉତ୍ତର-ପୂର୍ବାଞ୍ଚଳକୁ ଭାରତର ପ୍ରବେଶ ଦ୍ୱାରରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି।

ଏସବୁ ସତ୍ତ୍ୱେ ଉତ୍ତର-ପୂର୍ବାଞ୍ଚଳରେ ବେଳେବେଳେ ଅଶାନ୍ତି ଓ ଜାତିଗତ ଦଙ୍ଗାଗୋଳ ବିସ୍ଫୋରଣାତ୍ମକ ରୂପ ନେଉଛି। ଭାରତର ଏହି ଅଞ୍ଚଳଟି ସବୁଠୁ ଅଧିକ ଅନୁପ୍ରବେଶପ୍ରବଣ ଓ ଜାତିଗତ ଦୃଷ୍ଟିରୁ ଅଧିକ ସଂବେଦନଶୀଳ। ବିଭିନ୍ନ ଦେଶର ସୀମାକୁ ଛୁଇଁଥିବା ଏହି ଅଞ୍ଚଳର ସୀମାନ୍ତ ଉତ୍ତୁଙ୍ଗ ପାହାଡ଼ ପର୍ବତ ଓ ବିପଜ୍ଜନକ ଉପତ୍ୟକା, ନଦୀ ଏବଂ ଘନ ଜଙ୍ଗଲ ଯୋଗୁଁ ସୁରକ୍ଷିତ ନୁହେଁ। ବିଶେଷକରି ବାଂଲାଦେଶ ଓ ମ୍ୟାଁମାରରୁ ଏହି ଅଞ୍ଚଳକୁ ସର୍ବାଧିକ ଅନୁପ୍ରବେଶ ଘଟିଥାଏ। ମ୍ୟାଁମାରର ଅପରାଧୀ, ବିଦ୍ରୋହୀ ଓ ନିଶାବେପାରୀ ଏହି ମୁକୁଳା ତଥା ଶ୍ୱାପଦସଂକୁଳ ସୀମାର ସୁଯୋଗ ନେଇ ଭାରତ ଭିତରେ ଅନାୟାସରେ ପ୍ରବେଶ କରି ଅସ୍ଥିରତା ସୃଷ୍ଟି କରିଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ମୁକୁଳା ମ୍ୟାଁମାର ସୀମାରେ ତାରବାଡ଼ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର କାରଣ ହେଲା ମ୍ୟାଁମାରରୁ ବିଦ୍ରୋହୀ ଓ ଅନୁପ୍ରବେଶକାରୀ ଅଧିକ ସଂଖ୍ୟାରେ ଭାରତକୁ ଆସୁଛନ୍ତି ଓ ନାନା ପ୍ରକାର ହିଂସାକାଣ୍ଡ ସୃଷ୍ଟି କରୁଛନ୍ତି।

ଏହି ନିଷ୍ପତ୍ତି ଭଲ ହୋଇଥିଲେ ମଧ୍ୟ ଏହା ଏକ ସହଜସାଧ୍ୟ କାର୍ଯ୍ୟ ନୁହେଁ। ଭାରତ ଓ ମ୍ୟାଁମାର ମଧ୍ୟରେ ଯେଉଁ ଆନ୍ତର୍ଜାତିକ ସୀମାରେଖା ରହିଛି, ତାହାର ଦୈର୍ଘ୍ୟ ପ୍ରାୟ ୧୬୦୦ କିମି। ଏହା ପୁଣି ଅରୁଣାଚଳ ପ୍ରଦେଶରୁ ନାଗାଲାଣ୍ଡ, ମଣିପୁର ଓ ମିଜୋରାମ ଯାଏଁ ଲମ୍ବିଛି। ଏହି ସୀମା ଅଗମ୍ୟ ଗିରିସାକଟ ଓ ପାର୍ବତ୍ୟ ଉପତ୍ୟକା ମଧ୍ୟରେ ରହିଛି, ଯେଉଁଠି ସାମଗ୍ରୀ ଓ ଲୋକବଳ ପହଞ୍ଚାଇବା ଏକପ୍ରକାର ଦୁଃସାଧ୍ୟ। ସୀମା ସୁରକ୍ଷା ବାହିନୀ ପାଇଁ ମଧ୍ୟ କେତେକ ଅଞ୍ଚଳ ଅଗମ୍ୟ। ତଥାପି ନୂଆ ଟେକ୍ନୋଲୋଜି ଓ ସାଧନ ମାଧ୍ୟମରେ ଏହି ସୀମାନ୍ତ ତାରବାଡ଼ ନିର୍ମାଣ କରିବା ଅସାଧ୍ୟ ନୁହେଁ। ତଥାପି ଏଥିରେ ଚତୁର ରାଜନୈତିକ ନିଷ୍ପତ୍ତିର ଆବଶ୍ୟକତା ରହିଛି। ମଣିପୁର, ନାଗାଲାଣ୍ଡ ଓ ମିଜୋରାମର କେତେକ ଜନଜାତିଙ୍କ ସହିତ ସାମାଜିକ-ସାଂସ୍କୃତିକ ସମ୍ପର୍କ ଥିବା କିଛି ଜାତି ମ୍ୟାଁମାରରେ ବସବାସ କରନ୍ତି। ଉଭୟପକ୍ଷ ବିନା ଦ୍ୱିଧାରେ ନିଜର ଇଚ୍ଛାମତେ ସୀମା ପାର ହୋଇଥା'ନ୍ତି ଏବଂ ସେମାନଙ୍କ ଜାତିଗତ ଓ ସାଂସ୍କୃତିକ ସମ୍ବନ୍ଧ ଆଗରେ ଆନ୍ତର୍ଜାତିକ ସୀମାରେଖା ଓ ଜାତୀୟତା ଅର୍ଥହୀନ। ମ୍ୟାଁମାରର କୁକୀଚୀନ୍ ସମ୍ପ୍ରଦାୟ ସେଠାକାର ସାମରିକ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପରେ ଏହି ତିନି ରାଜ୍ୟରେ ଆଶ୍ରୟ ନେବା ସହ ବିଭିନ୍ନ ପ୍ରକାର ଅସ୍ଥିରତା ସୃଷ୍ଟି କରୁଛନ୍ତି।

୨୦୨୧ରେ ମ୍ୟାଁମାର ସାମରିକ ବିଦ୍ରୋହ ପରଠାରୁ ସେଠାରୁ ଅନେକ ଶରଣାର୍ଥୀ ଓ ବିଦ୍ରୋହୀ ଏହି ମୁକୁଳା ସୀମା ଦେଇ ମୁଖ୍ୟତଃ ମଣିପୁର, ନାଗାଲାଣ୍ଡ ଓ ମିଜୋରାମ ମଧ୍ୟକୁ ପଶି ଆସିଛନ୍ତି। ସେମାନେ ସୀମା ନିକଟ ଘଞ୍ଚ ଜଙ୍ଗଲରେ ଆଶ୍ରୟ ନେଇ ଗୁପ୍ତରେ ଅସ୍ତ୍ରଶସ୍ତ୍ର ନିର୍ମାଣ, ଅସ୍ତ୍ର ଓ ମାଦକଦ୍ରବ୍ୟ ଚୋରା ଚାଲାଣ ଏବଂ ଅନ୍ୟାନ୍ୟ ଗର୍ହିତ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେମାନେ ଚୋରା ଅସ୍ତ୍ରଶସ୍ତ୍ର ଓ ମାଦକଦ୍ରବ୍ୟର ଅବାଧ କାରବାର ଉତ୍ତର-ପୂର୍ବାଞ୍ଚଳରେ ଚଳାଇଛନ୍ତି। ଜାତିଗତ ଓ ବିରାଦାରୀ, ଧାର୍ମିକ ପ୍ରସଙ୍ଗ ଏବଂ ରାଜନୈତିକ ଫାଇଦା ଆଦି ଦୃଷ୍ଟିରୁ ଅରୁଣାଚଳ, ମଣିପୁର, ନାଗାଲାଣ୍ଡ ଓ ମିଜୋରାମରେ ସୀମାନ୍ତକୁ ମୁକୁଳା ରଖିବାକୁ ସରକାରଙ୍କ ଉପରେ ଚାପ ବଢୁଛି। ସ୍ୱାଗତଯୋଗ୍ୟ ଯେ ଏସବୁ ରାଜ୍ୟର ଅଧିକାଂଶ ଲୋକ ଖ୍ରୀଷ୍ଟଧର୍ମାବଲମ୍ବୀ। ୨୦୧୮ର 'ଆକ୍ଟ ଇଷ୍ଟ' ନୀତି ଅନୁସାରେ ଭାରତ-ମ୍ୟାଁମାର ସୀମାର ଉଭୟ ପାର୍ଶ୍ୱର ୧୬ କିମି ଯାଏଁ ରହୁଥିବା ନାଗରିକ ନିର୍ବିଘ୍ନରେ ଦୁଇଦେଶରେ ପ୍ରବେଶ କରି ବିଭିନ୍ନ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ କାରବାର କରୁଥିଲେ। ଏବେ ତାରବାଡ଼ ଦିଆଗଲେ ଉଭୟ ପଟୁ ତାହାକୁ ବିରୋଧ କରାଯିବ ଏବଂ ଏହା ରାଜନୈତିକ ଓ କୂଟନୈତିକ ଅଶାନ୍ତି ସୃଷ୍ଟି କରିବ। ମଣିପୁରକୁ ଛାଡ଼ି ଦେଲେ ଅନ୍ୟସବୁ ମ୍ୟାଁମାର ସଂଲଗ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ କୁକି-ଚୀନ ଗୋଷ୍ଠୀଙ୍କ ପ୍ରତି ସହାନୁଭୂତିଶୀଳ ଏବଂ ସେଥିପାଇଁ ତାରବାଡ଼ ନିର୍ମାଣକୁ ଭିତରେ ଭିତରେ ବିରୋଧ କରୁଛନ୍ତି।

ଜାତୀୟ ନିରାପତ୍ତା ଦୃଷ୍ଟିରୁ ସୀମାନ୍ତର ତାରବାଡ଼ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବାବେଳେ ଉତ୍ତର-ପୂର୍ବାଞ୍ଚଳର ଅନେକ ଜନଜାତି ଏହାକୁ ବିଭାଜନର ଏକ ପାଚେରି ଭାବେ ଦେଖୁଛନ୍ତି। ସେମାନଙ୍କ ଅସନ୍ତୋଷ ଜାତିଗତ ଓ ରାଜନୈତିକ ଉତ୍ତେଜନା ସୃଷ୍ଟି କରୁଛି। ଦେଶର ନିରାପତ୍ତା ଓ ସଂହତି ରକ୍ଷା ପାଇଁ ମ୍ୟାଁମାର ସୀମାନ୍ତରେ ତାରବାଡ଼ର ଆବଶ୍ୟକତା ଜରୁରୀ। ତେବେ ଜାତିଗତ ଦୃଷ୍ଟିରୁ ଅତ୍ୟନ୍ତ ସ୍ପର୍ଶକାତର ଓ ରାଜନୈତିକ ଦୃଷ୍ଟିରୁ ଅସ୍ଥିର ତଥା ଉଗ୍ରବାଦ ଅଧ୍ୟୁଷିତ ଏହି ଇଲାକାରେ ସରକାର କିଭଳି ଏହି ଯୋଜନାକୁ କାର୍ଯ୍ୟକାରୀ କରିବେ ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଚତୁର ରାଜନୈତିକ ପ୍ରୟାସ, ଦକ୍ଷ ପରିଚାଳନା ସାମର୍ଥ୍ୟ ଓ ପ୍ରତ୍ୟୁତ୍ପନ୍ନମତିତାର ଆବଶ୍ୟକତା ରହିଛି।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଗାନ୍ଧୀଙ୍କ ଦୃଷ୍ଟିରେ ରାମନାମ ଓ ରାମରାଜ୍ୟ



ପ୍ରହଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ପିଲାଦିନେ ଅତି ଡରକୁଳା ଥିବା ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କୁ ଡର ଛଡ଼ାଇବା ପାଇଁ ତାଙ୍କ ଧାଇ ମା' ରମ୍ଭା ଗୋଟିଏ ମନ୍ତ୍ର ଦେଇଥିଲେ- ତାହା ହେଉଛି 'ରାମନାମ'। ଧାଇ ମା' ରମ୍ଭାଙ୍କ ଉପରେ ୫-୬ ବର୍ଷର ଶିଶୁ ମୋହନଙ୍କର ଏତେ ଆସ୍ଥା ଥିଲା ଯେ ରାମ କିଏ ଓ ରାମନାମ କ'ଣ ସେ ସମ୍ପର୍କରେ କିଛି ପ୍ରଶ୍ନ ନ ପଚାରି ସେ ରାମନାମ ଜପି ଚାଲିଲେ। ପରବର୍ତ୍ତୀ ସମୟରେ 'ମୋହନ'ରୁ 'ମହାତ୍ମା'ରେ ରୂପାନ୍ତରିତ ହୋଇଥିବା ଗାନ୍ଧିଜୀ ଦେଶବାସୀଙ୍କ ଭୟ ଛଡ଼ାଇ ନିର୍ଭୟର ସହିତ 'ସତ୍ୟାଗ୍ରହ' ସଂଗ୍ରାମରେ ଦେଶ ପାଇଁ ଲଢ଼ିବାକୁ ଯେଉଁ ଆହ୍ୱାନ ଦେଲେ ସେଥିରେ ହଜାର ହଜାର ସଂଗ୍ରାମୀ ସହିଦ ହେଲେ ଓ ଲକ୍ଷ ଲକ୍ଷ କାରା ଓ ନିର୍ଯାତନା ବରଣ କଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଗାନ୍ଧିଜୀ ଆମ ଦେଶକୁ 'ରାମରାଜ୍ୟ'ରେ ପରିଣତ କରିବା ପାଇଁ ରାବଣ ରୂପୀ ବିଦେଶୀ ଶାସନର ଅବସାନ ଘଟାଇବା ଲାଗି ନିରନ୍ତର ଉଦ୍ୟମ କରୁଥିଲେ।

ରାମନାମକୁ ଜୀବନର ଜପାମାଳ କରିନେଇ ବହୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ସହ 'ସତ୍ୟ' ଓ 'ଅହିଂସା'ର ମାର୍ଗରେ ଦେଶକୁ ବ୍ରିଟିଶ କବଳରୁ ସ୍ୱାଧୀନ କରିଥିବା ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ବି ବେଶ୍ ଆଲୋଚନା ହେଉଛି। ଏଠାରେ ଉଲ୍ଲେଖନୀୟ ଯେ ସ୍ୱାଧୀନତା ପ୍ରାପ୍ତିର ମାତ୍ର ୫ମାସ ୧୬ ଦିନରେ ୭୮ ବର୍ଷ ୩ମାସ ୨୯ଦିନ ବୟସ୍କ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କୁ ବିକୃତ ବିଚାରରେ ଶଢୁଥିବା ଏକ ଗୋଷ୍ଠୀ ହତ୍ୟା କରି କୃତଘ୍ନତାର ପରିଚୟ ଛାଡ଼ିଯାଇଛନ୍ତି। ପୂର୍ବରୁ ଗାନ୍ଧିଜୀ ବାରମ୍ବାର କହୁଥିଲେ ଯେ ଆତତାୟୀ ଦ୍ୱାରା ତାଙ୍କର ନିଧନ ହେବ ଓ ଶେଷ ବେଳକୁ ହତ୍ୟାକାରୀ ପ୍ରତି ହିଂସା, ଦ୍ୱେଷ ପରିବର୍ତ୍ତେ ତାଙ୍କ ମୁହଁରୁ ରାମନାମ ବାହାରୁଥିବ। ତାଙ୍କ ଆପ୍ତବାଣୀ ସତ୍ୟ ହେଲା। ଆତତାୟୀର ତିନୋଟି ଗୁଳି ଚୋଟରେ ପ୍ରାର୍ଥନା ସଭାକୁ ଯିବା ବାଟରେ ଗାନ୍ଧିଜୀ ଟଳି ପଡ଼ିବା ପୂର୍ବରୁ ତାଙ୍କ ପାଟିରୁ ବାହାରିଥିଲା ତିନୋଟି ଅକ୍ଷର 'ହେ ରାମ'। ସେତେବେଳକୁ ତାଙ୍କ ହାତ ଦୁଇଟି ବି ଥିଲା ପ୍ରାର୍ଥନା ମୁଦ୍ରାରେ। ମୁହଁରେ ନଥିଲା ଯନ୍ତ୍ରଣାର ଚିହ୍ନ। ସନ୍ଥ ବିନୋବା ଭାବେ କହିଥିଲେ ଯେ, ଗାନ୍ଧିଜୀ ତାଙ୍କ ଜୀବନକାଳ ଭିତରେ ଯେତେ ବକ୍ତବ୍ୟ ରଖି ଯାଇଛନ୍ତି ସେସବୁ ମଧ୍ୟରେ ଶ୍ରେଷ୍ଠ ହେଉଛି ତାଙ୍କର ଶେଷ ବକ୍ତବ୍ୟ 'ହେ ରାମ'। 'ରାମନାମ୍ ସତ୍ୟ ହେ'ତ ମହାଯାତ୍ରାର ମହାମନ୍ତ୍ର।

ରାମ ନାମ ତାଙ୍କର ତ୍ରାଣକର୍ତ୍ତା ଓ ସବୁବେଳେ ସେ ଏହା ଉପରେ ନିର୍ଭର କରିଆସିଛନ୍ତି ବୋଲି ଗାନ୍ଧିଜୀ ବାରମ୍ବାର ଲେଖି ଯାଇଛନ୍ତି। ୧୯୪୬ ସେପ୍ଟେମ୍ବର ୨୨ ସଂସ୍କରଣର 'ହରିଜନ' ପତ୍ରିକାରେ ଗାନ୍ଧିଜୀ ଲେଖିଛନ୍ତି ଯେ ସେ ଯେଉଁ ରାମଙ୍କ ନାମ ଜପନ୍ତି ସେ ହେଉଛନ୍ତି ଅମର ଓ ସର୍ବବ୍ୟାପୀ। ଯେଉଁମାନେ ରାମଙ୍କୁ ଈଶ୍ୱର ବୋଲି ବିଶ୍ୱାସ କରନ୍ତି ସେମାନେ ଏହା ମାନିନେବେ। ତେବେ କିଛିଲୋକ କୁହନ୍ତି ଯେ, ଏସବୁ କଳ୍ପନାର କଥା। ମାତ୍ର ଗାନ୍ଧୀ କୁହନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି ତାଙ୍କ ନିଜ ବିଶ୍ୱାସ ଅନୁଯାୟୀ ଭଗବାନଙ୍କୁ ଡାକନ୍ତୁ। ସବୁ ଧର୍ମର ମୂଳ ଗୋଟିଏ ହୋଇଥିବାରୁ ଧର୍ମଗୁଡ଼ିକ ମଧ୍ୟରେ ସମନ୍ୱୟ ନ ରଖି ପୃଥକ ପୃଥକ ଭାବେ ଦେଖାଗଲେ ହିଂସା ବଢ଼େ ବୋଲି ସେ ସୂଚାଇ ଥିଲେ। ସେହିବର୍ଷ ଏପ୍ରିଲ ୨୮ରେ ଗାନ୍ଧିଜୀ ପୁଣି ଲେଖିଥିଲେ, 'ପ୍ରକୃତରେ କ'ଣ ମୁସଲ୍‌ମାନଙ୍କ ପାଇଁ ଗୋଟିଏ ଈଶ୍ୱର ଏବଂ ହିନ୍ଦୁ, ପାର୍ସି, ଖ୍ରୀଷ୍ଟିଆନ ଆଦିଙ୍କ ପାଇଁ ଅନ୍ୟ ଈଶ୍ୱର? ଏହା ହୋଇ ନ ପାରେ। ସର୍ବଶକ୍ତିମାନ ସର୍ବଦା ବିଦ୍ୟମାନ, କେବଳ ଗୋଟିଏ ଈଶ୍ୱର। ସେ କିନ୍ତୁ ବହୁ ନାମରେ ନାମିତ। ଯେଉଁ ନାମଟି ଆମକୁ ଭଲ ଲାଗେ ସେହି ନାମରେ ଆମେ ତାଙ୍କୁ ସ୍ମରଣ କରୁ। ସେ ହେଉଛନ୍ତି ଶାଶ୍ୱତ, ଅଯୋନିଶମ୍ଭୁତ ଓ ଅଦ୍ୱିତୀୟ...। ମୁଁ କାହାକୁ ରାମନାମ ସାହାଯ୍ୟରେ ଈଶ୍ୱରଙ୍କୁ ଚିହ୍ନିବା ଲାଗି ବାଧ କରୁନାହିଁ। ପ୍ରାର୍ଥନା ସଭାର ମାଧୁର୍ଯ୍ୟ ନଷ୍ଟ ନକରି ମନେ ମନେ ଜଣେ ବି ଆଲ୍ଲା, ଖୁଦା ବା ଅନ୍ୟ କୌଣସି ନାମ ନେଇପାରନ୍ତି। ରାମନାମ ହେଉଛି ଈଶ୍ୱର ବା ଖୁଦାଙ୍କର ଭିନ୍ନ ଏକ ନାମ। ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସି ବା ପୃଥିବୀର ଅନ୍ୟ ଯେକୌଣସି ସମ୍ପ୍ରଦାୟର ଈଶ୍ୱର ଗୋଟିଏ, ସବୁଧର୍ମ ସମାନ।' ୧୯୪୬ ନଭେମ୍ବର ୨୪ରେ ସେ ପୁଣି ଲେଖିଛନ୍ତି, 'ତୁମର ତାଙ୍କ ଉପରେ ବିଶ୍ୱାସ ନାହିଁ ବୋଲି କହିପାର। ତେବେ ତାଙ୍କ ଇଚ୍ଛା ବିନା ଥରେ ହେଲେ ପ୍ରଶ୍ୱାସ ଗ୍ରହଣ କରି ଯେ ପାରିବା ନାହିଁ, ଏକଥା ତୁମେ ଜାଣନା। ଈଶ୍ୱର, ଆଲ୍ଲା, ଗଡ୍ - ଯାହା ବୋଲି ତାଙ୍କୁ ଡାକ ଅଗଣିତ ମଣିଷ ସମାଜ ଭଳି ତାଙ୍କ ନାମ ମଧ୍ୟ ଅସଂଖ୍ୟ। ସେ ଏକ ଓ ଅଦ୍ୱିତୀୟ। ସେ ହିଁ କେବଳ ମହାନ। ତାଙ୍କଠାରୁ ବଡ଼ ଆଉ କେହି ନାହିଁ। ସେ କାଳହୀନ, ନିରାକାର ଓ ନିଷ୍ପାପ। ମୋ ରାମ ହେଉଛନ୍ତି ଏହିଭଳି।' ଜଣେ ହିନ୍ଦୁ ରାମନାମ ଜପକରି ଯେମିତି ଶାନ୍ତି ଓ ଆଶ୍ୱାସନା ପାଇପାରନ୍ତି, ଜଣେ ଖ୍ରୀଷ୍ଟିଆନ୍ ଯୀଶୁଙ୍କ ନାମ ଜପି ଓ ଜଣେ ମୁସଲ୍‌ମାନ ଆଲ୍ଲାଙ୍କ ନାମ ଉଚ୍ଚାରଣ କରି ମଧ୍ୟ ସେମିତି ଶାନ୍ତି ପାଆନ୍ତି। ସବୁ ନାମର ଭାବ ଓ ତାତ୍ପର୍ଯ୍ୟ ଏକ ପ୍ରକାରର ଏବଂ ସମାନ ପରିସ୍ଥିତିରେ ସେମାନେ ସମାନ ଫଳ ଦେଇଥା'ନ୍ତି। ତେଣୁ କେବଳ ତୁଣ୍ଡରେ ନୁହେଁ ନାମ ଉଚ୍ଚାରଣ ଆମ ଅସ୍ତିତ୍ୱର ଏକ ଅଂଶ ହେବା ଉଚିତ୍। ନୈତିକତାକୁ ଛାଡ଼ି କୌଣସି ଧର୍ମ ନାହିଁ। ମଣିଷ ମିଥ୍ୟାବାଦୀ, ନିଷ୍ଠୁର କିମ୍ବା ଦୁଶ୍ଚରିତ୍ର ହୋଇ ଭଗବାନଙ୍କଠାରୁ କରୁଣା ଆଶା କରିନପାରେ। ଦରିଦ୍ର ଲୋକଙ୍କ ନିଃସ୍ୱାର୍ଥ ସେବାଠାରୁ ନିର୍ମଳତର ଓ ଭଗବାନଙ୍କ ସନ୍ତୋଷଜନକ ଉପାସନା ଆଉ କିଛିନାହିଁ। ଭଗବାନଙ୍କ ଶକ୍ତିର ପ୍ରଭାବ କେବଳ ଅନୁଭବ କରିହୁଏ ଓ ଏହା ପ୍ରମାଣର ଜାଲରେ ଧରାଯାଇପାରେନାହିଁ ବୋଲି ଉଲ୍ଲେଖ କରି ଗାନ୍ଧିଜୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସବୁ ଧର୍ମର ମୂଳତତ୍ତ୍ୱ ଗୋଟିଏ ଓ ଗନ୍ତବ୍ୟସ୍ଥଳୀ ବି ଏକା। ଏ ପରିପ୍ରେକ୍ଷୀରେ ଈଶ୍ୱରୀୟ ଶକ୍ତିକୁ ଅନୁଭବ କରିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କେବଳ ସତ୍ୟ ଓ ଅହିଂସାର ସରଳ ସାଧନା କରାଯାଇପାରେ। ଆମ ସମସ୍ତେ ଈଶ୍ୱରଙ୍କର ଅମୃତ ସନ୍ତାନ ହୋଇଥିବାରୁ ଧାର୍ମିକ ବିଭେଦ ଛାଡ଼ି ପରସ୍ପରକୁ ସ୍ନେହ, ପ୍ରେମ, କରୁଣା ଓ ସମ୍ମାନର ଡୋରିରେ ବାନ୍ଧିଲେ ଆମର ଆଧ୍ୟାତ୍ମିକ ଚେତନା ବଳିଷ୍ଠ ହେବ ବୋଲି ଗାନ୍ଧିଜୀ ବାରମ୍ବାର ଚେତାଇ ଦେଇଛନ୍ତି।



ମନରେ ସୃଷ୍ଟି ହେଉଥିବା ଦୂଷିତ ଭାବନାକୁ ଦୂରେଇବାର ଅମୋଘ ମହୌଷଧୀ ହେଉଛି ରାମନାମ। ଖାଲି ତୁଣ୍ଡରେ ନୁହେଁ ଅନ୍ତର ଭିତରୁ ଏହା ଉଚ୍ଚାରିତ ହେବା ଆବଶ୍ୟକ। ମୋହ, ଲୋଭ, ହିଂସା, ଦ୍ୱେଷ, କ୍ରୋଧ, ଈର୍ଷା, ମିଥ୍ୟାଚାର ଆଦି ଯେ କୌଣସି ଶାରୀରିକ ରୋଗଠାରୁ ଏହା ଭୟଙ୍କର। ଦୂଷିତ ଶରୀରଠାରୁ ଦୂଷିତ ମନ ଅଧିକ ମାରାତ୍ମକ। ଏଥିରୁ ନିସ୍ତାର ପାଇଁ ରାମନାମ ହିଁ ପ୍ରତିଷେଧକ ବୋଲି ଗାନ୍ଧିଜୀ ଚେତାଇ ଯାଇଛନ୍ତି। ରାମନାମର ରସାମୃତ ପାନ କରିବାକୁ ହେଲେ ପ୍ରଥମେ କାମ, କ୍ରୋଧ ପ୍ରଭୃତି ରିପୁମାନଙ୍କ ଠାରୁ ମୁକ୍ତ କରି ସତ୍ୟ, ଅହିଂସା, ସ୍ନେହ, ପ୍ରେମ, କରୁଣା, ସେବା ଆଦି କ୍ଷେତ୍ରରେ ନିଜକୁ ଆଗେଇବାକୁ ପଡ଼ିବ।

ଗାନ୍ଧୀଙ୍କ ମତରେ ହିନ୍ଦୁ ଧର୍ମ ଏକ ଜୀବିତ ଧର୍ମ ଓ ଏଥିରେ ଉତ୍‌ଥାନ ପତନ ଲାଗି ରହିଥାଏ। ହିନ୍ଦୁମାନଙ୍କର ତପଶ୍ଚର୍ଯ୍ୟା ଉପରେ ହିନ୍ଦୁ ଧର୍ମର ଶୁଦ୍ଧତା ନିର୍ଭର କରେ। ହିନ୍ଦୁ ଧର୍ମ ଓ ଅନ୍ୟଧର୍ମଗୁଡ଼ିକ କଠୋର ପରୀକ୍ଷାର ସମୟ ଦେଇ ଗତି କରୁଛନ୍ତି। ସନାତନ ସତ୍ୟ ଗୋଟିଏ ଓ ଈଶ୍ୱର ବି ଗୋଟିଏ। ମତ ମତାନ୍ତରର ମୋହ ଜାଲରେ ନପଡ଼ି ସତ୍ୟର ସରଳ ମାର୍ଗ ଅନୁସରଣ କଲେ ଯାଇ ଆମେ ସନାତନୀ ହିନ୍ଦୁ ହୋଇ ରହିପାରିବା। ସନାତନୀ ବୋଲି ଖ୍ୟାତ ବହୁତ ଲୋକ ତୁଚ୍ଛାରେ ଭୂଆଁ ବୁଲାଉଛନ୍ତି। ସେମାନଙ୍କ ଭିତରୁ କିଏ ଜାଣେ କାହାର ସ୍ୱୀକୃତି ହେବ। ରାମନାମ ଜପୁଥିବା ବହୁତ ଲୋକ ରହିଯିବେ ଏବଂ ନିରବରେ ରାମଙ୍କ କର୍ମ କରୁଥିବା କିଛି ଅଳ୍ପ ଲୋକ ବିଜୟମାଲ୍ୟ ପିନ୍ଧିବେ।

ଅଜର, ଅମର ଓ ଅଯୋନିଶମ୍ଭୂତ ରାମ ବିଜ୍ଞାପନ ଫଳକରେ ନଥା'ନ୍ତି। ସେ ଥା'ନ୍ତି ହନୁମାନଙ୍କ ଭଳି ସମର୍ପିତ ସେବକମାନଙ୍କ ହୃଦୟରେ। ରାମନାମ ଦସ୍ୟୁ ରତ୍ନାକରକୁ ମହର୍ଷି ବାଲ୍ମିକୀରେ ପରିଣତ କରିପାରିଛି। ଶବରୀର ଅଇଁଠା କୋଳିକୁ ରାମ ହିଁ କେବଳ ଶ୍ରଦ୍ଧାର ସହ ସେବନ କରିପାରନ୍ତି। ତାଙ୍କ ଆବାହନ ପାଇଁ ଧୀବରର ଭକ୍ତି ଓ ସରଳତା ଯଥେଷ୍ଟ ଥିଲା। ରାବଣ ପରି ଦୁଷ୍ଟ ଅପଶକ୍ତିର ସଂହାର ସେ ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତିଷ୍ଠା କରିଥିଲେ। ସତ୍ୟରକ୍ଷା ପାଇଁ ରାମଚନ୍ଦ୍ର ହିଁ ରାଜସିଂହାସନ ଛାଡ଼ି ବନବାସକୁ ବରଣ କରିନେଇଥିଲେ। ରାମାୟଣରେ ବର୍ଣ୍ଣିତ ସୀତା, ଲକ୍ଷ୍ମଣ, ଭରତ, ଉର୍ମିଳା, ହନୁମାନ ଆଦି ଚରିତ୍ର କାଳଜୟୀ। ଏକଥା ବି ଗାନ୍ଧୀ ଲେଖିଛନ୍ତି ପୁରାଣ ଓ ଇତିହାସର କଥାବସ୍ତୁ ସହିତ କବିଙ୍କ ଭାବନା ଓ କଳ୍ପନା ଆଦିକୁ ଫେଣ୍ଟାଫେଣ୍ଟି କରି ରାମାୟଣ ସୃଷ୍ଟି ହୋଇଥିଲେ ମଧ୍ୟ ଏହା ଅନ୍ଧକାରରୁ ଆଲୁଅକୁ ନେବାକୁ ବାଟ ଦେଖାଇଥାଏ। ରାମନାମ ଘୃଣା ନୁହେଁ, ପ୍ରେମ, ତ୍ୟାଗ, ସେବା ଓ ନିର୍ଭୀକତାର ମାର୍ଗ ଦେଖାଇଥାଏ। ମଣିଷକୁ ଏହା ନୈତିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ସମୃଦ୍ଧ କରେ। ଏ ପରିପ୍ରେକ୍ଷୀରେ ସ୍ୱାଧୀନ ଭାରତରେ ରାମରାଜ୍ୟ ପ୍ରତିଷ୍ଠା ପାଇଁ ଗାନ୍ଧିଜୀ ଯେଉଁ ପରିକଳ୍ପନା କରିଥିଲେ ସେଥିରେ ଶାସନ କ୍ଷମତାକୁ ସେବାର ମାଧ୍ୟମ ଭାବେ ଉପଯୋଗ କରି ଜନଗଣଙ୍କୁ ନିରପେକ୍ଷ ନ୍ୟାୟ ସହିତ ସତ୍ୟ, ଅହିଂସା ଓ କର୍ମ ପଥରେ ରାଷ୍ଟ୍ରର ସାମୂହିକ ବିକାଶ ପାଇଁ ସେ ନକ୍ସା ଆଙ୍କିଥିଲେ। ଏଥିପାଇଁ ଶୃଙ୍ଖଳା, ତିତିକ୍ଷା, ସହିଷ୍ଣୁତା ସହିତ ସେବା, ତ୍ୟାଗ, ସଂଯମ ଆଦି ଉପରେ ଗାନ୍ଧିଜୀ ବାରମ୍ବାର ଗୁରୁତ୍ୱ ଦେଇ କହୁଥିଲେ ଶାସକ ପବିତ୍ର ହେଲେ ଲୋକେ ତା'କୁ ସାହାଯ୍ୟ କରିବେ; କିନ୍ତୁ ଯେଉଁଠି ଅତ୍ୟାଚାରୀ ହୁଏ ସେଠାରେ ଲୋକେ ତା'କୁ ଠିକଣା ବାଟକୁ ଆଣିବା କଥା। ଲୋକେ ନିଦ୍ରିତ ହେଲେ ଶାସକ ରକ୍ଷକ ପରିବର୍ତ୍ତେ ଭକ୍ଷକ ହୋଇଯିବ ଏବଂ ରାଷ୍ଟ୍ରର ସତ୍ତା ବିପନ୍ନ ହୋଇପଡ଼ିବ। ଗାନ୍ଧିଜୀଙ୍କ ପରିକଳ୍ପିତ ରାମରାଜ୍ୟର ଭିତ୍ତିଭୂମି ଥିଲା ଗ୍ରାମସ୍ୱରାଜ, ସର୍ବୋଦୟ, ଟ୍ରଷ୍ଟିସିପ୍, ମିନ୍ସ ଆଣ୍ଡ ଏଣ୍ଡ ଥିଓରି, ରଚନାତ୍ମକ କାର୍ଯ୍ୟକ୍ରମ ଓ ଏକାଦଶ ବ୍ରତ। ଏହା ହାସଲ କରିବା ଲାଗି ସାତଟି ପାପଠାରୁ ଦୂରେଇ ରହିବାକୁ ପଡ଼ିବ। ଏ ପରିପ୍ରେକ୍ଷୀରେ ଆମ ଦେଶର ସାମୂହିକ ବିକାଶ ପାଇଁ ଆଜିର ଦିନରେ ବି ଗାନ୍ଧିଜୀଙ୍କ କଳ୍ପିତ ରାମରାଜ୍ୟର ସ୍ୱପ୍ନକୁ ସାକାର କରିବାକୁ ଲୋଡ଼ା ପଡୁଛନ୍ତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସଂକଳ୍ପବଦ୍ଧ ସାଧକମାନଙ୍କର, ଯେଉଁମାନେ ସାମ୍ପ୍ରଦାୟିକତା ଓ ଅସ୍ପୃଶ୍ୟତାର ସଂକୀର୍ଣ୍ଣ ଗଣ୍ଡି ଭିତରୁ ନିଜକୁ ଉପରକୁ ନେଇ ନୈତିକ ଓ ଆଧ୍ୟାତ୍ମିକ ବଳରେ ବଳିଆନ୍ ହୋଇ ଆମ ରାଷ୍ଟ୍ରୀୟ ଜୀବନରୁ ଅମା ଅନ୍ଧକାର ହଟାଇବା ଲାଗି ଆଲୁଅ ଦେଖାଇବାକୁ ସଳିତା ପରି ଜଳିବାକୁ ପ୍ରସ୍ତୁତ ଥିବେ।

# ଶତ୍ରୁ କିଏ?



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭

କାର୍ଯ୍ୟ ପକାଇ ରଖିବା କେତେଜଣଙ୍କର ବଦଭ୍ୟାସ। ଯେଉଁ କାମ ପାଇଁ ବିଳମ୍ବ କରିବାରେ କୌଣସି ଯଥାର୍ଥତା ନାହିଁ ତାକୁ ସେମାନେ ଡେରି କରନ୍ତି ଏବଂ ଗଡ଼ାଇଚାଲନ୍ତି। ଏହାକୁ ଦୀର୍ଘସୂତ୍ରୀତା କୁହାଯାଏ ଏବଂ ଯେଉଁ ବ୍ୟକ୍ତିର ଏହା ଅଭ୍ୟାସରେ ପଡ଼ିଯାଏ ସେ ଦୀର୍ଘସୂତ୍ରୀ ବୋଲାଏ। ଏହାକୁ ଆଳସ୍ୟପରାୟଣତା ଏବଂ କାମ କରିବାକୁ ଅନିଚ୍ଛୁକତା ନାମ ଦିଆଯାଇପାରେ। ଏପ୍ରକାରର ଅଳସୁଆମି ବା ଶ୍ରମ କାତରତା ପାଇଁ କେତେଜଣ ନିଜ ମନେ ମନେ ବିଳମ୍ବର କାରଣ, ଯଥାର୍ଥତା ବା ଔଚିତ୍ୟ - ଏସବୁ ଠିକ୍ କରି ରଖିଥା'ନ୍ତି। ଏହାର ଅନ୍ୟନାମ କାଳକ୍ଷେପଣ ଅଟେ। ପରବର୍ତ୍ତୀ ସମୟ ପାଇଁ କାମକୁ ଘୁଞ୍ଚାଇବା ଯେତେବେଳେ ଅଭ୍ୟାସରେ ପଡ଼ିଯାଏ ସେତେବେଳେ ତାହା ନିନ୍ଦନୀୟ ଓ ଦଣ୍ଡଯୋଗ୍ୟ ହୋଇଯାଏ। ଏହି ଅଭ୍ୟାସ ସମୟର ବଡ଼ ଚୋର ଏବଂ ଯେକୌଣସି କାମ ଆରମ୍ଭ କରିବାର ସାମର୍ଥ୍ୟର ବଡ଼ ଶତ୍ରୁ। ଯେକୌଣସି ସାଧୁ ଉଦ୍ୟମର ପ୍ରାରମ୍ଭିକ ପଦକ୍ଷେପକୁ ମଧ୍ୟ ଏହି ଅଭ୍ୟାସ ଅକାରଣେ ବିଳମ୍ବ କରିଦିଏ। କିଛିଦିନ ପରେ ଆମର ନୂଆ କାମ ଆରମ୍ଭ କରିବାର ଶକ୍ତି ଲୋପ ପାଏ। ନିଜ ଉଦ୍ୟମରେ ଘଟଣାବଳୀ ନିୟନ୍ତ୍ରଣ କରିବା ଅବସ୍ଥାରେ ଆମେ ଥିଲେ ମଧ୍ୟ ଆମେ ସେଭଳି ପଦକ୍ଷେପ ନେବାରେ ଆଗୁଆ ହେଉନାହିଁ କିମ୍ବା ନେତୃତ୍ୱ ନେଉ ନାହିଁ। ତେଣୁ ଏହା ଆମର ଆତ୍ମୋନ୍ନତିର ବାଧକ ହୋଇଯାଏ।

ଯାହା ଆଜି ସକାଳେ କରିପାରିବ ତାକୁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ପକାଇ ରଖନାହିଁ। ଯାହା ଆଜି କରିପାରିବ ତାକୁ କାଲିକୁ ପକାଇ ରଖ ନାହିଁ। ଏପରି ପକାଇ ରଖିବା ଏକପ୍ରକାରର ଭୀରୁତା ଓ ସାହସହୀନତା। ସହଜରେ ଭୟଭୀତ ହେବା ବ୍ୟକ୍ତି ବା କାପୁରୁଷର ଶୌର୍ଯ୍ୟ, ବୀରତ୍ୱ ବା ନିର୍ଭୀକତା ନଥାଏ। ଉଚିତ କାର୍ଯ୍ୟ କରିବା ପାଇଁ ସାହସ ବାନ୍ଧିବା ଯାହାପକ୍ଷରେ ଅସମ୍ଭବ ହୁଏ ସେ ସବୁ କାମ ପଛକୁ ପକାଇ ରଖେ। ସେ ଡର ଆଗରେ ମୁଣ୍ଡ ନୁଆଁଇ ଦିଏ। ଏଭଳି ଭୀରୁ ବିପଦର ସାମାନ୍ୟତମ ଆଶଙ୍କାରେ ଭୟଭୀତ ହୋଇଯାଏ ଏବଂ ତା'ର ହୃଦୟର ସ୍ପନ୍ଦନ ବଢ଼ିଯାଏ। ସେ ଅସ୍ଥିର ହୁଏ ଏବଂ ଅସ୍ଥିର ଭାବେ କାର୍ଯ୍ୟ ସମ୍ପାଦନ କରେ। ସେ ସାହସ ହରାଏ ଏବଂ ଥଙ୍ଗ ଥଙ୍ଗ ହୋଇ କଥା କହେ। ଅତି ଭୟଭୀତ ହେଲେ ତା'ର ପାଟି ଖୋଲେ ନାହିଁ। ତା'ର ଶରୀରଠାରୁ ଆତ୍ମା, ମନ ଓ ଆବେଗ ଆଦି ପୃଥକ ଜଣାପଡ଼େ ଏବଂ ତା'ର ସାହସ ପରିଲକ୍ଷିତ ହୁଏ ନାହିଁ। ଭୀରୁତା ଏପରି ଏକ ମହାପାପ ଯେ ଏଥିରେ ତା'ର ପୁଣ୍ୟ କ୍ଷୟ ହୁଏ। ଜଣେ ଭୀରୁ କେବେହେଲେ ଈଶ୍ୱର ପ୍ରାପ୍ତି କରିପାରେ ନାହିଁ। ତେଣୁ ଭୀରୁତା ଆମର ଦ୍ୱିତୀୟ ଶତ୍ରୁ। ଏପରି ଅନେକ ଲୋକ ଥାଆନ୍ତି ଯେଉଁମାନଙ୍କର ଆତ୍ମପ୍ରତ୍ୟୟ ନଥାଏ। ସେମାନେ ଆତ୍ମସନ୍ଦେହୀ ହୋଇଥା'ନ୍ତି। ଏମାନଙ୍କର ଆତ୍ମସନ୍ଦେହ ଏତେ ଯେ ଏମାନେ ଅତ୍ୟନ୍ତ ବିନମ୍ର ଜଣାପଡ଼ନ୍ତି ଓ କୁଣ୍ଠୁ କୁଣ୍ଠୁ ହୋଇ କଥାବାର୍ତ୍ତା କରନ୍ତି। ଆତ୍ମସନ୍ଦେହ ହେଉଛି ଭୀରୁତାର ଯାଆଁଳା ଭାଇ। ଆତ୍ମସନ୍ଦେହ ଥିଲେ କାହାର ମଧ୍ୟ ଦୃଢ଼ବିଶ୍ୱାସ ଓ ସାହସିକତା ରହିପାରେ ନାହିଁ। କୌଣସି କାର୍ଯ୍ୟରେ ତା'ର ନିଶ୍ଚିତତା ବା ନିର୍ଭରତା ଭାବର ଅନୁଭୂତି ଆସିପାରେ ନାହିଁ। ଆତ୍ମନିର୍ଭର ଭାବ ଏପରି ଏକ ଶକ୍ତି ଯାହା ଆମକୁ ସଫଳତାର ଅର୍ଦ୍ଧେକ ହାସଲ କରାଏ। ଯେଉଁଠି ଏ ଭାବ ନଥାଏ ସେଠି ବିଫଳତା ସମ୍ପୂର୍ଣ୍ଣ ହୋଇଥାଏ।

ଭୟ ହେଲା ଆସନ୍ନ ବିପଦ ବା ଯନ୍ତ୍ରଣା ଜନିତ ଭୟ କିମ୍ବା ଦୁର୍ଦ୍ଦଶା। ଏହା ବେଳେବେଳେ ଆତଙ୍କାବସ୍ଥାକୁ ନେଇଯାଏ। ଭୟ ଲାଗି ରହିଲେ ଉଦ୍‌ବିଗ୍ନ ଅବସ୍ଥା ଜାତ ହୁଏ। ଏହା ଆସନ୍ନ ବିପଦ ଓ ଅନିଷ୍ଟ ଅବସ୍ଥାର ଆଶଙ୍କା ଜାତ କରାଏ। ଏପରି ଆଶଙ୍କା ଶକ୍ତିହୀନତା ଏବଂ ଅବସନ୍ନତାକୁ ନିମନ୍ତ୍ରଣ କରେ। ଭୟରୁ କେହି ସମ୍ପୂର୍ଣ୍ଣ ମୁକ୍ତ ନୁହନ୍ତି। ଭୟ ଯେତେବେଳେ ଭୟାନକ ରୂପ ଧାରଣ କରେ ସେତେବେଳେ ଆମେ ଅତ୍ୟଧିକ ଭୟଭୀତ ହୋଇଯାଉ। ପିଲାଦିନୁ ଆମେ ଭୟକୁ ଭୟ ନକରିବା ଶିଖିବା ଦରକାର। ପିଲାଦିନୁ ଯିଏ ଡରୁଆ ରହିଯାଏ ସେ ବଡ଼ ହେଲେ ମଧ୍ୟ ଡରୁଆ ହୋଇଥାଏ। ପିଲାଙ୍କ ମନରୁ ଭୟ ଛଡ଼ାଇବା ପିତାମାତା ଓ ଶିକ୍ଷକଙ୍କର କର୍ତ୍ତବ୍ୟ।

ଆଜିକାଲି ସଂସାରରେ ଘୃଣାର ମାତ୍ରା ବୃଦ୍ଧି ପାଉଛି ଓ ପ୍ରେମର ମାତ୍ରା କମିଯାଉଛି। ମଣିଷ ଯଦି ମଣିଷକୁ ଭଲ ନପାଇବ ତେବେ ସ୍ୱାର୍ଥପରତା ବୃଦ୍ଧିପାଇବା ସ୍ୱାଭାବିକ ଏବଂ ମାନବ ଦ୍ୱାରା ନିଃସ୍ୱାର୍ଥପର ମାନବସେବାର ଉଦାହରଣ କମିଯିବା ମଧ୍ୟ ସ୍ୱାଭାବିକ। ଏହି ସ୍ୱାର୍ଥପରତା ହିଁ ମନୁଷ୍ୟର ଶତ୍ରୁ। ମଣିଷ ମଣିଷ ମଧ୍ୟରେ ପ୍ରେମ ବଢ଼ାଇ ଘୃଣାର ମୂଳୋତ୍ପାଟନ କରିବାକୁ ହେବ। ଘୃଣା, ସ୍ୱାର୍ଥପରତା, ଅସହିଷ୍ଣୁତା ଓ ଈର୍ଷା ଉପରେ ଜୟ କରିବାର ଏକମାତ୍ର ଉପାୟ ହେଲା ପ୍ରେମର ବୃଦ୍ଧି କରିବା। ସମସ୍ତ ନୀଚ ମନୋଭାବ ତ୍ୟାଗ କରି ତୁମେ ଯଦି ଉଦାରତା, ବଦାନ୍ୟତା ଓ ମହାନୁଭବତା ଭଳି ଦୈବୀଗୁଣଗୁଡ଼ିକ ହାସଲ କରିବ ତେବେ ସମାଜରେ ପ୍ରେମ, କ୍ଷମାଶୀଳତା ଓ ସେବା ମନୋଭାବ ବୃଦ୍ଧିପାଇବ ଏବଂ ନୈରାଶ୍ୟବାଦ ବଦଳରେ ଆଶାବାଦ ଓ ଆଶାପ୍ରବଣତା ରାଜତ୍ୱ କରିବ। ଏଭଳି ଆଶାରୁ ହିଁ ଆନନ୍ଦ ଓ ଶାନ୍ତି।



## ‘୫-ଟି’ ଅଧ୍ୟକ୍ଷଙ୍କ ଗଜପତି ଗସ୍ତ ଆଜି

ପାରଳାଖେମୁଣ୍ଡି, ୨୨।୧(ସମିସ): ମଙ୍ଗଳବାର ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗଜପତି ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏନେଇ ଉଭୟ ପ୍ରଶାସନ ଓ ବିଜେଡି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୁବନେଶ୍ୱର ବିମାନବନ୍ଦରରୁ ପୂର୍ବାହ୍ନ ୧୦ଟା ସମୟରେ ହେଲିକପ୍ଟର୍‌ରେ ବାହାରି ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିୟାନ ପବ୍ଲିକ ସ୍କୁଲ ପଡ଼ିଆରେ ଦିନ ୧୧.୧୦ରେ ପହଞ୍ଚିବା ପରେ ଗଜପତି ଷ୍ଟାଡିୟମ୍‌ଠାରେ ‘ନୂଆ-ଓ’ କାର୍ଯ୍ୟକ୍ରମରେ ଯୋଗଦେବେ ‘୫-ଟି’ ଅଧ୍ୟକ୍ଷ। ଏହାପରେ ମଧ୍ୟାହ୍ନ ୧୨.୦୫ରେ କାଶୀନଗର ଯିବେ। ମଧ୍ୟାହ୍ନ ୧୨.୨୦ରେ କାଶୀନଗରସ୍ଥିତ ବାରାଣାସୀ ହାଇସ୍କୁଲ ପଡ଼ିଆରେ ଅବତରଣ କରିବେ। ସେଠାରୁ କାଶୀନଗର ସହରର ନୀଳମଣି ଦୁର୍ଗା ମନ୍ଦିର ପଡ଼ିଆରେ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଦିନ ୧.୧୫ରେ ହେଲିକପ୍ଟର ଯୋଗେ ରା.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିର ଯିବେ। ରାମଗିରିରେ ସାଧାରଣ ସଭାରେ ଯୋଗ ଦେବା ପରେ ଦିନ ୨.୧୫ରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ପାଣ୍ଡିଆନଙ୍କ ଏହି ଗସ୍ତକୁ ନେଇ ଗଜପତି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ମହାନ୍ତି ଓ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ସେହିପରି ସାଧାରଣ ସଭା ଲାଗି ବିଜେଡି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ / ସ୍ମରଣିକା ଗ୍ରନ୍ଥ ସଂକଳନ କରିବାକୁ ଗବେଷଣାତ୍ମକ ପ୍ରବନ୍ଧ ପାଇଁ ଆହ୍ୱାନ

ଭୁବନେଶ୍ୱର, ୨୨।୧(ସମିସ): ବିଶ୍ୱ ଦେଖିବ ଓଡ଼ିଆ ଭାଷାର ସୃଜନଶୀଳତା। ଶୁଣିବ ସମୃଦ୍ଧଶାଳୀ ଭାଷାର ଗାଥା। ଆସନ୍ତା ଫେବ୍ରୁଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଅନୁଷ୍ଠିତ ହେବ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ। ବିଶ୍ୱର କୋଣ ଅନୁକୋଣରୁ ବହୁ ଭାଷାବିତ୍ ଏଥିରେ ଯୋଗଦେବେ। ଆଦିକବି ସାରଳା ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ନାମିତ ଚାରୋଟି କକ୍ଷରେ ଓଡ଼ିଆ ଭାଷାକୁ ନେଇ ତଥ୍ୟଭିତ୍ତିକ ବିଚାର ବିମର୍ଶ କରାଯିବ। ଦେଶବିଦେଶର ଭାଷାବିତ୍‌ମାନେ ନିଜର ମତାମତ ଉପସ୍ଥାପନ କରିବେ। ଏହି ଭାଷା ସମ୍ମିଳନୀକୁ ଅଧିକ ସ୍ମରଣୀୟ ଓ ସମୃଦ୍ଧ କରିବା ପାଇଁ ଏକ ସ୍ମରଣିକା ଗ୍ରନ୍ଥ ସଂକଳନ ରୂପେ ପ୍ରକାଶ ପାଇବ। ଏଥିପାଇଁ ଗବେଷକ ଓ ବୁଦ୍ଧିଜୀବୀଙ୍କଠାରୁ ଓଡ଼ିଆ ଭାଷା ସମ୍ପର୍କିତ ଗବେଷଣାତ୍ମକ ପ୍ରବନ୍ଧ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଆହ୍ୱାନ କରାଯାଇଛି। ଏ ସମ୍ବନ୍ଧୀୟ ସବିଶେଷ ତଥ୍ୟ www.worldodiaconference.org ରେ ଉପଲବ୍ଧ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଉଦଘାଟନୀ ଦିବସରେ ପଦ୍ମଶ୍ରୀ ହର୍‌ମାନ୍ କୁଲ୍‌କେ, ପ୍ରଫେସର ୟୁ ସ୍କୋଡ଼ା ଭାଷାଭିତ୍ତିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଜଗନ୍ନାଥ ଚେତନା, ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ, ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ‘ଓଡ଼ିଆ: ଭାରତର ଶାସ୍ତ୍ରୀୟ ଭାଷା’ ଉପରେ ଆଲୋଚନା କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ ଦିନରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରସିଦ୍ଧ ଭାଷାବିତ୍ ପ୍ରଫେସର୍ ଆର୍‌ଲୋ ଗ୍ରିଫିତ୍ ତାଙ୍କର ଭାଷାଭିତ୍ତିକ ଅଭିଜ୍ଞତା ଉପସ୍ଥାପନ କରିବେ। ଏଥିସହ ଓଡ଼ିଶା-ଆଧୁନିକ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ, ଓଡ଼ିଆ ଭାଷା ଓ ମହିଳା ସଶକ୍ତୀକରଣ, ଓଡ଼ିଶାର ପ୍ରତ୍ନତତ୍ତ୍ୱ, ଆଧୁନିକ ଓଡ଼ିଆ ସାହିତ୍ୟ, ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟ, ଲୋକସଂସ୍କୃତି, ଓଡ଼ିଆ ବ୍ୟାକରଣ ଓ ଭାଷା ବିଜ୍ଞାନ, ଭାଷା ବିବିଧତା ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ତୃତୀୟ ତଥା ଉଦ୍‌ଯାପନୀ ଦିବସରେ ପ୍ରଫେସର ମୋରିସିଓ ଲିଣ୍ଡେ, ପ୍ରଫେସର ଆଣ୍ଟେ ସ୍କିମ୍‌ଡେଟେନ୍ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ୨୦୩୬ରେ ଓଡ଼ିଶା: ନବଦିଗନ୍ତର ସମ୍ଭାବନା, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଓଡ଼ିଆ ଭାଷା: ସୁଯୋଗ ଓ ଭବିଷ୍ୟତ, ସଂସ୍କୃତି ଓ ଐତିହ୍ୟ: ରାଜ୍ୟର ସୂକ୍ଷ୍ମଶକ୍ତି, ବିଜ୍ଞାନ କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରୟୋଗ, ଅନୁବାଦ ଆଦି ପ୍ରସଙ୍ଗରେ ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

## ଲଖନପୁର ଆଇଆଇସି ନିଲମ୍ବିତ

କଟକ, ୨୨।୧(ସମିସ): କର୍ତ୍ତବ୍ୟରେ ଅବହେଳା ପାଇଁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନାର ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କୁ ପୁଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। କିଛି ଦିନ ତଳେ ଝାରସୁଗୁଡା ଜିଲ୍ଲା ବେଲପାହାଡ ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଉପଯୁକ୍ତ ତଦନ୍ତ କରିନଥିବା ନେଇ ଅଭିଯୋଗ ହୋଇଥିଲା।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


## ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଅଷ୍ଟମ ଦିବସ / ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ଅକ୍ରୂର ଆତ୍ମବିଭୋର୍



ବରଗଡ଼,୨୨।୧(ସମିସ): ନାରଦଙ୍କ ପରାମର୍ଶକ୍ରମେ ଧନୁଯାତ୍ରାର ଆୟୋଜନ କରି ମହାରାଜ କଂସ ବେନିଭାଇ କୃଷ୍ଣ ବଳରାମଙ୍କୁ ଧନୁଯାତ୍ରା ଦେଖିବା ପାଇଁ ନିମନ୍ତ୍ରଣ କରିଛନ୍ତି। ପୁରାତନ ମନ୍ତ୍ରୀ ଅକ୍ରୂର ହରିନାମ ଗାଇ ଗାଇ ବାହାରିଛନ୍ତି ଗୋପପୁର ଅଭିମୁଖେ। ଯମୁନା ନଦୀ ପାରି ହୋଇ ନଈ ପଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ପଦ ଚିହ୍ନ ଦେଖି ଆତ୍ମବିଭୋର୍ ହୋଇପଡ଼ିଛନ୍ତି ମନ୍ତ୍ରୀ ଅକ୍ରୂର। ଗୋପ ଧୂଳିକୁ ସେ ନିଜର ସର୍ବାଙ୍ଗରେ ବୋଳି କୃଷ୍ଣ ପ୍ରେମରେ ବିହ୍ୱଳିତ ହୋଇପଡ଼ିଛନ୍ତି। ଅପରପକ୍ଷେ ଦେବତାମାନଙ୍କ ଚକ୍ରାନ୍ତ ଯୋଗୁଁ ମହାରାଜା କଂସ ଦିଗବିଜୟରେ ବାହାରି ସ୍ୱର୍ଗପୁରୀ ଆକ୍ରମଣ କରିଛନ୍ତି। ଦେବରାଜ ଇନ୍ଦ୍ର ରମ୍ଭା ମେନକାଙ୍କ ନୃତ୍ୟରେ ମସଗୁଲ ଥିବା ସମୟରେ କଂସଙ୍କ ସୈନ୍ୟବାହିନୀ ଆକ୍ରମଣ କରିଛନ୍ତି ସ୍ୱର୍ଗପୁରୀ। ମହାରାଜା କଂସଙ୍କ ସୈନ୍ୟ ଯୁଦ୍ଧରେ ପରାସ୍ତ କରିବା ସହ ବନ୍ଦୀ କରି ଆଣିଥିଲେ ଦେବରାଜ ଇନ୍ଦ୍ରଙ୍କ ସମେତ ପତ୍ନୀ ସଚି, ନୃତ୍ୟାଙ୍ଗନା ରମ୍ଭା, ମେନକାଙ୍କୁ। ଆଜି ବରଗଡ଼ ଧନୁଯାତ୍ରାର ଅଷ୍ଟମ ଦିବସରେ ଏପରି ଦୃଶ୍ୟ ଦର୍ଶକଙ୍କ ମଧ୍ୟରେ ଉନ୍ମାଦନା ଭରିଦେଇଥିଲା।

ମହାରାଜାଙ୍କ ରାଜଦରବାରରେ ସମ୍ବଲପୁରୀ, ଓଡିଶୀ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକନୃତ୍ୟ ପରିବେଷିତ ହୋଇଥିଲା। ପୂର୍ବ ବର୍ଷ ପରି ମହାରାଜା କଂସ ଆଜିଠାରୁ ରାଜଦରବାର ପରିବର୍ତ୍ତେ ରଙ୍ଗମହଲରେ ସମସ୍ତ ରାଜକୀୟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଧନୁଯାତ୍ରାର ଅଷ୍ଟମ ଦିବସରେ ରାଜଦରବାର ଏବଂ ରଙ୍ଗମହଲରେ ସୁରମନ୍ଦିର ବରଗଡ଼, ଢ଼ୋଲମହୁରୀ ବଲାଙ୍ଗିର, ନଟନିଆ ଡେନ୍ସ ଏକାଡେମୀ କଟକ, ଅଷ୍ଟଭୁଜା ଗୋଟିପୁଅ ନୃତ୍ୟ ପୁରୀ, ପାୟଲ ଇନଷ୍ଟିଚ୍ୟୁଟ କଟକ, ନୃତ୍ୟ କଳାପରିଷଦ ଭବାନୀପାଟଣା, ସୁରସଙ୍ଗମ ଲୋଇସିଂହା, ମୟୂରୀ କଲଚରାଲ ଏସୋସିଏନ ସମ୍ବଲପୁର, ନୂତନ କଳା ପରିଷଦ କନ୍ଧମାଳ, ଦୀପକ ଏବଂ ଗ୍ରୁପ ଟିଟିଲାଗଡ଼, ନଟରାଜ ସୁନ୍ଦରଗଡ଼, ପ୍ରେରନା ଦି ଏବଂ ଗ୍ରୁପ ଛତିଶଗଡ଼ର କଳାକାର ମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ସେହିପରି ଗୋପପୁରରେ ଚେତନା ସାଂସ୍କୃତିକ ଅନୁଷ୍ଠାନ ସୋହେଲା, ଶତ୍ରୁଘ୍ନ ଏବଂ ଗ୍ରୁପ ଅଇଁଠାପାଲି, ମା’ ସମଲେଶ୍ୱରୀ ଏଜିକେ ତୋରା, ଉମା ବେହେରା ଏବଂ ଗ୍ରୁପ୍ ମୁରିବାହାଲର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧନୁଯାତ୍ରାର ନବମ ଦିନ ମଙ୍ଗଳବାର ଅକ୍ରୂର ସହ ଧନୁଯାତ୍ରା ଦେଖିଯିବା ପାଇଁ କୃଷ୍ଣବଳରାମ ବେନିଭାଇଙ୍କୁ ଅଶ୍ରୁଳ ବିଦାୟ ଦେବେ ଗୋପପୁରବାସୀ। ସେହିପରି ମଥୁରା ନଗରୀରେ ମହାରାଜା କଂସଙ୍କ ନଗର ଭ୍ରମଣ ସହ ଆମ୍ରବନରେ ଧ୍ୟାନରତ ମୁନିଋଷିଙ୍କ ଉପରେ ଅତ୍ୟାଚାର ଦୃଶ୍ୟ ଅଭିନୀତ ହେବ।

# ଅବଶିଷ୍ଟାଂଶ

### ଭବ୍ୟ ମନ୍ଦିରରେ....

ପରିପକ୍ୱତାର ପରିଚୟ ଦେଇଛି। ଆଗାମୀ ଦିନରେ ଏହାକୁ ବଜାୟ ରଖାଯିବା ସହିତ ସୌହାର୍ଦ୍ଦ୍ୟ ଏବଂ ସମଭାବାପନ୍ନ ପରିବେଶରେ ଭାରତକୁ ବିକଶିତ ଦିଗରେ ଆଗେଇ ନେବାକୁ ମଧ୍ୟ ଏହି ଶକ୍ତି ସମସ୍ତଙ୍କୁ ପ୍ରେରିତ କରିବ। ଆଗାମୀ ୧୦୦୦ ବର୍ଷ ପାଇଁ ଏହି ସ୍ମରଣୀୟ ଏବଂ ଐତିହାସିକ ମୁହୂର୍ତ୍ତକୁ ଭାରତବାସୀ ମନେ ରଖିବେ ବୋଲି ମୋଦୀ କହିଥିଲେ।

### ଓଡ଼ିଶା ଗଢ଼ିବ...

ସେଥିରୁ ୧୪ଟି ପାରିତ ହୋଇଛି ଏବଂ ଗୋଟିଏ ପ୍ରସ୍ତାବ ଆଲୋଚନା ପାଇଁ ରଖାଯାଇଛି। ଆଜି କ୍ୟାବିନେଟ୍ ବୈଠକ ପରେ ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ବୈଠକରେ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ।

ହସ୍ତଗତ ସୂଚନା ଅନୁସାରେ, କଟକ ନରାଜ ଏବଂ ପାରାଦ୍ୱୀପ ଠାରେ ଜେଏସ୍‌ଡବ୍ଲୁ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ନରାଜ ଠାରେ ବୈଦ୍ୟୁତିକ ଯାନ ଏବଂ ଉକ୍ତ ଯାନ ପାଇଁ ବ୍ୟାଟେରୀ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଏହି ୫୦ ଜିଡବ୍ଲୁଏଚ୍ କ୍ଷମତା ବିଶିଷ୍ଟ ଏକ ଉନ୍ନତ ବୈଷୟିକ ଜ୍ଞାନ ଆଧାରିତ ବ୍ୟାଟେରୀ ଉତ୍ପାଦନ ୟୁନିଟ୍ ଏହି କ୍ଷେତ୍ରରେ ବିଶ୍ୱର ସର୍ବବୃହତ ଏକକ ପ୍ରକଳ୍ପ ହେବ। କମ୍ପାନୀ ଦୁଇଟି ପର୍ଯ୍ୟାୟରେ ସମାନ ସୁବିଧାରେ ବୈଦ୍ୟୁତିକ ଯାନ ଏବଂ ଉପାଦାନଗୁଡିକ ଉତ୍ପାଦନ ପାଇଁ ଅରିଜିନାଲ ଇକ୍ୟୁପମେଣ୍ଟ ମାନୁଫାକ୍‌ଚରର୍ (ଓଇଏମ୍) କାରଖାନା ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଜେଏସ୍‌ଡବ୍ଲୁ ଦୁଇଟି ପର୍ଯ୍ୟାୟରେ ୨୫, ୦୦୦ କୋଟି ଟଙ୍କା ବିନିଯୋଗ କରି ୪୦୦୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ବୈଦ୍ୟୁତିକ ଯାନର ଆନୁସଙ୍ଗିକ ଉପାଦାନ ନିର୍ମାଣ କାରଖାନା ପ୍ରତିଷ୍ଠା କରିବ। କମ୍ପାନୀ ତୃତୀୟ ପର୍ଯ୍ୟାୟରେ ପାରାଦ୍ୱୀପରେ ତମ୍ବା ସ୍ମେଲଟର୍ ସହିତ ଲିଥିୟମ୍ ସ୍ମେଲଟର୍ ଏବଂ ବୈଦ୍ୟୁତିକ ଯାନର ଆନୁସଙ୍ଗିକ ଉପକରଣ ଉତ୍ପାଦନ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପର୍ଯ୍ୟାୟରେ ଜେଏସ୍‌ଡବ୍ଲୁ ୧୫୦୦୦ କୋଟି ଟଙ୍କା ବିନିଯୋଗ କରିବା ସହିତ ସେଠାରେ ୭୦୦୦ ଲୋକଙ୍କୁ ନିଯୁକ୍ତି ଦେବା ନେଇ ପ୍ରତିଶ୍ରୁତି ଦେଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଜେଏସ୍‌ଡବ୍ଲୁ ବୃହତ କାରଖାନା ପ୍ରତିଷ୍ଠା କଲେ ସ୍ଥାନୀୟ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ଗୁଡିକୁ ରୋଜଗାର ମିଳିବ। ଏହା ଦ୍ୱାରା ସ୍ଥାନୀୟ ଲୋକଙ୍କୁ କର୍ମସଂସ୍ଥାନ ମିଳିବ।

ରାଜ୍ୟରେ ଇଭି ଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ ସରକାର ଓଡ଼ିଶା ଇଭି ନୀତି-୨୦୨୧ ବିସ୍ତୃତ ପ୍ରାବଧାନ ରଖିଛନ୍ତି। ୨୦୨୧ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଥିବା ବେଳେ ୨୦୨୩ରେ ଏଥିରେ କିଛି ସଂଶୋଧନ କରାଯାଇଛି। ଓଡ଼ିଶା ଇଭି ନୀତିରେ ଇଭି ଯାନ କ୍ରୟ ଏବଂ କମ୍ପାନୀ ପ୍ରତିଷ୍ଠା କରି ଉତ୍ପାଦନ ଆରମ୍ଭ ପାଇଁ ସ୍ୱତନ୍ତ୍ର ସୁବିଧା ଉପଲବ୍ଧ କରାଯାଇଛି। ୨୦୨୫ ସୁଦ୍ଧା ରାଜ୍ୟରେ ଅତି କମ୍‌ରେ ୨୦% ବୈଦ୍ୟୁତିକ ଯାନ ଚଳାଚଳ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ଇଭି ଉପରେ ଗବେଷଣା ତଥା ଅଭିନବ ଉଦ୍ଭାବନ ପାଇଁ ମଧ୍ୟ ବ୍ୟବସ୍ଥା ଅଛି। ବୈଦ୍ୟୁତିକ ଯାନ ନୀତି ମାର୍ଗଦର୍ଶୀକା ଅନୁସାରେ ଇଭି ଉତ୍ପାଦନ କମ୍ପାନୀ ମାନଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ, ନୂଆ ଯାନ କ୍ରୟ ପାଇଁ ପ୍ରୋତ୍ସାହନ, ସ୍କ୍ରାପିଂ ପାଇଁ ପ୍ରୋତ୍ସାହନ, ଋଣ ଉପରେ ସୁଧ ଛାଡ଼ ବ୍ୟବସ୍ଥା ରହିଛି। ସେହିପରି ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଇଭି ଯାନ କ୍ରେତାଙ୍କ ପାଇଁ ସରକାର ନୂଆ ଗାଡ଼ି ଉପରେ ସରକାର ସବ୍‌ସିଡି ଦେଉଛନ୍ତି। ନୀତି ସଂଶୋଧନ ପରେ ଇଭି ଉପରେ ସବ୍‌ସିଡି ପରିମାଣ ୪ ଗୁଣା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୨୦୨୩ ସୁଦ୍ଧା ରାଜ୍ୟରେ ମାତ୍ର ୫% ଇଭି ପଞ୍ଜିକୃତ ହୋଇଥିବାରୁ ନୀତିରେ ସଂଶୋଧନ କରି ସବ୍‌ସିଡି ପରିମାଣ ବୃଦ୍ଧି କରାଯାଇଥିଲା। ଦୁଇ ଚକିଆ ଗାଡ଼ି ଉପରେ ସର୍ବନିମ୍ନ ୫ ହଜାର ଟଙ୍କାରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦିଆଯାଉ ଥିବା ବେଳେ ଚାରି ଚକିଆ ଯାନ ଉପରେ ସର୍ବାଧିକ ଦେଢ଼ ଲକ୍ଷ ଟଙ୍କା ସବ୍‌ସିଡି ଦିଆଯାଉଛି। ତିନି ଚକିଆ ଇଭି ଉପରେ ୩୦ ହଜାର ଟଙ୍କା ସବ୍‌ସିଡି ମିଳୁଛି। ଏଥିସହ ଇଭି ଗାଡ଼ିର ପଞ୍ଜୀକରଣ ଏବଂ ସଡ଼କ ଟିକସଙ୍କୁ ସରକାର ସମ୍ପୂର୍ଣ୍ଣ ଭାବେ ଛାଡ଼ କରିଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ଇଭି କ୍ରୟ ପାଇଁ ସରକାରୀ କର୍ମଚାରୀଙ୍କୁ ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି। ସରକାରୀ ବିଭାଗରେ ବୈଦ୍ୟୁତିକ ଯାନ ଚଳାଚଳ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଇଭି ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା ପାଇଁ ପୌର ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗାଡ଼ି ପାର୍କିଂ ଉପରେ ମଧ୍ୟ ସବ୍‌ସିଡି ବ୍ୟବସ୍ଥା ହୋଇଛି। ଆସନ୍ତା ୫ ବର୍ଷ ଭିତରେ ରାଜ୍ୟରେ ୫୦% ସରକାରୀ ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯାଉଛି।

ଓଡ଼ିଶା ଇଭି ପଲିସି ଅନୁସାରେ ଉତ୍ପାଦକମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ରାଜ୍ୟ ଜିଏସ୍‌ଟି ଛାଡ଼, ଏମ୍‌ଏସ୍‌ଏମ୍‌ଇ ଏବଂ ଶିଳ୍ପ ନୀତି ଆଧାରରେ ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ପ୍ରାବଧାନ ରହିଛି। ସେହିପରି ଛୋଟ ଓ କ୍ଷୁଦ୍ର ଇଭି ବ୍ୟାଟେରୀ ଉତ୍ପାଦନ ୟୁନିଟ୍ ପାଇଁ ମଧ୍ୟ ଏହି ନୀତିରେ ବ୍ୟବସ୍ଥା ଅଛି। ରାଜ୍ୟ ସରକାରଙ୍କ ଇଭି ନୀତି ଫଳରେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଇଭି କ୍ରୟ ବହୁ ପରିମାଣରେ ବୃଦ୍ଧି ପାଇଛି। ଏଥିସହ ଶିଳ୍ପ ଅନୁକୂଳ ନୀତି ପାଇଁ ଅନେକ କମ୍ପାନୀ ଓଡ଼ିଶାରେ ଇଭି ଏବଂ ବ୍ୟାଟେରୀ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ହେଉ ଅବା ବିଦେଶରେ ଅନୁଷ୍ଠିତ ପୁଞ୍ଜିନିବେଶ ସମ୍ମିଳନୀରେ ରାଜ୍ୟ ସରକାର ନିବେଶକମାନଙ୍କୁ ଓଡ଼ିଶା ଆସିବା ପାଇଁ ଆକୃଷ୍ଟ କରିବାରେ ଅବହେଳା କରି ନାହାନ୍ତି।

### ୧୭ ଜିଲ୍ଲାରେ...

କାର୍ଯ୍ୟ କରୁଥିବା ଓଏଏସ୍ ଅଧିକାରୀ ନରହରି ସେଠୀଙ୍କୁ ଜଳ ସମ୍ପଦ ବିଭାଗରେ ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ ଜିଲ୍ଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ କ୍ରୀର୍ଥୀ ଭାସନ ଭି କୋରାପୁଟ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବେ। ନବରଙ୍ଗପୁର ଜିଲ୍ଲାପରିଷଦ ସଡିଓ ତଥା ଇଓ ଆନ୍ୟା ଦାସଙ୍କୁ ସୋନପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସୂର୍ଯ୍ୟବଂଶୀ ମୟୂର ବିକାଶ ବିଏମ୍‌ସିରେ ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଦାୟିତ୍ୱ ମିଳିଛି। ବ୍ରହ୍ମପୁର ମହାନଗର ନିଗମ ଜେ ସୋନାଲଙ୍କୁ ବୌଦ୍ଧ ଜିଲ୍ଲାପାଳ ନିଯୁକ୍ତ କରାଯାଇଛି। ମୟୂରଭଞ୍ଜ ଏଡିଏମ୍ ଅଗ୍ରୱାଲ ଅକ୍ଷୟ ସୁନୀଲ ସମ୍ବଲପୁର ଜିଲ୍ଲାପାଳ ହୋଇଛନ୍ତି। ସେହିପରି ବରଗଡ଼ ଜିଲ୍ଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ ବରଗଡ଼ ଜିଲ୍ଲାପାଳ ଦାୟିତ୍ୱ ପାଇଛନ୍ତି। ମନୋଜ ସତ୍ୟବାନ ମହାଜନ ଏବେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲା ବେଳେ ତାଙ୍କୁ ରାୟଗଡ଼ା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। କଳାହାଣ୍ଡି ଜିଲ୍ଲା ପରିଷଦ ସିଡିଓ ତଥା ଇଓ ପାୱାର ସଚିନ୍ ପ୍ରକାଶ ମାଲକାନଗିରି ଜିଲ୍ଲାପାଳ ଦାୟିତ୍ୱ ତୁଲାଇବେ। କୋରାପୁଟ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇଶାଲୱାର ବଲାଙ୍ଗିର ଜିଲ୍ଲାପାଳ ହୋଇଛନ୍ତି। ବ୍ରହ୍ମପୁର ଉପଜିଲ୍ଲାପାଳ କୁଲକର୍ଣ୍ଣି ଆଶୁତୋଷ ରାଉରକେଲା ମହାନଗର ନିଗମ କମିଶନର ଦାୟିତ୍ୱ ପାଇଛନ୍ତି। ଏଥିସହ ସେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ଼ର ସିଇଓ, ଏଡିଏମ୍, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବାଲିଗୁଡ଼ା ଉପଜିଲ୍ଲାପାଳ ତଥା ଏନ୍‌ଏସି ନିର୍ବାହୀ ଅଧିକାରୀ ମଧୁମିତାଙ୍କୁ ବ୍ରହ୍ମପୁର ମହାନଗର ନିଗମର କମିଶନର ଭାବେ ବଦଳି କରାଯାଇଛି। କୁଚିଣ୍ଡା ଉପଜିଲ୍ଲାପାଳ ପଦବୀରେ କାର୍ଯ୍ୟରତ ବିଭୂତି ଭୂଷଣ ନାୟକ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବେ। ୨୦୨୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଧୀନା ଦସ୍ତାଗରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ସେହିପରି ରୀନା ପ୍ରଧାନଙ୍କୁ ବାଲିଗୁଡ଼ା ଉପ ଜିଲ୍ଲାପାଳ ଦାୟିତ୍ୱ ମିଳିଛି। ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ବାଲେଶ୍ୱର ଉପଜିଲ୍ଲାପାଳ, କିରନଦୀପ କୌର ସାହୋତା ଗୁଣୁପୁର ଉପ ଜିଲ୍ଲାପାଳ, ରେହାନ୍ ଖତ୍ରୀ ଟିଟିଲାଗଡ଼ ଉପ ଜିଲ୍ଲାପାଳ, ଧୀମନ ଚକମା ଧର୍ମଗଡ଼ ଉପ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି।

### ଓଡ଼ିଶା ରାଜ୍ୟ ମୁକ୍ତ...

ଜୟପୁର ଭଳି ରାଜ୍ୟର ୫ଟି ସ୍ଥାନରେ ଆଞ୍ଚଳିକ କେନ୍ଦ୍ର ଖୋଲାଯାଇ ଛାତ୍ରଛାତ୍ରୀଙ୍କୁ ଦୂରଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଉଚ୍ଚଶିକ୍ଷାର ସୁଯୋଗ ଦିଆଯାଉଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ ଓ ଅର୍ଥ ନିୟନ୍ତ୍ରକ ଏହି ୩ଜଣଙ୍କୁ ଛାଡି ଜଣେ ମଧ୍ୟ ସ୍ଥାୟୀ କର୍ମଚାରୀ ନୁହଁନ୍ତି। ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମସ୍ତେ କଣ୍ଟ୍ରାକ୍ଟୁଆଲ ବା ଠିକାରେ ନିଯୁକ୍ତି ହୋଇଛନ୍ତି। ଏପରିକି ଅଣଶିକ୍ଷକ କର୍ମଚାରୀମାନଙ୍କୁ ଆଉଟସୋର୍ସିଂ ଜରିଆରେ ନିୟୋଜିତ କରାଯାଇଛି। ସେପଟେ ମୁକ୍ତ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉଭୟ ଓଡିଆ ଓ ଇଂରାଜୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲେ ହେଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଠାରୁ ଛାତ୍ରଛାତ୍ରୀଙ୍କୁ ଅଧିକାଂଶ ବିଷୟରେ ଓଡିଆ ମାଧ୍ୟମ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇନାହିଁ। ସେହିଭଳି ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକରେ ବନାନ, ବ୍ୟାକରଣ, ବାକ୍ୟଗଠନ ସମେତ ତଥ୍ୟଗତ ବିଭିନ୍ନ ପ୍ରକାର ଭୁଲଭଟକା ରହୁଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଷୟ ତଥା ଶ୍ରେଣୀର ଛାତ୍ରଛାତ୍ରୀ। ତେବେ ବିଶ୍ୱବିଦ୍ୟାଳୟର ନୂତନ ତଥା ସ୍ୱତନ୍ତ୍ର କୋଠା ନିର୍ମାଣ ହୋଇସାରିଛି ଏବଂ ଖୁବ୍‌ଶୀଘ୍ର ନାକ୍ ଟିମ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିପାରନ୍ତି। ଏହା ହେଲେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି ବ୍ରହ୍ମପୁର ସ୍ଥିତ ଆଞ୍ଚଳିକ କେନ୍ଦ୍ରର କାର୍ଯ୍ୟନିର୍ବାହୀ ଅଧିକାରୀ ସୀତଲ ପୂର୍ଣ୍ଣିମା। ତେବେ ଓଡିଆ ମାଧ୍ୟମ ପାଠ୍ୟପୁସ୍ତକ ପ୍ରାରମ୍ଭରେ କିଛି ବିଷୟରେ ଯୋଗାଇ ଦିଆଯାଇଥିବା ବେଳେ ଅନୁବାଦ ଜନିତ ସମସ୍ୟା କାରଣରୁ ଏନେଇ ମୁଦ୍ରଣ ଓ ଯୋଗାଣରେ ସମସ୍ୟା ରହିଥିବା ସେ କହିଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟର କୁଳପତି ଚୟନ ନେଇ ମଧ୍ୟ ପ୍ରକ୍ରିୟା ଜାରି ରହିଥିବା ସୂଚନା ମିଳିଛି। ବିଶ୍ୱବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାର ଯେତେଶୀଘ୍ର ସମାଧାନ ହେବ ଏହା ଉପରେ ନିର୍ଭର କରୁଥିବା ବହୁ ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।


**AFFIDAVIT**

I, Manika Muduli, D/o- Dillip Kumar Chauhan, W/o- Chinmoy Kumar Muduli, resident of C-30, Ganesh Nagar, Gandamunda, Po-Khandagiri, Bhubaneswar, Pin-751030, Odisha declare by affidavit No.CF NO-76, dated- 06/01/2024 that from now onwards I shall be known as **MONIKA CHAUHAN** for all future purposes.



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 49-SBP-TRD-OT-2023-24, ତା.17.01.2024ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ଼ - ଟିଟିଲାଗଡ଼ ସେକ୍ସନରେ 05 ଟି ବ୍ରିଜ୍ (ବ୍ରିଜ୍ ସଂ. 238 DN, 336 DN, 342 DN, 346 DN ଏବଂ 385 UP) ର ପୁନର୍ନିର୍ମାଣ ପାଇଁ RCC ବକ୍ସରେ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹):** 9,30,772.26, EMD (₹) : 18,600/-, ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.02.2024ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-1014/O/23-24



**ଅତିରିକ୍ତ ସିନିୟର ସିଭିଲ ଜଜ୍, କେନ୍ଦ୍ରାପଡା**

**ଆଇ.ଏ ନଂ - ୬୩୯/୨୦୧୫**

**(C.S. 736/15)**

ଧ୍ରୁବ ଚରଣ ଜେନା (ମୃତ) ଓ ଅନ୍ୟମାନେ ... ବାଦୀମାନେ

ବନାମ

ଗିରିଧାରୀ ଜେନା ଓ ଅନ୍ୟମାନେ ... ବିବାଦୀମାନେ

ନୋଟିସ୍ ପ୍ରାପକ

ସନ୍ତୋଷ ଜେନା, ପିତା- ୰ ନରହରି ଜେନା, ସା- ଟିକରପଙ୍ଗା, ପୋ.ଅ- ଗଡାନଇ, ଥାନା- ପାଟକୁରା ବର୍ତ୍ତମାନ ଥାନା- ମାର୍ଶାଘାଇ, ଜିଲ୍ଲା- କେନ୍ଦ୍ରାପଡା।
ବର୍ତ୍ତମାନ ଠିକଣା- ଏସାର ବୁକ୍ ଟର୍ମିନାଲ ପାରାଦ୍ୱିପ ଲିମିଟେଡ୍, ଇଫକୋ ଛକ ନିକଟ, ସା- ଉଦୟବଟ, ପୋ.ଅ- ପାରାଦ୍ୱିପ, ପିନ୍ ନଂ.- ୭୫୪୧୪୨, ଜିଲ୍ଲା- ଜଗତସିଂହପୁର।

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣଙ୍କ ନାମରେ ଆଇ.ଏ ନଂ.- ୬୩୯/୨୦୧୫ ମୃତ ଧ୍ରୁବ ଚରଣ ଜେନା ଓଗେର ହକିୟତ ଦାବିରେ ମୋକଦ୍ଦମା ଦାଖଲ କରିଛନ୍ତି ଏବଂ ତାହା ତା.୨୭.୦୧.୨୦୨୪ରିଖ ବିଚାର ପାଇଁ ଧାର୍ଯ୍ୟ ଅଛି। ଆପଣ ଉକ୍ତ ତାରିଖରେ ହାଜର ହୋଇ ନିଜର ଜବାବ / ଦାବୀ ରଖିବେ ନଚେତ୍ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

ସା/- ଅତିରିକ୍ତ ସିନିୟର ସିଭିଲ ଜଜ, କେନ୍ଦ୍ରାପଡା



**ଅତିରିକ୍ତ ସିନିୟର ସିଭିଲ ଜଜ୍, କେନ୍ଦ୍ରାପଡା**

**ସି.ଏସ୍ ନଂ - ୭୩୬/୨୦୧୫**

ଧ୍ରୁବ ଚରଣ ଜେନା (ମୃତ) ଓ ଅନ୍ୟମାନେ ... ବାଦୀମାନେ

ବନାମ

ଗିରିଧାରୀ ଜେନା ଓ ଅନ୍ୟମାନେ ... ବିବାଦୀମାନେ

ନୋଟିସ୍ ପ୍ରାପକ

ସନ୍ତୋଷ ଜେନା, ପିତା- ୰ ନରହରି ଜେନା, ସା- ଟିକରପଙ୍ଗା, ପୋ.ଅ- ଗଡାନଇ, ଥାନା- ପାଟକୁରା ବର୍ତ୍ତମାନ ଥାନା- ମାର୍ଶାଘାଇ, ଜିଲ୍ଲା- କେନ୍ଦ୍ରାପଡା।
ବର୍ତ୍ତମାନ ଠିକଣା- ଏସାର ବୁକ୍ ଟର୍ମିନାଲ ପାରାଦ୍ୱିପ ଲିମିଟେଡ୍, ଇଫକୋ ଛକ ନିକଟ, ସା- ଉଦୟବଟ, ପୋ.ଅ- ପାରାଦ୍ୱିପ, ପିନ୍ ନଂ.- ୭୫୪୧୪୨, ଜିଲ୍ଲା- ଜଗତସିଂହପୁର।

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣଙ୍କ ନାମରେ ସି.ଏସ୍. ନଂ.- ୭୩୬-୨୦୧୫ ମୃତ ଧ୍ରୁବ ଚରଣ ଜେନା ଓଗେର ହକିୟତ ଦାବିରେ ମୋକଦ୍ଦମା ଦାଖଲ କରିଛନ୍ତି ଏବଂ ତାହା ତା.୨୭.୦୧.୨୦୨୪ରିଖ ବିଚାର ପାଇଁ ଧାର୍ଯ୍ୟ ଅଛି। ଆପଣ ଉକ୍ତ ତାରିଖରେ ହାଜର ହୋଇ ନିଜର ଜବାବ / ଦାବୀ ରଖିବେ ନଚେତ୍ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

ସା/- ଅତିରିକ୍ତ ସିନିୟର ସିଭିଲ ଜଜ, କେନ୍ଦ୍ରାପଡା



Government of Odisha “e” Procurement Notice B-1655

WORKS DEPARTMENT

Bid Identification No. C.C.E.K.C., Keonjhar No. 51 / 2023-24

email: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 245, Dt. 12.01.2024

1 No. of the work: :- 3 number Road Works & 1 number Bridge Work.
2 Estimated cost :- Rs. 389.01 Lakhs to Rs. 671.84 Lakhs
3 Class of Contractor :- "A" Class & "Special" Class
4 Period of completion :- 05 (Five) Calendar Months to 07 (Seven) Calendar Months
5 Date and Time of availability of Bid document in the portal :- From 11.30 Hours of 24.01.2024 to 16.00 Hours of 07.02.2024
6 Last date / Time for receipt of bids in the portal :- 16.00 Hours of 07.02.2024
7 Date of opening of Bid from Portal :- 11.30 Hours on 08.02.2024
8 Name and address of the officer inviting Bid :- Chief Construction Engineer, Keonjhar (R&B) Circle, Keonjhar-758001.

Further details can be seen from the e-procurement portal "http://tendersodisha.gov.in"

Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0071/2324



WORKS DEPARTMENT B-1654

OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

email: seec_bls@rediffmail.com

Government of Odisha “e” Procurement Notice

Bid Identification No. CCEEC-29/2023-24

No. 2871 / Dt. 16.11.2024

Nature of work - Bridge Works
Number of works - 1 No. Bridge Works
Amount put to Tender - Rs. 891.27 Lakh
Class of Contractor - "A" Class & "Special" Class
Date & Time of availability of bid document in the portal: Dt. 24.01.2024 at 10.00 AM
Last date / Time of receipt of bid in the portal: Dt. 07.02.2024 up to 05.00 PM
Date of opening of Bid: Dt. 08.02.2024 at 11.00 AM
Name & address of the Office inviting bid: Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-procurement portal" http//tendersodisha.gov.in. All future corrigendum will be available on ONLINE mode only.

Sd/- R. Rout
Chief Engineer (Civil)
Eastern Circle (R&B) Balasore

OIPR-34026/11/0031/2324



OFFICE OF THE SUPERINTENDING ENGINEER A-1278

MINOR IRRIGATION DIVISION, NABARANGAPUR

Pin-764059, Email id: mingpur@yahoo.in

QUOTATION CALL NOTICE NO.04/2023-24

FOR HIRING OF VEHICLES

1) Hiring of Bolero / TUV / Scorpio for
(A) Office of the Assistant Executive Engineer ,M.I. Sub-Division, Umerkote under Nabarangpur District. ( Maximum 3 year old vehicle from the date of initial registration ) .
2) Total Number of Vehicle :- 01 nos
3) Estimated Hire Cost :- Rs 31,000/- (Excluding G.S.T ) per month per vehicle
4) Period of contract :- Up to 31.03.2024.
5) Available of tender paper date and Time:- From 24.01.2024, 10.00AM to 31.01.2024 up to 12.00 Noon.
6) Quotation Paper dropping Last date and Time: - 31.01.2024 up to 12.30 P.M at Office of the Superintending Engineer, M.I. Division, Nabarangpur
7) Quotation Paper opening date and Time: - 31.01.2024- 1.00 P.M at Office of the Superintending Engineer, M.I. Division, Nabarangpur

| Procurement Officer | Quotation call Notice Number | Cost of Tender Paper | Availability of tender papers for bidding | |
|---|---|---|---|---|
| 1 | 2 | 3 | 4 | 5 |
| | | | From | To |
| Superintending Engineer, M.I. Division, Nabarangpur | Quotation Call No. 04/2023-24 | Rs.100.00 | 24.01.2024 10.00AM | 31.01.2024 up to 12.00 NOON. |

Superintending Engineer
Minor Irrigation Division
Nabarangpur

OIPR-32294/11/0016/2324



OFFICE OF THE C-2403

NOTIFIED AREA COUNCIL, TARBHA

‘e” Procurement Notice

BID Identification No. TRV-NAC-06/2023-24

TENDER ID: 2024_ORULB_99870

Tender Call Notice No. 101/Date 19.01.2024

Bid Documents consisting of Work. Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work — As per DTCN
2. No. of works — 11 Nos
3. Amount put to Tender — As per DTCN
4. Period of Completion — As per DTCN
5. Starting Date &Time of Bidding — From Dt.20.01.2024 from 11.00 A.M.
6. Last Date & Time for Receipt of tenders through online — On or before Dt.03.02.2024 up to 05.00 PM
7. Bids received online shall be opened on — On Dt.05.02.2024 at 11.00 AM
8. Name and address of the Officer inviting Bid — Executive Officer,Tarbha NAC

Further details can be seen from the procurement portal i.e. www.tendersodisha.gov.in

Executive Officer
Tarbha NAC

OIPR-13199/11/0027/2324



O-2273

GOVERNMENTOFODISHA

OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI

E-mail-ruralworksdivisioniimalkangiri@yahoo.in

INVITATION FOR BIDS

NATIONAL COMPETITIVE BIDDING

**Bid Identification No: RWDSE_MKG_II_ONLINE_26/2023-24**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1 Name of the Work: : Road works
2 No. of Works : **02 Nos**
3 Estimated Cost : **Rs. 10.29 lakhs to Rs. 14.29 lakhs**
4 Tender Paper Cost : Rs. 6,000/-
5 Class of Contractor :

| Estimated cost up to ₹20.00 lakhs | Estimated cost up to ₹40.00 lakhs | Estimated cost more than ₹20.00 lakhs & within ₹300.00 lakhs |
|---|---|---|
| 'D' | 'C' | 'B' |

6 Period of Completion : 01(One) calendar months

7. Critical dates :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_26 of 2023-24 | 25.01.2024 at 11.00AM | 02.02.2024 up to 05.30PM | 01.02.2024 up to 1.00 P.M. | 03.02.2024 at 11.00 A.M |

- Further details can be seen in the bidding documents, which is available in thee-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

Executive Engineer
Rural Works Division-II, Malkangiri

OIPR-25079/11/0029/2324

# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ଦିନରେ

- ୧୫୭୧-ଲଣ୍ଡନରେ ରୟାଲ ଏକ୍ସଚେଞ୍ଜର ଶୁଭାରମ୍ଭ।
- ୧୭୯୩-ପୋଲାଣ୍ଡର ବିଭାଜନ।
- ୧୯୮୯- ତାଜିକିସ୍ତାନରେ ଭୂମିକମ୍ପ ଯୋଗୁ ଶତାଧିକ ମୃତ।
- ୨୦୦୨- ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲଙ୍କୁ କରାଚୀରୁ ଅପହରଣ କରାଗଲା।
- ୨୦୨୦- ବ୍ରିଟେନ୍‌ର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ବ୍ରେକ୍‌ଜିଟ୍ ଆଇନକୁ ମଞ୍ଜୁରି ଦେଲେ।

## ଆଜିର ରାଶିଫଳ

**ମେଷ:** ପରୋପକାର କାର୍ଯ୍ୟରେ ନିଜକୁ ସାମିଲ କରିବେ। ବାପାଙ୍କ ଚକ୍ଷୁ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଅଫିସ୍‌ରେ ନିଜ କାର୍ଯ୍ୟରେ ମନଯୋଗ ଦେବେ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ପୂଜାପାଠ, ଭଜନ କୀର୍ତ୍ତନରେ ସମୟ ଅତିବାହିତ କରିବେ। ସରକାରୀ ଚାକିରିକୁ ନେଇ କୌଣସି ଖୁସି ଖବର ମିଳିବା ସମ୍ଭାବନା ଅଛି। ସାଙ୍ଗଙ୍କଠାରୁ ଧାର କରଜ କରିବେ।

**ମିଥୁନ:** ଜମି କିଣିବା ଅଭିଳାଷ ପୂରଣ ହେବ। ବନ୍ଧୁଙ୍କ କୌଣସି କଥାରେ ଭରସା କରନ୍ତୁ ନାହିଁ। ବ୍ୟାଙ୍କ୍ କର୍ମଚାରୀ କାମରେ ପୂରା ଧ୍ୟାନ ଦେବେ। ଶାଶୂଶ୍ୱଶୁରଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**କର୍କଟ :** ଦିନଟି ହସଖୁସିରେ ଅତିବାହିତ କରିବେ। କର୍ମଜୀବୀଙ୍କ ମାନପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ ଶିକ୍ଷା କ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହେବେ। ଭାବିଚିନ୍ତି ଅର୍ଥ ନିବେଶ କରନ୍ତୁ।

**ସିଂହ:** ଘରକୁ ଅତିଥି ଆଗମନ କରିବେ। ଖର୍ଚ୍ଚ ବଢ଼ିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବା ସହ ନୂଆ ଦାୟିତ୍ୱ ଗ୍ରହଣ କରିବେ। ପେଟଜନିତ ସମସ୍ୟା ଦେଖା ଦେବ। ସାମାଜିକ କାର୍ଯ୍ୟରେ ସମୟ ଦେବେ।

**କନ୍ୟା:** ଦିନଟିରେ ସକାରାତ୍ମକ ଫଳ ମିଳିବ। ଅର୍ଥ ନିବେଶ କରିବା ପାଇଁ ଉପଯୁକ୍ତ ସମୟ। ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। କୌଣସି ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**ତୁଳା:** ବିଦ୍ୟାର୍ଥୀଙ୍କୁ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ। ନୂଆ କାମରେ ସାମିଲ ହେବା ପାଇଁ ଉପଯୁକ୍ତ ସମୟ। ବିବାହ ପ୍ରସ୍ତାବ ଆସିବ। ଜୀବନସାଥୀଙ୍କ ସହ ଭବିଷ୍ୟତକୁ ନେଇ ନୂଆ ଯୋଜନା କରିବେ।

**ବିଛା:** ଦିନଟିରେ ମାନସମ୍ମାନ ଓ ପ୍ରତିଷ୍ଠା ବଢ଼ିବ। ବୁଲାବୁଲିରେ ସମୟ କାଟିବେ। ନୂଆ ବନ୍ଧୁଙ୍କ ସଂସ୍ପର୍ଶରେ ଆସିବେ। କୌଣସି ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁ ନାହିଁ।

**ଧନୁ:** ପାରିବାରିକ ଜୀବନ ସୁଖମୟ ହେବ। ନୂଆ ଜିନିଷ ପାଇଁ ଅର୍ଥ ବ୍ୟୟ କରିବେ। ବନ୍ଧୁଙ୍କ ସହିତ ବୁଲିବାକୁ ଯିବେ। ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ସୃଷ୍ଟି ହେବ।

**ମକର:** ନୂଆ ନିଯୁକ୍ତି ମିଳିବ। ପାରିବାରିକ କଳହକୁ ନେଇ ମନ ଉଦାସ ରହିବ। ବ୍ୟବସାୟକ ବୃଦ୍ଧିକୁ ନେଇ ନୂଆ ଯୋଜନା କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କୁମ୍ଭ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କୁ ସମୟ ଦେଇପାରିବେ ନାହିଁ। କୌଣସି ବ୍ୟକ୍ତିଙ୍କ ଉପରେ ଭରସା କରନ୍ତୁ ନାହିଁ। ବିଦ୍ୟାର୍ଥୀଙ୍କୁ ଆଶାତୀତ ସଫଳତା ମିଳିବ।

**ମୀନ:** ଦିନଟି ଶୁଭଫଳ ପ୍ରଦାନ କରିବ। ମାଙ୍ଗଳିକ କାର୍ଯ୍ୟ କରିବେ। ବ୍ୟବସାୟରେ ଆର୍ଥିକ ସମସ୍ୟା ଦେଖାଦେବ। କୌଣସି ଖୁସି ଖବର ମିଳିବ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେଇ ସଫଳତା ପ୍ରାପ୍ତି କରିବେ।

**ଆଜି ଆସିଥିଲେ**

# ବୀର ସୁରେନ୍ଦ୍ର ସାଏ



ଆଜି ଓଡ଼ିଶାର ଅନ୍ୟତମ ବୀର ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କ ଜନ୍ମବାର୍ଷିକୀ। ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧା ଓ ବିଚକ୍ଷଣ ବିପ୍ଳବୀ। ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରୀତ୍ୱ ନେଇ ବ୍ରିଟିଶ୍ ସରକାର ବିରୋଧରେ 'ଉଲଗୁଲାନ' (ଆନ୍ଦୋଳନ) ଆରମ୍ଭ କରିଥିଲେ । ତାଙ୍କର ଅଦ୍ଭୁତ ସଂଗଠନ ଶକ୍ତି, ଅସୀମ ପରାକ୍ରମ, ଅସାଧାରଣ ରଣକୌଶଳ ଇଂରେଜ ଶାସକଙ୍କୁ ଚକିତ କରିଥିଲା।

୧୮୦୯ ମସିହା ଆଜିର ଦିନରେ ସୁରେନ୍ଦ୍ର ସାଏ ସମ୍ବଲପୁରଠାରୁ ୧୯ ମାଇଲ ଦୂର ଖିଣ୍ଡା ଗାଁରେ ଜନ୍ମଗ୍ରହଣ କରିଥିଲେ। ଖିଣ୍ଡାବଂଶୀୟ ଧରମ ସିଂହ ଓ ରେବତୀ ଦେବୀଙ୍କ ସାତ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ସୁରେନ୍ଦ୍ର ଥିଲେ ବଡ଼। ସେ ଥିଲେ ସମ୍ବଲପୁରରେ ଚୌହାଣ ବଂଶର ଚତୁର୍ଥ ରାଜା ମଧୁକର ସାଏଙ୍କ ବଂଶଜ। ୧୮୨୭ରେ ଚୌହାଣ ବଂଶର ଶେଷ ରାଜା ନିଃସନ୍ତାନ ମହାରାଜ ସାଏଙ୍କ ମୃତ୍ୟୁ ପରେ ରାଜଗାଦିରେ ଅଧିଷ୍ଠିତ ହେବା ପାଇଁ ସୁରେନ୍ଦ୍ର ସାଏ ଥିଲେ ଯୋଗ୍ୟ ବ୍ୟକ୍ତି। କିନ୍ତୁ ବ୍ରିଟିଶ କର୍ତ୍ତୃପକ୍ଷ ନାନା ଫନ୍ଦିଫିକର କରି ସୁରେନ୍ଦ୍ର ସାଏଙ୍କୁ ରାଜଗାଦିରୁ ଦୂରେଇ ରଖିବାରୁ ଜନଅସନ୍ତୋଷ ତୀବ୍ରତର ହୋଇ ସମ୍ବଲପୁର ବିପ୍ଳବର ରୂପ ନେଲା। ତାଙ୍କ ଜୀବନ କାଳ ୭୫ ବର୍ଷ ମଧ୍ୟରୁ କେବଳ ୩୬ ବର୍ଷକାଳ ସେ କାରାଗାରରେ କାଟିଥିଲେ । ଏହା ଯେକୌଣସି ସ୍ୱାଧୀନତା ସଂଗ୍ରାମୀଙ୍କ ଜେଲରେ ରହିବା ସମୟ ତୁଳନାରେ ସର୍ବାଧିକ ଥିଲା। ସେ ୧୮୨୭-୧୮୬୪ ମସିହା ଜାନୁଆରୀ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ରୋହର ବହ୍ନିକୁ ପ୍ରଜ୍ୱଳିତ କରି ରଖିଥିଲେ। ସୁରେନ୍ଦ୍ର ସାଏ ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ୧୩ ବର୍ଷ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ୭ ବର୍ଷ ଏହିପରି ଦୁଇଟି ପର୍ଯ୍ୟାୟରେ ମୋଟରେ ୨୦ ବର୍ଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଭାବରେ ଲଢ଼େଇ କରିଥିଲେ। ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ମୁକାବିଲା ପାଇଁ ଗରିଲା ରଣନୀତି ଆପଣେଇ ଥିଲେ। ଫଳରେ ତାଲିମପ୍ରାପ୍ତ ଇଂରେଜ ସୈନ୍ୟମାନଙ୍କ ଯୁଦ୍ଧ କୌଶଳ କାମ ଦେଇ ନ ଥିଲା। ତେବେ ବିଶ୍ୱାସଘାତକତାର ଶିକାର ହୋଇ ୧୮୬୪ ରେ ସେ ଦ୍ୱିତୀୟ ଥର ପାଇଁ ଗିରଫ ହୋଇଥିଲେ। ୮ ଜୁନ୍ ୧୮୬୫ରେ ସୁରେନ୍ଦ୍ରଙ୍କୁ ଅସୁରଗଡ଼ ଦୁର୍ଗରେ ବନ୍ଦୀ ରଖାଯାଇଥିଲା। ଏହି ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ୨୮ ଫେବୃଆରି ୧୮୮୪ରେ ଏହି ମହାନ ବୀରଙ୍କ ଜୀବନ ଦୀପ ନିର୍ବାପିତ ହୋଇଯାଇଥିଲା।

## ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ



'ତୁମେ ମତେ ରକ୍ତ ଦିଅ, ମୁଁ ତମକୁ ସ୍ୱାଧୀନତା ଦେବି' ଏଭଳି ଆହ୍ୱାନ ଆଜି ବି ଯୁବପିଢ଼ି ମନରେ ଉଦ୍ଦାମତା ଭରିଦିଏ। ଦେଶର ସ୍ୱାଧୀନତା ପାଇଁ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଯୋଗଦାନ ଅତୁଳନୀୟ। ୧୮୯୭ ଜାନୁଆରି ୨୩ ତାରିଖରେ ଜାନକୀ ନାଥ ବୋଷ ଓ ପ୍ରଭାବତୀ ଦେବୀଙ୍କ ନବମ ସନ୍ତାନ ଭାବେ କଟକ ଠାରେ ସୁଭାଷ ଜନ୍ମ ନେଇଥିଲେ। ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ି ସେ ମାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଛାତ୍ର ଜୀବନରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ତାଙ୍କୁ ଅନୁପ୍ରାଣିତ କରିଥିଲା। ୧୯୨୦ ମସିହା ଆଇସିଏସ୍ ପରୀକ୍ଷାରେ ସେ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ପରେ ବ୍ରିଟିଶ୍ ଶାସକଙ୍କ ଅତ୍ୟାଚାର ଦେଖି ସରକାରୀ ଚାକିରି ଛାଡ଼ିଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୩୮ ମସିହାରେ ହରିପୁରା ଜାତୀୟ କଂଗ୍ରେସର ଅଧିବେଶନରେ ଗାନ୍ଧୀଙ୍କ ମନୋନୀତ ପ୍ରାର୍ଥୀ ପଟ୍ଟାଭିସୀତାରାମୟାଙ୍କୁ ହରାଇ ନେତାଜୀ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୩୯ ମସିହାରେ 'ଫରୱାର୍ଡ ବ୍ଲକ୍' ନାମକ ଏକ ରାଜନୈତିକ ଦଳ ଗଠନ କରି ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଜାରି ରଖିଥିଲେ। ସଶସ୍ତ୍ର ଆନ୍ଦୋଳନ ଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ। ଭାରତର ସ୍ୱାଧୀନତା ପାଇଁ ୧୯୪୧ ଜାନୁୟାରୀ ୧୭ ତାରିଖରେ ସେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ତାନ ଓ ସୋଭିଏତ୍ ରୁଷ ମଧ୍ୟ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ। ବର୍ଲିନ୍‌ରୁ ଆଜାଦହିନ୍ଦ୍ ରେଡିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ସୁଭାଷ ସିଙ୍ଗାପୁରରେ ଆଜାଦହିନ୍ଦ୍ ଫୌଜର ଦାୟିତ୍ୱ ଗ୍ରହଣ କଲେ। ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ସେଠାରେ ସେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କଲେ। ସେହିଦିନଠାରୁ ସେ 'ଦିଲ୍ଲୀ ଚଲୋ' ଆହ୍ୱାନ ଦେଇଥିଲେ। ୧୯୪୪ ମାର୍ଚ୍ଚ ୧୮ ତାରିଖରେ ବର୍ମା ସୀମା ଅତିକ୍ରମ କରି ଭାରତୀୟ ମାଟିରେ ପାଦ ଥାପିଥିଲେ ଓ ମଣିପୁରର ଇମ୍ଫାଲ ଯାଏଁ ଏହି ଅଭିଯାନ ଅଗ୍ରସର ହେଲା। ଦୃଢ଼ ପଦକ୍ଷେପରେ ଅଗ୍ରସର ହେଉଥିବା ଆଜାଦହିନ୍ଦ୍ ଫୌଜ ଉପରକୁ ବ୍ରିଟିଶ ବାହିନୀ ଉଭୟ ସ୍ଥଳ ଓ ଆକାଶପଥରୁ ଆକ୍ରମଣ କରି ଇମ୍ଫାଲଠାରେ ତାଙ୍କୁ ପରାସ୍ତ କଲା। ୧୮ ଅଗଷ୍ଟ, ୧୯୪୫ରେ ନେତାଜୀଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ବୋଲି ଖବର ଆସିଥିଲା। ହେଲେ ଆଜି ବି ତାଙ୍କ ମୃତ୍ୟୁକୁ ନେଇ ଅନେକ କଳ୍ପନାଜଳ୍ପନା ଲାଗି ରହିଛି।

# ସୁଶାନ୍ତଙ୍କ ଶେଷ ଫିଲ୍ମର ଆସିବ ସିକ୍ୱେଲ



ବଲିଉଡ୍‌ର ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତ ଏପରି ଜଣେ ଅଭିନେତା ଥିଲେ, ଯିଏ କି ଟେଲି ପରଦାକୁ ଆରମ୍ଭ କରି ବଲିଉଡ୍ ପର୍ଯ୍ୟନ୍ତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବହୁତ କମ୍ ଦିନର ଫିଲ୍ମି କ୍ୟାରିୟର୍‌ରେ ସେ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନାୟକମାନଙ୍କୁ କଡ଼ା ଟକ୍କର ଦେଇଥିଲେ। ଜୁନ୍ ୧୪, ୨୦୨୦ରେ ସୁଶାନ୍ତଙ୍କ ମୃତ୍ୟୁ ଖବର ତାଙ୍କର ପ୍ରଶଂସକମାନଙ୍କୁ ସ୍ତବ୍ଧ କରି ଦେଇଥିଲା। ସୁଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ଶେଷ ଫିଲ୍ମ 'ଦିଲ୍ ବେଚାରା' ରିଲିଜ୍ ହୋଇଥିଲା। ଏବେ ଏହି ଫିଲ୍ମକୁ ନେଇ ଏକ ଅପଡେଟ୍ ଆସିଛି। ମୁକେଶ ଛାବରାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଏବେ ସିକ୍ୱେଲ ଆସିବ। ଏହି କଥା ନିଜେ ମୁକେଶ ଟ୍ୱିଟ୍ କରି ଜଣାଇଛନ୍ତି। ମୁକେଶ ଏକ୍ସରେ ଏକ ପୋଷ୍ଟ ସେୟାର୍ କରି ଲେଖିଛନ୍ତି 'ଦିଲ୍ ବେଚାରା-୨'। ତେବେ ସୁଶାନ୍ତଙ୍କ ଶେଷ ଫିଲ୍ମର ସିକ୍ୱେଲ ଆସିବା ଶୁଣି ତାଙ୍କ ପ୍ରଶଂସକମାନେ ଏବେ ବେଶ୍ ଉତ୍ସାହିତ ହୋଇଯାଇଛନ୍ତି।




## ଉନ୍ନତ କିସମର

# ବିରି ଚାଷ





**ସ୍ୱଳ୍ପ ଅବଧି ମଧ୍ୟରେ ଏକ ପ୍ରମୁଖ ଡାଲିଜାତୀୟ ଫସଲ ହେଉଛି ବିରି। ଏଥିରେ ଅଧିକ ପ୍ରୋଟିନ୍, ଭିଟାମିନ୍, କ୍ୟାଲସିୟମ, ଲୌହସାର, ଖଣିଜଲବଣ ଆଦି ପ୍ରଚୁର ମାତ୍ରାରେ ମିଳିଥାଏ। ଜଳଧାରଣ କ୍ଷମତା ଥିବା ଚିକିଟା ଓ ଦୋରସା ମାଟିରେ ବିରି ଚାଷ ଭଲ ହୋଇଥାଏ। ବିରି ବୁଣିବା ପୂର୍ବରୁ ୨ରୁ ୩ ଓଡ଼ ହଳ କରିବା ଆବଶ୍ୟକ। ବିରି ବୁଣିବା ପାଇଁ ବର୍ତ୍ତମାନ ଭଲ ସମୟ। ଏକର ପିଛା ୬ରୁ ୮ କିଗ୍ରା ବିରି ବିହନ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ବିହନକୁ ଥିରାମ୍ କିମ୍ବା ଡାଇଇଥେନ୍ ଉପଚାରର ଆବଶ୍ୟକ ହେଉଥିବାବେଳେ ରୋଗସହଣୀ ଉନ୍ନତ କିସମର ବିରି ବ୍ୟବହାରଯୋଗ୍ୟ।**

ସି୦୬ (ସାହେବୀ ରୋଗ ପ୍ରତିରୋଧୀ), ମହୁରୀ, ଏମ୍‌ଏଚ୍-୪୨୧ (ଜମିରେ ମଞ୍ଜି ଝଡ଼ି ନଥାଏ), ଲାମ୍- ୪୬୦ (ସାହେବୀ ଓ ପତ୍ରକୋଚା ରୋଗ ସହଣୀ), ଏସ୍.ଏମ୍.ଏଲ୍-୬୬୮ (ପତ୍ରଚିତା ଓ ସାହେବୀ ରୋଗ ପ୍ରତିରୋଧୀ ସହିତ ଅନ୍ତଫସଲ ଭାବେ ବେଶ୍ ଉପଯୋଗୀ), ପୁଷା-୯୦୭୨ (ପାଉଁଶିଆ ରୋଗ ସହଣୀ), ଟାର୍ମ-୧(ପାଉଁଶିଆ ରୋଗ ପ୍ରତିରୋଧୀ), ପି.ଡି.ୟୁ-୧, ଜବାହାର ବିରି, ଟିପିୟୁ-୪, ନରେନ୍ଦ୍ର ବିରି-୧, ଜ୍ୟୋତି, ଟାର୍ମ-୨, କାମଦେବ, ସୁଜାତା, ସି.ଓ-୪, ଆଇପିଏମ୍ ୦୨- ଇତ୍ୟାଦି ବ୍ୟବହାରଯୋଗ୍ୟ।

ନାଇଟ୍ରୋଜେନ୍ ୮-୧୨ କିଗ୍ରା. ଏବଂ ଫସ୍‌ଫରସ ୨୦-୨୪ କିଗ୍ରା ତଥା ପଟାସ ୧୦ କିଗ୍ରା ପ୍ରତି ଏକର ପିଛା ଖତ ଭାବେ ବ୍ୟବହାର କରିପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଡାଲିଜାତୀୟ ଫସଲରେ ଗନ୍ଧକଯୁକ୍ତ ଉର୍ବରକ ତଥା ସିଙ୍ଗଲ ସୁପର ଫସ୍‌ଫେଟ୍, ଆମୋନିଆ ସଲଫେଟ୍, ଜିପ୍‌ସମ୍ ଆଦି ପ୍ରୟୋଗ କରିବା ଆବଶ୍ୟକ।

ବିରି ଚାଷରେ ଫୁଲ ଏବଂ ଦାନା ଆସିବା ସମୟରେ ଜମିର ଆର୍ଦ୍ରତାକୁ ଧ୍ୟାନ ଦେବା ଦରକାର। ବିରି ବୁଣିବାର ପ୍ରାୟ ୧୫ରୁ ୨୦ ଦିନ ପରେ କୋଡ଼ାଖୋସା କରିବା ସହିତ ଘାସ ନିୟନ୍ତ୍ରଣ କରିବା ଜରୁରି। ବିରିରେ କାଳିମୁଣ୍ଡିଆ ପୋକ ରାତିରେ ସକ୍ରିୟ ରହି ଏହା ଗଛ ଏବଂ ପତ୍ରକୁ ଖାଇଦେଇଥାଏ। ଏହାଦ୍ୱାରା ଉତ୍ପାଦନ ହ୍ରାସ ହୁଏ। ସେହିପରି ଧଳା ମାଛି କୀଟର ପ୍ରାପ୍ତ ଅବସ୍ଥା ଏବଂ ଶିଶୁ ଉଭୟ ଫସଲ ପାଇଁ ହାନିକାରକ। ଏହା ପତ୍ରରୁ ରସ ଶୋଷି ବିଷାକ୍ତ ଲାଳ ଛାଡ଼ିବା ଦ୍ୱାରା 'ୟେଲୋ ମୋଜେକ୍' ନାମକ ରୋଗ ବ୍ୟାପିଥାଏ। ତେଣୁ ଏହି ରୋଗର ପ୍ରାରମ୍ଭରୁ ନିୟନ୍ତ୍ରଣ କରିବା ଜରୁରି। ହଳଦିଆ ପଡ଼ିଥିବା ଗଛକୁ ଛିଣ୍ଡାଇ ଅଲଗା ସ୍ଥାନକୁ ଫିଙ୍ଗିପାରିବେ। ଡାଇମେଥାଏଟ୍ ୩୦ ଇସି , ୨ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ଏହାବାଦ୍ ବିରିରେ ଲାଗୁଥିବା ବିଭିନ୍ନ ପ୍ରକାର ରୋଗପୋକ ନିୟନ୍ତ୍ରଣ ପାଇଁ ଡାଇମିଥୋଏଟ ୩୦ ଇସି କୁ ଏକ ମିଲି ପ୍ରତି ୧୫ ଲିଟର ପାଣି ସହିତ ମିଶାଇ ସିଞ୍ଚନ କରିପାରିବେ।

# ଗର୍ଭାବସ୍ଥାରେ ଗାଈର ଯତ୍ନ



**ଗାଈମାନଙ୍କର ଗର୍ଭଧାରଣ କ୍ଷମତା ୨୮୦ରୁ ୨୯୦ ଦିନ। ତେଣୁ ଗର୍ଭରେ ଥିବା ବାଛୁରୀଟିର ଉଚିତ ବୃଦ୍ଧି ବିକାଶ ସହ ଗାଈମାନଙ୍କୁ କିଟୋସିସ୍ ଏବଂ ମିଲ୍‌କଫିବର ଭଳି ରୋଗ ନ ହେବା ପାଇଁ ଏହି ସମୟରେ ଗାଈଙ୍କର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ସଠିକ୍ ଦେଖାଶୁଣା କରିବା ଦ୍ୱାରା ସେମାନଙ୍କ ଉତ୍ପାଦିକା କ୍ଷମତା ଠିକ୍ ରହିଥାଏ। ତେଣୁ ଗର୍ଭାବସ୍ଥାରେ ଗାଈର ଯତ୍ନ କିପରି ନେବେ ଜାଣି ରଖନ୍ତୁ।**

ଗର୍ଭିଣୀଗାଈଙ୍କୁ ଶୋଇବା ଓ ଠିଆ ହେବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ଥିବା ଦରକାର। ଗର୍ଭଧାରଣ ପରେ ଗାଈମାନଙ୍କୁ ଅନ୍ୟ ସାଧାରଣ ଗାଈଙ୍କଠାରୁ ଅଲଗା ରଖିବା ଉଚିତ। ଗର୍ଭଧାରଣ ତଥା ସେମାନଙ୍କର କୌଣସି କ୍ଷତି ନ ହେବା ପାଇଁ ଚଟାଣକୁ ସମତୁଲ ଓ ସଫା ସୁତୁରା ଦରକାର। ସେହିପରି ଚଟାଣରେ ଧାରୁଆ କଣ୍ଟା କିମ୍ବା ଅନ୍ୟାନ୍ୟ ଜିନିଷ ଯେପରି ନ ରହେ ସେଥିପ୍ରତି ଧ୍ୟାନ ଦେବା ଉଚିତ। ନିୟମିତ ଚଟାଣକୁ ବିଶୋଧନ କରିବା ଭଲ। ସେହିପରି ଗର୍ଭିଣୀଗାଈମାନଙ୍କୁ ସାତମାସ ହେବାର ୧୫ ଦିନ ପରେ ଆଉ କ୍ଷୀର ଦୁହିଁବା ଅନୁଚିତ। ସେମାନଙ୍କ ପାଇଁ ସ୍ୱଚ୍ଛ ପାଣି ଦିନସାରା ମହଜୁଦ ରଖିବା ଦରକାର।

ଏନେଇ ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଡା.ନିରାକାର ଜେନା କୁହନ୍ତି, ଗର୍ଭାବସ୍ଥାରେ ୧.୫ କିଗ୍ରାରୁ ୧.୭୫ କିଗ୍ରା ଦାନା ଅଧିକ ଦେବା ଦରକାର। ଛୁଆ ଜନ୍ମକରିବାର ୪-୫ ଦିନ ପୂର୍ବରୁ ଗାଈମାନଙ୍କୁ ଏକ ସଫାସୁତୁରା ଘରକୁ ସ୍ଥାନାନ୍ତରଣ କରିବା ସହ ଚଟାଣ ଉପରେ କୁଟା ପକାଇବା ଉଚିତ। ଗର୍ଭିଣୀ ଗାଈକୁ ଦୈନିକ ୧୫-୨୦ କିଗ୍ରା ସବୁଜ ଘାସ, ୪ରୁ୫ କିଗ୍ରା ଶୁଖିଲା ନଡ଼ା କୁଟା, ୨ରୁ ୩ କିଗ୍ରା ସନ୍ତୁଳିତ ଦାନା ୫୦ ଗ୍ରାମ୍ ମିନେରାଲ ପାଉଡ଼ର, ୩୦ ଗ୍ରାମ ଲୁଣ ମିଶାଇ ଖାଇବାକୁ ଦେବା ଉଚିତ। ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ ଗାଈମାନଙ୍କୁ ବାହାରକୁ ଚରିବାକୁ ଛାଡ଼ିବା ଅନୁଚିତ। ସେହିପରି ସେମାନଙ୍କୁ ନେଗେଟିଭ ଏନର୍ଜି, କିଟୋସିସ, ମିଲ୍କଫିବର ଆଦି ନ ହେବା ପାଇଁ ଇଣ୍ଟାବୋଲାଇଟ୍, ହାଇଲାଇଟ୍, କିଟୋନିଲ୍ ଜେଲ୍, ଆସକାଇ ଜେଲ୍, ଆଦି ଖାଇବାକୁ ଦେବା ଉଚିତ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ



- ତାପମାତ୍ରା କମ୍ ରହୁଥିବାରୁ ପନିପରିବା ଫସଲରେ ହାଲୁକା ଜଳ ସେଚନ କରନ୍ତୁ।
- ବର୍ତ୍ତମାନ ଲାଗିଥିବା କୋବି ଜାତୀୟ ପନିପରିବାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡ଼ାଇ ଦିଅନ୍ତୁ।
- ରାଶି ବୁଣିବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଅଧିକ ଅମଳକ୍ଷମ ବିହନ ଯଥା ଉମା, ଉଷା, କଳିକା, ନିର୍ମଳା, ପ୍ରାଚୀ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୨.୫ କେଜି ବିହନ ଆବଶ୍ୟକ ହୋଇଥାଏ।
- ଆଗରୁ ବୁଣାଯାଇଥିବା ସୋରିଷ ଫସଲରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି। ପ୍ରାଥମିକ ଅବସ୍ଥାରେ ପୋକର ପରିଚାଳନା ପାଇଁ ଏକର ପ୍ରତି ୫ରୁ ୮ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ।
- ଆଳୁ ବିହନ ଲଗାଇବାର ୨୧ ଦିନ ପରେ ଘାସ ବାଛି କୋଡ଼ାଖୁସା କରନ୍ତୁ।

# ଲଙ୍କା ଚାଷରୁ ଲକ୍ଷପତି




**ଆମ ରାଜ୍ୟର ବହୁ ଚାଷୀ ଧାନ ଚାଷ ସହିତ ବିଭିନ୍ନ ପ୍ରକାର ପରିବା ଚାଷ କରିଥାନ୍ତି। ତେବେ ଲଙ୍କା ଚାଷରେ କମ୍ ଖର୍ଚ୍ଚରୁ ଅଧିକ ଲାଭ ମିଳୁଥିବାରୁ ଏହି ଚାଷ କରି ବଲାଙ୍ଗୀର ଜିଲ୍ଲା କୁଟାସିଂହା ପଞ୍ଚାୟତ କଣ୍ଟାପାଲି ଗାଁର ବଳିଷ୍ଠ ପଧାନ ଜଣେ ସଫଳ ଚାଷୀ ଭାବେ ନାଁ କରିଛନ୍ତି। ଲଙ୍କା ଚାଷ ସହିତ ବର୍ଷ ତମାମ ସେ ଅନ୍ୟାନ୍ୟ ମିଶ୍ରିତ ଚାଷ ମଧ୍ୟ କରନ୍ତି।**

ଲଙ୍କା ଏକ ଲାଭଜନକ ପରିବା । ଲଙ୍କା ଥରେ ଲଗେଇଲେ ଛଅ ମାସରୁ ଅଧିକ ଦିନ ପର୍ଯନ୍ତ ଅମଳ ହେଉଥିବାରୁ ବଳିଷ୍ଠ ଲଙ୍କା ଚାଷକୁ ଅଧିକ ପ୍ରାଧାନ୍ୟ ଦେଇଆସୁଛନ୍ତି। ପୂର୍ବରୁ ବଳିଷ୍ଠ ତିନି ଏକର ଜମିରେ ଧାନ ଚାଷ କରୁଥିଲେ। ଏଥିରୁ କମ୍ ଲାଭ ମିଳିବାରୁ ସେ ୫୦୦ ମନ୍ଦା ଲଙ୍କା ଗଛ ଲଗେଇ ଅଧିକ ସଫଳ ହେଲେ। ସେଥିପାଇଁ ସେ ଦୀର୍ଘ ୩୦ବର୍ଷ ହେଲା ଏହି ଲଙ୍କା ଚାଷ କରି ଭଲ ରୋଜଗାର କରୁଛନ୍ତି । ଏବେ ସେ ଏକ ଏକର ଜମିରେ ଲଙ୍କା ଚାଷ ସହିତ ଅଧ ଏକର ଜମିରେ ମିଶ୍ରିତ ପନିପରିବା କରିଛନ୍ତି। ପତ୍ନୀ ଓ ଚାରି ପୁଅ ତାଙ୍କୁ ଚାଷରେ ସହଯୋଗ କରନ୍ତି। ଆରମର, କ୍ରିଷ୍ଣା, ଲାଲ୍‌ଟୀହଟ ଭଳି ଉନ୍ନତ କିସମ ବ୍ୟବହାର କରି ସେ ଲଙ୍କାଚାଷ କରନ୍ତି। ଏହା ବର୍ଷ ସାରା ଅମଳ ଦେଉଥିବାରୁ ଲକ୍ଷାଧିକ ଟଙ୍କା ରୋଜଗାର ହୋଇଥାଏ। ସରକାରଙ୍କ ଉଠା ଜଳସେଚନ ବିଭାଗ ସହାୟତାରେ ଏକ ଗଭୀର ନଳକୂପ ଖନନ କରିଛନ୍ତି ବଳିଷ୍ଠ। ପ୍ରତିଦିନ ଲଙ୍କା ତୋଳି ଲଛିପୁର, ନାରାୟଣପୁର, କୁଟାସିଂହା, ବିନିକା, ଗାଦି ଖଲିଆପାଲି, ଭଳିଆମୁଣ୍ଡା, ପଟୁଆପାଲିରେ ବିକ୍ରି କରନ୍ତି। ଏନେଇ ବଳିଷ୍ଠ କୁହନ୍ତି, ବର୍ଷ ସାରା ଲଙ୍କାଚାଷର ଚାହିଦା ରହୁଥିବାରୁ ଏହି ଚାଷ କରି ଲାଭବାନ ହୋଇଛି। ଏଥିରୁ ବର୍ଷକୁ ଲକ୍ଷାଧିକ ରୋଜଗାର କରିହେଉଛି। ଚାଷ କାମକୁ ସହଜ କରିବାକୁ ବଳିଷ୍ଠ ଗୋଟିଏ ଟ୍ରାକ୍ଟର କିଣିଛନ୍ତି। ପଲିଥିନ୍ ସାହାଯ୍ୟରେ ଚାରା ପକାଇ ପନ୍ଦର ଦିନ ପରେ ବିଲରେ ଲଗାଯାଏ। ଗଛର ଚେର ଟିକେ ମାଟି ଭିତରକୁ ଗଲେ କୋଡ଼ାଖୁସା କରି ହିଡ଼ କରାଯାଏ। ୪୫ ଦିନରେ ଫୁଲ ଫଳ ଆସେ। ଏବେ ନୂତନ ଜ୍ଞାନ କୌଶଳରେ ଚାରା ଉତ୍ପାଦନ ଯତ୍ନ, ଜଳସେଚନ, କୀଟନାଶକ ସିଞ୍ଚନ ବ୍ୟବସ୍ଥା ହୋଇଥିବାରୁ ବେଶ୍ ଖୁସି ଲାଗୁଚି । ତେଣୁ କୃଷି ବିଭାଗ କିମ୍ବା ଉଦ୍ୟାନ ବିଭାଗରୁ କିଛି ପ୍ରୋତ୍ସାହନ ମିଳିଲେ ଭଲ ହୁଅନ୍ତା ବୋଲି କୁହନ୍ତି ବଳିଷ୍ଠ।

# ଭୁବନେଶ୍ୱର ସିଟି



## 'ମୋ ପୋଖରୀ' ପୁନରୁଦ୍ଧାର ଯାଞ୍ଚ



**ଭୁବନେଶ୍ୱର, ୨୨।୧(ସମିସ):** 'ମୋ ପୋଖରୀ' ଅଧୀନରେ ରାଜଧାନୀର ବିଭିନ୍ନ ପୁନରୁଦ୍ଧାର କାମ କିପରି ଚାଲିଛି ତାହା ବୁଲି ଦେଖିଛନ୍ତି ବିଏମ୍‌ସିର ପ୍ରତିନିଧି ଦଳ। ଏହି ପ୍ରତିନିଧି ଦଳରେ ବିଏମ୍‌ସି କମିସନର୍ ବିଜୟ ଅମୃତା କୁଲାଙ୍ଗେ, ଡିସି ସାନିଟେସନ ଡଃ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ମୋ ପୋଖରୀ ଅଧୀନରେ କାମ କରୁଥିବା ଏସ୍‌ଏଚ୍‌ଜି ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରମୁଖ ୬ ପୋଖରୀର ପୁନରୁଦ୍ଧାର କାମ କିପରି ଚାଲିଛି କମିସନର ଏହାର ଯାଞ୍ଚ କରିଥିଲେ। ଏହାସହ ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାକୁ ନେଇ ନିର୍ଦ୍ଦେଶ ଦେଇଥିଲେ। ଏହି ପୋଖରୀଗୁଡ଼ିକ ମଧ୍ୟରେ ରହିଛି ପୁରୁଣା ଭୁବନେଶ୍ୱର ୱାର୍ଡ ନମ୍ବର ୫୩ସ୍ଥିତ ଗୋଡି ପୋଖରୀ, ୱାର୍ଡ ନମ୍ବର ୫୮ସ୍ଥିତ ଗଙ୍ଗୁଆ କନ୍‌ଫ୍ଲୁଏନ୍ସ ପଏଣ୍ଟ, ୱାର୍ଡ ନମ୍ବର ୫୮ ଟଙ୍କପାଣିରୋଡ୍‌ସ୍ଥିତ ଚିଲି ପୋଖରୀ, ଲକ୍ଷ୍ମୀସାଗର ଫିସରୀ ଟ୍ୟାଙ୍କ, ଝାରପଡ଼ା ପଦ୍ମପୋଖରୀ, ୟୁନିଟ୍-୬ ଡ୍ରେନ୍ ନମ୍ବର ୭ ସ୍ପ୍ରିଙ୍ଗ୍ ଟ୍ୟାଙ୍କ୍।

**● ଓଡ଼ିଶାରୁ ସୁରଟକୁ ଗଞ୍ଜେଇ ଚାଲାଣ**

## ଗଞ୍ଜେଇ ଜବତ; ଦୁଇ ଗିରଫ



**ଭୁବନେଶ୍ୱର, ୨୨।୧ (ସମିସ):** କନ୍ଧମାଳରୁ ସୁରଟକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଛନ୍ତି ୨ ଅଭିଯୁକ୍ତ। ଭରତପୁର ଥାନା ପୁଲିସ ସେମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଗଞ୍ଜେଇ ଓ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଚିଙ୍ଗୁଡ଼ିଘାଇ ଅଞ୍ଚଳର କାହ୍ନୁ ବେହେରା (୨୪) ଓ ବିହାର ପାଟନାର ସୁରଜ ଯାଦବ (୨୦)। ପୁଲିସ ସୂଚନା ଅନୁସାରେ, ବରମୁଣ୍ଡା ବସଷ୍ଟାଣ୍ଡ ଦେଇ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବା ଭରତପୁର ଥାନା ପୁଲିସକୁ ଖବର ମିଳିଥିଲା। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ବରମୁଣ୍ଡା ବସଷ୍ଟାଣ୍ଡ ନିକଟସ୍ଥ ଓୟୁଏଟି ରାସ୍ତାରେ ଚଢ଼ଉ କରିଥିଲା। ସେଠାରୁ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା କାହ୍ନୁ ଓ ସୁରଜକୁ କାବୁ କରିଥିଲା। ତଲାସୀ ବେଳେ ପୁଲିସ ଉଭୟ ଅଭିଯୁକ୍ତଙ୍କ ହେପାଜତରୁ ଦୁଇଟି ଗଞ୍ଜେଇ ଭର୍ତ୍ତି ବସ୍ତା ଓ ଏକ ହଜାର ଟଙ୍କା ଜବତ କରିଥିଲା। ଦୁଇଟି ବସ୍ତାରୁ ମୋଟ ୫କିଲୋ ୫ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଥିଲା। ଦୁଇ ଅଭିଯୁକ୍ତ ଗଞ୍ଜେଇକୁ କନ୍ଧମାଳ ଅଞ୍ଚଳରୁ ଆଣି ବିକ୍ରି ଉଦ୍ଦେଶ୍ୟରେ ସୁରଟ ଚାଲାଣ କରୁଥିଲେ ବୋଲି ପଚରାଉଚରା ବେଳେ ପୁଲିସ ଜାଣିବାକୁ ପାଇଥିଲା। ଭରତପୁର ଥାନା ପୁଲିସ ଏକ ବେଆଇନ ଗଞ୍ଜେଇ ବିକ୍ରି ମାମଲା ରୁଜୁ କରିବା ସହିତ କାହ୍ନୁ ଓ ସୁରଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଲିଜ୍ ହୋଲ୍ଡର

**ଭୁବନେଶ୍ୱର, ୨୨।୧(ସମିସ):** ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ, ପ୍ରଶାନ୍ତି ବିହାର ବିକାଶ ସମିତି, ଆଇଆରସି ଭିଲେଜର ଶ୍ରୀରାମେଶ୍ୱର ବରିଷ୍ଠ ନାଗରିକ ସଂଘ, ଶୈଳଶ୍ରୀ ବିହାର ରେସିଡେନସ୍ ଆସୋସିଏସନ ଓ ନନ୍ଦନ ଏନକ୍ଲେଭ ଉନ୍ନୟନ ପରିଷଦ ଭଳି ବହୁ ଅନୁଷ୍ଠାନ ଓ ଲିଜ୍‌ରେ ଜମି ଓ ଘର ପାଇଥିବା ସମସ୍ତ ଘର ମାଲିକମାନଙ୍କର ବହୁ ଦିନର ଦାବି ଆଜି ପୂରଣ ହୋଇଛି। ସୋମବାର ରାଜ୍ୟ କ୍ୟାବିନେଟରେ ଲିଜ ହୋଲ୍ଡରୁ ସ୍ଥିତିବାନ କରିବା ପାଇଁ କନଭରସନ ଚାର୍ଜ ୧୦ ପ୍ରତିଶତରୁ ୩ ପ୍ରତିଶତକୁ କମାଇ ଦିଆଯାଇଛି। ଏଥିପାଇଁ ବିଧାୟକ ସୁଶାନ୍ତ କୁମାର ରାଉତ ବହୁ ଅବଦାନ ରହିଥିବାରୁ ଲିଜ୍ ହୋଲଡରମାନେ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୋମବାର ପୂର୍ବାହ୍ନରେ ବିଧାୟକ ଶ୍ରୀ ରାଉତଙ୍କ ନେତୃତ୍ୱରେ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବାସଗୃହରେ '୫'-ଟି' ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କ୍ୟାବିନେଟ ବୈଠକରେ ଲିଜ୍ ହୋଲ୍ଡ ବାସିନ୍ଦାଙ୍କୁ ୭ ପ୍ରତିଶତ ରିଲିଫ ମିଳିଥିବାରୁ ସେମାନେ ବିଧାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିରେ ଭିଏସ୍‌ଏସ୍ ନଗରରୁ ଦିଲ୍ଲୀପ ଦାଶଶର୍ମା, ପ୍ରଶାନ୍ତି ବିହାରରୁ ଅରୁଣ କୁମାର ବେହେରା, ଶୈଳଶ୍ରୀ ବିହାରରୁ ସୁରେଶ ରଥ, ଜୟଦେବ ବିହାରରୁ ହରିହର ବରାଳ, ନନ୍ଦନ ଏନକ୍ଲେଭରୁ କ୍ଷେତ୍ର ମୋହନ ଜେନା, ନିମାଇଁ ଦାସ, ମହେଶ୍ୱର ବିଶ୍ୱାଳ ଓ ଚିନ୍ତାମଣି ବାରିକ ଉପସ୍ଥିତ ଥିଲେ।

**ମରିଗଲା ମାନବିକତା**

# ତିନିଦିନ ହେଲା ଅଟକିଛି ଶବ ବ୍ୟବଚ୍ଛେଦ

### ଶବଗୃହରେ ସଂସ୍କାରକୁ ଅପେକ୍ଷା, ସମ୍ପତ୍ତିକୁ ନେଇ ପୂର୍ବରୁ ସମ୍ପର୍କୀୟ ଦେଇଥିଲେ ନିର୍ଯାତନା

**ଭୁବନେଶ୍ୱର, ୨୨।୧(ସମିସ):**

ସୀମା ଟପିଲା ଅମାନସିକତା। ଯେଉଁ ଡାକ୍ତରଖାନାରେ ଦୀର୍ଘ ବର୍ଷ ଧରି ରୋଗୀଙ୍କ ସେବା କଲେ ଆଉ ଅବସର ନେବା ପରେ ୧୦ ବର୍ଷ ପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ସେବା ଯୋଗାଇଲେ ସେହି ଡାକ୍ତରଖାନାରେ ତାଙ୍କ ଶବ ତିନି ଦିନ ହେଲା ପଡ଼ି ରହିଛି। ଏପରିକି ବ୍ୟବଚ୍ଛେଦ ଟେବୁଲ ଉପରୁ ମୃତଦେହ ଫେରି ଆସିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ଖୋଦ୍ କ୍ୟାପିଟାଲ ହସ୍ପିଟାଲରେ।

ସୂଚନା ଅନୁସାରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ମେଟ୍ରନ୍ ଭାବେ ଅବସର ଗ୍ରହଣ କରିବା ପରେ ମଧ୍ୟ ଦୀର୍ଘ ବର୍ଷ ଧରି ନିଃସ୍ୱାର୍ଥପର ସେବା ଯୋଗାଇ ଆସିଥିବା ଶଶି ପ୍ରଭା ଦେବୀଙ୍କ ଗତ ୨୦ ତାରିଖ ସନ୍ଧ୍ୟାରେ କରଲୋକ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ହେତୁ ତାଙ୍କର ଅବସ୍ଥା ବହୁତ ଖରାପ ହୋଇଯାଇଥିଲା। ଆଜୀବନ ଅବିବାହିତ ଥିବା ତାଙ୍କର ସେବିକା ତାଙ୍କୁ ୨୦ ତାରିଖ ରାତିରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ଷ ବର୍ଷ ଧରି ଶଶି ପ୍ରଭାଙ୍କ ସେବା କରି ଆସୁଥିବା ସେବିକା ଜଣଙ୍କୁ ବାଦ୍ ଦେଲେ ତାଙ୍କ ପାଖରେ ଆଉ କେହି ନ ଥିଲେ। ନିୟମ ଅନୁସାରେ ବ୍ୟବଚ୍ଛେଦ ପରେ ଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଡାକ୍ତର କହିଥିଲେ। ପରିଦିନ ପୁଲିସ୍ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହେଲା। ପୁଲିସ୍ ଆସି ସମ୍ପୃକ୍ତ ସେବିକାଙ୍କ ଦସ୍ତଖତ ନେଇ ବ୍ୟବଚ୍ଛେଦ ନିମନ୍ତେ ଶଶିପ୍ରଭାଙ୍କ ପାର୍ଥିବ ଶରୀରକୁ ବ୍ୟବଚ୍ଛେଦ ଗୃହକୁ ନିଆଯାଇଥିଲା। କିନ୍ତୁ କିଛି ସମୟ ପରେ ପୁଲିସ୍‌କୁ କେଉଁଠାରୁ ଫୋନ୍ ଆସିଥିଲା ଆଉ ବ୍ୟବଚ୍ଛେଦକୁ ବନ୍ଦ କରାଯାଇଥିଲା। ଏ ସମ୍ପର୍କରେ ସେବିକା ଜଣକ ପଚାରିବାରୁ ତାଙ୍କୁ କୁହାଯାଇଥିଲା ଯେ ଶଶି ପ୍ରଭାଙ୍କ ସମ୍ପର୍କୀୟ ଆସିବା ପରେ ଯାଇ ବ୍ୟବଚ୍ଛେଦ ହେବ ଏବଂ ସେମାନଙ୍କୁ ମୃତଦହେ ହସ୍ତାନ୍ତର କରାଯିବ। ବାସ୍ ଏହା ପରେ ମୃତଦେହକୁ ଆଣି ପୁଣି ଶବ ସଂରକ୍ଷଣ ଗୃହରେ ରଖିଦିଆଗଲା। ଇତିମଧ୍ୟରେ ତିନି ଦିନ ବିତିଲାଣି। କେହି ଆସିଲେ ନାହିଁ କିମ୍ବା ମୃତଦେହର ବ୍ୟବଚ୍ଛେଦ ହୋଇ ପାରିଲା ନାହିଁ। ସମ୍ପତ୍ତି ଲୋଭରୁ ଶଶି ପ୍ରଭାଙ୍କ ପାର୍ଥୀବ ଶରୀରକୁ ଏପର୍ଯ୍ୟନ୍ତ ସଂସ୍କାର କରାଇ ଦିଆଯାଉ ନାହିଁ ବୋଲି ତାଙ୍କର ଶୁଭେଚ୍ଛୁମାନେ ଅଭିଯୋଗ କରିଛନ୍ତି।

ଦିନ ଥିଲା କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ଶତାଧିକ ରୋଗୀଙ୍କୁ ଜଣେ ମେଟ୍ରୋନ୍ ନୁହେଁ, ବରଂ ପରିବାର ସଦସ୍ୟଙ୍କ ଭଳି ଦେଖାଶୁଣା କରିଥିଲେ ଶଶି। ଅବସର ପରେ ବି ମାଗଣାରେ ନିୟମିତ ରୋଗୀସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ଫଳରେ ହସ୍ପିଟାଲ ପରିସରରେ ମଧ୍ୟ ସମସ୍ତେ ଶଶି ଦିଦି କହି ତାଙ୍କୁ ଯଥେଷ୍ଟ ସମ୍ମାନ ବି ଦେଉଥିଲେ। କିନ୍ତୁ ଶରୀରରୁ ଜୀବନଟା ଅଲଗା ହେବା ପରେ ମଣିଷ କିଭଳି ଅଲୋଡ଼ା ପାଲଟିଯାଏ



ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଶଶି ଦିଦିଙ୍କ କ୍ଷେତ୍ରରେ। ମୃତ୍ୟୁ କୁ ୩ଦିନ ହୋଇଥିଲେ ବି ସମ୍ପର୍କୀୟଙ୍କ ଉପସ୍ଥିତ ପାଇଁ ସୁବିଧା ହେଉନଥିବାରୁ ଶବ ବ୍ୟବଚ୍ଛେଦକୁ ଅଟକ ରଖାଯାଇଛି। ଯାହା ଏବେ ଲୋକଙ୍କ ମାନବିକତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ଦିର୍ଘବର୍ଷ ହେବ ରୋଗାଗ୍ରସ୍ତ ହୋଇଥିବା ବେଳେ ତାଙ୍କର ଦେଖାଶୁଣା କରୁଥିବା କେୟାରଟେକରଙ୍କ ସହ ନିଜ ଆପାର୍ଟମେଣ୍ଟ ଘରେ ରୁହନ୍ତି ଶଶି ଦିଦି। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ଉପସ୍ଥିତିରେ ପୋଷ୍ଟମର୍ଟମ କରାଯିବାକୁ ପୁନର୍ବାର ଶବଟିକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା।

ସୂଚନାଯୋଗ୍ୟ ଯେ ୨୦୨୨ ଅଗଷ୍ଟ ମାସରେ ତଥାକଥିତ ସମ୍ପର୍କୀୟଙ୍କ ନିର୍ଯାତନା ବିରୋଧରେ ଶଶି ପ୍ରଭା ଦେବୀଙ୍କ ଅଭିଯୋଗକୁ ମଧ୍ୟ ପୁଲିସ୍ ରଖି ନଥିଲା। ଏ ସମ୍ପର୍କିତ ଖବର 'ସକାଳ'ରେ ଗତ ୧୯/୮/୨୦୨୨ରେ ପ୍ରକାଶିତ ହେବା ପରେ ପୁଲିସ୍ ଆସି ଶଶି ଦିଦିଙ୍କୁ ତାଙ୍କ ବ୍ୟାଙ୍କ ପାସ୍‌ବୁକ୍, ଗହଣା ଆଦି ଫେରାଇଥିଲା। ତେବେ ଏ ସବୁ ଘଟଣାକ୍ରମକୁ ଅନୁଧ୍ୟାନ କଲେ ଶବ ସତ୍କାର ବିଳମ୍ବ ପଛରେ ବ୍ୟବଚ୍ଛେଦ ରିପୋର୍ଟ ଫିକ୍ସିଂ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଉ ହେଉନାହିଁ। କାରଣ ଶଶି ପ୍ରଭା ଦିଦିଙ୍କ ସମ୍ପତ୍ତି ଉପରେ ସେମାନଙ୍କ ଦୂରସମ୍ପର୍କୀୟଙ୍କ ଲୋଲୁପ ଦୃଷ୍ଟି ଥିବା କଥା ଖୋଦ୍ ସେ ଜୀବିତାବସ୍ଥାରେ ସ୍ୱୀକାର କରିଥିଲେ। ଏପରିକି ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସମ୍ପର୍କୀୟମାନେ ତାଙ୍କ ଘରୁ ସୁନାଗହଣା, ଗ୍ୟାସ ସିଲିଣ୍ଡର ଏପରିକି ପୋଷାକପତ୍ର ନେଇଯାଇଥିବା ଅଭିଯୋଗ ସେ ଗଣମାଧ୍ୟମ ଆଗରେ କରିଥିଲେ। ଏହାପରେ ତାଙ୍କର ଯାହାକିଛି ସମ୍ପତ୍ତି ଓ ବ୍ୟାଙ୍କ ବାଲାନ୍ସ ଥିଲା ତାହା ସେ ନିଜ କେୟାର ଟେକର ନାଁରେ ଇଚ୍ଛାପତ୍ର ଲେଖିଦେଇଥିଲେ। ଏହା ଜାଣିବା ପରେ ସମ୍ପତ୍ତି ନ ମିଳିବା ହତାଶାରେ ସେହି ତଥାକଥିତ ସମ୍ପର୍କୀୟମାନେ ଏଭଳି ଷଡ଼ଯନ୍ତ୍ର ରଚି ଥାଇପାରନ୍ତି ବୋଲି ଶଶିଦିଦିଙ୍କ କେୟାର ଟେକର ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ପୁଲିସର ମତାମତ ମିଳିପାରି ନାହିଁ।

## ଶବ ସତ୍କାର କରାଇଲା 'ଓଡ଼ିଶା-ମୋ ପରିବାର'



**ଭୁବନେଶ୍ୱର, ୨୨।୧(ସମିସ):** ରାତିଅଧରେ, ଚାଲିଗଲା ବୃଦ୍ଧାଙ୍କ ଜୀବନ, ଶେଷ ରୀତିନୀତି ସମ୍ପନ୍ନ କରିବାକୁ ଅସହାୟ ହୋଇପଡ଼ିଥିବା ପରିବାରବର୍ଗଙ୍କ ସହ ଛିଡ଼ା ହେଲା 'ଓଡ଼ିଶା-ମୋ ପରିବାର'। ଭୁବନେଶ୍ୱରସ୍ଥିତ ୟୁନିଟ୍-୨ ଅଞ୍ଚଳ ତାରିଣୀ ବିଜୁ ଆଦର୍ଶ କଲୋନୀର ୮୩ବର୍ଷିୟା ଛାୟା ବେହେରା ବାବୁ ପର ଘରେ ବାସନ ମାଜି ପରିବାର ଚଳାଉଥିଲେ। ଗତକାଲି ସେ ପରିବାରବର୍ଗଙ୍କୁ ଛାଡ଼ି ଆରପାରିକୁ ଚାଲିଗଲେ। ଖବର ପାଇ ବିଜୁ ଜନତା ଦଳ ତଥା 'ଓଡ଼ିଶା-ମୋ ପରିବାର' ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ ପଦକ୍ଷେପ ନେଇଥିଲେ। ବିଳମ୍ବିତ ରାତ୍ରିରେ ଜୟ ଓଡ଼ିଶାର 'ଶେଷସାଥୀ' ଯାନ ସହାୟତାରେ ତାଙ୍କ ମୃତଶରୀର ସତ୍ୟନଗର ଶ୍ମଶାନକୁ ଅଣାଯାଇଥିଲା। ବିଳମ୍ବିତ ରାତ୍ରି ଯୋଗୁଁ ଶେଷକୃତ୍ୟ ନିମନ୍ତେ ଆବଶ୍ୟକ ସରଞ୍ଜାମ ପାଇବାକୁ ପରିବାର ଲୋକେ କିଭଳି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ 'ଓଡ଼ିଶା-ମୋ ପରିବାର' ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଛାୟାଙ୍କର ଶେଷ ରୀତିନୀତି ପାଇଁ ସମସ୍ତ ବ୍ୟବସ୍ଥା କରିବା ସହିତ ଖର୍ଚ୍ଚ ବହନ କରିଥିଲେ ଶ୍ରୀ ସାମନ୍ତରାୟ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ 'ଓଡ଼ିଶା-ମୋ ପରିବାର'କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ପରିବାରବର୍ଗ।।

## ଏକାଠି ହେଲେ କବି-ସାମ୍ବାଦିକ-ଅଭିନେତା



**ଭୁବନେଶ୍ୱର, ୨୨।୧(ସମିସ):** ଭୁବନେଶ୍ୱର ତପୋବନଠାରେ ଥିବା ଠାକୁର ଅଭିରାମ ପରମହଂସ ଶାନ୍ତି ଆଶ୍ରମରେ ସୋମବାର କବି, ଅଭିନେତା ଓ ସାମ୍ବାଦିକଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ବାଣପୁରର ଗୋଦାବରୀଶ ମହାବିଦ୍ୟାଳୟର ୧୯୭୭-୧୯୮୧ ବ୍ୟାଚର ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ ପର୍ବ 'ନିର୍ମାଲ୍ୟ' ଅବସରରେ ଦେଖିବାକୁ ମିଳିଥିଲା। ଦୀର୍ଘ ୪୫ ବର୍ଷର ବ୍ୟବଧାନ ପରେ ଏ ବନ୍ଧୁ ମିଳନ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ସର୍ବପ୍ରଥମେ ଦିବଂଗତ ସତୀର୍ଥମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସୁଧିର ମହାପାତ୍ରଙ୍କ ସ୍ୱାଗତ ଭାଷଣ ପରେ 'ନିର୍ମାଲ୍ୟ' ଆବଶ୍ୟକତା ସମ୍ପର୍କରେ ନିଜର ଅଭିମତ ରଖିଥିଲେ ଆବାହକ ଅମାଭଞ୍ଜନ ମିଶ୍ର। କବି ଅସୀମ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନମାଳି ଛୁଆଳସିଂହ ଓ ହରେକୃଷ୍ଣ ଚୌଧୁରୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ତନ୍ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକ ହାସ୍ୟ ଅଭିନେତା ଅରବିନ୍ଦ ଷଡ଼ଙ୍ଗୀ, ଓଡିଶା ଅପେରା ଜଗତର ଖ୍ୟାତନାମା ଖଳନାୟକ ପ୍ରସନ୍ନ ଆଚାର୍ଯ୍ୟ, କବି କଥାକାର ରବିପ୍ରିୟ ଦାସ ଓ ପ୍ରଶାନ୍ତ ସ୍ୱାଇଁ ଯୋଗଦାନ କରିଥିଲେ।

**ଭାରତ ଯୋଡ଼ ନ୍ୟାୟଯାତ୍ରାର ନେତୃବର୍ଗଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ**

## ଭୁବନେଶ୍ୱରରେ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର, ୨୨।୧(ସମିସ):** ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ମଣିପୁରରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ ନ୍ୟାୟ ଯାତ୍ରାର ଯାତ୍ରୀମାନଙ୍କୁ ଆକ୍ରମଣ ଘଟଣାକୁ ବିରୋଧ କରି ରାଜ୍ୟ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ରାହୁଲ ଗାନ୍ଧୀଙ୍କ ଗାଡ଼ି ଅଟକାଇବା ଓ ଦୁର୍ବ୍ୟବହାର କରିବା ଏବଂ ଭାରତ ଯୋଡ଼ ନ୍ୟାୟ ଯାତ୍ରାର ପୋଷ୍ଟର ଚିରିବା ପ୍ରତିବାଦରେ ସୋମବାର ପ୍ରଦେଶ କଂଗ୍ରେସ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ, ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନରୁ ଏକ ରାଲି ଅପରାହ୍ନରେ ବାହାରି ମାଷ୍ଟର କ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆସାମର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କୁଶପୁତଳିକା ଦାହ କରାଯିବା ସହ ମାଷ୍ଟରକ୍ୟାଣ୍ଟିନ ଛକକୁ ଏକ ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। କଂଗ୍ରେସ ପକ୍ଷରୁ ଏହି ଆକ୍ରମଣର ଷଡ଼ଯନ୍ତ୍ରକାରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ନିନ୍ଦା କରାଯିବା ସହ ମୋଦୀ ସରକାର ଓ ହିମନ୍ତ ବିଶ୍ୱଶର୍ମା ସରକାର ନିଜର ଦୋଷ ଓ ଦୁର୍ବଳତା, ଜନବିରୋଧି ନୀତି ଏବଂ ଦୁର୍ନୀତିକୁ ଲୁଚାଇବା ପାଇଁ ଜନନାୟକ ରାହୁଲ ଗାନ୍ଧୀ ଏବଂ ଭାରତ ଯୋଡ଼ ନ୍ୟାୟ ଯାତ୍ରୀଙ୍କ ଉପରେ ଆକ୍ରମଣ କରାଯାଇଛି ବୋଲି କୁହାଯାଇଛି। ଏପରିକି ଏହି ଯାତ୍ରାରେ ଥିବା ଅଖିଳ ଭାରତ କଂଗ୍ରେସ କମିଟିର ଜୟରାମ ରମେଶଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବାରୁ କଂଗ୍ରେସ ଏହାକୁ ନିନ୍ଦା କରିଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଡ. ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଶିବାନନ୍ଦ ରାୟ, ବିଶ୍ୱଜିତ୍ ଦାଶଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।

## ଏକକ ବ୍ୟବହାର ପ୍ଲାଷ୍ଟିକ୍‌କୁ ନେଇ ସଚେତନତା

**ଭୁବନେଶ୍ୱର, ୨୨।୧(ସମିସ):** ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍‌କୁ ନେଇ ୩ଟି ୱାର୍ଡରେ ବିଏମ୍‌ସି ପକ୍ଷରୁ ବ୍ୟାପକ ସଚେତନତା କରାଯାଇଛି। ବିଏମ୍‌ସିର କର୍ମଚାରୀ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ଦୋକାନ ବୁଲି ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ୱାର୍ଡ ନମ୍ବର ୫୪, ୫୯ ଏବଂ ୬୦ରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାର ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ତେବେ ଏହା ସତ୍ତ୍ୱେ ମଧ୍ୟ ଦୋକାନୀମାନେ ଏହାକୁ ବ୍ୟବହାର କରିବାରୁ ନିବୃତ ନ ରହିଲେ ବିଏମ୍‌ସି ପକ୍ଷରୁ ଆଗକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ସଚେତନତା କାର୍ଯ୍ୟକ୍ରମରେ ୱାର୍ଡ ସୁପରଭାଇଜର, ଏସ୍‌ଆଇସ୍, ଜେଏସ୍‌ଇ, ଏସ୍‌ଇବି, ଟିମ୍ ସାଇନ୍ ଏବଂ ଏନ୍‌ଜିଓ କର୍ମୀ ସାମିଲ ହୋଇଥିଲେ।

# ପୁଲିସ ପଢ଼ିଲେ ସାପ ତଦନ୍ତର ପାଠ

**ଭୁବନେଶ୍ୱର, ୨୨।୧(ସମିସ):**




ଯୁଗ ବଦଳିବା ସହ ଅପରାଧୀମାନେ ମଧ୍ୟ ନିଜର ଅପରାଧର ତରିକା ବଦଳାଉଛନ୍ତି। ଏବେ ଅପରାଧୀମାନେ ଅପରାଧରେ ସାପକୁ ଅସ୍ତ୍ର ରୂପେ ବାଛି ନେଇଛନ୍ତି। ସାପଙ୍କୁ ନେଇ ଅପରାଧିକ କାର୍ଯ୍ୟକଳାପ ରୋକିବା ପୁଲିସ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଅପରାଧରେ ସାପକୁ ବ୍ୟବହାର କରାଯାଇଥିବା ନେଇ ଜାଣିବା ପୁଲିସ ପାଇଁ ସମସ୍ୟା ହୋଇଛି। ତେଣୁ କିଭଳି ଏହିଭଳି ମାମଲାର କିପରି ତଦନ୍ତ କରାଯିବ ସେନେଇ ସୋମବାର ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ଏକ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା। ଯାହାର ମୁଖ୍ୟ ବିଷୟ ଥିଲା 'ଅପରାଧରେ ସାପର ବ୍ୟବହାର'। ଏଥିରେ ପୁଲିସ ଅଧିକାରୀମାନେ କିଭଳି ଅପରାଧରେ ସାପର

■ ଅପରାଧରେ ସାପକୁ ଅସ୍ତ୍ରରୂପେ କରାଯାଉଛି ବ୍ୟବହାର
■ କୋର୍ଟରେ ପ୍ରମାଣ କରିବା ହେଉଛି କାଠିକର ପାଠ
■ ସାପୁଆ କେଳା, ହେଲ୍ପଲାଇନ୍ ସହଯୋଗ ଲୋଡ଼ିବାକୁ ପରାମର୍ଶ

ବ୍ୟବହାର କରାଯାଇଛି, ତାହା କିପରି ଜାଣିବ ଏବଂ ତଦନ୍ତ କରିବ ସେନେଇ ତାଲିମ ଦିଆଯାଇଥିଲା। ଯେଉଁ ମାମଲାରେ ପୁଲିସର ସନ୍ଦେହ ହେବ ଏନେଇ ସାପୁଆ କେଳାର ସହଯୋଗ ନେବେ। ସାପୁଆକୁ ଡାକି ସାପ କାମୁଡ଼ି ଥିବା ସ୍ଥାନକୁ ଦେଖାଇବେ। ପୁଲିସ ଅପେକ୍ଷା ସାପୁଆ କେଳା ଏହି ସମ୍ପର୍କରେ ଜାଣିପାରିବେ। ସାପ କାମୁଡ଼ା ମୃତ୍ୟୁ ମାମଲାରେ ପୁଲିସ ସାପୁଆ କେଳା ଏବଂ ଡାକ୍ତରର ପରାମର୍ଶ ନେବା ଜରୁରୀ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଅପରପକ୍ଷେ ସାପ କାମୁଡ଼ା କ୍ଷେତ୍ରରେ ପୁଲିସ ସାପକୁ କୋର୍ଟରେ ଦାଖଲ କରିବା ଅସମ୍ଭବ। ତେଣୁ କିଭଳି ତଦନ୍ତ କରି ଅପରାଧୀ ବିରୋଧରେ ପ୍ରମାଣ କୋର୍ଟରେ ଦାଖଲ କରାଯିବ ସେନେଇ ମଧ୍ୟ ଟ୍ରେନିଂରେ କୁହାଯାଇଥିଲା।

ରାଜ୍ୟରେ ବହୁ ସ୍ଥାନରେ ସାପ ବେଆଇନ୍ ଭାବେ ଧରାଯାଇ ବିକ୍ରି କରାଯାଉଛି। ଅପରାଧୀ ଏହାକୁ କିଣି ଅପରାଧରେ ବ୍ୟବହାର କରୁଛନ୍ତି। ପୂର୍ବରୁ ଏଭଳି ଘଟଣା ଯୋଗୁଁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଅଭିଯୁକ୍ତ କେ ଗଣେଶ କୁମାର ସାପ ଚୋଟ ଦେଇ ନିଜ ସ୍ତ୍ରୀ ଓ ଝିଅକୁ ହତ୍ୟା କରିଥିଲା। ପୁଲିସ ପ୍ରଥମେ ଜାଣି ପାରିଲା ନାହିଁ। କିନ୍ତୁ ପରେ ପୁଲିସ ଅତି ସମ୍ବେଦନଶୀଳ ଭାବେ ତଦନ୍ତ କରିବା ପରେ ଏହା ଏକ ଯୋଜନା ବଦ୍ଧ ହତ୍ୟା ବୋଲି ଜାଣିବାକୁ ପାଇ ତାଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ କେରଳରେ ଏଭଳି ଏକ ଘଟଣା ଘଟିଥିବା ବେଳେ ଜଣେ ଲୋକ ସାପ ଚୋଟ ଦ୍ୱାରା ନିଜ ସ୍ତ୍ରୀକୁ ହତ୍ୟା କରିଥିଲା। ଓଡ଼ିଶାରେ ପୂର୍ବରୁ ଏଭଳି ଘଟଣା ଘଟି ନ ଥିଲେ ମଧ୍ୟ ଗତ କିଛି ଦିନ ତଳେ ନୟାଗଡ଼ରେ ଜଣେ ସାପ ଧରାଳି ନାଗ ସାପର ଭୟ ଦେଖାଇ ଜଣେ ନାବାଳିକାକୁ ଅସଦାଚରଣ କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ପକ୍ସୋ ଆଇନ୍‌ରେ ଗିରଫ ହୋଇଥିଲେ ମଧ୍ୟ ଅପରାଧରେ ଏକ ଧାରା ପାଲଟିଥିବାରୁ ପୁଲିସର ଚିନ୍ତା ବଢ଼ିଛି। ତେଣୁ ଏହି ଟ୍ରେନିଂ ପୁଲିସ ପାଇଁ ତଦନ୍ତରେ ସହଯୋଗ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆଜି ଏହି ଟ୍ରେନିଂରେ ପ୍ରଫେସର ରଜନୀକାନ୍ତ ସ୍ୱାଇଁ, ସ୍ନେକ୍ ହେଲ୍‌ଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ଆଇଜି ଏସ୍.ସାଇନ୍ ଏବଂ ବରିଷ୍ଠ ପୁଲିସ ଅଧିକାରୀ ଜନାର୍ଦ୍ଦନ ପତି ପ୍ରମୁଖ ଉପସ୍ଥିତ ରହି ପୁଲିସ ଅଧିକାରୀଙ୍କୁ ଟ୍ରେନିଂ ଦେଇଥିଲେ।

**ବକୁଳ ଲାଇବ୍ରେରୀରେ ପାଣିପାଗ କେନ୍ଦ୍ର ଉଦ୍‌ଘାଟିତ**

## ଯେକୌଣସି ସ୍ଥାନରେ ରହି ପାଇପାରିବେ ସୂଚନା

**ଭୁବନେଶ୍ୱର, ୨୨।୧(ସମିସ):** ସତ୍ୟନଗରସ୍ଥିତ ବକୁଳ ଲାଇବ୍ରେରୀରେ ଏକ ପାଣିପାଗ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଶାସନ ସଚିବ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ତଥା ଓଡ଼ିଶାର ସରକାରୀ ଯୋଜନା ତଥା କନଭର୍ଜେନ୍ସ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ ଏହାକୁ ଉଦ୍‌ଘାଟନ କରିଛନ୍ତି।



ଆମେରିକାର ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ (ସିୟୁଏନ୍‌ୱାଇ)ର ବ୍ରୋନକ୍ସ କମ୍ୟୁନିଟି କଲେଜର ସହଭାଗିତାରେ ହାଇଦ୍ରାବାଦର ୟୁଏସ୍ କନସୁଲେଟ୍ ଜେନେରାଲ୍ ଦ୍ୱାରା ପାଣିପାଗ କେନ୍ଦ୍ର ସ୍ଥାପନ କରାଯାଇଛି। ପାଣିପାଗ କେନ୍ଦ୍ର ସ୍ଥାପନ କରିଥିବା ବ୍ରୋନକ୍ସ କମ୍ୟୁନିଟି କଲେଜ ଅଫ୍ ନ୍ୟୁୟର୍କର ରସାୟନ ବିଜ୍ଞାନ, ପୃଥିବୀ ବିଜ୍ଞାନ ଏବଂ ପରିବେଶ ବିଜ୍ଞାନ ବିଭାଗର ଚେୟାରମ୍ୟାନ୍ ପ୍ରଫେସର ନୀଲ୍ ଫିଲିପ୍ ଏହାର ବୈଶିଷ୍ଟ୍ୟ ଏବଂ ଏହାକୁ କିପରି ବ୍ୟବହାର କରାଯାଇପାରିବ ସେ ବିଷୟରେ ଯୁବ ସ୍ୱେଚ୍ଛାସେବୀଙ୍କୁ ସୂଚନା ଦେଇଛନ୍ତି। ଏହାଦ୍ୱାରା ପାଣିପାଗ କେନ୍ଦ୍ରର ତଥ୍ୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବା ସହ ଜଳବାୟୁ ତଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି କରିବ। ତାପମାତ୍ରା, ବାୟୁ ପ୍ରଦୂଷଣ ସ୍ତର, ବାୟୁ ଗୁଣବତ୍ତା, ଆର୍ଦ୍ରତା, ସୌର ବିକିରଣ, ଅତିବାଇଗଣି ରଶ୍ମି, ପବନ ଏବଂ ବୃଷ୍ଟିପାତ ପରି ମାଇକ୍ରୋ-ଜଳବାୟୁ ପାରାମିଟର ଉପରେ ନଜର ରଖିବାରେ ସାହାଯ୍ୟ କରିବ। ତେବେ ଏହି ତଥ୍ୟ ଯେକୌଣସି ବ୍ୟକ୍ତି ଯେକୌଣସି ସ୍ଥାନରେ ଅନ୍‌ଲାଇନରେ ଦେଖିପାରିବେ ବୋଲି ବକୁଳ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର କହିଛନ୍ତି। ବକୁଳ ଫାଉଣ୍ଡେସନର ଏଭଳି ପ୍ରୟାସକୁ ଶ୍ରୀମତୀ ଅରୁମୁଗମ୍ ଶିଶୁ ଏବଂ ଯୁବକମାନଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବର ବିକାଶ ପାଇଁ ପାଣିପାଗ କେନ୍ଦ୍ର ଉପସ୍ଥାପନ କରିଥିବା ସମ୍ଭାବନାକୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ପାଣିପାଗ କେନ୍ଦ୍ର ଚାରିପାଖରେ ଜଳବାୟୁ ବିଜ୍ଞାନ ଉପରେ ୧୦୦ ଟି ଛୋଟ ପ୍ରକଳ୍ପ ସୃଷ୍ଟି କରିବାରେ ତାଙ୍କ ପକ୍ଷରୁ କିମ୍ବା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ କିମ୍ବା ଏସ୍‌ଡିଜି ସେଲ୍‌ଫର ସମର୍ଥନରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ସେ ଯୁବକମାନଙ୍କ ପାଇଁ ଇଣ୍ଟର୍ନସିପ୍ ଡିଜାଇନ୍ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ଯେଉଁଥିରେ ସେମାନେ ଜଳବାୟୁ ବିଜ୍ଞାନ ଏବଂ ଜଳବାୟୁ କାର୍ଯ୍ୟ ପ୍ରକଳ୍ପ ଗ୍ରହଣ କରିବେ। ଏହି କେନ୍ଦ୍ର ସ୍କୁଲ ଓ କଲେଜ ପିଲାମାନଙ୍କୁ ଜଳବାୟୁ ପରିବର୍ତ୍ତନ ବିଷୟରେ ପାଣିପାଗ କେନ୍ଦ୍ରର ଭୂମିକା ବିଷୟରେ ଜଣାଇବେ ବୋଲି ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି।





# ରାମମୟ ହେଲା ରାଜଧାନୀ



**ଭୁବନେଶ୍ୱର, ୨୨।୧(ସମିସ):**

ଅଯୋଧାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଭୁବନେଶ୍ୱର ସମେତ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଥିବା ଅଧିକାଂଶ ମନ୍ଦିରରେ ଯଜ୍ଞ ହୋମ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆପଲ୍ଲୀ ସ୍ଥିତ ବାଲୁଙ୍କେଶ୍ୱର ପୀଠ ହନୁମାନଙ୍କ ମନ୍ଦିରରେ ଅନୁଷ୍ଠିତ ଯଜ୍ଞ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିଲେ ଦେଢ଼ ହଜାରରୁ ଅଧିକ ଶ୍ରଦ୍ଧାଳୁ। ସ୍ତୋତ୍ରୀୟ ବ୍ରାହ୍ମଣ ଅଖିଳ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ନଗର ପରିକ୍ରମା ଏବଂ ଯଜ୍ଞ କାର୍ଯ୍ୟକ୍ରମରେ ଅଶୋକ କୁମାର ସାହୁ, ସମୀର ରାଉତ, ଅନୀଲ ପରିଡ଼ା, ଧର୍ମେନ୍ଦ୍ର ଭାଇ, ଡାକ୍ତର ରାଧାନାଥ ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାମ ମନ୍ଦିରରେ ଦିନସାରା ଭିଡ଼

ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ରାଜଧାନୀର ରାମମନ୍ଦିର ପରିସର ମଧ ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ଥିଲେ। ଭିଡ଼କୁ ନଜରରେ ରଖି ସୁରକ୍ଷାକର୍ମୀ ମୁତୟନ କରାଯାଇଥିଲା।

ସନ୍ଧ୍ୟା ଆଳତି ପରେ 'ରାମାୟଣ' ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ପରିସରରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇ ମଧ ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ଅଧକ୍ଷ ତ୍ରିଲୋଚନ ବେଉରା, ସାମାଜିକ କର୍ମୀ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ।

## ପଞ୍ଚମୁଖୀ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ଉତ୍ସବ

ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସୋମବାର ଜୟଦେବ ବିହାର ପଞ୍ଚମୁଖୀ ହନୁମାନ ମନ୍ଦିରରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାମ ଚରିତ ମାନସ, ହୋମଯଜ୍ଞ, ଭଜନ କୀର୍ତ୍ତନ କରାଯିବା ସହିତ ମର୍ଯ୍ୟାଦାପୁରୁଷ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ବଜରଙ୍ଗବାଲି ବେଶପୋଷାକରେ ଛୋଟ ପିଲାମାନେ ମନ୍ଦିରରୁ ବାହାରି ନଗର ପରିକ୍ରମା କରିଥିଲେ। ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ଓ ସାଧାରଣ ସମ୍ପାଦକ ରବୀନ୍ଦ୍ର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଭୁବନେଶ୍ୱର ଜିଲ୍ଲାର ପୂର୍ବତନ ଯୁଗ୍ମ ସଚିବ ସୁବ୍ରତ ତ୍ରିପାଠୀ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଉପସଭାପତି ତଥା ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



## ବାଲିପାଟଣା ଉତ୍ସବ ମୁଖର

**ବାଲିପାଟଣା:** ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ବାଲିପାଟଣାର ସରାଟ ଶାସନ ମହାବୀରଙ୍କ ମନ୍ଦିରରେ ଓ କୁଲନ୍ତିରାର ମା' ସଙ୍କଟ ତାରିଣୀ ପୀଠରେ ପ୍ରଭାତରୁ ପୂଜା, ୧୦୮ ହନୁମାନ ଚାଳିଶା ପାଠ ଓ ହୋମ ଆହୁତି ଅନୁଷ୍ଠିତ ହୋଇଥିଲା। ମା ସଙ୍କଟ ତାରଣୀ ପୀଠ ଠାରୁ ଏକ ବିଶାଳ ଶୋଭଯାତ୍ରା ଜୟ ଶ୍ରୀରାମ ଧ୍ୱନି କରି ଗ୍ରାମ ଗ୍ରାମ ବୁଲିଥିଲେ। ଶାସନ ହନୁମାନ ମନ୍ଦିରକୁ ଏହି ଅବସରରେ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଟ୍ରଷ୍ଟ ଅଧକ୍ଷ ସତ୍ୟପ୍ରିୟ ବେହେରା ଉପସ୍ଥିତ ରହି ବୃଦ୍ଧ ,ବୃଦ୍ଧା, ଅସହାୟ ଓ ଭିନ୍ନକ୍ଷମ ମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସେହିପରି ବାଲିପାଟଣା କଲେଜ ଛକ ବାଟ ମହାବୀର, ନୂଆପଡା ତାରିଣୀ ମନ୍ଦିର, ଭାକରସାହି ମହାବୀର, ବନମାଳୀପୁର ର ବିଭିନ୍ନ ମନ୍ଦିର ଓ ମଠ, ବାଗଲପୁର ହରିହର ପୀଠ, ତୁରିନ୍ତିରା ମହାବୀର ପିଠ ପ୍ରଭୃତି ସ୍ଥାନରେ ହନୁମାନ ଚାଳିଶା, ଭଜନ, ନାମ ସଙ୍କୀର୍ତ୍ତନ ଆୟୋଜନ ହୋଇ ଯାଇଥିଲା।

## ଉତ୍ସବମୁଖର ସମସ୍ତ ରାମ ମନ୍ଦିର

**ହଂସପାଳ:** ହଂସପାଳ ବାଟ ମହାବୀର ମନ୍ଦିର ରେ ଆଜି ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ପୂଜା କମିଟି ତରଫରୁ ଘଣ୍ଟ,ଶଙ୍ଖ ଧ୍ୱନି ରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଅଛି। ସେହିପରି ଭାବେ ପଳାଶୁଣି ରାମମନ୍ଦିର ପ୍ରାଙ୍ଗଣରେ ପ୍ରାତଃହ ଶ୍ରୀରାମଙ୍କ ବିଗ୍ରହକୁ ସୁଗନ୍ଧିତ ଜଳରେ ମହାସ୍ନାନ କରାଯାଇଥିଲା ପରେ ନୂତନ ବସ୍ତ୍ର ପୁଷ୍ପ ସୁସଜ୍ଜିତ କରାଯାଇଥିଲା। ଶାନ୍ତି ଶୃଙ୍ଖଳାରେ ଦର୍ଶନ ପାଇଁ ପଳାଶୁଣି ଯୁବକ ସଂଘ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପରେ ଏକ ଶୋଭାଯାତ୍ରା ପଳାଶୁଣିରୁ ବାହାରି ଖାରବେଳ ନଗର ରାମ ମନ୍ଦିରରେ ସମୂହ ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମର ସୌମେନ୍ଦ୍ର ଲେଙ୍କା, ରାଜେଶ୍ ପରିଡ଼ା, ରାକେଶ ଜେନା,ସତ୍ୟଜିତ ଲେଙ୍କା,ବଟକୃଷ୍ଣ ପରିଡ଼ା, ଜୁଲୁ ପ୍ରକାଶ ନାୟକ ପରିଚାଳନା କରିଥିଲେ। ଅନୁରୂପ ଭାବେ ବେଣୁପୁର ରାମ ମନ୍ଦିରରେ ରାମଲୀଳା କମିଟି ସଦସ୍ୟ ମାନେ ୧୦୮ ଦୀପ ପ୍ରଜ୍ୱଳନ କରିଥିଲେ। ଭୁବନପୁର,ତଳଗଡ ହନୁମାନ ମନ୍ଦିର ରେ ସନ୍ଧ୍ୟା ସମୟରେ ଗ୍ରାମବାସୀ ପୂଜାଅର୍ଚ୍ଚନା ସହ ସମୂହ ଦୀପ ଦାନ କରିଥିଲେ।

## ମହୁଖଣ୍ଡା ଉତ୍ସବମୁଖର

**ବାଲିଅନ୍ତା:** ଅଯୋଧାରେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ବାଲିଅନ୍ତା ବ୍ଲକ୍ ଜୟଦେବ ଗ୍ରାମ ପଞ୍ଚାୟତ ଅଧୀନ ମହୁଖଣ୍ଡାସ୍ଥିତ ପ୍ରଭୁ ଶ୍ରୀରାମ ମନ୍ଦିର ଉତ୍ସବମୁଖର ହୋଇପଡ଼ିଥିଲା। ମନ୍ଦିରରେ ସକାଳେ ସ୍ୱତନ୍ତ୍ର ନିତିକାନ୍ତି ଅନୁଷ୍ଠିତ ହୋଇଥିଲା। ହୋମଯଜ୍ଞ, ବାଳଭୋଗ, ମଧାହ୍ନରେ ଶଙ୍ଖୁଡି ଏବଂ ସନ୍ଧ୍ୟାରେ ବାଳଭୋଘ ଲାଗି ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଏକ ସୁସଜ୍ଜିତ ରଥରେ ଦେବାଦେବୀଙ୍କୁ ଉପବିଷ୍ଟ କରାଇ ମହୁଖଣ୍ଡା ଏବଂ ସାହେବ ନଗର ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ଗୋତଲବିନ୍ଧା ସୀତା ରାମେଶ୍ୱର ମନ୍ଦିରରେ ନାମ ସଂକୀର୍ତ୍ତନ ଭଜନ କୀର୍ତ୍ତନ ହୋଇଥିଲା।

## ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା

**ନନ୍ଦନକାନନ:** ଉତ୍ତର ଭୁବନେଶ୍ୱରର ମନ୍ଦିର ମଠ, ଦେବାଳୟରେ ଶ୍ରୀରାମଙ୍କୁ ପୂଜାର୍ଚ୍ଚନା କରାଯାଇଛି। ବିଭିନ୍ନ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରାସାଦ ବଣ୍ଟନ କରାଯାଇଛି। ଏହି ଅବସରରେ ଟାଙ୍ଗିବନ୍ତ ଗ୍ରାମରେ ହନୁମାନ ଚାଳିଶା, ଶ୍ୟାମାନନ୍ଦ ନିକେତନ ତରଫରୁ ହଜାରେରୁ ଅଧିକ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ପଟିଆ, କଳାରାହାଙ୍ଗ, ଚନ୍ଦ୍ରଶେଖରପୁର, ରଘୁନାଥପୁର, ବରିମୁଣ୍ଡ, ଗଣ୍ଡରପୁର, ସିଙ୍ଗଡ଼ା, ରୋକଟ, ଇଞ୍ଜଣା, ପଦ୍ମକେଶରୀପୁର, ଶୈଳଶ୍ରୀବିହାର, ଶିଖରଚଣ୍ଡୀ, କଳାଝରି, କଲ୍ୟାଣପୁର, କାନନବିହାର, ମାରୁତିଭିଲ୍ଲା, ନନ୍ଦନବିହାର ହନୁମାନ ଚାଳିଶା ପାଠ, ରାମନାମ ସଂକୀରନ, ଯଜ୍ଞ ଓ ପୂର୍ଣ୍ଣାହୁତି ହୋଇଥିଲା। ନୀଳାଦ୍ରି ବିହାର ସେକ୍ଟର ତିନି ଛକସ୍ଥିତ ମଧ ଜୟ ବଜରଙ୍ଗବାଲି ମନ୍ଦିରରେ ହନୁମାନ ଚାଳିଶା ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମନୋଜ କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁକାନ୍ତ ରାଉତ, ପ୍ରଶାନ୍ତ ସାହୁ, ସତ୍ୟବ୍ରତ ଦାସ, ମନୋଜ ବାରିକ, ରଞ୍ଜିତ ସାହୁ, ଜୟନ୍ତ ଖଟୁଆ, ନବଘନ ପରମାଣିକ, ଶରତ ଖଟୁଆ, ବାବୁଲି ପ୍ରମୁଖ ପରିଚାଳନା କରିଥିଲେ।

## ବାଲୁକାରେ ଶ୍ରୀରାମ



ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୬୫ରେ ମଦନମୋହନ ମାର୍କେଟ କମ୍ପ୍ଲେକ୍ସ ପକ୍ଷରୁ ବାଲିରେ ଶ୍ରୀରାମଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ତେବେ ଏହି ମୂର୍ତ୍ତିକୁ ବାଲୁକା ଶିଳ୍ପୀ ପ୍ରିୟ ରଞ୍ଜନ ବରାଳ ନିର୍ମାଣ କରିଥିବା ବେଳେ ଏଥିରେ ୨ଟ୍ରକ୍ ବାଲି ବ୍ୟବହାର କରାଯାଇଛି।

# ବିକାଶ ଆବାସିକ ବିଦ୍ୟାଳୟରେ ୧ ଲକ୍ଷ ପ୍ରଦୀପ ପ୍ରଜ୍ୱଳିତ

**ଭୁବନେଶ୍ୱର, ୨୨।୧(ସମିସ):** ଅଯୋଧା ନଗରୀରେ ରାମ ମନ୍ଦିର ତଥା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ବିଗ୍ରହ ପ୍ରତିଷ୍ଠା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଅବସରରେ ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ଡେରାସ୍ ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ମହୋତ୍ସବର ଆୟୋଜନ କରାଯାଇଥିଲା। ପ୍ରାୟ ଏକ ହଜାରରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ମଣ୍ଡଳୀ, ସାଧୁ ଓ ସଜ୍ଜନ ମଣ୍ଡଳୀ ଏକତ୍ରିତ ହୋଇ ଏକ ଲକ୍ଷ ଦୀପ ପ୍ରଜ୍ୱଳନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କ୍ରିକେଟ ଷ୍ଟାଡିୟମ ଠାରେ ୩୫୦ ଫୁଟ ବ୍ୟାସାର୍ଦ୍ଧର କ୍ଷେତ୍ରରେ ଏହି ପ୍ରଦୀପ ସଜ୍ଜା ପ୍ରସ୍ତୁତ କରାଯାଇଥିଲା। ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ରବିବାର ମହାରାଷ୍ଟ୍ରର ଚନ୍ଦ୍ରାପୁରଠାରେ ୩୩,୨୫୮ ଦୀପ ଲାଗି ରେକର୍ଡ କରାଯାଇଥିବା ବେଳେ ସୋମବାର ବିକାଶ ଆବାସିକ ବିଦ୍ୟାଳୟ ଭୁବନେଶ୍ୱର ୧ ଲକ୍ଷ ପ୍ରଦୀପ ପ୍ରଜ୍ୱଳନ ସହ ନୂଆ ରେକର୍ଡ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ବିକାଶ ବିଦ୍ୟାଳୟ ପରିସରରେ ଶଙ୍ଖ, ଘଣ୍ଟା ତଥା ମୃଦଙ୍ଗର ତାଳେ ତାଳେ ଭାବ ଭକ୍ତି ପୂର୍ବକ ଦୀପ ପ୍ରଜ୍ୱଳନ ଏବଂ ଭଜନ ଜଣାଣର ଅପୂର୍ବ ସମାରୋହ ଭାରତୀୟ ହିନ୍ଦୁ ସଭ୍ୟତା ସଂସ୍କୃତିର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଦିବସର ମହତ୍ୱ ତଥା ଗୁରୁତ୍ୱକୁ ବଢ଼ାଇ ଦେଇଥିଲା। ଏହି ଅବସରରେ ଉପଦେଷ୍ଟା ଓ ସହ ପ୍ରତିଷ୍ଠାତା, ଯୁବ ଓ ସମାଜ ବିକାଶ କେନ୍ଦ୍ର ଜଗଦାନନ୍ଦ, ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଭାରତବର୍ଷ ସମଗ୍ର ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ




ପାଇଥିବାରୁ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପ୍ରଶାସନିକ ନିର୍ଦ୍ଦେଶକ ଭି. ଶ୍ରୀନିବାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଥିଲେ। ପୂତ ପବିତ୍ର ଅଯୋଧା ଧାମରୁ ଆସିଥିବା ଅକ୍ଷତ ବଣ୍ଟନ କାର୍ଯ୍ୟକ୍ରମ ବିକାଶ ପରିବେଶରେ ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଅଧକ୍ଷ ଆର୍. ବିଜୟ କୁମାର, ଡିନ୍ ପିତାମ୍ବର ଦାସ, ଆସୋସିଏଟ୍ ଡିନ୍ ଏ. ଦିଲ୍ଲୀପ କୁମାର, ବିକାଶ ଗ୍ଲୋବାଲ ବିଦ୍ୟାଳୟର ଅଧକ୍ଷା ବିଜୟାଲକ୍ଷ୍ମୀ ଦାସ, ଉପାଧକ୍ଷ ସଞ୍ଜୀବ କୁମାର ଦାସ, ଉଚ୍ଚ ମାଧମିକ ବିଦ୍ୟାଳୟର ଉପଦେଷ୍ଟା ଭି. ରବୀନ୍ଦ୍ର ନାଥ, ବିଶିଷ୍ଟ ସମାଜସେବୀ ପ୍ରଣବ ସ୍ୱାଇଁ, ଭି. ଶ୍ରୀଦେବୀ, ଏମ. ଆନନ୍ଦ ଓ ଗୌତମ ଅଗ୍ରଓ୍ୱାଲ ଉପସ୍ଥିତ ଥିଲେ ।

## ପିସ୍ତା ବାଦାମ ଖୋଳରେ ରାମଲାଲା

ଶିଳ୍ପୀ ପ୍ରିୟଙ୍କା ସାହାଣୀ ପିସ୍ତା ବାଦାମ ଖୋଳ ଉପରେ ରାମ ଲାଲାଙ୍କ ସବୁଠାରୁ କ୍ଷୁଦ୍ରତମ ଚିତ୍ର ଆଙ୍କିଛନ୍ତି। ଯାହାର ଉଚ୍ଚତା ୩ସେଣ୍ଟିମିଟର ହୋଇଥିବା ବେଳେ ପ୍ରସ୍ଥ ରହିଛି ୧.୫ ସେଣ୍ଟିମିଟର। ଏକ୍ରିଲିକ୍ ରଙ୍ଗରେ ପ୍ରିୟଙ୍କା ଏହି ଚିତ୍ରଟି ତିଆରି କରିଥିବା ବେଳେ ତାଙ୍କୁ ୧୦ ମିନିଟ୍ ସମୟ ଲାଗିଥିବା କହିଛନ୍ତି।

## 'ଗାନ୍ଧୀଙ୍କ ରାମ' ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର:** ଅଯୋଧାରେ ରାମ ମନ୍ଦିରରେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପିତ ହେବା ଅବସରରେ ମାଷ୍ଟରକ୍ୟାଣ୍ଟିନ ଛକରେ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଲିଖିତ 'ଗାନ୍ଧୀଙ୍କ ରାମ ପୁସ୍ତକ' ଲୋକାର୍ପିତ ହୋଇଯାଇଛି। ଗାନ୍ଧିବାଦୀ ଡ. ବିଶ୍ୱଜିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ତଥା ଗାନ୍ଧିବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ନେତୃତ୍ୱରେ ସର୍ବ ଧର୍ମ ପ୍ରାର୍ଥନା କରାହୋଇଥିଲା। ଗାନ୍ଧୀଙ୍କ ରାମ ପୁସ୍ତକର ଅନୁବାଦକ ଜୟନ୍ତ କୁମାର ଦାସ ଓ ସମ୍ପାଦକ ମିହିର ପ୍ରତାପ ଦାସ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ରାଷ୍ଟ୍ରୀୟ ଯୁବା ସଂଗଠନର ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମାନସ ପଟ୍ଟନାୟକ ସଞ୍ଚାଳନ କରିଥିଲେ।

## ଭାସ୍କର୍ଯ୍ୟ ଶିବିର 'ଆକାର' ଉଦଘାଟିତ



**ଭୁବନେଶ୍ୱର, ୨୨।୧(ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଆକାର' ଶୀର୍ଷକରେ ଏକ ଭାସ୍କର୍ଯ୍ୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହା ୧୦ ଦିନ ଧରି ଚାଲିବ। ଏଥିରେ ଭାସ୍କର୍ଯ୍ୟ ଶିଳ୍ପୀମାନେ ପଥର ଖୋଦେଇ କରି ନିଜ ପ୍ରତିଭା ପ୍ରଦର୍ଶନ କରିବେ। ଭାସ୍କର୍ଯ୍ୟରେ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଜୀବନ୍ତ ରୂପ ଦିଆଯିବ। ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ ଏହାକୁ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ଭାସ୍କର୍ଯ୍ୟ ଶିବିର ଓଡ଼ିଶା ଇତିହାସରେ ନୂତନ ଅଧାୟ ଯୋଡ଼ିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ଉଦଘାଟନୀ ଦିବସରେ ବରିଷ୍ଠ ଭାସ୍କର୍ଯ୍ୟବିତ୍ ଜୟନ୍ତ ଦାସ, ଜ୍ଞାନେଶ ମିଶ୍ର, ନିତ୍ୟାନନ୍ଦ ଓଝା, ସ୍ମୃତିଶାଇ ମିଶ୍ର ଓ ସୁଧିର ରଞ୍ଜନ ମହାରଥୀ, ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ଅଞ୍ଜନ କୁମାର ସାହୁଙ୍କ ଆବାହାକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ଉମେଶ ଚନ୍ଦ୍ର ନାୟକ ସଂଯୋଜନା କରିଥିବାବେଳେ ଡ. ଆଶିଷ ମହାପାତ୍ର ସହଯୋଗ କରିଛନ୍ତି।

# ରାଜଧାନୀରେ ବଢ଼ୁଛି ପକ୍ଷୀ ପାଳିବାର ସୌକ

## 'କୋନ୍ନୁର' ୩୦ ହଜାର, ବଦ୍ରି ୨୫୦ ଟଙ୍କା

## ଚାହିଦାରେ ସିରାଜ, ଫ୍ୟାନ୍‌ଟେଲ୍ ପାରା

**ଭୁବନେଶ୍ୱର, ୨୨।୧(ସମିସ):**

ରାଜଧାନୀବାସୀଙ୍କ ମଧରେ ବଢ଼ିବାରେ ଲାଗିଛି ଘରେ ପକ୍ଷୀ ରଖିବାର ସୌକ। ପୂର୍ବରୁ ଚାଲିଥିବା ଏହି ସୌକ ଏବେ ଏକ ଧାରାରେ ପରିଣତ ହେବାରେ ଲାଗିଛି ବୋଲି କୁହାଯାଇପାରେ। ସେଥିପାଇଁ ବଜାରରେ ଏହାର ଚାହିଦା ମଧ ବଢ଼ିବାରେ ଲାଗିଛି। ଅନେକ ପକ୍ଷୀ ପ୍ରେମୀ ମଧ ପକ୍ଷୀମାନଙ୍କୁ ନିଜ ଘରର ସଦସ୍ୟଭାବେ ଲାଳନପାଳନ କରି ଆସୁଛନ୍ତି। ନିଜ ପିଲାର ଯତ୍ନ ନେବା ଭଳି ପକ୍ଷୀମାନଙ୍କର ଯତ୍ନ ନେଉଛନ୍ତି। ଏହି ପକ୍ଷୀ ଭିନ୍ନ ଭିନ୍ନ ରଙ୍ଗ ଓ ପ୍ରଜାତିର ହୋଇଥିବା ବେଳେ ରାଜ୍ୟ ବାହାର ତଥା କୋଲକାତା ଓ ହାଇଦରାବାଦରୁ ଏହାକୁ ବ୍ୟବସାୟ ପାଇଁ ଅଣାଯାଉଛି। ସେହିପରି ଅନେକ ପ୍ରଜାତିର ସୋଖିନ ପକ୍ଷୀ ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ାରୁ ଅଣାଯାଇ ରାଜଧାନୀରେ ବିକ୍ରି କରାଯାଉଛି। ରାଜଧାନୀରେ ପ୍ରାୟ ୧୫ ରୁ ୧୬ ପ୍ରଜାତିର ଘରୋଇ ପକ୍ଷୀ ବିକ୍ରି କରାଯାଉଛି। ସତ୍ୟନଗରରେ ଏଚ.ବି ଆକ୍ୱାରିୟମ ଷ୍ଟୋର କରିଥିବା ପକ୍ଷୀ ବ୍ୟବସାୟୀ ବାସୁଦେବ ଦାସଙ୍କ କହିବା



ଅନୁଯାୟୀ ରାଜଧାନୀରେ ଏହି ଘରୋଇ ପକ୍ଷୀମାନଙ୍କ ମଧରେ ଲଭ୍‌ବାର୍ଡ, କକ୍‌ଟେଲ, ଫିନ୍‌ଚେସ୍, ଜାଭା, ବଦ୍ରି ବାର୍ଡ, କୋନ୍ନୁର, ବିଭିନ୍ନ ପ୍ରକାରର ପାରା ଯଥା ସିରାଜ, ଫ୍ୟାନ୍‌ଟେଲ ଅପରାଜିତା, ଗିରିବାଜ ଓ ମାଦ୍ରାସୀ ଆଦି ପକ୍ଷୀ ମିଳୁଛି। ଏହି ପକ୍ଷୀମାନଙ୍କ ନିଜସ୍ୱ ୩ ରୁ ୪ ପ୍ରକାରଭେଦ ରହିଛି। ସେମାନେ ରଙ୍ଗ, ଗୁଣ ଅନୁଯାୟୀ ଦର ମଧ ଅଲଗା ଅଲଗା ରହିଛି। ଏମାନଙ୍କ ମଧରୁ ସର୍ବାଧିକ ମୂଲ୍ୟ କୋନ୍ନୁର ପକ୍ଷୀର ରହିଛି। ଗୋଟିଏ ଗୋଟିଏ କୋନ୍ନୁର ପକ୍ଷୀର ଦାମ୍ ରହିଛି ୭ ହଜାରରୁ ୩୦ ହଜାର ଟଙ୍କା। ସେହିପରି ସବୁଠୁ କମ୍ ମୂଲ୍ୟରେ ବଦ୍ରି ନାମକ ପକ୍ଷୀ ବଜାରରେ ମିଳୁଛି। ଯାହାର ସର୍ବନିମ୍ନ ମୂଲ୍ୟ ରହିଛି ୨୫୦ ଟଙ୍କା। ବର୍ତ୍ତମାନ ଲୋକଙ୍କ ଚାହିଦା ଅନୁଯାୟୀ ବଦ୍ରି ଏବଂ ସିରାଜ ପାରା ଓ ଫ୍ୟାନ୍‌ଟେଲ ପାରା ଅଧିକ ବିକ୍ରି ହେଉଛି ବୋଲି ବାସୁଦେବ କହିଛନ୍ତି। ସିରାଜ ପାରା ଓ ଫ୍ୟାନ୍‌ଟେଲ ପାରା ପାଖାପାଖି ୧୫ଶହ ଟଙ୍କା ରହିଥାଏ। ଅଧିକ ଦାମ୍ ସତ୍ତ୍ୱେ ପକ୍ଷୀପ୍ରେମୀ ଅନେକ ପ୍ରଜାତିର କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଅପରପକ୍ଷେ ପକ୍ଷୀମାନଙ୍କର ଖାଦ୍ୟପେୟ ପ୍ରତି ମଧ ଯତ୍ନବାନ ହେବାକୁ ପଡ଼ିଥାଏ। ଭିନ୍ନ ଭିନ୍ନ ପକ୍ଷୀଙ୍କ ଭିନ୍ନ ଖାଦ୍ୟ ରଚି ରହିଛି। ଯେପରି ଲଭ୍‌ବାର୍ଡ ସୂର୍ଯ୍ୟମୁଖୀ ଫୁଲ ଖାଉଥିବା ବେଳେ ଓ ପାରାମାନେ ବାଜରା, ଗହମ, ସକା ଓ ସୋରିଷ ଖାଇବାକୁ ପସନ୍ଦ କରିଥାଆନ୍ତି। ବାସୁଦେବ କୁହନ୍ତି ପକ୍ଷୀ କିଣିଲାବେଳେ ଗ୍ରାହକ ତା'ର ପୂରା ଖାଦ୍ୟପେୟ ତାଲିକା ବିଷୟରେ ମଧ ପଚାରି ବୁଝନ୍ତି। ଦିନକୁ ପାଖାପାଖି ୩୦ ରୁ ୪୦ ଯୋଡ଼ା ପକ୍ଷୀ ତାଙ୍କର ବିକ୍ରି ହୋଇଥାଏ ଏବଂ ସେଥିରୁ ୨୦ ପ୍ରତିଶତ ଲାଭ ତାଙ୍କୁ ମିଳୁଛି ବୋଲି ସେ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ • ପାଉଣ୍ଡ ୧୦୫.୧୩
- ୟୁରୋ ୯୦.୯୭ • ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୮,୩୦୦ (ନୂଆଦିଲ୍ଲୀ)
- ରୁପା : ୭୫,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୧,୪୨୩.୦୦
- ନିଫ୍ଟି ୨୧,୫୭୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



**ବଜେଟ ପୂର୍ବରୁ ନାରେଡ୍‌କୋର ଦାବି**

## ଗୃହ ଋଣ ସୁଧ ଉପରେ ଟିକସ କମାଅ

**ନୂଆଦିଲ୍ଲୀ,୨୨।୧(ଏଜେନ୍ସି):** ଚଳିତବର୍ଷ ଫେବୃଆରୀ ପହିଲାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅନ୍ତରୀଣ ବଜେଟ୍ ଉପସ୍ଥାପନା କରିବେ। ତା ପୂର୍ବରୁ ବିଭିନ୍ନ ବିଭାଗରୁ ସରକାରଙ୍କୁ ନାନା ପରାମର୍ଶ ମିଳୁଛି। ଉଦ୍ୟୋଗଗୁଡ଼ିକ ସୁହାଇଲା ଭଳି ପ୍ରସ୍ତାବ ବଜେଟ୍ ନିର୍ମାତା କମିଟିକୁ ଦେଉଛନ୍ତି। ଏହି ବଜେଟ୍‌କୁ ନେଇ ରିଅଲ୍ ଇଷ୍ଟେଟ୍ କ୍ଷେତ୍ର ବେଶ୍ ଆଶାବାଦୀ। ରିଅଲ୍ ଇଷ୍ଟେଟ୍ ଡେଭଲପର ସଂଘ ନ୍ୟାସ୍‌ନାଲ ରିଏଲ୍ ଇଷ୍ଟେଟ୍ ଡେଭଲପମେଣ୍ଟ କାଉନସିଲ୍ (ନାରେଡ୍‌କୋ) ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହ ଅଟକି ରହିଥିବା ହାଉସିଂ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅର୍ଥମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି।

ଏଥିରେ ଘର କ୍ରେତାମାନଙ୍କୁ ପ୍ରୋତ୍ସାହିତ କରିବାକୁ ଆୟକର ଅଧିନିୟମର ଧାରା ୨୪ ଅନୁଯାୟୀ ଗୃହ ଋଣ ସୁଧର ରିଆତି ସୀମାକୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ନରେଡ୍‌କୋ ଦାବି କରିଛି। ଏହା ବ୍ୟତୀତ ନାରେଡ୍‌କୋ ଅର୍ଥମନ୍ତ୍ରୀଙ୍କଠାରୁ ଆୟକର ଧାରା ୮୦ସିରୁ



ଗୃହ ଋଣର ମୂଳ ପରିମାଣକୁ ବାଦ ଦେବାକୁ ଦାବି ପତ୍ର ଲେଖିଛି। ଏହାବାଦ୍ ଅଟକି ରହିଥିବା ହାଉସିଂ ପ୍ରକଳ୍ପଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ କରାଯାଇଥିବା ସ୍ପେଶାଲ୍ ୱିଣ୍ଡୋ ଫର ଏଫୋର୍ଡବଲ ଆଣ୍ଡ ମିଡ୍ ଇନ୍‌କମ ହାଉସିଂ ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବାକୁ ନାରେଡ୍‌କୋ ଅର୍ଥମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୫୦ ହଜାର କୋଟି ଟଙ୍କାର ପ୍ରସ୍ତାବ ରଖିବାକୁ ନରେଡ୍‌କୋ ସରକାରଙ୍କୁ ଅନୁରୋଧ କରିଛି। ଡେଭଲପର୍ସ ସଂଘ ଜିଏସ୍‌ଟି ସହ ହାଉସିଂ ପ୍ରକଳ୍ପର ଡେଭଲପରଙ୍କ ଦ୍ୱାରା 'ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍' ଚାହିଦାର ବିକଳ୍ପକୁ ଅନୁମତି ଦେବାକୁ ଅନୁରୋଧ କରିଛି। ଅନ୍ୟପଟେ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ହାଉସିଂ ସେଗମେଣ୍ଟରେ ଆଫର୍ଡେବଲ ହାଉସିଂର ଡିମାଣ୍ଡ ହ୍ରାସ ପାଉଛି, ଯାହା ସରକାରଙ୍କ ସମସ୍ୟା ବଢାଇପାରେ। ତେଣୁ ଏ ନେଇ ବଜେଟରେ ଆଫର୍ଡେବଲ ହାଉସିଂକୁ ପ୍ରୋତ୍ସାହିତ କରିବାକୁ ଅର୍ଥମନ୍ତ୍ରୀଙ୍କ ଉପରେ ଚାପ ବଢୁଛି। ନିକଟରେ ରିଅଲ୍ ଇଷ୍ଟେଟ୍ ପରାମର୍ଶଦାତା ଏକ ରିପୋର୍ଟରେ କହିଛନ୍ତି ଯେ ମହଙ୍ଗା ଗୃହଋଣ ଏବଂ ସମ୍ପତ୍ତି ମୂଲ୍ୟରେ ବୃଦ୍ଧି ହେତୁ ୫୦ ଲକ୍ଷରୁ କମ୍ ମୂଲ୍ୟର ସୁଲଭ ଘରଗୁଡିକର ଚାହିଦା ହ୍ରାସ ପାଇଛି। ନାଇଟ୍ ଫ୍ରାଙ୍କ ଇଣ୍ଡିଆ ମଧ୍ୟ ଏହାର ରିପୋର୍ଟରେ କହିଛି ଯେ ମୋଟ ବାସଗୃହ ବିକ୍ରି କ୍ଷେତ୍ରରେ ୫୦ ଲକ୍ଷରୁ କମ୍ ମୂଲ୍ୟର ଘର ବିକ୍ରିର ଭାଗ ୨୦୧୮ ରେ ୫୪ ପ୍ରତିଶତ ଥିଲା। ୨୦୨୩ରେ ଏହା ୩୦ ପ୍ରତିଶତକୁ ହ୍ରାସ ପାଇଛି।

## ରୟାଲ କଲେଜର ଏକବିଂଶତମ ବାର୍ଷିକୋତ୍ସବ



ଭୁବନେଶ୍ୱର,୨୨।୧(ସମିସ): ମଞ୍ଚେଶ୍ୱରସ୍ଥିତ +୨ ବିଜ୍ଞାନ ମହାବିଦ୍ୟାଳୟ ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ଏହାର ଏକବିଂଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବିଷ୍ଣୁମୋହନ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଦ୍ୱିତୀୟ ବାର୍ଷିକ ଛାତ୍ରୀ ଦେବାଂଶିକା ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ ଅଧ୍ୟାପକ ସମ୍ବିତ ମିଶ୍ର ସଭା ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କଲେଜର ମୁଖପତ୍ର "ଦି ଏଲାନ ଭାଇଟାଲ" ଉନ୍ମୋଚିତ ହୋଇଥିଲା। ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତଃ ପ୍ର. ଅମୂଲ୍ୟ କୁମାର ପଣ୍ଡାଙ୍କ ଦ୍ୱାରା ସ୍ଥାପିତ "ରୟାଲ ଟିଚର ଅଫ୍ ଦି ଇୟର ଆୱାର୍ଡ (ସ୍କୁଲ)- ୨୦୨୩" କାର୍ତ୍ତିକ ଚନ୍ଦ୍ର ବେହେରା ଏବଂ "ରୟାଲ ଟିଚର ଅଫ୍ ଦି ଇୟର ଆୱାର୍ଡ (କଲେଜ)- ୨୦୨୩" ଡଃ କମଳକାନ୍ତ ଜେନାଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ପୁରସ୍କାର ସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ଫଳକ ପ୍ରଦାନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର ମାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ନାଇଜରର ନିର୍ଦ୍ଦେଶକ ପ୍ର. ହିରେନ୍ଦ୍ର ନାଥ ଘୋଷ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ତଥା ଗବେଷଣା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

**'ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା' ଆରମ୍ଭ**

# ଏକ କୋଟି ଘରେ ଲାଗିବ 'ରୁଫ୍ ଟପ୍ ସୋଲାର'

ନୂଆଦିଲ୍ଲୀ,୨୨।୧(ଏଜେନ୍ସି)

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ କେନ୍ଦ୍ର ସରକାର ଏକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି।

ଅଯୋଧ୍ୟା ଗସ୍ତ ପରେ ପ୍ରଧାନମନ୍ତ୍ରୀ ଲୋକ କଲ୍ୟାଣ ମାର୍ଗସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ଏକ ବୈଠକରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଅନୁଯାୟୀ, ଦେଶର ଏକ କୋଟି ଘର ଛାତ ଉପରେ ରୁଫ୍ ଟପ୍ ସୋଲାର ସଂସ୍ଥାପିତ ହେବ।

ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା»ର ଶୁଭାରମ୍ଭ କରିବା ପାଇଁ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ।ଏହି ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସୂର୍ଯ୍ୟଙ୍କ ଶକ୍ତିକୁ ପ୍ରତ୍ୟେକ ପରିବାର ନିଜର ଛାତ ଉପରେ ବ୍ୟବହାର କରି ସେମାନଙ୍କର ବିଦ୍ୟୁତ୍ ବିଲ୍ ହ୍ରାସ କରିପାରିବେ। ସେମାନେ ବିଦ୍ୟୁତ୍ ଆବଶ୍ୟକତା ପାଇଁ ପ୍ରକୃତରେ ଆତ୍ମନିର୍ଭରଶୀଳ ହୋଇପାରିବେ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନାରେ ଛାତ ଉପରେ ସୌରଶକ୍ତି ସ୍ଥାପନ ମାଧ୍ୟମରେ ନିମ୍ନ ଓ ମଧ୍ୟମ ଆୟକାରୀଙ୍କୁ ବିଜୁଳି ଯୋଗାଇଦେବା ସହ ବଳକା ବିଦ୍ୟୁତ ଉତ୍ପାଦନ ପାଇଁ ଅତିରିକ୍ତ ରୋଜଗାର ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଘରୋଇ ଉପଭୋକ୍ତାଙ୍କୁ ଅଧିକ ସଂଖ୍ୟକ ଛାତ ଉପରେ ସୌର ଶକ୍ତି ସ୍ଥାପନ ପାଇଁ ସଚେତନ କରିବା ସକାଶେ ଏକ ବୃହତ ଜାତୀୟ ଅଭିଯାନ ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି ପିଏମ୍ କହିଛନ୍ତି, 'ସୂର୍ଯ୍ୟବଂଶୀ ଭଗବାନ ଶ୍ରୀରାମଙ୍କ ଆଲୋକରୁ ବିଶ୍ୱର ସବୁ ଭକ୍ତଗଣ ସର୍ବଦା ଉର୍ଜା ପ୍ରାପ୍ତ କରିଥାନ୍ତି। ଆଜି ଅଯୋଧ୍ୟାରେ ପ୍ରାଣ-ପ୍ରତିଷ୍ଠାର ଶୁଭ ଅବସରରେ ମୋର ଏହି ସଂକଳ୍ପ ଅଧିକ ପ୍ରଶସ୍ତ ହୋଇଛି ଯେ ଭାରତବାସୀଙ୍କ ଘର ଛାତ ଉପରେ ସେମାନଙ୍କ ନିଜର ସୋଲାର ରୁଫ୍ ଟପ୍ ସିଷ୍ଟମ ରହିବ। ପିଏମ୍ ଲେଖିଛନ୍ତି ଯେ ଅଯୋଧ୍ୟାରୁ ଫେରିବା ପରେ ମୁଁ ପ୍ରଥମ ନିଷ୍ପତ୍ତି ନେଇଛି ଯେ ଆମ ସରକାର ଏକ କୋଟି ଘର ଛାତ ଉପରେ ରୁଫ୍ ଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା ଆରମ୍ଭ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହାପରେ ଗରିବ ଏବଂ ମଧ୍ୟମ ବର୍ଗର ଲୋକଙ୍କୁ ବିଜୁଳି ବିଲ୍ କମ୍ ହେବା ସହ ଭାରତ ଉର୍ଜା କ୍ଷେତ୍ରରେ ଆତ୍ମନିର୍ଭର ହେବ।

**ଘରୋଇ ଉପଭୋକ୍ତାଙ୍କୁ ଅଧିକ ସଂଖ୍ୟକ ଛାତରେ ସୋଲାର ପ୍ୟାନେଲ୍ ଲଗାଇବାକୁ ପ୍ରୋତ୍ସାହନ**



**ମିଳିବ ଏଆଇ ମାଧ୍ୟମରେ ମୋବାଇଲ ବ୍ୟବହାରର ନୂତନ ଅଭିଜ୍ଞତା**

## ସାମସଙ୍ଗ ଅଲ୍-ନ୍ୟୁ ଗାଲାକ୍ସି ଏସ୍-୨୪ ସିରିଜ୍‌ର ବଜାର ପ୍ରବେଶ

ଭୁବନେଶ୍ୱର,୨୨।୧(ସମିସ)

କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ଏହାର ଅଲ୍-ନ୍ୟୁ ଗାଲାକ୍ସି ଏସ୍ ୨୪ ସିରିଜ୍‌ର ବଜାର ପ୍ରବେଶ କରାଇଛି। ପ୍ରତି ଥର ଭଳି ତିନୋଟି ସ୍ମାର୍ଟଫୋନ୍ ଆଣିଛି କମ୍ପାନୀ। ସେଗୁଡ଼ିକ ହେଲା ଗାଲାକ୍ସି ଏସ୍୨୪, ଗାଲାକ୍ସି ଏସ୍୨୪+ ଏବଂ ଗାଲାକ୍ସି ଏସ୍୨୪। ଏଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ କମ୍ପାନୀର ଜେଏସ୍‌ଏମ୍ ଅଭିନେଶ ସିହ୍ନା, ଜେଏସ୍‌ଏମ୍ ଅରିନ୍ଦମ ପାତ୍ର ଏବଂ ଏସ୍‌ପିଡି-ନିର୍ଦ୍ଦେଶକ ଯୋଗେନ୍ଦ୍ର ହଂସ ଏହାର ବଜାର ପ୍ରବଶେ କରାଇଥିଲେ। ଗାଲାକ୍ସି ଏସ୍୨୪ ଏଆଇ ସିରିଜ୍‌ର ନୂତନ ବୈଶିଷ୍ଟ୍ୟ ହେଉଛି ଏଗୁଡିକ ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବୈଶିଷ୍ଟ୍ୟ ସହ ଆସିଛି। ଆନନ୍ଦଦାୟକ ଉପଭୋକ୍ତା ଅନୁଭୂତି ପ୍ରଦାନ କରିବା ଲାଗି ଏଥିରେ ଅତ୍ୟାଧୁନିକ ପ୍ରଯୁକ୍ତି ଯୋଡ଼ାଯାଇଛି। ଗାଲାକ୍ସି ଏସ୍୨୪ ଅଲଟ୍ରା, ଗାଲାକ୍ସି ଏସ୍୪+ ଏବଂ ଗାଲାକ୍ସି ଏସ୍୨୪ର ଉନ୍ମୋଚନ ସହିତ ସାମ୍‌ସଙ୍ଗ ଇଲେକ୍ଟ୍ରୋନିକ୍ସ ଏଆଇ ମାଧ୍ୟମରେ ମୋବାଇଲ ବ୍ୟବହାରର ନୂତନ ଅଭିଜ୍ଞତା ପ୍ରଦାନ କରୁଛି। ଏଆଇ ଇଣ୍ଟେଲିଜେଣ୍ଟ ଟେକ୍ସଟ ଏବଂ କଲ୍ ଟ୍ରାନ୍ସଲେସନ୍ ସହିତ ନିର୍ବିଘ୍ନ ଯୋଗାଯୋଗ ସୁନିଶ୍ଚିତ କରିବ। ଗାଲାକ୍ସି ଏଆଇରେ ଅନେକ ଅଭିନବ ବୈଶିଷ୍ଟ୍ୟ ରହିଛି। ସେଗୁଡ଼ିକ ହେଉଛି ଲାଇଭ୍ ଟ୍ରାନ୍ସଲେଶନ୍, ଚାଟ୍ ଆସିଷ୍ଟ, ଆଣ୍ଡ୍ରଏଡ୍ ଅଟେ, ନୋଟ୍ ଆସିଷ୍ଟ, ଟ୍ରାନ୍ସକ୍ରିପ୍ଟ ଆସିଷ୍ଟ, ସର୍କଲ ଟୁ ସର୍ଜ, ପ୍ରୋଭିଜୁଆଲ ଇଞ୍ଜିନ, ନାଇଟୋଗ୍ରାଫି ଏବଂ ପରିବର୍ତ୍ତିତ ଡିଜିଟାଲ କ୍ରୁମ୍ ଇତ୍ୟାଦି।



## ଭାରତର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ ଇଣ୍ଡିଆନ ଗ୍ୟାସ୍ ଏକ୍ସଚେଞ୍ଜ

ଭୁବନେଶ୍ୱର,୨୨।୧(ସମିସ)

ପିଏନଜିଆରବି ନିୟମାବଳୀ ଅନୁଯାୟୀ ୫୦,୦୦୦ ଏସସିଏମଡ଼ି ଥିବା ଗ୍ରାହକମାନେ ସିଧାସଳଖ ପ୍ରାକୃତିକ ଗ୍ୟାସ ଟ୍ରାନ୍ସମିସନ ନେଟୱାର୍କ ସହିତ ସଂଯୋଗ କରିପାରିବେ ଏବଂ ତେଲ ଓ କୋଇଲା ପରି ପ୍ରଦୂଷିତ ଇନ୍ଧନକୁ ପ୍ରାକୃତିକ ଗ୍ୟାସ ସହିତ ବଦଳାଇ ପାରିବେ। ଏହିପରି ଗ୍ରାହକମାନେ ପ୍ରତିଯୋଗିତାମୂଳକ ମୂଲ୍ୟରେ ବଜାର / ଗ୍ୟାସ୍-ଏକ୍ସଚେଞ୍ଜରୁ ସିଧାସଳଖ ଗ୍ୟାସ୍ କିଣିବାର ଲାଭ ଉପଭୋଗ କରିବେ। ପ୍ରାକୃତିକ ଗ୍ୟାସର ବ୍ୟବହାର ଦେଶକୁ କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବାରେ ଏବଂ ବିଶେଷକରି ଅଧିକ ପ୍ରଦୂଷଣସ୍ତର ଥିବା ସହରାଂଚଳରେ ବାୟୁ ଗୁଣବତ୍ତା ଉନ୍ନତି କରିବାରେ ସାହାଯ୍ୟ କରିଥାଏ। ଦକ୍ଷ ଏବଂ ସୁବିଧାଜନକ ଟ୍ରେଡିଂ ଦ୍ୱାରା ପ୍ରାକୃତିକ ଗ୍ୟାସର ବିନିଯୋଗକୁ ବଢାଇବା ପାଇଁ ଇଣ୍ଡିଆନ ଗ୍ୟାସ୍ ଏକ୍ସଚେଞ୍ଜ (ଆଇଜିଏକ୍ସ) ପରି ପ୍ଲାଟଫର୍ମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗ୍ରାହକମାନେ ଆଇଜିଏକ୍ସକୁ ଚୟନ କରିବା ଦ୍ୱାରା ଅନେକ ସୁବିଧା ଉପଭୋଗ କରିଥାନ୍ତି, ଯେପରିକି ଉପଯୁକ୍ତ ମୂଲ୍ୟ, ଏକାଧିକ କ୍ରେତା/ ବିକ୍ରେତା, ପ୍ରତିଯୋଗିତାପୂର୍ଣ୍ଣ ବଜାର ପରିବେଶ, ଦରକାର ଅନୁଯାୟୀ ଯୋଗାଣ ସମୟ ସୀମା, ଦକ୍ଷ ଏବଂ ବିସ୍ତାରିତ ବଜାର। ଆଇଜିଏକ୍ସ ଦ୍ୱାରା ପ୍ରତିଯୋଗିତାମୂଳକ ଗ୍ୟାସ୍ ସେବା ପ୍ରଦାନ କରି ପୂର୍ବ ଭାରତର ଶିଳ୍ପଗୁଡିକ ପ୍ରାକୃତିକ ଗ୍ୟାସକୁ ନିଜର କରିପାରିବେ, ଯାହା ଦ୍ୱାରା କାର୍ବନ ଫୁଟପ୍ରିଣ୍ଟ ହ୍ରାସ ହେବା ସହ ଏକ ସ୍ୱଚ୍ଛ, ସ୍ଥାୟୀ ଶକ୍ତି-ଭବିଷ୍ୟତ ଗଠନ ହୋଇପାରିବ।

ଏହା ସ୍ୱଚ୍ଛ ଶକ୍ତି ପାଇଁ ଭାରତର ପ୍ରତିବଦ୍ଧତା ସ୍ପଷ୍ଟ କରୁଛି, ଯାହା ୨୦୩୦ ସୁଦ୍ଧା ଶକ୍ତି-ମିଶ୍ରଣରେ ପ୍ରାକୃତିକ ଗ୍ୟାସର ଅଂଶ ୧୫ ପ୍ରତିଶତ ଲକ୍ଷ ଧାର୍ଯ୍ୟ କରାଯାଇଛି, ଯାହା ବର୍ତ୍ତମାନର ୬ ପ୍ରତିଶତରୁ ଯଥେଷ୍ଟ ବେଶୀ। ଭିତ୍ତିଭୂମି ସମସ୍ୟା ଗୁଡିକ ମଧ୍ୟରେ ଗତି କରି, ଭାରତ ପ୍ରାକୃତିକ ଗ୍ୟାସ୍ ପାଇପଲାଇନ ନେଟ୍‌ୱାର୍କକୁ ୨୨,୦୦୦ କିଲୋମିଟରକୁ ବୃଦ୍ଧି କରିଛି, ଏଲଏନଜି ପୁନଃଭରଣ କ୍ଷମତାକୁ ୪୭.୭ ଏମଏମଟିପିଏକୁ ବୃଦ୍ଧି କରିଛି।

## ବିର୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ 'ବିକଶିତ ଭାରତ' ଆଲୋଚନାଚକ୍ର



ଭୁବନେଶ୍ୱର,୨୨।୧(ସମିସ)

ବିର୍ଲା ସ୍କୁଲ ଅଫ୍ କମର୍ସ, ବିର୍ଲା ଗ୍ଲୋବାଲ ୟୁନିଭରସିଟି, ଭୁବନେଶ୍ୱର ପକ୍ଷରୁ "ବିକଶିତ ଭାରତ ଅ୨୦୪୭" ଉପରେ ଛାତ୍ରଛାତ୍ରୀମାନଙ୍କ ବିଚାର ଧାରା ଓ ଲକ୍ଷ୍ୟ ସମ୍ପର୍କୀତ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ଜୟଶ୍ରୀ ମହାନ୍ତି ,ଡ. ଗଭର୍ଣ୍ଣର ରୋଟାରୀ ଇଣ୍ଟର ନ୍ୟାଶନାଲ, ସହ-ପ୍ରତିଷ୍ଠାତା ଏବଂ ପ୍ରେସିଡେଣ୍ଟ ଲ୍ୟୁମିନସ୍ ଇନ୍‌ଫୋୱେଜ୍, ମେମ୍ବର ଷ୍ଟାର୍ଟ ଅପ୍ ଟାସ୍କ ଫୋର୍ସ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସହ ପ୍ରଫେସର ଭବାନୀ ଶଙ୍କର ନାୟକ, ବିଜିନେସ୍ ମ୍ୟାନେଜମେଣ୍ଟ, ଲଣ୍ଡନ ମେଟ୍ରୋପଲିଟାନ୍ ୟୁନିଭରସିଟି ସମ୍ମାନୀତ ଅତିଥି ରୂପେ ଏଥିରେ ଯୋଗ ଦେଇଥିଲେ। ବିଜୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାସ ଓଡିଶା ଜାତୀୟ ଅର୍ଥନୀତିରେ ପ୍ରତିଯୋଗିତାମୂଳକ ଅବଦାନ ପାଇଁ ଏକ ସୁଯୋଗର ହବ୍‌ରେ ପରିଣତ ହୋଇଛି ବୋଲି କହିଥିଲେ। ଏଥିରେ ବିର୍ଲା ଗ୍ଲୋବାଲ ୟୁନିଭରସିଟିର କୁଳପତି ପ୍ରଫେସର ପି.ପି. ମାଥୁର, ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା,ସ୍କୁଲ ଅଫ୍ କମର୍ସର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଏବଂ ଅଶ୍ୱିନୀ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ମାଲାବାର୍ ପକ୍ଷରୁ ଜେମ୍ସଷ୍ଟୋନ୍ ଜୁଏଲେରୀ ଫେଷ୍ଟିଭାଲ

ଭୁବନେଶ୍ୱର ୨୨।୧(ସମିସ)




ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ ବହୁ ପ୍ରତୀକ୍ଷିତ ଜେମ୍ସଷ୍ଟୋନ୍ ଜୁଏଲେରୀ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ମାଲାବାରର ଶହିଦନଗରସ୍ଥିତ ଶୋ' ରୁମ୍‌ରେ ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶୁଦ୍ଧ ସୁନା, ମୂଲ୍ୟବାନ ପଥର ଏବଂ ଅନ୍‌କଟ୍ ଡାଏମଣ୍ଡ ଭଳି ଆକର୍ଷଣୀୟ ଜୁଏଲେରୀ କଲେକ୍‌ସନ୍ ସବୁ ପ୍ରଦର୍ଶନ କରାଯାଇଛି। ଜେମ୍ସଷ୍ଟୋନ୍ ଜୁଏଲେରୀ ଫେଷ୍ଟିଭାଲକୁ ରୋଜିସ୍ କିଚେନ୍‌ର ସରୋଜା ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାଲାବାରର ପରିଚାଳନା ଟିମ୍ ,ସମ୍ମାନୀତ ଅତିଥି ଏବଂ ଶୁଭେଚ୍ଛୁ ବୃନ୍ଦ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍‌ର ଷ୍ଟୋର ମୁଖ୍ୟ ଅଶନଫ୍ ଆରାକଲ୍ କହିଛନ୍ତି ଯେ, ଏହି ଏକ୍ସକ୍ଲୁଶିଭ୍ ପ୍ରଦର୍ଶନୀ ଏବଂ ଜେମ୍ସଷ୍ଟୋନ୍ ଜୁଏଲେରୀ ଗ୍ରାହକଙ୍କୁ ନେକ୍‌ଲେସ୍, ଇୟର ରିଙ୍ଗ ଏବଂ ଚୁଡିର ବିସ୍ତୃତ ରେଞ୍ଜ ପ୍ରଦାନ କରୁଛି। ଏହାର ପ୍ରତ୍ୟେକ ମାଷ୍ଟର ପିସ୍ ସ୍ୱତନ୍ତ୍ର।

# ବଢ଼ିବ କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା

**୩% ବଢ଼ିପାରେ**

ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି)

ନୂଆ ବର୍ଷରେ କେନ୍ଦ୍ର ସରକାର କର୍ମଚାରୀଙ୍କୁ ବଡ଼ ଲାଭ ଦେବାକୁ ଯାଉଛନ୍ତି। କାରଣ ଜାନୁଆରୀ-ଜୁନ୍ ଅବଧି ପାଇଁ କେନ୍ଦ୍ର ସରକାର ମହଙ୍ଗା ଭତ୍ତା (ଡିଏ)ରେ ବୃଦ୍ଧି କରିପାରନ୍ତି। ସବୁବର୍ଷ ଭଳି କେନ୍ଦ୍ର ସରକାର ଜାନୁଆରୀ-ଜୁନ୍ ପର୍ଯ୍ୟନ୍ତ ୬ ମାସ ପାଇଁ କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଆକାରରେ ବଡ଼ ଉପହାର ଦେଇଥାନ୍ତି। ତେଣୁ ଚଳିତବର୍ଷ ମଧ୍ୟ ସରକାର ଡିଏରେ ୩% ବୃଦ୍ଧି ଘଟାଇପାରନ୍ତି। ଏହାଫଳରେ ୪୮ ଲକ୍ଷରୁ ଅଧିକ କେନ୍ଦ୍ର କର୍ମଚାରୀ ଓ ୬୮ ଲକ୍ଷ ପେନସନଧାରୀ ଉପକୃତ ହୋଇପାରନ୍ତି।



ତେବେ ସୂଚନା ମୁତାବକ, ୨୦୨୪ ବର୍ଷ ଜାନୁଆରୀ-ଜୁନ୍ ଅବଧି ପାଇଁ କେନ୍ଦ୍ର ସରକାର ମହଙ୍ଗା ଭତ୍ତାରେ ଏହି ବୃଦ୍ଧି କରିପାରନ୍ତି। ଆସନ୍ତା ବର୍ଷ ଏପ୍ରିଲ- ମେ' ମାସ ପର୍ଯ୍ୟନ୍ତ ଲୋକସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଏପରି ସ୍ଥିତିରେ କେନ୍ଦ୍ର ସରକାର ଡିଏ ବୃଦ୍ଧିକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି। ସେହିପରି ଗତ ୨୦୨୦ ମସିହା ଜୁନ୍‌ମାସଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ କର୍ମଚାରୀଙ୍କ ବକେୟା ଡିଏକୁ ନେଇ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି। ବକେୟା ଡିଏକୁ ନେଇ କର୍ମଚାରୀମାନେ ଦୀର୍ଘଦିନ ହେଲା ଦାବି କରିଆସୁଥିବା ବେଳେ ତା' ଉପରେ ଏବେ ବିଚାର କରାଯିବ ବୋଲି କୁହାଯାଉଛି।

ଅଯୋଧ୍ୟା ରାମ ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ପରେ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେଇପାରନ୍ତି। ଗତବର୍ଷ କେନ୍ଦ୍ର ସରକାର ମାର୍ଚ୍ଚ ୩୦ରେ ଡିଏ ବୃଦ୍ଧି ଘୋଷଣା କରିଥିବାବେଳେ ଚଳିତବର୍ଷ ମାର୍ଚ୍ଚ ୨୪ରେ ଉକ୍ତ ଘୋଷଣା କରିଥିଲେ। ଆସନ୍ତା ମାର୍ଚ୍ଚ ମାସ ପୂର୍ବରୁ ୨୦୨୪ ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି। ନିର୍ବାଚନ ତାରିଖ ଘୋଷଣା ହେବା ସହିତ ଦେଶରେ ନିର୍ବାଚନ ଆଚରଣ ସଂହିତା ଲାଗୁ ହୋଇଯିବ। ଏହାପରେ କେନ୍ଦ୍ର ସରକାର ଡିଏ ବୃଦ୍ଧି କରିପାରିବେ ନାହିଁ। ତେଣୁ ମୋଦୀ ସରକାର କର୍ମଚାରୀଙ୍କୁ ଆକର୍ଷିତ କିରବା ପାଇଁ ଡିଏ ବୃଦ୍ଧି ନିଷ୍ପତ୍ତି ନେଇପାରନ୍ତି। ନୂଆବର୍ଷରେ ମୋଦୀ ସରକାର ଦୁଇଟି ବଡ଼ ଘୋଷଣା କରିବାର ସମ୍ଭାବନା ରହିଛି।

## ତରୁଣ ଖୁଲ୍‌ବେ ଜିନ୍ଦଲ ଷ୍ଟେନଲେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**ଭୁବନେଶ୍ୱର ୨୨।୧(ସମିସ):** ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସଏଲ)ର ନିର୍ଦ୍ଦେଶକ ମଣ୍ଡଳୀ ତରୁଣ ଖୁଲବେଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମ୍ପୂର୍ଣ୍ଣଅବଧି ନିର୍ଦ୍ଦେଶକ ଭାବରେ ପଦୋନ୍ନତିକୁ ଅନୁମୋଦନ କରିଛନ୍ତି। ଗତ ସପ୍ତାହରେ ଅନୁଷ୍ଠିତ ଏକ ବୈଠକରେ ଏକ ବୃତ୍ତିଗତ ଭାବରେ ପରିଚାଳିତ ତଥା ଏକୀକୃତ ସଂଗଠନ ଗଠନ କରିବାର ଆଭିମୁଖ୍ୟରେ ବୋର୍ଡ ଏହି ନିଷ୍ପତି ଗ୍ରହଣ କରିଛି। ବୋର୍ଡ ଶ୍ରୀ ଖୁଲବେଙ୍କ ଅତୁଳନୀୟ ନେତୃତ୍ୱ ଦକ୍ଷତା,



ରଣନୀତିକ ଦୃଷ୍ଟିକୋଣ ଏବଂ କମ୍ପାନୀର ମୂଳ ମୂଲ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ସ୍ୱୀକୃତି ଦେଇ ଏହି ନିଷ୍ପତ୍ତି ନେଇଛି। ଶ୍ରୀ ଖୁଲବେ ମେ'୨୦୧୮ ଠାରୁ ସମ୍ପୂର୍ଣ୍ଣ ଅବଧି ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଆସିଛନ୍ତି ଓ କର୍ପୋରେଟ୍ ବ୍ୟାପାର, ବିକ୍ରୟ ଏବଂ ମାର୍କେଟିଂ, ରଣନୀତିକ ପଦକ୍ଷେପ ଏବଂ ସବସିଡ଼ିଆରୀ କମ୍ପାନୀଗୁଡ଼ିକ ପାଇଁ ସେ ବେଶ ଜଣାଶୁଣା।

# ଭ୍ୟାନ୍‌ରୁ ୫୦୦ କଇଁଛ ଜବତ; ୪ ଗିରଫ



**ମୋଟୁ, ୨୨।୧(ସମିସ):** ମାଲକାନଗିରି ଜିଲ୍ଲା ମୋଟୁ ଚେକ୍‌ପୋଷ୍ଟରୁ ଆଜି ୫୦୦ଟି କଇଁଛ ଜବତ ହୋଇଛି। ଏକ ପିକ୍-ଅପ୍ ଭ୍ୟାନ୍‌ରେ ଏହି ଚାଲାଣ କରାଯାଉଥିବା ବେଳେ ମୋଟୁ ପୁଲିସ୍ ଏହି କଇଁଛଗୁଡ଼ିକୁ ଜବତ କରିଥିଲା। ଏହାସହ ଏହି ବେଆଇନ କାରବାରରେ ସଂପୃକ୍ତ ମୋଟ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ, ଶକ୍ତିପଦ ଗାୟନ, ଜେ. ନାଗରାଜୁ, ଜେ. ବଂଶୀ ଓ ଜି. ନାଗେନ୍ଦ୍ର। ଶକ୍ତିପଦ କଇଁଛଗୁଡ଼ିକୁ ଆନ୍ଧ୍ରର କ୍ରିଷ୍ଣା ଜିଲ୍ଲାରୁ ଓଡ଼ିଶାର ଏମ୍‌ଭି- ୮୩ ଗାଁକୁ ନେଇ ଆସୁଥିବା ଜଣାପଡ଼ିଛି। ୧୦ଟି ବସ୍ତାରେ ଏହି କଇଁଛଗୁଡ଼ିକୁ ମୋଟୁ ଫରେଷ୍ଟର ମୁରଲୀଧର ଅନୁଗୁଳିଆଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍ଆଇ ନୀଳକଣ୍ଠ ମହାନ୍ତି ସୂଚନା ଦେଇଛନ୍ତି।

**ଷଷ୍ଠ ଦିନ ଗଣଧାରଣାରେ ନିଆରା ଦୃଶ୍ୟ**

# ୫୫ ନମ୍ବର ରାଜପଥ ସୁରକ୍ଷା ପାଇଁ ଯଜ୍ଞ

**କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏନ୍‌ଏଚ୍ ଅଧିକାରୀଙ୍କୁ ପ୍ରଭୁ ସଦ୍‌ବୁଦ୍ଧି ଦେବାକୁ ପ୍ରାର୍ଥନା**

**ଅନୁଗୋଳ,୨୨।୧(ସମିସ):** ୫୫ ନମ୍ବର ଜାତୀୟ ରାଜପଥର ସମସ୍ୟା ନେଇ ଅନୁଗୋଳ କୃଷି ଭବନ ନିକଟରେ ଚାଲିଥିବା ଗଣଧାରଣାରେ ଆଜି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଗତ ୫ ଦିନ ହେଲା ଆନ୍ଦୋଳନରେ ବସିଥିବା ବିକ୍ଷୋଭକାରୀମାନେ ଧାରଣାସ୍ଥଳରେ ଯଜ୍ଞ କରିଥିଲେ। ୫୫ ନମ୍ବର ଜାତୀୟ ରାଜପଥ ସୁରକ୍ଷା ଓ ପ୍ରତିଦିନ ଘଟୁଥିବା ଦୁର୍ଘଟଣା ରୋକିବା ପାଇଁ ଏହି ଯଜ୍ଞ କରାଯାଇଥିଲା। ଏହାସହ ରାଜପଥର ଏହି ଦୁରବସ୍ଥା ପାଇଁ ଉତ୍ତରଦାୟୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜପଥ ପ୍ରାଧିକରଣର ଅଧିକାରୀମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ବୋଲି ଏହି ଅବସରରେ ପ୍ରଭୁ ଯଜ୍ଞ ନାରାୟଣଙ୍କୁ ପ୍ରାର୍ଥନା କରାଯାଇଥିଲା। ଅନୁଗୋଳ ସଚେତନ ନାଗରିକ ପକ୍ଷରୁ ଏହି ଗଣଧାରଣା ଅନୁଷ୍ଠିତ ହୋଇଥିଲା।

ବିକ୍ଷୋଭକାରୀମାନେ କହିଛନ୍ତି ଯେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ସାରା ଭାରତବର୍ଷ ଆଜି ରାମମୟ ହୋଇଥିବା ବେଳେ ଏଠାରେ ମଧ ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତା ମରଣଯନ୍ତା ପାଲଟିଯାଇଛି। ପ୍ରତିଦିନ ଏଠାରେ ଛୋଟବଡ଼ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ଯେତିକି ମରୁଛନ୍ତି, ତା'ଠାରୁ ଅଧିକ ପଙ୍ଗୁ ହୋଇଯାଉଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଥିଲେ ହେଁ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କ ଉପରେ ଏହାର ତିଳେମାତ୍ର ପ୍ରଭାବ ପଡୁନାହିଁ। ରାସ୍ତା କାମ ଅତି ମନ୍ଥର ଗତିରେ ଚାଲିଛି। ସବୁଠୁ ଦୁଃଖର କଥା ହେଲା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମାଟିର ପୁଅ ହୋଇଥିବା ବେଳେ ସେ ବି ଏଥିପ୍ରତି ବିଶେଷ ଧ୍ୟାନ ଦେଉନାହାନ୍ତି। ଯେଉଁଥିପାଇଁ ଲୋକଙ୍କ ଭିତରେ ଆକ୍ରୋଶ ଦିନକୁ ଦିନ ବଢ଼ିବାରେ ଲାଗିଛି।



ଉଲ୍ଲେଖଯୋଗ୍ୟ, ଦୀର୍ଘ ୮ ବର୍ଷ ହେବ ଏହି ରାଜପଥର ବାଇପାସ୍ ନିର୍ମାଣ ଚାଲିଛି। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ସରିବାର ନା ଧରୁନି। ଅପରପକ୍ଷେ ଅନୁଗୋଳ ଆରଟିଓ ଅଫିସ୍‌ଠାରୁ ଅନୁଗୋଳ ସହର ଦେଇ ବଆଁରପାଳ ପର୍ଯ୍ୟନ୍ତ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥକୁ ଜାତୀୟ ରାଜପଥ ପ୍ରାଧିକରଣ ଆଉ ମରାମତି କରୁନାହିଁ। ଫଳରେ ଅବସ୍ଥା ଅତି ସାଂଘାତିକ ହୋଇଗଲାଣି। ଜାତୀୟ ରାଜପଥରେ ୩ ଫୁଟ୍‌ରୁ ଚାରିଫୁଟ୍ ଗାତ ହୋଇଗଲାଣି। କେବଳ ଗତ ୫ ଦିନରେ ଏହି ରାସ୍ତାରେ ୫ ଜଣଙ୍କ ଜୀବନ ଗଲାଣି। ଅପରପକ୍ଷେ, ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ଆସନ୍ତା ୨୫ତାରିଖରେ ଧାରଣାସ୍ଥଳରେ ଏକ ସାଧାରଣ ସଭା ଆୟୋଜନ ହେବା ନେଇ ଅନୁଗୋଳ ସଚେତନ ନାଗରିକମାନେ ସୂଚନା ଦେଇଛନ୍ତି।

**■ ଆଗଲପୁରରେ ଚାଞ୍ଚଲ୍ୟ**

# ଗାଁ ମୁଣ୍ଡରୁ ଦମ୍ପତିଙ୍କ ଶବ ଉଦ୍ଧାର

**ହତ୍ୟା ନା ଆତ୍ମହତ୍ୟା**

**ବଲାଙ୍ଗିର, ୨୨।୧ (ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା କୁଦୋପାଲି ଗାଁ ମୁଣ୍ଡରୁ ଏକ ଦମ୍ପତିଙ୍କ ରହସ୍ୟଜନକ ଭାବେ ଶବ ଜବତ ହେବା ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ମୃତ ଦମ୍ପତି ହେଲେ, କ୍ଷୀର ବରିହା ଓ ତାଙ୍କ ପତ୍ନୀ ତାରିଣୀ ବରିହା। ଗାଁ ମୁଣ୍ଡରେ ଥିବା ଏକ ଗଛରେ କ୍ଷୀରଙ୍କ ଶବ ଝୁଲୁଥିବା ବେଳେ ତାରିଣୀଙ୍କ ଶବ ତଳେ ପଡ଼ିଥିଲା। ତେବେ ସେମାନେ ଆତ୍ମହତ୍ୟା କରିଛନ୍ତି ନା କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଏପରି କରିଛି, ସେ ନେଇ ଦିନତମାମ ଚର୍ଚ୍ଚା ଲାଗି ରହିଛି। ଏସ୍‌ଡିପିଓ ତୋଫାନ ବାଗଙ୍କ ସମେତ ଅଗଲପୁର ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଏହି ବରିହା ଦମ୍ପତି କ୍ଷେତ ଆଡ଼କୁ ଯାଇଥିବା ଗାଁ ଲୋକ ଦେଖିଥିଲେ। କିନ୍ତୁ ରାତିରେ ସେମାନେ ଆଉ ଘରକୁ ଫେରି ନଥିଲେ। ଆଜି ସକାଳେ ଦୁହିଁଙ୍କ ଶବ ଗାଁ ମୁଣ୍ଡ ନିକଟରେ ପଡ଼ିଥିବା କିଛି ଗ୍ରାମବାସୀ ଦେଖିବା ପରେ ଘଟଣା ପ୍ରଘଟ ହୋଇଥିଲା। କୌଣସି କାରଣରୁ ଗତ କିଛି ଦିନ ହେଲା କ୍ଷୀର ଓ ତାରିଣୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା ବୋଲି ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହାବ୍ୟତୀତ ସେମାନଙ୍କ ସହ କାହାରି ଶତ୍ରୁତା ଥିଲା କି ନାହିଁ, ସେ ଦିଗରେ ବି ପୁଲିସ୍ ଛାନଭିନ୍ ଚଳାଇଛି।

# ସାବତ ମା' ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର,୨୨।୧(ସମିସ):** ଗତ ୨୦୨୦ ମସିହାରେ କାଞ୍ଜିପାଣି ଥାନା ଅଞ୍ଚଳର ଜଣେ ଅଭିଯୁକ୍ତ ନିଜର ସାବତ ମା'କୁ ହତ୍ୟା କରିବା ଘଟଣାର ସୋମବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ହତ୍ୟାକାରୀକୁ କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ ମମିତା ଦାସ ଆଜୀବନ କାରାଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି। କୋର୍ଟ ସୂତ୍ରରୁ ପ୍ରକାଶ କାଞ୍ଜିପାଣି ଥାନା ନିପ୍ତୋ ଗ୍ରାମର ଜହ୍ନି ସନଙ୍ଗୀ ନାମକ ଜଣେ ମହିଳା ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ପରେ ସାବତ ପୁଅ ବୋଇତାଲୁ ସନଙ୍ଗୀ ସହିତ ଘରେ ରହୁଥିଲେ। ତେବେ ୨୦୨୦ ଜାନୁଆରୀ ୨୭ ତାରିଖରେ ପଡ଼ୋଶୀ ରାତ୍ରି ମହିଳଲ ଜହ୍ନିଙ୍କ ଭାଇଙ୍କୁ ତାଙ୍କ ଭଉଣୀକୁ ସାବତ ପୁଅ ଟାଙ୍ଗିଆରେ ହାଣି ହତ୍ୟା କରିଛି ବୋଲି ସୂଚନା ଦେଇଥିଲେ। ଖବର ପାଇ ମୃତ ମହିଳାଙ୍କ ଭାଇ ଆଇଦୁ ଦେହୁରୀ ନିପ୍ତୋ ଗାଁରେ ପହଞ୍ଚି ଘଟଣା ଜାଣିବା ପରେ କାଞ୍ଜିପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କାଞ୍ଜିପାଣି ଥାନା କେଶ ନଂ ୫/୨୦୨୦ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ୨୨ ଜଣ ସାକ୍ଷୀଙ୍କ ବୟାନ ଶୁଣିବା ପରେ କେନ୍ଦୁଝର ଏଡିଜେ କୋର୍ଟ ଅଭିଯୁକ୍ତ ବୋଇତାଲୁ ସନଙ୍ଗୀକୁ ଆଜୀବନ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମନା, ଅନାଦେୟ ୬ ମାସ ଅଧିକ ଜେଲ ଆଦେଶ ଦେଇଛନ୍ତି। ସରକାଙ୍କ ପକ୍ଷରୁ ଏପିପି ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରିଥିଲେ ବୋଲି ଜଣାପଡ଼ିଛି।

# ଦୁର୍ଘଟଣାରେ ଚାଲିଗଲା ଦମ୍ପତିଙ୍କ ଜୀବନ

**ଖଲ୍ଲିକୋଟ, ୨୨।୧(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନାରାୟଣୀ ଛକରେ ସୋମବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଇତିପୁର ଗାଁର ଯୋଗୀ ପ୍ରଧାନ(୫୬) ଓ ତାଙ୍କ ସ୍ତ୍ରୀ କାବୁଲି ପ୍ରଧାନ(୫୦)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ଯୋଗୀ ଓ କାବୁଲି ଆଜି ସକାଳୁ ଏକ ବାଇକ୍‌ରେ ଖାରିବନ୍ଧକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ନାରାୟଣୀ ଛକ ନିକଟରେ ପଛରୁ ଆସୁଥିବା ଏକ କାର୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସ୍ୱାମୀ-ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପହଞ୍ଚି ଦମ୍ପତିଙ୍କୁ ଅଗ୍ନିଶମ ଗାଡ଼ିରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର୍ ସହ ଡ୍ରାଇଭରକୁ ଅଟକ ରଖି ପୁଲିସ ଘଟଣାର ତଦନ୍ତ କରୁଛି।

**■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

# ଅବସରପ୍ରାପ୍ତ ପରିବହନ ଅଧିକାରୀଙ୍କୁ ୪ବର୍ଷ ଜେଲ୍

**ସୁନ୍ଦରଗଡ଼, ୨୨।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ରାଜଲକ୍ଷ୍ମୀ ପଟ୍ଟନାୟକ ଅଭିଯୁକ୍ତ ଅବସରପ୍ରାପ୍ତ ସହକାରୀ ପରିବହନ ଅଧିକାରୀ ଚୈତନ୍ୟ ଚରଣ ଜେନା (୭୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୫ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।



୧୯୯୬ରେ ଜେନା ବୀରମିତ୍ରପୁର ଚେକ୍‌ଗେଟ୍‌ରେ କାର୍ଯ୍ୟରତ ଥିବା ବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସମ୍ପତ୍ତିର ଖାନତଲାସି କରାଯାଇଥିଲା। ସମସ୍ତ ସମ୍ପତ୍ତି ଆକଳନ ପରେ ସେ ୨୬୭.୬୭ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଥିଲା। ତାଙ୍କ ପ୍ରକୃତ ଆୟ ୧, ୬୨, ୫୬୦ ଟଙ୍କା ହୋଇଥିବା ବେଳେ ସେ ୪, ୩୫, ୧୨୬ ଟଙ୍କାର ସମ୍ପତ୍ତି ଠୁଳ କରିଥିଲେ। ଏ ନେଇ ୧୯୯୬ ମାର୍ଚ୍ଚ ୨୬ରେ ଭିଜିଲାନ୍ସ ବିଭାଗ ରାଉରକେଲା ୟୁନିଟର ତତ୍କାଳୀନ ଡିଏସପି ବିବି ଦାଶଙ୍କ ଅଭିଯୋଗକ୍ରମେ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଡିଏସ୍‌ପି ପି.କେ ନାଏକ ମାମଲାର ତଦନ୍ତ କରି ଭିଜିଲାନ୍ସ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ଅଦାଲତାର ସ୍ୱତନ୍ତ୍ର ସରକାରୀ ଓକିଲ ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଜେନାଙ୍କ ପୈତୃକ ଘର ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତର୍ଗତ ଧନୀଓଝା ଗ୍ରାମ ହୋଇଥିବା ବେଳେ ସମ୍ପ୍ରତି ସେ କେନ୍ଦୁଝର ଜିଲ୍ଲା ଶୋଶୋ ଥାନା ବେରୁନାପଡ଼ିରେ ରହୁଥିବା ଜଣାପଡ଼ିଛି।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- ODIA

**ବିଭାଗ-କ**

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ଦେଶ ବା ଜନ୍ମଭୂମି ଆମର ଜନନୀ ପରି । ସେ ଆମକୁ କୋଳରେ ଧାରଣ କରି ପାଳେ । ତା'ର ସୁଖ ସମୃଦ୍ଧିକୁ ନେଇ ଆମେ ଗର୍ବ କରୁ । ଜନନୀ ପ୍ରତି ଆମର ଯେଉଁ ଶ୍ରଦ୍ଧା , ଭକ୍ତି, ଆନ୍ତରିକତା ଥାଏ , ଜନ୍ମଭୂମି ପ୍ରତି ମଧ ସେଇ ମମତା , ଭଲପାଇବା , କର୍ତ୍ତବ୍ୟପରାୟଣତା ରହିବା ଆବଶ୍ୟକ । ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଜଣେ ଜଣେ ଯୁଗାନ୍ତକାରୀ ଯୋଗଜନ୍ମା ଦେଶପ୍ରେମୀ ମହାମାନବ ଜନ୍ମ ହୋଇ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ, ଅନୁପ୍ରାଣିତ କରି ଦେଶକୁ ଉଦ୍ଧାର କରିଥାନ୍ତି । ଭାରତରେ ଜନ୍ମ ଗ୍ରହଣ କରିଥିବା ଅନେକ ବୀର ପୁରୁଷଙ୍କ ଦେଶପ୍ରୀତିର ତୁଳନା ନାହିଁ । ଯିଏ ବାସ୍ତବ ଦେଶପ୍ରେମୀ ସେ ସ୍ୱାର୍ଥତ୍ୟାଗୀ ଅଟେ । ଦେଶ ସର୍ବଦା ସାଧୁ, ସଚ୍ଚୋଟ, ସଚ୍ଚରିତ୍ର, ତ୍ୟାଗୀ, ଦେଶପ୍ରେମୀ ଚାହେଁ । ଶିକ୍ଷାର ବିକାଶ, ଦେଶପ୍ରେମୀଙ୍କ ଜୀବନୀ ପାଠ ଦ୍ୱାରା ଅନେକ ପ୍ରେରଣା ମିଳିଥାଏ । ଛାତ୍ରମାନେ ଶିକ୍ଷକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇଥାନ୍ତି । ଦେଶପ୍ରେମ ନାମରେ ଅନ୍ୟ ଦେଶ ପ୍ରତି ଅସୂୟାବୋଧ ପୋଷଣ ଯଥାର୍ଥ ନୁହେଁ । ଆକ୍ରମଣ , ସାମ୍ରାଜ୍ୟବାଦିତା, ହିଂସା, ପ୍ରତିଶୋଧପରାୟଣତା ଦେଶପ୍ରେମର ବାଧକ । ନିଜ ଦେଶର ଉନ୍ନତି ସହିତ ଅନ୍ୟ ଦେଶର ପ୍ରଗତି , ପାରସ୍ପରିକ ସହଯୋଗ , ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ପ୍ରେରଣା ହେବା ପ୍ରକୃତ ଦେଶପ୍ରେମର ଲକ୍ଷଣ ।

କ) କିଏ ଆମର ଜନନୀ ପରି ଓ ସେ ଆମକୁ କିପରି ପାଳେ?
ଖ) ଜନ୍ମଭୂମି ପ୍ରତି ଆମର କ'ଣ ରହିବା ଆବଶ୍ୟକ ?
ଗ) ଦେଶପ୍ରେମୀମାନେ ଦେଶକୁ କିପରି ଉଦ୍ଧାର କରିଥାନ୍ତି?
ଘ) ବାସ୍ତବ ଦେଶପ୍ରେମୀର ଲକ୍ଷଣ କ'ଣ ?
ଙ) ଛାତ୍ରମାନେ କିପରି ପ୍ରେରଣା ପାଇ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୁଅନ୍ତି?

**ବିଭାଗ-ଖ**

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)
କ) ମାତୃଭାଷାର ମହତ୍ତ୍ୱ ଖ) ବ୍ୟାୟାମର ଉପକାରିତା
ଗ) ଛାତ୍ର ଓ ସମୟାନୁବର୍ତ୍ତିତା

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)
କ) "ପ୍ରାକୃତିକ ବିପର୍ଯ୍ୟୟ" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
ଖ) "ବିଦ୍ୟାଳୟରେ ବୈଷୟିକ ଶିକ୍ଷା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
**ବି:ଦ୍ର: ନାମ ବା ଠିକଣା ସ୍ଥାନରେ 'କ' ବା 'ଖ' ଲେଖାଯିବ ।**

**ବିଭାଗ-ଗ**

୪. **ଲକ୍ଷଣ , ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** (୪)
i) ନଟବାଣୀ ii) ରାମକେରୀ

୫. **ସୂଚନା ଅନୁସାରେ ବାକ୍ୟଗୁଡିକୁ ପରିବର୍ତ୍ତନ କର ।(ଯେକୌଣସି ୨ଟିର)** (୧×୨=୨)
i) ସନ୍ଧ୍ୟା ହେଲେ ପଶ୍ଚିମାକାଶ ସୁନ୍ଦର ଦେଖାଯାଏ ।(ଯୌଗିକ ବାକ୍ୟ କର )
ii) ରାତି ପାହିଲା ଓ ପକ୍ଷୀଗୁଡିକ ବିହରଣ କରିବାକୁ ଗଲେ । (ସରଳ ବାକ୍ୟ କର )
iii) ଯେହେତୁ ମମତା ଭଲ ନାଚୁଛି ଓ ସେଥିପାଇଁ ସେ ସୁନାମ ଅର୍ଜନ କରିଛି । (ସରଳ ବାକ୍ୟ)

୬. **ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେକୌଣସି ୨ଟିର)** (୧×୨=୨)
i) ଆଖି ପକାଇବା ii) ଚିତା କାଟିବା iii) ବାଆକୁ ବତା

୭. **ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେକୌଣସି ୨ଟିର)** (୧×୨=୨)
i) ଆଶୀଷ ii) ସାଶ୍ୱାସିକ iii) ସାହାର୍ଯ୍ୟ

**ବିଭାଗ-ଘ**

୮. **ସପ୍ରସଙ୍ଗ ସରଳାର୍ଥ ଲେଖ ।** (ଯେକୌଣସି ଗୋଟିଏର) (୫×୧=୫)
କ) ବିରାଟ ସାଗର ଆଜି ଦୁର୍ଲଂଘ୍ୟ ହୋଇନାହିଁ କି ତୁଙ୍ଗ ହିମାଳୟ ଦୁରୁହ ହୋଇ ରହିନାହିଁ ।
ଖ) "ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କର ହୃଦୟ ବିଗଳିତ ହେଲା ।"

୯. **ଗଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ବିଦେଶୀ ଭାଷା ଲୋକମାନଙ୍କ ଭିତରେ ସହଜରେ ପ୍ରସାରିତ ନ ହେବାର କାରଣ କ'ଣ ?
ଖ) ବୟସ ବଢିବା ସହ ଲେଖକଙ୍କର ଜନ୍ମଭୂମି ସହିତ ସମ୍ବନ୍ଧ କିପରି ହେଉଛି ବୋଲି ସେ କହିଛନ୍ତି?
ଗ) ଜନତାର ପ୍ରଥମ ପ୍ରୟୋଜନ କ'ଣ ?
ଘ) ଜୀବବିଜ୍ଞାନରୁ ଜୀବନ୍ତର ଶରୀର ସମ୍ପର୍କରେ କି ଧାରଣା ମିଳେ?

୧୦. **ଉତ୍ତର ପର୍ଯ୍ୟାୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ କାହାକୁ ବର୍ଜନ କରିବାକୁ ଡାକଦେଲେ?
୧) ସ୍ୱଦେଶୀ ୨) ବିଦେଶୀ ୩) ସ୍ୱକାର୍ଯ୍ୟ ୪) ଘରର କାର୍ଯ୍ୟ
ଖ) 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
୧) ସାହିତ୍ୟ ପସରା ୨) ଉତ୍କଳ ସାହିତ୍ୟ ୩) ଶ୍ରୀକୃଷ୍ଣ ରହସ୍ୟ ୪) ଗପ ପସରା
ଗ) 'ସାର ମାଉସୀ' ଲେଖକଙ୍କୁ ଆଗେ କ'ଣ କହି ପଚାରୁଥିଲା ?
୧) କେବେ ଆସିଲୁ ବାପା ୨) କେବେ ଆସିଲ ବାପା
୩) କେବେ ଆସିଲୁ ଧନ ୪) କେବେ ଆସିଲୁ ସାର୍
ଘ) ବଂଶୀଧର ସାମନ୍ତରାୟ କଣ ଥିଲେ ?
୧) ଶିକ୍ଷାବିତ୍ ୨) କଳାକାର ୩) ଚାଳକ ୪) ନିର୍ଦ୍ଦେଶକ
ଙ) "ବିଦଗ୍ଧ କବି" ବୋଲି ଆମେ କାହାକୁ ଜାଣୁ ?
୧) ମଧୁସୂଦନ ଦାସ ୨) ଗଙ୍ଗାଧର ମେହେର ୩) ଉପେନ୍ଦ୍ର ଭଞ୍ଜ ୪)ଅଭିମନ୍ୟୁ ସାମନ୍ତସିଂହାର
ଚ) କେଉଁ ଭାଷାର ପ୍ରଭାବରେ ମାତୃଭାଷା ନ ଜାଣି ମଧ ଲୋକେ ଜ୍ଞାନୀ ହେଲେ?
୧) ସଂସ୍କୃତ ୨) ପାର୍ସୀ ୩)ଇଂରେଜୀ ୪) ହିନ୍ଦୀ
ଛ) ନିଦାଘର ଝାଞ୍ଜିରେ ଗ୍ରାମଲୋକେ ଧରଣୀ ବକ୍ଷ ଚିରି କାହାକୁ ଚାହିଁ ରହିଥାନ୍ତି?
୧) ନୂଆ ଅତିଥି ୨)ନୂଆ ମେଘ ୩)ନୂଆ ସରକାର ୪)ନୂଆ କର୍ମ
ଜ) ପ୍ରାଚୀନ ସଭ୍ୟତା କାହାକୁ ପଥ ପ୍ରଦର୍ଶକ ବୋଲି ଧରି ନେଇଥିଲା ?
୧) ଧର୍ମକୁ ୨)ବିଜ୍ଞାନକୁ ୩)ଜ୍ଞାନକୁ ୪) ସାହିତ୍ୟକୁ
ଝ) କେଉଁ କୃତିଟି ସଚ୍ଚିଦାନନ୍ଦ ରାଉତରାୟଙ୍କର ?
୧) କାଳାନ୍ତର ୨)ଶିବଭାଇ ୩)ମଶାଣିର ଫୁଲ ୪)ବଜ୍ରବାହୁ
ଞ) 'ମନବୋଧ ଚଉତିଶା'ର ରଚୟିତା କିଏ ?
୧) କବି ଭକ୍ତ ଚରଣ ଦାସ ୨) କବି ଜଗନ୍ନାଥ ଦାସ
୩) କବି ବନମାଳୀ ଦାସ ୪) କବି ଅରକ୍ଷିତ ଦାସ

୧୧. **ସପ୍ରସଙ୍ଗ ସରଳାର୍ଥ ଲେଖ ।(ଯେକୌଣସି ଗୋଟିଏର)** (୫×୧=୫)
କ) ଘନ ଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ ।
ଖ) କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ।

୧୨. **ପଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) କେଉଁ ଦୃଶ୍ୟକୁ କବି ପାରଦ-ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?
ଖ) ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି?
ଗ) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?
ଘ) ବିଜୟର ମାଳା ଘେନିବା ପୂର୍ବରୁ କଣ ହେଉ ବୋଲି କବି କହିଛନ୍ତ?

୧୩. **ଉତ୍ତର ପର୍ଯ୍ୟାୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) ସିଂଘନାଦର ଜ୍ୟୋତି କିପରି ଥିଲା ?
୧) ବିଜୁଳି ପରି ୨)କାଳାନଳ ପରି ୩) ଜଙ୍ଗଲର ନିଆଁ ଭଳି ୪) ହୋମନିଆଁ ପରି
ଖ) ସନ୍ତାନର ରାଗରୋଷଜନିତ ଦୋଷକୁ କିଏ ଭୁଲିଯାଏ ?
୧) ଜନକ ୨) ଜନନୀ ୩) ଭଗିନୀ ୪) ଭ୍ରାତା
ଗ) ମରଣ ଦୁଆରେ କେଉଁ ଗୀତ ଗାଇବା ପାଇଁ କବି କହିଛନ୍ତି ?
୧) ଅମର ଗାନ ୨) ମୃତ୍ୟୁ ଗାନ ୩) ବିଜୟ ଗାନ ୪) ପରାଜୟ ଗାନ
ଘ) ପାପଗର୍ତ୍ତରେ କିଏ ପଡିଥାଏ ବୋଲି କବି କହିଛନ୍ତି ?
୧) ଅଜ୍ଞାନ ୨) ପାପୀ ୩)ଦୁଷ୍ଟ ୪) ଖରାପ ଲୋକ
ଙ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଥିଲା ?
୧) ସଙ୍ଗୀତ ୨) ବାଦ୍ୟ ୩) ତାଳ ୪) ଝିଙ୍କାରିର ଝଙ୍କାର
ଚ) ମହାଦେବଙ୍କ ଆସନ କାହିଁକି କମ୍ପିଲା ?
୧) ପାଣ୍ଡବମାନେ ପ୍ରାର୍ଥନା କରିବାରୁ ୨) ଭୀମ ଧ୍ୟାନ କରିବାରୁ
୩) ପର୍ବତ ଥରିବାରୁ ୪) ବାସୁକୀ ଥରିବାରୁ
ଛ) ବିଭୂତିଭୂଷଣ କିଏ ?
୧) ରାମକୃଷ୍ଣ ୨) ଦଶରଥ ୩) ରାବଣ ୪) ଶ୍ରୀରାମଚନ୍ଦ୍ର
ଜ) 'ସର୍ବଂସହା ମାଟି' କବିତାରେ କବି ମନୁଷ୍ୟର କଣ ଜାଗ୍ରତ କରିବାକୁ ଚାହିଁଛନ୍ତି ?
୧) ଦୀନଦୁଃଖୀଙ୍କ ହସ ୨) ବୀରଭୂମିର ଯଶ
୩) ମାଟିମାଆର ମହାଯଶ ୪) ସୁପ୍ତ ଚେତନାକୁ
ଝ) 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କେଉଁ ଆଦ୍ୟବର୍ଣ୍ଣ ନିୟମରେ ରଚିତ ?
୧) ବ ୨) ପ ୩) କ ୪) ଗ
ଞ) କେଉଁ ମାଳା ପରିଧାନ କରିବାକୁ କବି ତରୁଣମାନଙ୍କୁ କହିଛନ୍ତି?
୧) ତୁଳସୀ ମାଳା ୨) ପୁଷ୍ପମାଳା ୩) ବିଜୟର ମାଳା ୪) ପରାଜୟର ମାଳା

୧୪. **ସଂକ୍ଷେପରେ ଉତ୍ତର ଲେଖ ।** (୧×୬=୬)
କ) ଅଙ୍ଗଦ କାହାର ଶିଳାଲେଖ ପଢିଛନ୍ତି ?
ଖ) ଶୁଭ ପ୍ରଭାତରେ ରାଜାଙ୍କ କେଉଁ କଥା ମନେପଡିଲା ?
ଗ) ରାଜେଶ୍ୱରୀ କେତେ ଜଣ ଯୋଦ୍ଧାଙ୍କୁ ଚାହୁଁଥିଲେ ?
ଘ) ନାଟକର ନାମ 'ଫଲଗୁ' ରଖିବାର ଯଥାର୍ଥତା କ'ଣ ?
ଙ) କେଉଁ ଗଣ୍ଡ ଉପରେ ମନ୍ଦିର ତୋଳା ହେବାକୁ ସ୍ଥିର ହେଲା ?
ଚ) ଲେଖକ ଧଅ କାଠକୁ କାହିଁକି କିଣିବାକୁ ଚାହିଁଲେ ?
ଛ) କଣ ବିକି ଦେଇଥିବାରୁ ପ୍ରୀତି କାନ୍ଦି ଉଠିଲେ ?
ଜ) ଧରମାର ବାପା କିଏ ?

***** *All the Best...*

**ANSWER KEY**

୧୦. କ)୨ ଖ)୨ ଗ)୧ ଘ)୧ ଙ)୪ ଚ)୩ ଛ)୨ ଜ)୨ ଝ)୩ ଞ)୧
୧୩. କ) ୨ ଖ)୨ ଗ)୧ ଘ)୧ ଙ)୪ ଚ)୨ ଛ)୪ ଜ)୪ ଝ)୪ ଞ)୩

ePaper : sakalaepaper.com Twitter : SakalaNews
News Portal : thesakala.in Instagram : sakalanews
Facebook : SakalaNews Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

● ୨୦୨୩: ଆଇସିସିର ଶ୍ରେଷ୍ଠ ଟି-୨୦ ଟିମ୍

## ସୂର୍ଯ୍ୟକୁମାରଙ୍କୁ ବିଶ୍ୱ ଦଳର ନେତୃତ୍ୱ



ଦୁବାଇ, ୨୨।୧ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ବର୍ଷ ୨୦୨୩ ଲାଗି ଏହାର ଶ୍ରେଷ୍ଠ ପୁରୁଷ ଟି-୨୦ ଦଳ ଘୋଷଣା କରିଛି। ବିସ୍ଫୋରକ ବ୍ୟାଟର୍ ସୂର୍ଯ୍ୟକୁମାର ଯାଦବଙ୍କୁ ଘୋଷିତ ୧୧ ଜଣିଆ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଏହି ଦଳରେ ଭାରତରୁ ସର୍ବାଧିକ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ସହ ଯଶସ୍ୱୀ ଜୟସ୍ୱାଲ, ସ୍ପିନର ରବି ବିଷ୍ଣୋଇ ଓ ଦ୍ରୁତ ବୋଲର ଅର୍ଶଦୀପ ସିଂହ। ତେବେ ବିରାଟ କୋହଲି, ରୋହିତ୍ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଭଳି ବଡ଼ ନାମଧାରୀ ଖେଳାଳିଙ୍କୁ ଆଇସିସି ଏହାର ଶ୍ରେଷ୍ଠ ଟି-୨୦ ଦଳରେ ସ୍ଥାନ ଦେଇନାହିଁ।

ସୂର୍ଯ୍ୟକୁମାର ଓ ଜୟସ୍ୱାଲ ବ୍ୟାଟିଂ ଅର୍ଡରର ଶୀର୍ଷ ଦୁଇରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡର ଫିଲ୍ ସଲ୍ଟ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଖେଳିବେ। ତାଙ୍କ ପଛକୁ ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ ଆସିବେ। ସେ ମଧ୍ୟ ୱିକେଟ୍‌ରକ୍ଷକ ଦାୟିତ୍ୱ ତୁଲାଇବେ। ନ୍ୟୁଜିଲାଣ୍ଡର ମାର୍କ ଚାପ୍‌ମ୍ୟାନ, ଜିମ୍ବାୱେ ଅଲ୍‌ରାଉଣ୍ଡର ସିକନ୍ଦର ରାଜା ଯଥାକ୍ରମେ ବ୍ୟାଟିଂକ୍ରମର ୫ମ ଓ ୬ଷ୍ଠ ସ୍ଥାନରେ ଆସିବେ। ଆଫ୍ରିକୀୟ ରାଷ୍ଟ୍ର ଉଗାଣ୍ଡାର ଅଲ୍‌ପେଶ ରାମଜାନି ଓ ଆୟର୍ଲାଣ୍ଡର ମାର୍କ ଆଦାୟର ଯଥାକ୍ରମେ ପରବର୍ତ୍ତୀ ଦୁଇ ସ୍ଥାନରେ ରହିଛନ୍ତି। ବିଷ୍ଣୋଇ, ଜିମ୍ବାୱେର ରିଚାର୍ଡ ନଗରାଭା ଓ ଅର୍ଶଦୀପ୍ କ୍ରମାନ୍ୱୟରେ ୯ମ, ୧୦ମ ଓ ୧୧ତମ ସ୍ଥାନରେ ଖେଳିବେ। ବର୍ଷ ୨୦୨୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଜୟସ୍ୱାଲ ଟି-୨୦ରେ ପାଦ ଥାପିଥିଲେ। ଏହି ବର୍ଷ ସେ ୧୪ଟି ଟି-୨୦ ମ୍ୟାଚ୍ ଖେଳି ୪୩୦ ରନ କରିଛନ୍ତି। ତାଙ୍କ ଷ୍ଟ୍ରାଇକରେଟ୍ ୧୫୯ ରହିଛି। ସେହିଭଳି ଉଗାଣ୍ଡାର ଭାରତୀୟ ବଂଶୋଦ୍ଭବ ବାମହାତୀ ସ୍ପିନର ଅଲପେଶ ୨୦୨୩ରେ ୩୦ ମ୍ୟାଚ୍ ଖେଳି ୪.୭୭ ଇକୋନୋମୀରେ ୫୫ ୱିକେଟ୍ ନେଇଥିଲେ। ଭାରତୀୟ ବୋଲର ଅର୍ଶଦୀପ୍ ୨୧ ମ୍ୟାଚରୁ ୨୬ ୱିକେଟ୍ ହାସଲ କରିଛନ୍ତି। ସେହିଭଳି ରବି ବିଷ୍ଣୋଇ ୨୦୨୩ରେ ମୋଟ୍ ୪୪ ଓଭର ବୋଲିଂ କରି ୧୮ ଟି ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଥିଲେ।

ଆଇସିସି ଟି-୨୦ ଟିମ୍ ଅଫ୍ ଦି ଇୟର: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଫିଲ୍ ସଲ୍ଟ, ନିକୋଲସ୍ ପୁରନ, ମାର୍କ ଚାପମ୍ୟାନ, ସିକନ୍ଦର ରାଜା, ଅଲପେଶ ରାମଜାନି, ମାର୍କ ଆଦାୟର, ରବି ବିଷ୍ଣୋଇ, ରିଚାର୍ଡ ନଗରାଭା ଓ ଅର୍ଶଦୀପ୍ ସିଂହ।

### ଅଷ୍ଟ୍ରେଲିଆନ ଓପନ: କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ

# ମହିଳା ବିଭାଗରେ ଅଣସିଡେଡ୍ ଖେଳାଳିଙ୍କ ପ୍ରାଧାନ୍ୟ

ମେଲବୋର୍ଣ୍ଣ, ୨୨।୧(ଏଜେନ୍ସି): ଏଠାରେ ଚାଲିଥିବା ୨୦୨୪ ଅଷ୍ଟ୍ରେଲିଆନ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମୁକାବିଲା ଚୂଡାନ୍ତ ହୋଇଯାଇଛି। ପୁରୁଷ ବିଭାଗରେ ସମସ୍ତ ସିଡେଡ ଖେଳାଳି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲାବେଳେ ଏହା ଦୁଇଦିନ ଅର୍ଥାତ ଜାନୁଆରୀ ୨୩ ଓ ୨୪ ତାରିଖରେ ଖେଳାଯିବ। କିନ୍ତୁ ମହିଳା ବିଭାଗର ୪ଟି ଯାକ କ୍ୱାର୍ଟର ଫାଇନାଲ ଜାନୁଆରୀ ୨୩ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ମହିଳା ବିଭାଗରେ ୪ଜଣ ସିଡେଡ ଓ ୪ ଜଣ ଅଣସିଡେଡ୍ ଖେଳାଳି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ଯୁଗଳରେ ଦ୍ୱିତୀୟ ସିଡ୍ ଭାରତର ରୋହନ ବୋପନ୍ନା ଓ ସ୍ଥାନୀୟ ଖେଳାଳି ବା ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ଲିଣ୍ଡା ନୋସ୍କୋଭା

### ପୁରୁଷ କ୍ୱାର୍ଟରରେ ସବୁ ସିଡେଡ ଖେଳାଳି

ସୋମବାର ଖେଳାଯାଇଥିବା ପୁରୁଷ ବିଭାଗ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଦ୍ୱିତୀୟ ସିଡ ସ୍ପେନ୍‌ର କାର୍ଲୋସ ଆଲକରାଜ ୬-୪, ୬-୪, ୬-୦ ସିଧାସଳଖ ସେଟ୍‌ରେ ଅଣସିଡେଡ ଖେଳାଳି ମିଓମିର କ୍ରେକାନୋଭିଚ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। କ୍ୱାର୍ଟରରେ ଷଷ୍ଠ ସିଡ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭଙ୍କ ସହ ମୁକାବିଲା ହେବ। ସେହିପରି ଅନ୍ୟ ଏକ କ୍ୱାର୍ଟରରେ ତୃତୀୟ ସିଡ ରୁଷିଆର ଡାନିଲ ମେଡଭେଡେଭ୍‌ଙ୍କ ସହ ୯ମ ସିଡ୍ ପୋଲାଣ୍ଡର ହର୍ବଟ ହୁର୍କାଜ୍ ଲଢ଼େଇ କରିବେ। ସୋମବାର ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଜ୍ୱେରେଭ୍ ୩-୨ ସେଟ୍‌ରେ ୧୯ ନମ୍ବର ସିଡ୍ କାମେରନ ନୋରୀଙ୍କୁ ହରାଇଥିଲେ। ଏହି ମ୍ୟାଚ୍‌ଟି ସାଢ଼େ ୪ ଘଣ୍ଟା ଧରି ଚାଲିଥିଲା। ସେହିପରି ୯ମ ସିଡ୍ ହୁର୍କାଜ୍ ୭-୬, ୭-୬, ୬-୪ରେ ଅଣସିଡେଡ ଖେଳାଳି ଫ୍ରାନ୍ସର ଆର୍ଥର କାଜାଉକ୍ସଙ୍କୁ ଓ ତୃତୀୟ ସିଡ ମେଡଭେଡେଭ୍ ୩-୧ରେ ଏନ୍ ବୋର୍ଗସଙ୍କୁ ଲଢ଼େଇକରି ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲ ମୁକାବିଲା ଆସନ୍ତା ଦୁଇ ଦିନ ଧରି ହେବ। ମଙ୍ଗଳବାର ଖେଳାଯିବାକୁ ଥିବା କ୍ୱାର୍ଟରରେ ଟପ୍ ସିଡ ନୋଭାକ ଜୋକୋଭିଚ୍‌ଙ୍କ ସହ ଆମେରିକାର ଟେଲର ଫ୍ରିଜ୍ ଓ ଚତୁର୍ଥ ସିଡ ଇଟାଲୀର ଜାନିକ ସିନ୍ନରଙ୍କ ସହ ୫ମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭଙ୍କର ମୁକାବିଲା ହେବ।

| ପୁରୁଷ (ସିଡ୍) କ୍ୱାର୍ଟର ଫାଇନାଲ ମୁକାବିଲା | | | |
|---|---|---|---|
| ୨୩।୪ | ନୋଭାକ ଜୋକୋଭିଚ୍ (୧) | ବନାମ | ଟେଲର ଫ୍ରିଜ୍ (୧୨) |
| ୨୩।୪ | ଜାନିକ ସିନର (୪) | ବନାମ | ଆନ୍ଦ୍ରେ ରୁବ୍‌ଲେଭ୍ (୫) |
| ୨୪।୪ | ଡାନିଲ ମେଡଭେଡେଭ (୩) | ବନାମ | ହର୍ବଟ ହୁର୍କାଜ (୯) |
| ୨୪।୪ | କାର୍ଲୋସ ଆଲକାରାଜ (୨) | ବନାମ | ଆଲେକ୍‌ଜାଣ୍ଡର ଜ୍ୱେରେଭ୍ (୬) |

| ମହିଳା (ସିଡ୍) କ୍ୱାର୍ଟର ଫାଇନାଲ ମୁକାବିଲା | | | |
|---|---|---|---|
| ୨୩।୪ | ଲିଣ୍ଡା ନୋସ୍କୋଭା | ବନାମ | ଦାୟାନା ୟେଷ୍ଟ୍ରେମସ୍କା |
| ୨୩।୪ | ଆନ୍ନା କଲିନସ୍କାୟା | ବନାମ | କ୍ୱିନ୍‌ୱେନ୍ ଝେଙ୍ଗ୍ (୧୨) |
| ୨୩।୪ | କୋକୋ ଗଫ୍ (୪) | ବନାମ | ମାର୍ଟା କୋଷ୍ଟ୍ୟୁକ୍ |
| ୨୩।୪ | ଆରିନା ସାବାଲେଙ୍କା (୨) | ବନାମ | ବାର୍ବୋରା କ୍ରେଜିକୋଭା (୯) |

### ମହିଳା କ୍ୱାର୍ଟରରେ ୪ ଅଣସିଡେଡ ଖେଳାଳି

ମହିଳା ବିଭାଗରେ ୪ଜଣ ଅଣସିଡେଡ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୟୁକ୍ରେନ୍‌ର ଦାୟାନା ୟେଷ୍ଟ୍ରେମସ୍କା, ଚେକ୍ ପ୍ରଜାତନ୍ତ୍ରର ଲିଣ୍ଡା ନୋସ୍କୋଭା, ଆନ୍ନା କଲିନସ୍କାୟା ଓ ମାର୍ଟା କୋଷ୍ଟ୍ୟୁକ। ସୋମବାର ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୧୮ ନମ୍ବର ସିଡ୍ ଭିକ୍ଟୋରିଆ ଆଜରେଙ୍କାଙ୍କୁ ପରାସ୍ତ କରି ୟୁକ୍ରେନର କ୍ୱାଲିଫାଏର ଦାୟାନା ୟେଷ୍ଟ୍ରେମସ୍କା ପ୍ରଥମଥର କୌଣସି ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେ ଏହି ମ୍ୟାଚ୍‌କୁ ୭-୬ ଓ ୬-୪ରେ ଜିତିବା ପରେ କ୍ୱାର୍ଟରରେ ଆଉ ଜଣେ ଅଣସିଡେଡ ଖେଳାଳି ଲିଣ୍ଡା ନୋସ୍କୋଭାଙ୍କ ସହ ମୁକାବିଲା କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟଏକ ମ୍ୟାଚ୍‌ରେ ୟୁକ୍ରେନ୍‌ର ଏଲିନା ଭିଟୋଲିନା ମୁକାବିଲାରୁ ଓହରିଯିବାରୁ ଚେକ୍ ରିପବ୍ଲିକ୍‌ର ଲିଣ୍ଡାଙ୍କୁ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ମିଳିଛି। ସେହିପରି ରୁଷର ଅନ୍ୟତମ ଟିନ୍‌ଏଜ୍ ଖେଳାଳି ଆନ୍ନା କଲିନସ୍କାୟା ୨-୦ରେ ନଂ-୨୬ ସିଡ ଯଶ୍ମିନ୍ ପାଓଲିନିଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ଅନ୍ୟ ଦୁଇଟି କ୍ୱାର୍ଟରରେ ନଂ-୪ ସିଡ ଆମେରିକାର କୋକୋ ଗଫ୍‌ଙ୍କ ସହ ମାର୍ଟା କୋଷ୍ଟ୍ୟୁକ୍, ନଂ-୨ ସିଡ ଆରିନା ସାବାଲେଙ୍କାଙ୍କ ସହ ବାର୍ବୋରା କ୍ରେଜିକୋଭାଙ୍କର ମୁକାବିଲା ହେବ।



ଦାୟାନା ୟେଷ୍ଟ୍ରେମସ୍କା

## ପୁରୁଷ ଯୁଗଳ କ୍ୱାର୍ଟରରେ ବୋପନ୍ନା-ଏବଡେନ୍

ମେଲବୋର୍ଣ୍ଣ, ୨୨।୧(ଏଜେନ୍ସି): ଭାରତର ରୋହନ ବୋପନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍‌ଙ୍କ ଯୋଡି ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ ବୋପନ୍ନା-ଏବଡେନ୍ ଲଢ଼ୁଆ ଖେଳ ପ୍ରଦର୍ଶନ କରି ୭-୬, ୭-୬ ସିଧାସଳଖ ସେଟ୍‌ରେ ନେଦରଲାଣ୍ଡସର ୱେସ୍‌ଲୀ କୁଲଫ୍ ଓ କ୍ରୋଏସିଆର ନିକୋଲା ମେକ୍‌ଟିକ୍‌ଙ୍କ ଯୋଡିକୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏହି ମ୍ୟାଚ୍‌ଟି ଏତେ ରୋମାଞ୍ଚକ ହୋଇଥିଲା ଯେ ଦର୍ଶକ ଖେଳ ଦେଖିବା ଲାଗି ସିଟ୍‌ରେ ବସି ରହିଥିଲେ। ପ୍ରତିଯୋଗିତାର ପ୍ରଥମ ସେଟ୍‌ଟି ମାଷ୍ଟର କ୍ଲାସ୍ ଖେଳ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀ ଆଗ ପଛ ହୋଇ ମ୍ୟାଚ୍‌କୁ କବ୍‌ଜା କରିବାକୁ ଚେଷ୍ଟା କରୁଥିଲାବେଳେ ଏହା ଖୁବ୍ ରୋମାଞ୍ଚକ ହୋଇଥିଲା। ଦ୍ୱିତୀୟସେଟ ମଧ୍ୟ ଅନୁରୂପ ହୋଇଥିଲା। ଉଭୟ ମ୍ୟାଚ୍ ଟାଇବ୍ରେକରରେ ନିଷ୍ପତ୍ତି ହୋଇଥିଲା। ଜାନୁଆରୀ ୨୩ ତାରିଖରେ ହେବାକୁ ଥିବା କ୍ୱାର୍ଟର ଫାଇନାଲରେ ବୋପନ୍ନା-ଏବଡେନ୍‌ଙ୍କ ଯୋଡି ୬ଷ୍ଠ ସିଡ ଆର୍ଜେଣ୍ଟିନାର ମ୍ୟାକ୍ସିମୋ ଗୋଞ୍ଜାଲେଜ୍ ଓ ଆନ୍ଦ୍ରେସ ମୋଲଟେନିଙ୍କ ଯୋଡିକୁ ଭେଟିବେ।



ଖେଲୋ ଇଣ୍ଡିଆ ଉଶୁ ଲିଗ୍

## ଓଡ଼ିଶାର ୩୫ ପଦକ ମଧ୍ୟରେ ୭ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୨।୧(ସମିସ): ତାମିଲନାଡୁର କୋଏମ୍ବାଟୁରରେ ଜାନୁଆରୀ ୧୮ରୁ ୨୧ ତାରିଖଯାଏ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଉଶୁ ଲିଗ୍‌ରେ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। ଏହି ଲିଗ୍‌ରେ ଓଡ଼ିଶା ୭ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୭ଟି କାଂସ୍ୟ ସହ ୩୫ଟି ପଦକ ଜିତିବାରେ ସମର୍ଥ ହୋଇଛି। ଏହା ବ୍ୟତୀତ ସାଣ୍ଡା ଟିମ୍ କାଟାଗୋରୀରେ ଓଡ଼ିଶା ଦ୍ୱିତୀୟ, କର୍ଣ୍ଣାଟକ ପ୍ରଥମ ଓ ତାଓଲୁରେ ଓଡ଼ିଶା ତୃତୀୟ, ତାମିଲନାଡୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାମିଲନାଡୁକୁ ଓଭରଅଲ ଟ୍ରଫି ପ୍ରଦାନ କରାଯାଇଛି। କୃତୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଉଶୁ ସଂଘ ସଭାପତି ଶୁଭ୍ରାଂଶୁ ଶେଖର ହରିଚନ୍ଦନ ଓ ସମ୍ପାଦକ ଯୁବରାଜ ହରିଚନ୍ଦନ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ପୂର୍ବତନ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ବିଚାରକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ଏଥିରେ ଓଡ଼ିଶାରୁ ୫୭ ପ୍ରତିଯୋଗୀ ଓ ୭ ଅଫିସିଆଲ ଅଂଶଗ୍ରହଣ କରିଥିଲେ। ଅନୁରାଧା ଦୋରା, ସୁଜନ ରଥ, ସୁଶାନ୍ତ ନାଏକ ଓ ଈଶ୍ୱରଚନ୍ଦ୍ର ମହାନ୍ତ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପଙ୍କଜ ମହାନ୍ତ ଟିମ୍ ପ୍ରଶିକ୍ଷକ ଓ ଯୁଧିଷ୍ଠିର ଗୁରୁହାଣ୍ଡି ଟିମ୍ ମ୍ୟାନେଜର ରହିଥିଲେ।

ଓଡ଼ିଶା ପକ୍ଷରୁ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀମାନେ ହେଲେ, ଉପକନିଷ୍ଠ (ସବ୍‌ଜୁନିଅର) କାଟାଗୋରୀରେ ବାଳିକା ୨୭ କେଜିରେ ସାବିନୀ ମୁଣ୍ଡା, ୪୨ କେଜିରେ ଲକ୍ଷ୍ମୀ ମୁଣ୍ଡା, ୪୫ କେଜିରେ ଉନ୍ନତି ପ୍ରସାଦ, କନିଷ୍ଠ ବିଭାଗ ବାଳିକାରେ ଶ୍ୱେତାରାଣୀ ମହାନ୍ତ, ସବିତା ମୁଣ୍ଡା, ବରିଷ୍ଠ ମହିଳା ବିଭାଗରେ ମଞ୍ଜୁ ମୁଣ୍ଡା, ପଲ୍ଲବୀ ସାମଲ। ଏମାନଙ୍କ ବ୍ୟତୀତ ୧୧ଟି ରୌପ୍ୟ ଓ ୧୭ଟି କାଂସ୍ୟ ପଦକ ମଧ୍ୟ ଓଡ଼ିଶାର ପ୍ରତିଯୋଗୀମାନେ ବିଜୟୀ ହୋଇଛନ୍ତି। ଓଡ଼ିଶା ଦଳ ସୋମବାର ଭୁବନେଶ୍ୱରରେ ପହଞ୍ଚିଛି।



## ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ହକିକୁ କିଟ୍‌ର ଯୋଗ୍ୟତା

ଭୁବନେଶ୍ୱର, ୨୨।୧ (ସମିସ): କିଟ୍ ମହିଳା ହକି ଦଳ ଆଗାମୀ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛି। କିଟ୍‌ରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାରେ ଆୟୋଜକ କିଟ୍ ସେମିଫାଇନାଲରେ ପ୍ରବେଶ କରି ଏହି ସଫଳତା ପାଇଛି। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ କିଟ୍ ୩-୨ ଗୋଲରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସେମିରେ ସ୍ଥାନ ପକ୍କା କରିଛି।

କିଟ୍ ବାଦ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରାଞ୍ଚି ବିଶ୍ୱବିଦ୍ୟାଳୟ ଓ ବୀର ବାହାଦୂର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ମଧ୍ୟ ନିଜ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜିତି ସେମିରେ ସ୍ଥାନ ପକ୍କା କରିବା ସହ ସର୍ବାଭାରତୀୟ ମହିଳା ହକି ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାର୍ଟରରେ ସମ୍ବଲପୁର ୮-୦ ଗୋଲରେ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟକୁ, ରାଞ୍ଚି ୫-୦ ଗୋଲରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ ଓ ବୀର ବାହାଦୂର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୫-୦ ଗୋଲରେ ମହାତ୍ମା ଗାନ୍ଧି କାଶୀ ବିଦ୍ୟାପୀଠକୁ ହରାଇଥିଲା। ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ମହିଳା ହକି ପ୍ରତିଯୋଗିତା ଜାନୁଆରୀ ୨୮ରୁ ପୁଣେର ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ। ସର୍ବଭାରତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିବାରୁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କିଟ୍ ଦଳର ସମସ୍ତ ଖେଳାଳି ଅଭିନନ୍ଦନ ଜଣାଇଛନ୍ତି।

● ତମାଣ୍ଡୋ ପ୍ରିମିୟର ଲିଗ୍

## ବ୍ଲୁ ରକ୍‌ଷ୍ଟାରର ଦ୍ୱିତୀୟ ଧମାକା



ଭୁବନେଶ୍ୱର, ୨୨।୧(ସମିସ): ଯାଁଆଳାର ବ୍ଲୁ ରକ୍ ଷ୍ଟାର ୭ ୱିକେଟରେ ନଁପୁଟର ଜେପି ସୁପରକିଙ୍ଗ୍‌ସକୁ ପରାସ୍ତ କରି ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମୟର ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିବା ସହ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ମଙ୍ଗଳବାର ତମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସ ଓ ପୋଖରୀପୁଟର ବିହାରୀଲାଲ ଫାଇଟର୍ସ ମଧ୍ୟରେ ଗ୍ରୁପ୍-ଏ'ର ଶେଷ ଦୁଇଟି ଲିଗ୍ ମ୍ୟାଚ୍ ଶେଷ ହେବା ପରେ କେଉଁ ଦୁଇ ଦଳ ସେମିଫାଇନାଲକୁ ଉନ୍ନିତ ହେବେ ତାହା ଚୂଡାନ୍ତ ହେବ।

ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନଁପୁଟର ଜେପ ସୁପର କିଙ୍ଗ୍‌ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୬୪ ରନ୍। ଦଳ ପକ୍ଷରୁ ଦୂର୍ଯ୍ୟୋଧନ ଓଝା ୪୪ ବଲ୍‌ରେ ୧୦ ଚୌକା ଓ ୬ଛକାସହସର୍ବାଧିକ ୮୩, ସନ୍ତୋଷସ୍ୱାଇଁ ୩୩ବଲ୍‌ରେ ୪୦ରନ୍‌କରିଥିଲେ। ଜବାବରେ ଆଇଏସ୍ ଗିରି ୩୧ ବଲ୍‌ରେ ୭୦ ଓ ଅଭିଷେକ ପଟ୍ଟନାୟକ ୨୫ ବଲ୍‌ରେ ୬୫ ରନ୍ କରିବା ଫଳରେ ଦଳ ମାତ୍ର ୩ ୱିକେଟ ହରାଇ ୧୨.୧ ଓଭରରେ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ତମାଣ୍ଡୋର ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗ ଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ବିଜୟୀ ଦଳର ଆଇଏସ୍ ଗିରିଙ୍କୁ ପ୍ରଦାନ କରିଥିଲେ।

## ମୁମ୍ବାଇର ବିଜୟ ହ୍ୟାଟ୍ରିକ୍

ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫିର ୩ୟ ରାଉଣ୍ଡ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ଏଥିରେ ମୁମ୍ବାଇ ହ୍ୟାଟ୍ରିକ ବିଜୟ ସ୍ୱାଦ ଚାଖିଛନ୍ତି। ଅଜିଙ୍କ୍ୟା ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବାଇ ୨୩୨ ରନରେ କେରଳକୁ ପରାସ୍ତ କରି ୨୦ ପଏଣ୍ଟ ସହ ଏଲିଟ୍ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ବଳବତ୍ତର ରଖିଛି। ଥିରୁଅନନ୍ତପୁରମରେ ଅନୁଷ୍ଠିତ ଏହି ମ୍ୟାଚରେ ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୩୨୭ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ କେରଳ ସୋମବାର ଅନ୍ତିମ ତଥା ୪ର୍ଥ ଦିବସରେ ୯୪ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଅଧିନାୟକ ସଞ୍ଜୁ ସାମସନ ଶେଷ ପର୍ଯ୍ୟନ୍ତ ୧୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ପକ୍ଷରୁ ବାମହାତୀ ସ୍ପିନର ସାମ୍ସ ମୁଲାନୀ ୫ ଏବଂ ଧାୱଲ କୁଲକର୍ଣ୍ଣୀ ଓ ତନୁଶ କୋଟିଆନ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ମୁମ୍ବାଇ ଏଥିପୂର୍ବରୁ ବିହାର (ପାଳି ଓ ୫୧ ରନ) ଓ ଆନ୍ଧ୍ର ପ୍ରଦେଶ (୧୦ ୱିକେଟ୍)କୁ ପରାସ୍ତ କରିଥିଲା।

**ଆନ୍ଧ୍ରର ପ୍ରଥମ ବିଜୟ:** ଡିବ୍ରୁଗଡ଼ରେ ଅନୁଷ୍ଠିତ ଗ୍ରୁପ୍-ବି'ର ଆଉ ଏକ ମ୍ୟାଚରେ ରିୟାନ ପରାଗଙ୍କ ନେତୃତ୍ୱାଧୀନ ଘରୋଇ ଆସାମ ୧୭୨ ରନରେ ଆନ୍ଧ୍ର ପ୍ରଦେଶ ନିକଟରୁ ହାରିଯାଇଛି। ୩୬୩ ରନର ଏକ ବଡ଼ ଲକ୍ଷ୍ୟକୁ ପିଛା କରିଥିବା ଆସାମ ସୋମବାର ଅନ୍ତିମ ଦିବସରେ ମାତ୍ର ୧୯୦ ରନ କରି ସମସ୍ତ ୱିକେଟ୍ ହରାଇଥିଲା। ଅଧିନାୟକ ପରାଗ ଓ ୱିକେଟ୍‌ରକ୍ଷକ ସୁମିତ ଘାଡିଗାଁଓକର ଯଥାକ୍ରମେ ୭୫ ଓ ୬୦ ରନର ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ମ୍ୟାଚରେ ଆନ୍ଧ୍ର ପ୍ରଥମ ପାଳିରେ ୧୮୮ ରନ ଜବାବରେ ଆସାମ ୧୬୦ ରନ କରିଥିଲା। ଏହାପରେ ଅଧିନାୟକ ରିକି ଭୁଇଙ୍କ ୧୨୫ ରନ ବଳରେ ଆନ୍ଧ୍ର ୨ୟ ପାଳିରେ ୯ ୱିକେଟ୍‌ରେ ୩୩୪ ରନ କରି ପାଳି ଘୋଷଣା କରିଥିଲା। ଶୁକ୍ରବାରଠାରୁ ଚଳିତ ରଣଜୀ ଟ୍ରଫିର ୪ର୍ଥ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହେବ।

ଜମ୍ମୁ-କାଶ୍ମୀର ବିପକ୍ଷ ରଣଜୀ

# ଡ୍ରିମ୍‌ସରେ ଜିତିପାରିଲାନି ଓଡ଼ିଶା

କଟକ, ୨୨।୧(ସମିସ): ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଜମ୍ମୁ- କାଶ୍ମୀର ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ସଂଘର୍ଷ କରି ପରାଜୟ ବରଣ କରିଛି। ପେସ୍ ବୋଲରଙ୍କ ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ଦୁଇ ୱିକେଟରେ ଜମ୍ମୁ ଓ କାଶ୍ମୀର ଏହି ରୋମାଞ୍ଚକ ମ୍ୟାଚ୍‌କୁ ଜିତିଛି। ବିଜୟୀ ଦଳର ଅବଦୁଲ ସମାଦ ୬୬*ରନର ସ୍ମରଣୀୟ ମ୍ୟାଚ୍ ବିଜୟୀ ଇନିଂସ ଖେଳିଛନ୍ତି। ତେବେ ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟ ଓଡ଼ିଶାର ରାଜେଶ ମହାନ୍ତିଙ୍କୁ ୫ଟି ୱିକେଟ ମିଳିଥିଲା। ପ୍ରଥମଶ୍ରେଣୀ ଫର୍ମାଟ କ୍ରିକେଟ କ୍ୟାରିୟରରେ ୩ୟ ଥର ନିମନ୍ତେ ସେ ଗୋଟିଏ ମ୍ୟାଚ୍‌ରେ ୧୦ ୱିକେଟ ଅକ୍ତିଆର କରିଛନ୍ତି। ଆସନ୍ତା ୨୬ରୁ ହିମାଚଳପ୍ରଦେଶ ବିପକ୍ଷ ମ୍ୟାଚ୍ ଆରମ୍ଭ ହେବ। ଲିଗ ପର୍ଯ୍ୟାୟର ୪ର୍ଥ ମ୍ୟାଚ୍ ମଧ୍ୟ ଓଡ଼ିଶା ଦଳ ଘରୋଇ ଡ୍ରିମସ ଗ୍ରାଉଣ୍ଡରେ ଖେଳିବ।



ଓଡ଼ିଶା କୋଚ୍ ଦୀନେଶ ମୋଙ୍ଗିଆଙ୍କଠାରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି ରୋହିତ୍ ଶର୍ମା।

### ■ ରାଜେଶ ମହାନ୍ତିଙ୍କ ୧୦ ୱିକେଟ ସଫଳତା ବ୍ୟର୍ଥ

ଅନ୍ତିମ ଦିବସରେ ଜମ୍ମୁ-କାଶ୍ମୀର ସମ୍ମୁଖରେ ୭୭ରନର ବିଜୟ ଲକ୍ଷ୍ୟ ରହିଥିଲା। ଅସମାପ୍ତ ଦ୍ୱିତୀୟ ଇନିଂସ ୭୨/୪ରୁ ଖେଳ ଆରମ୍ଭ କରିଥିଲା ଜମ୍ମୁ-କାଶ୍ମୀର। ଆକ୍ୟୁବ ନବି ୨୦ରନ ଏବଂ ଅବଦୁଲ ସମାଦ ୨୪ରନରେ ଅପରାଜିତ ଥିଲେ। ଆକ୍ୟୁବ ରକ୍ଷଣାତ୍ମକ ଶୈଳୀରେ ଖେଳୁଥିବା ବେଳେ ଆଇପିଏଲ ତାରକା ସମାଦ ବାଉଣ୍ଡରୀ ଜରିଆରେ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ତେବେ ସୁନୀଲ ରାଉଳଙ୍କ ବଲରେ ୱିକେଟ କିପର ରାଜେଶ ଧୂପରଙ୍କ ହାତରେ ଧରାପଡ଼ି ୨୮ରନରେ ପ୍ୟାଭିଲିୟନ ଫେରିଥିଲେ ଆକ୍ୟୁବ। ଜମ୍ମୁ-କାଶ୍ମୀରକୁ ୫ମ ଝଟକା ଲାଗିଥିଲା। ଏହା ପରେ ୱିକେଟ କିପର ଫଜିଲ ରସିଦ ୪ରନରେ ସୁନୀଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଆବିଦ ମୁସ୍ତାକ(୭ରନ) ଓ ଉମର ନାଜିର ମୀର(୫ରନ)ଙ୍କୁ ରାଜେଶ ମହାନ୍ତି ତୁରନ୍ତ ଆଉଟ କରି ଓଡ଼ିଶା ଶିବିରରେ ବିଜୟ ଆଶା ସଞ୍ଚାରିଥିଲେ। ହେଲେ ଓଡ଼ିଶାର ବିଜୟ ପଥରେ ବାଧକ ସାଜିଥିଲେ ସମାଦ। ଗୋଟିଏ ପାର୍ଶ୍ୱରୁ ସତର୍କତାର ସହ ଖେଳ ଜାରି ରଖି ସେ ଦଳକୁ ଚଳିତ ସଂସ୍କରଣରେ ପ୍ରଥମ ବିଜୟର ସ୍ୱାଦ ଚଖାଇଥିଲେ। ଡାହାଣହାତୀ ବ୍ୟାଟର ସମାଦ ୭ଟି ଚୌକା ଓ ୨ଟି ଛକା ବଳରେ ୬୬ରନର ଅପରାଜିତ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ରାଜେଶ ସର୍ବାଧିକ ୫ଟି ୱିକେଟ ହାସଲ କରିଥିବା ବେଳେ ସୁନୀଲଙ୍କୁ ୩ଟି ୱିକେଟ ମିଳିଥିଲା।



୧୦ ୱିକେଟ୍ ହାସଲକାରୀ ରାଜେଶ ମହାନ୍ତି।

## ୪ ବର୍ଷ ପରେ ବିସିସିଆଇ ପୁରସ୍କାର

ହାଇଦରାବାଦ୍, ୨୨।୧ (ଏଜେନ୍ସି): ୪ ବର୍ଷର ବ୍ୟବଧାନ ପରେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହେବ। ହାଇଦରାବାଦ୍‌ରେ ଆୟୋଜିତ ହେବାକୁ ଥିବା ଏକ ଉତ୍ସବରେ ବିସିସିଆଇ ପୁରସ୍କାର ବିଭିନ୍ନବର୍ଗରେ ପ୍ରଦାନ କରାଯିବ। ଏହିକ୍ରମରେ ଭାରତୀୟ ଦଳର ପ୍ରାକ୍ତନ ଅଧିନାୟକ ରବି ଶାସ୍ତ୍ରୀ 'ଜୀବନବ୍ୟାପୀ ସାଧନା' ପୁରସ୍କାର ବାବଦକୁ ସିକେ ନାଇଡୁ ଟ୍ରଫି ଗ୍ରହଣ କରିବେ। ସେହିଭଳି ଯୁବ ଓପନର୍ ଶୁବମାନ ଗିଲ୍‌ଙ୍କୁ ବର୍ଷର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ବାବଦକୁ 'ପଲି ଉମ୍ରିଗର ଟ୍ରଫି' ଦିଆଯିବ। ଗତ ବର୍ଷ ଗିଲ୍ ଦ୍ରୁତତମ ବ୍ୟାଟର୍ ଭାବେ ଏକଦିବସୀୟ କ୍ରିକେଟ୍‌ରେ ୨ ହଜାର ରନ ପୂରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଶେଷଥର ଲାଗି ୨୦୨୦ ଜାନୁଆରୀରେ ବିସିସିଆଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପରେ କୋଭିଡ୍ ଓ ବିଭିନ୍ନ କାରଣ ଲାଗି ୪ ବର୍ଷ ହେଲା ଏହା ବନ୍ଦ ରହିଥିଲା।

## ମାର୍ଚ୍ଚ ୨୨ରୁ ଆରମ୍ଭ; ମେ ୨୬ରେ ଫାଇନାଲ

ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି): ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ଆଇପିଏଲ୍‌ର ୧୭ତମ ସଂସ୍କରଣ ମାର୍ଚ୍ଚ ୨୨ରୁ ଆରମ୍ଭ ହୋଇ ମେ ୨୬ରେ ଶେଷ ହେବ। ବିସିସିଆଇ ପକ୍ଷରୁ ଏହି ଦୁଇ ତାରିଖକୁ ନେଇ କାର୍ଯ୍ୟସୂଚୀ ଏକପ୍ରକାର ଚୂଡ଼ାନ୍ତ ହୋଇସାରିଛି। ତେବେ ସାଧାରଣ ନିର୍ବାଚନ ତାରିଖ ଚୂଡ଼ାନ୍ତ ହେବା ପରେ ବିସିସିଆଇ ପକ୍ଷରୁ ଆଇପିଏଲ୍ ଆରମ୍ଭ ନେଇ ବିଧିବଦ୍ଧ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍

## ପ୍ରଥମ ୨ଟି ମ୍ୟାଚ୍‌ରେ କୋହଲିଙ୍କୁ ଛୁଟି

ନୂଆଦିଲ୍ଲୀ, ୨୨।୧(ଏଜେନ୍ସି): ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଆୟୋଜକ ଭାରତକୁ ଲାଗିଛି ଶକ୍ତ ଧକ୍କା। ଭାରତୀୟ ଦଳର ବ୍ୟାଟିଂ ହିରୋ ବିରାଟ କୋହଲି ବ୍ୟକ୍ତିଗତ କାରଣ ଦର୍ଶାଇ ପ୍ରଥମ ଦୁଇଟି ଟେଷ୍ଟରୁ ଓହରିଯାଇଛନ୍ତି। ଏ ସମ୍ପର୍କ ରେ ବିସିସିଆଇ ମହାସଚିବ ଜୟ ଶାହ ସୂଚନା ଦେଇଛନ୍ତି। ତାଙ୍କ ମତରେ ବିରାଟ ଦଳର ଅଧିନାୟକ ରୋହିତ ଶର୍ମା ଓ ଟିମ୍ ମ୍ୟାନେଜମେଣ୍ଟକୁ ନିଜର ଅସୁବିଧା ସମ୍ପର୍କରେ ଜଣାଇଛନ୍ତି ଓ ସେମାନଙ୍କ ସହ ଆଲୋଚନା କରିବା ପରେ ପ୍ରଥମ ଦୁଇଟି ଟେଷ୍ଟରୁ ଛୁଟି ନେବାକୁ ଅନୁମତି ପାଇଛନ୍ତି। ବ୍ୟକ୍ତିଗତ କାରଣ ସମ୍ପର୍କରେ ସେ ଅନ୍ୟ କାହାରିକୁ କିଛି ଜଣାଇନାହାନ୍ତି। ଏ ସମ୍ପର୍କରେ ସମର୍ଥକମାନେ ଅଧିକ ଖୋଳତାଡ଼ ନ କରିବାକୁ ବିସିସିଆଇ ସମ୍ପାଦକ ଜୟ ଶାହ ନିବେଦନ କରିଛନ୍ତି। କୋହଲିଙ୍କ ସ୍ଥାନରେ ଅନ୍ୟ କୌଣସି ଖେଳାଳିଙ୍କୁ ଦଳରେ ସାମିଲ କରାଯାଇନାହିଁ। ବରିଷ୍ଠ ଚୟନ କମିଟି ଅଳ୍ପଦିନ ମଧ୍ୟରେ କୋହଲିଙ୍କ ସ୍ଥାନରେ ଜଣେ ଖେଳାଳିଙ୍କୁ ଚୟନ କରିବେ ବୋଲି ସେ କହିଛନ୍ତି। କିନ୍ତୁ ଇଂଲଣ୍ଡ ବିପକ୍ଷ ଶେଷ ୩ଟି ଟେଷ୍ଟ ମ୍ୟାଚ୍ ଲାଗି କୋହଲି ଉପଲବ୍ଧ ହେବେ କି ନାହିଁ ସେ ସମ୍ପର୍କରେ କେହି କିଛି ସୂଚନା ଦେଇ ନାହାନ୍ତି। ନିକଟରେ କୋହଲି ଦୁଇଥର ଅଡୁଆରେ ପଡ଼ି ଦଳ ଛାଡ଼ିଥିଲେ। ଦକ୍ଷିଣ



ଆଫ୍ରିକା ଗସ୍ତରେ ଭାରତୀୟ ଦଳ ଥିଲାବେଳେ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଗୋଟିଏ ଦିନ ଛୁଟି ନେଇଥିଲେ। ଏହା ପରେ ଆଫଗାନିସ୍ତାନ ବିପକ୍ଷ ଘରୋଇ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଖେଳି ନ ଥିଲେ। ଛୁଟି ନେବାର କାରଣ ଯାହା ହେଉନା କାହିଁକି ସେ କିଛି ନା କିଛି ଘରୋଇ ଅଡୁଆରେ ଫସିଛନ୍ତି। ସେଥିଲାଗି ସେ ବାରମ୍ବାର ଛୁଟି ନେଉଛନ୍ତି। ଯାହା ଫଳରେ ଖେଳ ଉପରେ ଶତପ୍ରତିଶତ ନଜର କେନ୍ଦ୍ରୀଭୂତ କରିପାରୁ ନାହାନ୍ତି।

ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହାଇଦରାବାଦ୍‌ରୁ ଆସନ୍ତା ୨୫ରୁ ଆରମ୍ଭ ହେବ। ଏହା ପରେ ରାଜକୋଟରେ ଫେବୃଆରୀ ୨ରୁ ଏବଂ ତୃତୀୟ ଟେଷ୍ଟ ବିଶାଖାପାଟଣାରେ ଫେବୃଆରୀ ୧୫ରୁ ଆରମ୍ଭ ହେବ। ଏହି ୩ ସପ୍ତାହ ମଧ୍ୟରେ କୋହଲି ତାଙ୍କ କାମ ସାରିପାରିବେ କି ନାହିଁ ତାହା ପରେ ଜଣାପଡ଼ିବ। ସେହିପରି ରବିବାର ଇଂଲଣ୍ଡ ଦଳର ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ ମଧ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ସିରିଜ୍‌ରୁ ଓହରିଯାଇଛନ୍ତି। ଏହା ଫଳରେ ସେ ତାଙ୍କ କ୍ୟାରିୟରକୁ ସଂକଟ ମଧ୍ୟକୁ ଠେଲିଦେଇଛନ୍ତି। ଖେଳାଳିମାନେ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ସଜାଡ଼ିବାରେ ଅବହେଳା କରି ଏଭଳି ସଂକଟ ସୃଷ୍ଟି କରୁଥିବା ଆଶଙ୍କା କରାଯାଉଛି।

**ଜୋରଦାର ଅଭ୍ୟାସ:** ହାଇଦରାବାଦ୍: ଚଳିତ ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା ଲାଗି ଉଭୟ ଭାରତ ଓ ଇଂଲଣ୍ଡ ଏଠାରେ ଅଭ୍ୟାସ ଆରମ୍ଭ କରିଛନ୍ତି। ପ୍ରଥମେ ଖେଳାଳିମାନେ ଶାରୀରିକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଉଥିଲେ। ଶୀତୁଆ ପରିବେଶ ଇଂଲଣ୍ଡ ଦଳକୁ ସୁହାଉଥିଲାବେଳେ ଭାରତୀୟ ଦଳ ମଧ୍ୟ ଜୋରଦାର ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଏଠାରେ ଜାନୁଆରୀ ୨୫ରୁ ପ୍ରଥମ ଟେଷ୍ଟ ଖେଳାଯିବ। ସ୍ଥାନୀୟ ଖେଳାଳି ମହମ୍ମଦ୍ ସିରାଜ ଏଠାରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ।

## ସିକେ ନାଇଡୁ ଟ୍ରଫି: ଆଲୋକ ଅଭାବରୁ ଖେଳ ବାଧାପ୍ରାପ୍ତ

କଟକ, ୨୨।୧(ସମିସ): ଅଗରତାଲାର ପୁଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ଘରୋଇ ତ୍ରିପୁରା ଓ ଓଡ଼ିଶା ମଧ୍ୟରେ ସିକେ ନାଇଡୁ ଟ୍ରଫି ମ୍ୟାଚ ଖେଳାଯାଉଛି। ଖରାପ ଆଲୋକ ଯୋଗୁଁ ମ୍ୟାଚ୍‌ର ଦ୍ୱିତୀୟ ଦିବସ ତଥା ସୋମବାର ଖେଳ ବାଧାପ୍ରାପ୍ତ ହୋଇଛି। ଯେଉଁଥି ପାଇଁ ମାତ୍ର ୧୨ ଓଭର ଖେଳ ସମ୍ଭବ ହୋଇପାରିଛି। ଅସମାପ୍ତ ପ୍ରଥମ ପାଳି ୧୫/୧ରୁ ଖେଳ ଆରମ୍ଭ କରିଥିବା ତ୍ରିପୁରା ୨ ୱିକେଟ ହରାଇ ଆଉ ୩୩ ରନ ସଂଗ୍ରହ କରିଛି। ତ୍ରିପୁରା ଦଳ ହାତରେ ୭ ୱିକେଟ ବଳିଥିବାବେଳେ ପାଳି ଅଗ୍ରଣୀଠାରୁ ୭୮ରନ ପଛରେ ରହିଛି। ଅଧିନାୟକ ସେନ୍ତୁ ସରକାର ୨୧ ଏବଂ ଦୁର୍ଲଭ ରୟ ୧ ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ସାଇଦୀପ ମହାପାତ୍ର, ସମ୍ବିତ ବରାଳ, ଅଭିନବ ନନ୍ଦ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

## ସାଫ୍ ମାରାଥନ୍‌ରେ ପ୍ରବୋଧ ବୈଷୟିକ ଅଧିକାରୀ



କଟକ, ୨୨।୧(ସମିସ): ବାଂଲାଦେଶ ରାଜଧାନୀ ଢାକା ସହରରେ ସାଉଥ ଏସିଆନ ଆଥଲେଟିକ ଫେଡେରେଶନ ତଥା ସାଫ ମାରାଥନ୍ ଆସନ୍ତା ୨୬ରେ ଆୟୋଜିତ ହେବ। ଏଥିରେ ବୈଷୟିକ ଅଧିକାରୀଭାବେ ଦାୟିତ୍ୱ ତୁଲାଇବେ ଓଡ଼ିଶାର ପ୍ରବୋଧ କୁମାର ମହାନ୍ତି। ବୁଧବାର ସେ ବାଂଲାଦେଶ ଯାତ୍ରା କରିବେ। ଓଡ଼ିଶା ଆଥଲେଟିକ ଆସୋସିଏସନର ସଭାପତି ଜି.ଏସ୍ ପଟ୍ଟନାୟକ ଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରବୋଧଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତୀୟ ହକି ଦଳର ବିଜୟ ଅଭିଯାନ

କେପ୍ ଟାଉନ, ୨୨।୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟପୁରୁଷବରିଷ୍ଠହକିଦଳବିଜୟରୁଅଭିଯାନଆରମ୍ଭକରିଛି। ସୋମବାର ଅନୁଷ୍ଠିତ ଫ୍ରାନ୍ସ ବିପକ୍ଷ ମ୍ୟାଚକୁ ଭାରତ ୪-୦ ଗୋଲରେ ଜିତିନେଇଛି। ଏହି ମ୍ୟାଚରେ ଅଧିନାୟକ ହର୍‌ମନପ୍ରୀତ୍ ସିଂହ ୨ଟି ଗୋଲ୍ ଦେଇଥିଲେ। ଲଳିତ ଉପାଧ୍ୟାୟ ଓ ଅପଅଧିନାୟକ ହାର୍ଦ୍ଦିକ ସିଂହଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଭାରତ ଏହାର ୨ୟ ମ୍ୟାଚରେ ବୁଧବାର ପୁଣିଥରେ ଫ୍ରାନ୍ସକୁ ଭେଟିବ।

କଳିଙ୍ଗ ସୁପର୍ କପ୍: ଫଲ୍‌ଙ୍କ ଡବଲ୍ ଗୋଲ୍

## ସେମିରେ ଓଡ଼ିଶା-ମୁମ୍ବାଇ ଲଢ଼େଇ

ଭୁବନେଶ୍ୱର, ୨୨।୧ (ସମିସ): ମୋର୍ତାଡା ଫଲ୍‌ଙ୍କ ଡବଲ୍ ଗୋଲ୍ ବଳରେ ଘରୋଇ ଓଡ଼ିଶା ଏଫ୍‌ସି ଏଠାରେ ଚାଲିଥିବା କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ସେମିଫାଇନାଲରେ ସ୍ଥାନ ପକ୍କା କରିନେଇଛି। ସୋମବାର ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୩-୨ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଥିଲା। ଏଥିସହ ଓଡ଼ିଶା ହ୍ୟାଟ୍ରିକ ବିଜୟହାସଲ କରି ୯ ପଏଣ୍ଟ ସହ ଏହି ଗ୍ରୁପ୍‌ର ଶୀର୍ଷରେ ରହି ସେମିରେ ପ୍ରବେଶ କରିଛି। ଗୁରୁବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏଥିପୂର୍ବରୁ ଇଷ୍ଟ ବେଙ୍ଗଲ ଓ ଜାମସେଦପୁର ମଧ୍ୟରେ ପ୍ରଥମ ସେମିଫାଇନାଲ ବୁଧବାର ଅନୁଷ୍ଠିତ ହେବ।

ସୋମବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏଫ୍‌ସି ଗୋଆ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମୁକାବିଲା



ମୋର୍ତାଡା ଫଲ୍

ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ରହିଥିଲା। ଏପରିକି ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ୧୫ ମିନିଟ୍ ମଧ୍ୟରେ ୩ଟି ଗୋଲ୍ ଦେଇ ଓଡ଼ିଶା ମ୍ୟାଚକୁ ନିୟନ୍ତ୍ରଣକୁ ନେଇଆସିଥିଲା। ୫୧ତମ ମିନିଟ୍‌ରେ ଏକ ପେନାଲ୍ଟିକୁ ଅହମ୍ମଦ ଜାହୋଉ ଗୋଲରେ ପରିଣତ କରି ଓଡ଼ିଶା ଏଫ୍‌ସିର ଖାତା ଖୋଲିଥିଲେ। ଏହାପରେ ୫ ମିନିଟ୍ ବ୍ୟବଧାନ (୬୧ତମ ଓ ୬୬ତମ) ରେ ମୋର୍ତାଡା ଫଲ୍ ୨ଟି ଗୋଲ୍ ଦେଇଥିଲେ। ଉଭୟ ଗୋଲ୍ ସେ ଚମତ୍କାର ହେଡ୍ ଜରିଆରେ କରିଥିଲେ। ଫଳରେ ଓଡ଼ିଶା ୩-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଏହାପରେ ଏଫ୍‌ସି ଗୋଆର କାର୍ଲୋସ ମାର୍ଟିନେଜ ୨ଟି ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଫଲ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ପ୍ୟାରିସ୍ ଅଲିମ୍ପିକ୍ସ ହକି

## କଠିନ ଗ୍ରୁପ୍-ବି'ରେ ଭାରତ

ନୂଆଦିଲ୍ଲୀ, ୨୨।୧(ଏଜେନ୍ସି): ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ହକିରେ କେଉଁ ଦେଶ କେଉଁ ଗ୍ରୁପ୍‌ରେ ରହିବେ ତାହା ସୋମବାର ସ୍ଥିର ହୋଇଯାଇଛି। ଟୋକିଓ ଅଲିମ୍ପିକ୍ସ ପୁରୁଷ ହକିରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳକୁ ଗ୍ରୁପ୍-ବି'ରେ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ବେଲଜିୟମ, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡକୁ ସ୍ଥାନ ମିଳିଛି। ଗ୍ରୁପ୍-ଏ'ରେ ଚାମ୍ପିଅନ ନେଦରଲାଣ୍ଡସ, ଜର୍ମାନୀ, ଗ୍ରେଟ ବ୍ରିଟେନ, ସ୍ପେନ୍, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ଦଳଗୁଡ଼ିକର ବିଶ୍ୱ ମାନ୍ୟତା ଆଧାରରେ ଏହି ଗ୍ରୁପ କରାଯାଇଛି। ଏଥିରେ ଆୟୋଜକ ଦଳ, ମହାଦେଶୀୟ ଚାମ୍ପିଅନ, ପୂର୍ବ ଚାମ୍ପିଅନ ସହ ସମସ୍ତ ମାନ୍ୟତାକୁ ଗୁରୁତ୍ୱ ଦିଆଯାଇଛି। ଏହାକୁ ଭିତ୍ତି କରି ଗ୍ରୁପ୍-ଏ'ରେ ପ୍ରଥମ, ଚତୁର୍ଥ, ପଞ୍ଚମ, ଅଷ୍ଟମ, ନବମ ଓ ଦ୍ୱାଦଶ ଦଳକୁ ସ୍ଥାନିତ କରାଯାଇଛି। ଗ୍ରୁପ୍-ବି'ରେ ମାନ୍ୟତାରେ ଥିବା ଦ୍ୱିତୀୟ, ତୃତୀୟ, ଷଷ୍ଠ, ସପ୍ତମ, ଦଶମ ଓ ଏକାଦଶ ଦଳ ସ୍ଥାନ ପାଇଛନ୍ତି। ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୨ଟି ଲେଖାଏଁ ଦଳ ଅଲିମ୍ପିକ୍ସରେ ଖେଳିବେ।

ମହିଳା ବିଭାଗ ଗ୍ରୁପ୍-ଏ'ରେ ନେଦରଲାଣ୍ଡସ, ବେଲଜିୟମ, ଜର୍ମାନୀ, ଜାପାନ, ଚୀନ ଓ ଫ୍ରାନ୍ସ, ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଗ୍ରେଟ ବ୍ରିଟେନ, ସ୍ପେନ୍, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକାକୁ ସ୍ଥାନ ମିଳିଛି। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ଚତୁର୍ଥ ସ୍ଥାନରେ ଥିଲାବେଳେ ଏଥର ଯୋଗ୍ୟତା ଅର୍ଜନ କରିପାରିନାହିଁ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର